◆ RNI REGD NO: 42041/83
◆ www.sakalaepaper.com
◆ /thesakalanews
◆ /TheSakala
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-155 ◆BHUBANESWAR ◆THURSDAY ◆30 NOVEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୫ ◆ଭୁବନେଶ୍ୱର ◆ଗୁରୁବାର ◆୩୦ ନଭେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦




ଫି' ନେବେନି ଅଲ୍ଲୁ!

▸ପୃଷ୍ଠା ୨ ଦେଖନ୍ତୁ...

## ନବନିଯୁକ୍ତ ନର୍ସଂ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ସେବାରେ ରହୁ ନିଃସ୍ୱାର୍ଥ ସ୍ପର୍ଶ



## ୩୭୩୨ ନର୍ସିଂ ଅଧିକାରୀଙ୍କୁ ନିଯୁକ୍ତି

- ଗୋପବନ୍ଧୁ, ମଦର ଟେରେସାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ
- 'ପ୍ରତିଟି ଜୀବନ ମୂଲ୍ୟବାନ' ଆମ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ମୂଳ ମନ୍ତ୍ର
- ରୋଗୀ ସେବା ଅଶେଷ ପୁଣ୍ୟ ଅର୍ଜନ କରିବାର ସୁଯୋଗ: '୫-ଟି' ଅଧ୍ୟକ୍ଷ
- ସମର୍ପିତ ସେବା ଲାଗି କାର୍ଯ୍ୟ କରିବାକୁ ନବନିଯୁକ୍ତ ଅଧିକାରୀଙ୍କ ପ୍ରତିଶ୍ରୁତି

■ **ଭୁବନେଶ୍ୱର, ୨୯ ।୧୧ (ସମିସ):** ରାଜ୍ୟରେ ଆହୁରି ଦୃଢ଼ତର ହୋଇଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା । ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ, ଡାକ୍ତର ନିଯୁକ୍ତି ପରେ ସମ୍ପ୍ରତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର । ଏହିକ୍ରମରେ ଆଜି ବିଭିନ୍ନ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନରେ ୩୭୩୨ ନର୍ସିଂ ଅଧିକାରୀଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ଏହି ଉପଲକ୍ଷେ କଳିଙ୍ଗ ଷ୍ଟାଡିୟମଠାରେ ବୁଧବାର ଆୟୋଜିତ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଃସ୍ୱାର୍ଥପର ଭାବରେ ରୋଗୀ ସେବା କରିବାକୁ ନବନିଯୁକ୍ତ ନର୍ସିଂ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ସେବାର ପ୍ରତିମୂର୍ତ୍ତି ଗୋପବନ୍ଧୁ ଦାସ, ଫ୍ଲୋରେନ୍ସ ନାଇଟେଙ୍ଗଲ ଓ ମଦର ଟେରେସାଙ୍କ ଆଦର୍ଶ ଅନୁସରଣ କରି ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆଜି ନିଯୁକ୍ତିପର୍ବରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ନର୍ସିଂ ଅଫିସରମାନଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟର ସ୍ୱାସ୍ଥ୍ୟ ସେବାର ମୂଳମନ୍ତ୍ର ହେଉଛି 'ପ୍ରତିଟି ଜୀବନ ମୂଲ୍ୟବାନ' । ଏହି ନୀତି ଆଧାରରେ ରାଜ୍ୟ ସରକାର କାମ କରୁଛନ୍ତି । ଏ ଦିଗରେ ନର୍ସିଂ ଅଫିସରମାନଙ୍କ ଗୁରୁ ଦାୟିତ୍ୱ ରହିଛି । କାର୍ଯ୍ୟରେ ନିଷ୍ଠା ଓ ଉତ୍ତମ ସେବା ଦ୍ୱାରା ରୋଗୀର ବିଶ୍ୱାସ ବୃଦ୍ଧି କରାଯାଇ ପାରିବ । ପ୍ରତି ଲୋକ ଯେପରି ଉତ୍ତମ ସେବା ପାଇପାରିବେ, ସେ ଦାୟିତ୍ୱ ନର୍ସିଂ ଅଫିସରମାନଙ୍କର ଓ ସେମାନେ ହିଁ ରୋଗୀଙ୍କ ଭିତରେ ଭରସା ସୃଷ୍ଟି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ▸ପୃଷ୍ଠା-୭

## ପ୍ରଦୂଷଣକୁ ନେଇ ବଢ଼ୁଛି ଚିନ୍ତା

# ଦିଲ୍ଲୀ, ମୁମ୍ବାଇ ଛାଡ଼ିବେ ୬୦ ପ୍ରତିଶତ ଲୋକ !

■ **ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି):** ଦିଲ୍ଲୀ ଏବଂ ମୁମ୍ବାଇରେ ପ୍ରଦୂଷଣ ସାଙ୍ଘାତିକ ସ୍ଥିତି ସୃଷ୍ଟି କରୁଛି । ପ୍ରଦୂଷଣ ସ୍ତର ଦିନକୁ ଦିନ ବଢ଼ିବାରେ ଲାଗିଛି । ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ପ୍ରତି ବର୍ଷ ରେକର୍ଡ ଭାଙ୍ଗୁଛି । ଏହା ଅଣାୟତ୍ତ ହୋଇ ଚାଲିଛି । ସାରା ଦିନ ଧୂଆଁ ଛାଇ ହୋଇ ରହୁଛି । ଲୋକେ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି । ଗ୍ୟାସ୍ ଚ୍ୟାମ୍ବର ଭିତରେ ରହିବାକୁ ବାଧ୍ୟ ହେଉଛନ୍ତି । ସମସ୍ତଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଛି । ବିଶେଷ କରି ଶିଶୁ ଏବଂ ରୋଗୀ ପ୍ରଭାବିତ ହେଉଛନ୍ତି । ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ ମଧ୍ୟ ସୃଷ୍ଟି ହେଉଛି । ଏଥିଯୋଗୁଁ ଦିଲ୍ଲୀ ଏବଂ ମୁମ୍ବାଇର ପ୍ରାୟ ୬୦ ପ୍ରତିଶତ ଲୋକ ସହର ଛାଡ଼ିବାକୁ ଚାହୁଁଛନ୍ତି । ଏମାନେ ଅନ୍ୟ ସହରରେ ରହିବା ପାଇଁ ଚାହୁଁଛନ୍ତି । ଏକ ନୂଆ ସର୍ବେକ୍ଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଛି ।

ସ୍ୱାସ୍ଥ୍ୟସେବା ପ୍ରଦାନକାରୀ 'ପ୍ରିଷ୍ଟିନ କେୟାର' ପକ୍ଷରୁ ଦିଲ୍ଲୀ, ମୁମ୍ବାଇ ଏବଂ ଏହାର ଆଖପାଖ କ୍ଷେତ୍ରରେ ରହୁଥିବା ▸ପୃଷ୍ଠା-୭

**୨୪୨ରୁ ୩୦ ସହରରେ ରହିଛି ସ୍ୱଚ୍ଛ ବାୟୁ**



## ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା ସଫଳ

# ବସ୍ ଧର୍ମଘଟ ନିଷ୍ପତ୍ତି ପ୍ରତ୍ୟାହାର

■ **ଭୁବନେଶ୍ୱର, ୨୯ ।୧୧(ସମିସ):** ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ହୋଇଥିବା ଆନ୍ଦୋଳନ ନିଷ୍ପତ୍ତି ପ୍ରତ୍ୟାହାର ହୋଇଛି । ରାଜ୍ୟ ସରକାର ଓ ମାଲିକ ସଂଘ ମଧ୍ୟରେ ହୋଇଥିବା ଆଲୋଚନା ଫଳପ୍ରଦ ହେବାରୁ ଏହି ଆନ୍ଦୋଳ ଡାକରାରୁ ସଂଘ ଓହରିଯାଇଛି । 'ଲକ୍ଷ୍ମୀ' ବସ୍ ବିଶେଷ କରି ବ୍ଲକରୁ ଜିଲ୍ଲାକୁ ଚାଲୁଥିବା ବସ୍ ସେବାକୁ ବିରୋଧ କରି ସଂଘ ଏହି ନିଷ୍ପତ୍ତି ନେଇଥିଲା । ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସଂଘ ସହିତ ବାରମ୍ବାର ଆଲୋଚନା କରାଯିବା ସହିତ ଗୁରୁବାର ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହିତ ସଂଘର ହୋଇଥିବା ବୈଠକ ପରେ ଏହି ନିଷ୍ପତ୍ତି ପ୍ରତ୍ୟାହାର ହୋଇଛି ।

ଗୁରୁବାର ଖାରବେଳ ଭବନରେ ପରିବହନ ବିଭାଗ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପରିବହନ ବିଭାଗର ସଚିବ, ଯୁଗ୍ମ ସଚିବ, ମୋ ବସର ପ୍ରତିନିଧି ଉପସ୍ଥିତ ଥିଲେ । ଘୋରଇ ▸ପୃଷ୍ଠା-୭

## ୨ ନଦୀଗର୍ଭ ଜଳାଶୟ ପାଇଁ ୮୬.୨୫ କୋଟି ମଞ୍ଜୁର

# ମୟୂରଭଞ୍ଜର ଦାମୋଦରପୁର ପ୍ରକଳ୍ପ ପାଇଁ ୪୫ କୋଟି

■ **ଭୁବନେଶ୍ୱର, ୨୯ ।୧୧ (ସମିସ):** ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ ଭୂତଳ ଜଳସ୍ତର ବୃଦ୍ଧି, ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନକୁ ଆହୁରି ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ଦୁଇଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ମୁରଲିଝର ନଦୀଗର୍ଭ ଜଳାଶୟ ପ୍ରକଳ୍ପ ଏବଂ ମୟୂରଭଞ୍ଜ ଜିଲ୍ଲାରେ ଗଙ୍ଗାହର ନଦୀ ଉପରେ ଦାମୋଦରପୁର ନଦୀଗର୍ଭ ଜଳାଶୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୮୬.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମୁରଲୀଝର ପ୍ରକଳ୍ପ ପାଇଁ ୪୧.୨୫ କୋଟି ଟଙ୍କା, ମୟୂରଭଞ୍ଜ ଦାମୋଦରପୁର ପ୍ରକଳ୍ପ ପାଇଁ ୪୫ କୋଟି ଟଙ୍କା ମଞ୍ଜୁର ହୋଇଛି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି ଓ ମୟୂରଭଞ୍ଜ ଜିଲ୍ଲା ଗସ୍ତ ସମୟରେ ସ୍ଥାନୀୟ ଜନସାଧାରଣ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲେ । ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀ ପାଣ୍ଡିଆନ ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଲୋକଙ୍କ ପ୍ରସ୍ତାବ ▸ପୃଷ୍ଠା-୭

**କଳାହାଣ୍ଡି ମୁରଲୀଝର ପ୍ରକଳ୍ପ ପାଇଁ ୪୧.୨୫ କୋଟି**


DSPL-424

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ
୧୦୦୦ କୋଟି ଟଙ୍କା ବ୍ୟୟରେ ୩୭୨ଟି
ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର
ଭିତ୍ତିପ୍ରସ୍ତର ସ୍ଥାପନ

ଏବଂ

୧୪୦ କୋଟି ଟଙ୍କା ବ୍ୟୟରେ ୧୦୩ଟି
ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର
ଶୁଭ ଉଦ୍‌ଘାଟନ





ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଲୋକାର୍ପଣ
୩୦ ନଭେମ୍ବର ୨୦୨୩ ॥ ସନ୍ଧ୍ୟା ୫ଟା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

OIPR-10084/13/0028/2324

# ଡାକ୍ତରୀ ନୋଟ୍ ପ୍ରସ୍ତୁତ କରିବ ଏଆଇ



ଏଣିକି ଡାକ୍ତରଙ୍କ ନୋଟ୍‌କୁ ମଧ୍ୟ ଠିକ୍ ଭାବେ ପ୍ରସ୍ତୁତ କରିବାକୁ ସକ୍ଷମ ହେବ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି, ଏଆଇ କମ୍ପ୍ୟୁଟର ପ୍ରୋଗ୍ରାମ୍ ଡାକ୍ତରଙ୍କ ନୋଟ୍‌କୁ ଏତେ ଭଲ ଭାବେ ପ୍ରସ୍ତୁତ କରିପାରୁଛି ଯେ, ଦୁଇ ଜଣ ଡାକ୍ତର ମଧ୍ୟ ସେଥିରେ ଫରକ୍ ଜାଣିପାରି ନାହାନ୍ତି। NVIDIA ଏବଂ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ୧୯ ଜଣିଆ ଗବେଷକ ଦଳ ସୁପର୍‌କମ୍ପ୍ୟୁଟରକୁ 'ଗ୍ୟାଟରଟ୍ରୋନ ଜିପିଟି' ନାମକ ଏକ ନୂଆ ମଡେଲ ଆଧାରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯାହାକି ମେଡିକାଲ ରେକର୍ଡକୁ ବିଶ୍ଳେଷଣ କରିଥିଲା। ତେବେ ଗ୍ୟାଟରଟ୍ରୋନ ଜିପିଟି ଚାଟ୍‌ଜିପିଟି ଭଳି ହିଁ କାମ କରିଥାଏ। ଗବେଷକମାନେ ଡାକ୍ତରଙ୍କ ଦ୍ୱାରା ଲିଖିତ ମେଡିକାଲ ରେକର୍ଡ ଓ ଏବଂ ଏଆଇ ପ୍ରୋଗ୍ରାମ୍ ଦ୍ୱାରା ପ୍ରସ୍ତୁତ ରେକର୍ଡ ଆଧାରରେ ସେମାନେ ଗବେଷଣା କରିଥିଲେ। ଏଥିରୁ ଜଣାପଡ଼ିଥିଲା, ଚିକିତ୍ସକମାନେ କେବଳ ୪୯ ପ୍ରତିଶତ ଡାକ୍ତରଙ୍କ ନୋଟ୍‌କୁ ଠିକ୍ ଭାବେ ଚିହ୍ନଟ କରିବାକୁ ସକ୍ଷମ ହୋଇଥିଲେ। ତେଣୁ ଖୁବ୍‌ଶୀଘ୍ର କୃତ୍ରିମ ବୁଦ୍ଧିମତ୍ତା ସ୍ୱାସ୍ଥ୍ୟକର୍ମୀଙ୍କୁ ସେମାନଙ୍କ କାମରେ ସାହାଯ୍ୟ କରିପାରିବ ବୋଲି ଆଶା କରାଯାଉଛି। ଏହି ଗବେଷଣା ଏନ୍‌ପିଜେ ଡିଜିଟାଲ ମେଡିସିନ ପତ୍ରିକାରେ ପ୍ରକାଶିତ।

# ସହିଦ ଦିବାକର ପରିଡ଼ା



ଆଜି ଆସିଥିଲେ

ଓଡ଼ିଶା ପ୍ରଜା ଆନ୍ଦୋଳନର ଜଣେ ଅନନ୍ୟ ମୁକ୍ତି ଯୋଦ୍ଧା ଥିଲେ ସ୍ୱାଧୀନତା ସଂଗ୍ରାମୀ ଦିବାକର ପରିଡ଼ା। ଦିବାକର ୧୯୧୧ ଆଜିର ଦିନରେ ନୟାଗଡ଼ ରଣପୁରର ଗଡ଼ବାଣୀକିଲୋ ଗାଁରେ ଜନ୍ମଗ୍ରହଣ କରିଥିଲେ। ବିକ୍ଷୋଯୀ ସାମନ୍ତ ହରିହର ପରିଡ଼ା ଏବଂ ତାରା ଦେବୀଙ୍କର ସେ ଥିଲେ ଜ୍ୟେଷ୍ଠ ପୁତ୍ର। ଦିବାକର କବି ଓ ଜ୍ୟୋତିଷ ଶାସ୍ତ୍ର ବିଶାରଦ ମଧ୍ୟ ଥିଲେ। ସ୍କୁଲରେ ପଢ଼ିବା ସମୟରେ ତାଙ୍କର ରଘୁନାଥ ମହାନ୍ତିଙ୍କ ସହ ବନ୍ଧୁତା ହୋଇଥିଲା। ଦୁହେଁ ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦଙ୍କ ଭଳି ବୀରମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାରତକୁ ସ୍ୱାଧୀନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ବାପାଙ୍କ ମୃତ୍ୟୁ ପରେ ଦିବାକର ଉତ୍ତରାଧିକାରୀ ଭାବେ ବହୁ ସମ୍ପତ୍ତିର ମାଲିକାନା ପାଇଥିଲେ ମଧ୍ୟ ରଣପୁର ରାଜାଙ୍କ ପ୍ରିଣ୍ଟିଂ ପ୍ରେସ୍‌ରେ ଚାକିରି କରିଥିଲେ। ରଣପୁର ରାଜାଙ୍କ ଅମଳରେ ଚାଲୁଥିବା 'ସଡ଼କ ବେଠି'ରେ ନିରୀହ ପ୍ରଜାମାନଙ୍କ ଉପରେ ଚାଲିଥିବା ଦାରୋଗାର ଜୁଲମ ତାଙ୍କ ମନରେ ଘୋର ଆଲୋଡ଼ନ ସୃଷ୍ଟି କରିଥିଲା। ଫଳରେ ସେ ଗଡ଼ଜାତୀୟ ଅନ୍ୟାୟ ଓ ଜୁଲମ ବିରୋଧରେ ଚାକିରିରୁ ଇସ୍ତଫା ଦେଇଥିଲେ। ଏହପରେ ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ।

୧୯୩୯ ମସିହା ଜାନୁଆରୀ ମାସ ୫ ତାରିଖ ପୌଷ ପୂର୍ଣ୍ଣିମା ଦିନ ପ୍ରଜାମଣ୍ଡଳର ଆହ୍ୱାନ କ୍ରମେ ରଣପୁର ଗଡ଼ରାଜ ଉଆସ ସାମ୍ନାରେ ଜନସମାଗମ ହୋଇଥିଲା। ଏହି ଜନସମାଗମକୁ ଦମନ କରିବାକୁ ଆସିଥିଲେ ଫିରିଙ୍ଗି ରାଜନୈତିକ ଏଜେଣ୍ଟ ବେଜେଲଗେଟ୍। ସେଠାରେ ଘଟିଥିବା ଗଣ୍ଡଗୋଳରେ ବେଜେଲଗେଟ୍‌ଙ୍କ ମୃତ୍ୟୁ ହୋଇଥିଲା। ଜଣେ ସରକାରୀ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ହତ୍ୟା ବ୍ରିଟିଶ ପ୍ରଶାସନ ପାଇଁ ଥିଲା ଅପମାନ। ତେଣୁ ବିଦ୍ରୋହୀ ଦିବାକର ଏବଂ ତାଙ୍କ ସାଥୀ ରଘୁନାଥଙ୍କୁ ବିରୋଧରେ ମିଛ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

ଏହାପରେ ବେଜେଲଗେଟ୍‌ଙ୍କ ମୃତ୍ୟୁ ପାଇଁ ରଘୁ ଓ ଦିବାକରଙ୍କୁ ଦାୟୀ କରାଯାଇ ଗିରଫ କରାଯାଇଥିଲା। ଫିରିଙ୍ଗି ବିଚାରପତିଙ୍କ ଅଦାଲତରେ ଦିବାକର ଓ ରଘୁନାଥଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା। ୧୯୪୧ ମସିହା ଏପ୍ରିଲ ୪ ତାରିଖ ପ୍ରାତଃ କାଳରେ ବିହାରର ଭାଗଲପୁର ଜେଲରେ ରଘୁ-ଦିବାକରଙ୍କୁ ଫାଶୀ ଦିଆଯାଇଥିଲା।

# ତ୍ରୁଟି ଆଣିଲା ଚମତ୍କାରିତା

## ୧୬ କୋଟିରେ ନିଲାମ ହେଲା ଡାକଟିକଟ



ବେଳେବେଳେ ମାମୁଲି ବା ଛୋଟ ଜିନିଷର ମୂଲ୍ୟ ଏତେ ଅଧିକ ହୋଇଯାଏ ଯେ, ଏହା ହୁଏତ କେହି କେବେ ଭାବି ନ ଥିବେ। ଏହି କ୍ରମରେ ଏବେ ସାମିଲ ହୋଇଛି ଏକ ଡାକଟିକଟ। ପ୍ରାୟତଃ ଡାକଟିକଟର ମୂଲ୍ୟ ୫ ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ଭିତରେ ହୋଇଥାଏ। କିନ୍ତୁ ୧୬ କୋଟି ଟଙ୍କାରେ ନିଲାମ ହୋଇଥିବା ଏକ ଡାକଟିକଟ ଏବେ ଚର୍ଚ୍ଚାରେ ରହିଛି। ଆଶ୍ଚର୍ଯ୍ୟ ଲାଗିଲେ ବି ସତ। ୧୯୧୮ରେ ଆମେରିକୀୟ ଡାକ ଟିକେଟ ଛପାରେ କିଛିଟା ତ୍ରୁଟି ଯୋଗୁଁ ଏହାର ମୂଲ୍ୟ ଏତେ ଅଧିକ ହୋଇଥିଲା। ୧୯୧୮ ମସିହାର ଏହି ଆମେରିକା ଡାକ ଟିକଟର ବ୍ୟବହାର ବିଶ୍ୱର ପ୍ରଥମ ନିୟମିତ ରୂପରେ ସରକାରୀ ଏୟାରମେଲ୍ ସେବାର ଟିକେଟ ପାଇଁ କରାଯାଇଥିଲା। ଟିକେଟରେ 'ଜେନି' କର୍ଟିସ୍ ବାଇପ୍ଲେନ୍‌କୁ ଉପରମୁହାଁ କରାଇ ରଖାଯାଇଛି। କିନ୍ତୁ ଛପା ଦାୟିତ୍ୱରେ ଥିବା ଲୋକେ ସେହି ଚିତ୍ରକୁ ଓଲଟା ଛାପି ଦେଇଥିଲେ। ଏହାପରେ ଯାହା ଚିତ୍ର ହେଲା, ତାହା 'ଇନ୍‌ଭର୍ଟେଡ୍ ଜେନି' ଥିଲା। 'ଇନ୍‌ଭର୍ଟେଡ୍ ଜେନି' ଗୋଟେ ୧୦୦ ପିସ୍ ଥିବା ସିଟ୍ ପୂର୍ବରୁ ବିକ୍ରି ହୋଇଥିଲା, ହେଲେ ଏଥିରେ ତ୍ରୁଟି ଜଣାପଡ଼ିବା ପରେ ପରେ ଏହି ଟିକେଟର ମୂଲ୍ୟ ବେଶ୍ ଅଧିକ ବଢ଼ିଯାଇଛି। ନ୍ୟୁୟର୍କର ସିଇଗଲ୍ ଅକ୍‌ଶନ ଗ୍ୟାଲେରିର ଅଧ୍ୟକ୍ଷ ତଥା ବିଶେଷଜ୍ଞ ସ୍କଟ୍ ଟ୍ରିପେଲ୍‌ଙ୍କ କହିବାନୁସାରେ, ଏହା 'ଷ୍ଟାମ୍ପ୍ ସଂଗ୍ରହର ପ୍ରତୀକ' ହୋଇଥିବାରୁ ଅତ୍ୟନ୍ତ ଖାସ୍ ଏବଂ ମହଙ୍ଗା ମଧ୍ୟ। ୧୯୧୮ ମସିହାରେ ବିମାନ ସାଧାରଣ କଥା ନଥିଲା। ଏମିତିକି ସେ ସମୟରେ ବହୁତ ଲୋକ ବିମାନ କେମିତିକା ଦେଖି ନ ଥିଲେ। ସେଥିପାଇଁ ଟିକେଟର ଓଲଟା ଫଟୋ ଲୋକଙ୍କ ନଜରକୁ ଆସି ନ ଥିଲା ବୋଲି ଟ୍ରିପେଲ୍ କହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେତେବେଳେ ଏ ସମ୍ପର୍କରେ ଡାକଘର କିରାଣିଙ୍କୁ ପଚରାଯାଇଥିଲା, ତାଙ୍କୁ ଏଥିପାଇଁ ଦୋଷ ନ ଦେବାକୁ ସେ ସମସ୍ତଙ୍କୁ କହିଥିଲେ। ଟ୍ରିପେଲଙ୍କ କହିବାନୁସାରେ, ଏବେ ଏହାକୁ 'ପୋଜିସନ୍ ୪୯' ନାଁ ଦିଆଯାଇଛି।

# ଫି' ନେବେନି ଅଲ୍ଲୁ!



ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ 'ପୁଷ୍ପା-୨'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ତା'ସହ ସେ ଏବେ ଏହି ସିନେମାର ସୁଟିଂରେ ବ୍ୟସ୍ତ ଅଛନ୍ତି। ସୁକୁମାର'ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଅଲ୍ଲୁଙ୍କ ପ୍ରଶଂସକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଏହି ସିନେମାକୁ ନେଇ ନିତିଦିନ କିଛି ନା କିଛି ନୂଆ ଖବର ସାମ୍ନାକୁ ଆସୁଥିବାବେଳେ ଏବେ 'ପୁଷ୍ପା'ର ସିକ୍ୱେଲ ପାଇଁ ଅଲ୍ଲୁ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସେ 'ପୁଷ୍ପା-୨' ସିନେମାର ସମୁଦାୟ ଆୟର ୩୩ ପ୍ରତିଶତ ଲାଭ ଦାବି କରିଥିବା ଚର୍ଚ୍ଚା ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଅଲ୍ଲୁ ଫିଲ୍ମ ଆୟର ଲାଭରେ ଅଂଶୀଦାର ରହିବେ। ଅବଶ୍ୟ ଏନେଇ ଫିଲ୍ମ ନିର୍ମାତା କିମ୍ବା ଅଲ୍ଲୁ ମୁହଁ ଖୋଲି କିଛି କହି ନାହାନ୍ତି। ଅଲ୍ଲୁଙ୍କ ବ୍ୟତୀତ ଏଥିରେ ରଶ୍ମିକା, ସୁନୀଲ, ପ୍ରକାଶ ରାଜ ପ୍ରମୁଖ ନଜର ଆସିବେ। ଏହି ଫିଲ୍ମଟି ୨୦୨୪ରେ ପ୍ରେକ୍ଷାଳୟକୁ ଆସିବ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଖା ଦେବ। ବାଦବିବାଦରୁ ଦୂରେଇ ରହିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ପ୍ରେମ ସମ୍ବନ୍ଧ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବନ୍ଧୁଙ୍କ ସହଯୋଗରେ ନୂଆ କାମ ଆରମ୍ଭ କରିବେ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ। ବିରୋଧୀଙ୍କଠାରୁ ସତର୍କ ରହିବେ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବେ।

**ବିଛା:** ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ପୂଜାପାଠ ପ୍ରତି ରୁଚି ବଢ଼ିବ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ। କଠିନ ପରିଶ୍ରମ କରିବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାର ସହ ଦୂରସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ପରିବାର ସହିତ ସମୟ ଅତିବାହିତ କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମୀନ:** ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। କଠିନ ପରିଶ୍ରମ କରିବେ। ରାଜନୀତିରେ ସଫଳତା ମିଳିବ।

# ଏଡ଼େ ବଡ଼ କି-ବୋର୍ଡ



ସାମାଜିକ ଗଣମାଧ୍ୟମରେ ଅନେକ ଭିଡିଓ ଲୋକଙ୍କୁ ବିସ୍ମିତ କରିଥାଏ। ଏମିତି ଏକ ଭିଡିଓରେ ଏକ ବିଶାଳ କି-ବୋର୍ଡ ଲୋକଙ୍କୁ ଚକିତ କରିଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ଯୁବକ ଜଣକ ଅଫିସକୁ କାମ କରିବାକୁ ଆସୁଛନ୍ତି। ଆଉ ତଳେ ରଖାଯାଇଥିବା ଏକ ବିଶାଳ କି-ବୋର୍ଡକୁ ନିଜର ଡେସ୍କ ଉପରକୁ ଉଠାଉଛନ୍ତି। ପରେ ପରେ ସେ ଏହି ବିଶାଳ କି-ବୋର୍ଡରେ କାମ କରିବା ଆରମ୍ଭ କରିଥିଲେ। ଏପରିକି ଯୁବକଙ୍କ ଚତୁଃପାର୍ଶ୍ୱରେ ବସିଥିବା ଲୋକଙ୍କ ନଜର ମଧ୍ୟ ସେ ବ୍ୟବହାର କରୁଥିବା କି-ବୋର୍ଡ ଉପରେ ପଡ଼ିଥିଲା। ଏହାର କାରଣ ଥିଲା ଯେ, ଯୁବକ ଯେଉଁ କି-ବୋର୍ଡ ବ୍ୟବହାର କରୁଥିଲେ ତାହା ସାଧାରଣ କି-ବୋର୍ଡଠାରୁ ଅନେକ ଗୁଣ ବଡ଼ ଥିଲା। ଯାହାକୁ ଦେଖି ସମସ୍ତେ ଏହାକୁ ବିଶ୍ୱର ସବୁଠୁ ବଡ଼ କି-ବୋର୍ଡ ବୋଲି କହୁଛନ୍ତି। ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ସେୟାର କରାଯାଇଥିଲା। ଲୋକମାନେ ଏଥିରେ ନାନା ପ୍ରତିକ୍ରିୟା ରଖିଥିଲେ। କେହି କେହି ଏହାକୁ ଦେଖି ଖୁସି ହୋଇଥିବାବେଳେ ଅନେକ ଜଣ ଏହି କି-ବୋର୍ଡ ଚାହୁଁଛନ୍ତି ବୋଲି ମତ ଦେଇଥିବା ଦେଖାଯାଇଛି। ଆଉ କେହି କେହି ଏପରି କି-ବୋର୍ଡ କାର୍ଯ୍ୟାଳୟରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବ ବୋଲି କହିଥିଲେ।

## ଆଜିର ଇତିହାସ

- ୧୭୩୧: ବେଜିଂରେ ଭୂମିକମ୍ପ ଯୋଗୁଁ ପାଖାପାଖି ଲକ୍ଷେ ଲୋକଙ୍କ ମୃତ୍ୟୁ।
- ୧୮୫୮: ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷଙ୍କ ଜନ୍ମ।
- ୧୮୭୨: ପ୍ରଥମଥର ଆନୁଷ୍ଠାନିକ ଭାବେ ଅନ୍ତରାଷ୍ଟ୍ରୀୟ ଫୁଟ୍‌ବଲ ମ୍ୟାଚ୍ ଖେଳା ଯାଇଥିଲା।
- ୧୯୩୯: ସୀମାବିବାଦକୁ ନେଇ ତତ୍କାଳୀନ ସୋଭିଏତ ଋଷର ଫିନ୍‌ଲ୍ୟାଣ୍ଡ ଉପରେ ଆକ୍ରମଣ।
- ୨୦୦୦: ପ୍ରିୟଙ୍କା ଚୋପ୍ରା ବିଶ୍ୱ ସୁନ୍ଦରୀ ହେଲେ।
- ୨୦୧୧: ପାକିସ୍ତାନ ସରକାର ବିବିସିର ବୃତ୍ତ ଚିତ୍ର 'ସିକ୍ରେଟ୍ ପାକିସ୍ତାନ'ର ପ୍ରସାରଣ ଉପରେ ରୋକ ଲଗାଇଲେ।

# ମୋଟା କରିଦିଏ କାଜୁ

**ଅନେକ ଲୋକ କାଜୁ, ଆଲ୍‌ମଣ୍ଡ, କିସ୍‌ମିସ୍ ଆଦି ଖାଇବାକୁ ଭଲପାଆନ୍ତି। ଏସବୁର ମଧ୍ୟ ଅନେକ ସ୍ୱାସ୍ଥ୍ୟ ଉପକାରିତା ଗୁଣ ରହିଛି। ତେବେ ପ୍ରତ୍ୟେକ ଜିନିଷ ଆବଶ୍ୟକତାଠୁ ଅଧିକ ବ୍ୟବହାର କ୍ଷତିକାରକ ହୋଇଥାଏ। ସେହିପରି କାଜୁ ଖାଇବାକୁ ଭଲ ଲାଗିଲେ ମଧ୍ୟ ଏହାକୁ ଆବଶ୍ୟକତାଠୁ ଅଧିକ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ତେବେ ଅଧିକ କାଜୁ ଖାଇଲେ କେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ, ସେ ସମ୍ପର୍କରେ ଜାଣିବା...**

- କାଜୁରେ ଫ୍ୟାଟ୍ ଓ କ୍ୟାଲୋରି ପରିମାଣ ଅଧିକ ଥାଏ। ତେଣୁ ଏହାକୁ ମାତ୍ରାଧିକ ଖାଇଲେ ଓଜନ ବୃଦ୍ଧି ପାଏ। ତେବେ ପ୍ରତିଦିନ ୫-୧୦ଟି କାଜୁ ଖାଇବା ହିତକର।
- ସେହିପରି ଅଧିକ କାଜୁ ଖାଇଲେ ମୁଣ୍ଡବିନ୍ଧା ହୋଇଥାଏ। ଏକ ଅଧ୍ୟୟନ ଅନୁସାରେ, କାଜୁରେ ସୋଡିୟମ୍ ପରିମାଣ ଅଧିକ ଥିବାରୁ ଏହା ମାଇଗ୍ରେନ୍‌ର ବି କାରଣ ହୋଇଥାଏ।।
- ଅଧିକ କାଜୁ ଖାଇଲେ ଗ୍ୟାସ୍ ଓ ପାଚନ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ।
- ମାତ୍ରାଧିକ କାଜୁ ଖାଇଲେ କିଡ୍‌ନି ଉପରେ ପ୍ରଭାବ ପଡ଼ିଥାଏ। ଫଳରେ କିଡ୍‌ନି ସମ୍ବନ୍ଧୀୟ ସମସ୍ୟା ବୃଦ୍ଧି ପାଏ। ତେଣୁ ସୀମିତ ପରିମାଣରେ କାଜୁ ଖାଇବା ଆବଶ୍ୟକ।



# ମାଟିତଳେ ୭ ଦିନ



କେହି କେହି ନାଁ କମାଇବାକୁ ଅଜବ କାରନାମା ସବୁ ଦେଖାଉଥିବା ବେଳେ ୟୁଟ୍ୟୁବର ମିଷ୍ଟର ବିଷ୍ଟ ଚର୍ଚ୍ଚାରେ ରହିବାକୁ ଏକ ବିପଦପୂର୍ଣ୍ଣ ଉପାୟ ଆପଣାଇଛନ୍ତି। ମିଷ୍ଟର ବିଷ୍ଟ ନାଁରେ ପରିଚିତ ଜିମ୍ମି ଡୋନାଲ୍ଡସନ୍‌ଙ୍କ ୟୁଟ୍ୟୁବ୍ ଚ୍ୟାନେଲର ୨୧୨ ମିଲିୟନ ସବ୍‌ସ୍କ୍ରାଇବର ରହିଛନ୍ତି। ନିଜର ଫଲୋର୍ସଙ୍କ ମନୋରଞ୍ଜନ ପାଇଁ ସେ ସର୍ବଦା କିଛି ନା କିଛି ଭିନ୍ନ କରିବାକୁ ଚେଷ୍ଟା କରିଥାନ୍ତି। ଏ ବାବଦରେ ସେ ମାସକୁ ପ୍ରାୟ ୩ରୁ ୫ ମିଲିୟନ ଡଲାର ରୋଜଗାର କରିଥାନ୍ତି। କିଛି ନୂଆ କରିବା ଆଶାରେ ସେ କବରବକ୍ସରେ ୭ ଦିନ ଯାଏ ଶୋଇଥିଲେ। କଫିନ୍ ଭିତରେ ଖାଦ୍ୟ- ପାନୀୟର ସମସ୍ତ ସୁବିଧା ରହିଥିବାବେଳେ ଭିଡିଓ ରେକର୍ଡିଂ ଲାଗି କ୍ୟାମେରା ଥିଲା। ତେବେ କଫିନ୍ ବକ୍ସକୁ ୧୦ଫୁଟ ଗଭୀରରେ ରଖାଯାଇ ମାଟିରେ ଏହାକୁ ପୋତି ଦିଆଗଲା। ଦୀର୍ଘ ସାତଦିନ ଯାଏଁ ଜିମ୍ମି କଫିନ୍‌ରେ ରହିଥିବାବେଳେ ଏହି ସମସୟରେ ତାଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତାଙ୍କ ପାଦରେ ରକ୍ତ ଜମାଟ ବାନ୍ଧି ଥିଲେ ବି ସେ କଫିନ୍ ଭିତରେ କିଛି ଭିଡିଓ କରିଛନ୍ତି। ସପ୍ତାହ ପରେ ଯେତେବେଳେ ତାଙ୍କୁ କଫିନ୍‌ରୁ ବାହାରକୁ କଢ଼ାଯାଇଥିଲା, ସେ ଭଲଭାବେ ଛିଡ଼ା ହୋଇପାରୁ ନ ଥିଲେ। ଏହା ପୂର୍ବରୁ ୨୦୨୧ରେ ଏପରି ଥରେ ସେ ନିଜକୁ କଫିନ୍ ମଧ୍ୟରେ ପୋତିଥିଲେ। ସେତେବେଳେ ସେ ନିଜକୁ ପ୍ରାୟ ୫୦ ଘଣ୍ଟା ପର୍ଯ୍ୟନ୍ତ ପୋତିଥିଲେ। ଏବେ ସେହି ରେକର୍ଡକୁ ଭାଙ୍ଗି ସେ ଏକ ନୂଆ ରେକର୍ଡ କରିଛନ୍ତି। ଆଉ ୨୫ ବର୍ଷୀୟ ଜିମ୍ମି ଏପରି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବା ପରେ ଏହାକୁ ଘରେ ପ୍ରୟାସ ନ କରିବାକୁ ସମସ୍ତଙ୍କୁ ଅନୁରୋଧ ମଧ୍ୟ କରିଛନ୍ତି।

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-155 ◆BHUBANESWAR ◆THURSDAY ◆30 NOVEMBER 2023 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୫୫ ◆ଭୁବନେଶ୍ୱର ◆ଗୁରୁବାର ◆୩୦ ନଭେମ୍ବର ୨୦୨୩ ◆ପୃଷ୍ଠା-୨୦ ◆ଟ.୬.୦୦




ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ବଢ଼ିଲା

▶କ୍ରୀଡ଼ା ପୃଷ୍ଠାରେ...



## ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ସଭା

# ‘ବରିଷ୍ଠମାନେ ସମାଜର ଅମୂଲ୍ୟ ରତ୍ନ’

ଭଦ୍ରକ, ୨୯।୧୧(ସମିସ)

ଏରେଇଁ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଚରମ୍ପା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ଗଗନବିହାରୀ ରାଉତଙ୍କ ପୌରୋହିତ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ପୂର୍ବ ବିବରଣୀ ପାଠ ସହ ବରିଷ୍ଠମାନେ ସମାଜର ଅମୂଲ୍ୟ ରତ୍ନ ବୋଲି କହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଚରମ୍ପା ବରିଷ୍ଠ ନାଗରିକ ସଂଘକୁ ସରକାରଙ୍କ ଆର୍ଥିକ ଅନୁଦାନ ଜରିଆରେ ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆବଶ୍ୟକୀୟ ପଦକ୍ଷେପ ନେଇ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବାକୁ ସମସ୍ତ ସଭ୍ୟ ଅନୁରୋଧ କରିଥିଲେ। ୨୦୨୪ ଓ ୨୫ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅଧିକାରୀ ଶଶିକାନ୍ତ ପାଢ଼ୀ ଓ କ୍ଷିତିଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ସଭାପତି ଗଗନବିହାରୀ ରାଉତ, ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମହାଳିକ, ଉପସଭାପତି ଗଣପତି ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ନରସିଂହ ମିଶ୍ର, ସହସମ୍ପାଦକ କାଳନ୍ଦୀ ଚରଣ ପାତ୍ର, କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ, ହିସାବ ସମୀକ୍ଷକ ସୁବାସ ଚନ୍ଦ୍ର ତ୍ରିପାଠୀ ମନୋନୀତ ହୋଇଥିଲେ। ସେହିପରି ସଂଘର ଉପଦେଷ୍ଟା ଭାବେ ଭାଗୀରଥି ବେହେରା, କ୍ଷିତିଶ ଚନ୍ଦ୍ର ରାଉତ, ବାବୁଲାଲ ଦାସ, ଶଶିକାନ୍ତ ପାଢ଼ୀ, କେଦାରନାଥ ଗୁପ୍ତା, କାର୍ଯ୍ୟକାରିଣୀ ସଭ୍ୟ ଭାବେ କଳାକାର ମିଶ୍ର, ବିଜୟ କୁମାର ସେନାପତି ଓ ଉଦୟନାଥ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ମନୋନୀତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପରିଡ଼ା ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳଙ୍କ ନେତୃତ୍ୱରେ ଆନନ୍ଦଚନ୍ଦ୍ର ପାଣିଗ୍ରାହୀ, ନରସିଂହ ମିଶ୍ର, ଗଣପତି ପାଣିଗ୍ରାହୀ, ବିଜୟ କୁମାର ସେନାପତି ଓ ସଭାପତି, ସମ୍ପାଦକ ମଣ୍ଡଳୀ ସମସ୍ତ ସଦସ୍ୟଙ୍କଠାରୁ ସଂଘର ସହଯୋଗ ଦେୟ ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ଏକ ମୁଖପତ୍ର ‘ବରିଷ୍ଠଙ୍କ ଆତ୍ମଜୀବନୀ’ ନରସିଂହ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ସମସ୍ତ ସଦସ୍ୟ ଫଟୋକପି ସହ ଆତ୍ମଜୀବନୀ ଡିସେମ୍ବର ୧୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିବେଦନ କରାଗଲା। ବାର୍ଷିକ ସମ୍ମିଳନୀ ପାଇଁ ସଭାପତି, ସମ୍ପାଦକଙ୍କ ସମେତ କୋର୍ କମିଟିର ସଦସ୍ୟମାନଙ୍କ ମତାନୁସାରେ କାର୍ଯ୍ୟକ୍ରମ କରାଯିବ। ଶେଷରେ ନରସିଂହ ମିଶ୍ର ଧନ୍ୟବାଦ ଦେଇଥିଲେ।



# ଅନ୍ୟଦଳ ଛାଡ଼ି ବିଜେଡିରେ ମିଶିଲେ ୩୦ ପରିବାର

**ଚାନ୍ଦବାଲି, ୨୯।୧୧(ସମିସ):** ଚାନ୍ଦବାଲିରେ ମଜଭୁତ ହେଉଛି ବିଜେଡି ସଂଗଠନ। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ସ୍ୱଚ୍ଛଶାସନ ଓ ଚାନ୍ଦବାଲି ବିଧାୟକଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଏବେ ବିଜେଡି ମୁହାଁ ହେଉଛନ୍ତି ଲୋକେ। ଅନ୍ୟପଟେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟଙ୍କ ବିକାଶମୂଳକ କାର୍ଯ୍ୟ ଲାଗି ସେଥିରେ ଅନୁପ୍ରାଣିତ ହୋଇ ଆଜି ନଳଗୋହିରା ପଞ୍ଚାୟତର ବିଜେଡି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ମିଶ୍ରଣ ପର୍ବଟି ନଳଗୋହିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ବିଜେଡିର ଜିଲ୍ଲା ସମ୍ପାଦକ ଆଶୁତୋଷ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ୩୦ରୁ ଅଧିକ ପରିବାର। ତେବେ ଦଳରେ ସାମିଲ ହୋଇଥିବା ଲୋକଙ୍କୁ ଫୁଲ ଓ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯାଇ ଥିବା ବେଳେ ଏହି ମିଶ୍ରଣ ପର୍ବରେ ପଞ୍ଚାୟତ ସଭାପତି ଉପେନ୍ଦ୍ରନାଥ ଭୋଇ, ପ୍ରିନ୍ସ ରାକେଶ ନାୟକ, ପ୍ରଭାସ ନାୟକ, ସୋମନାଥ ପରିଡ଼ା, ତରଣୀ ମହାନ୍ତି, ଲମ୍ବୋଧର ଦାସ, ପ୍ରଦୀପ ରାଉତ, ମାୟାଧର ରାଉତ, ସନାତନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।




## ଦୁର୍ଘଟଣାରେ ଅକର୍ମଣ୍ୟ ଚାଳକଙ୍କୁ ସହାୟତା

**ତିହିଡ଼ି, ୨୯।୧୧(ସମିସ):** ଦୁର୍ଘଟଣାରେ ଅକର୍ମଣ୍ୟ ହୋଇ ପଡ଼ିରହିଥିବା ସୟଦ ଫର୍ଜାନ ନାମକ ଚାଳକଙ୍କୁ ତିହିଡ଼ି ଗୋପବନ୍ଧୁ ସେବା ସଂଘ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସଭାପତି ରାଜୀବ ନାୟକ, ପରମେଶ୍ୱର ପାଢ଼ୀ, ରତ୍ନାକର ସାହୁ, ରବିଶଙ୍କର ଦାଶ, କୃତ୍ତିବାସ ଜେନା, ଅକ୍ଷୟ ନାୟକ, ରବୀନ୍ଦ୍ର ପ୍ରଧାନ, ବାବୁରାମ ଦାସ, ଜନ୍ମେଜୟ ସିହ୍ନା, ତୃପ୍ତିରଞ୍ଜନ ଭଟ୍ଟାଚାର୍ଯ୍ୟ ପ୍ରମୁଖ କର୍ମକର୍ତ୍ତାମାନେ ଫର୍ଜାନଙ୍କ ମିର୍ଜାପୁର ବାସଭବନରେ ପହଞ୍ଚି ସମବେଦନା ଜ୍ଞାପନ କରିବା ସହ ୧ମାସ ପାଇଁ ଖାଦ୍ୟ ସାମଗ୍ରୀ ଓ ନଗଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, ଫର୍ଜାନ(୪୧) ଏକ ଦୁର୍ଘଟଣାରେ ଶିକାର ହେବା ଫଳରେ ତାଙ୍କର ମେରୁଦଣ୍ଡ ଭାଙ୍ଗିଯିବାରୁ ସେ ଅକର୍ମଣ୍ୟ ହୋଇ ଚିକିତ୍ସାଧୀନ ଅଛନ୍ତି।

# ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ମଞ୍ଜୁରୀରୋଡ, ୨୯।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଓ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. ବିନୋଦ ବିହାରୀ ନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ସସ୍ମିତା ସେଠୀ, ନାଆମୀ ସେବା ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ନାରୀନେତ୍ରୀ ରଶ୍ମିତା ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡ. ଅଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କ୍ଷେତ୍ରୀୟ ଅଧିକାରୀ ମହିତୋଷ ସେଠୀ ଓ ଡ. ରଘୁନାଥ ସାହୁ ଶିବିର ପରିଚାଳନା କରିଥିଲେ। ଏଥିରେ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



# ‘ଯୁବ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ



**ଆଗରପଡ଼ା, ୨୯।୧୧(ସମିସ):** ‘ଯୁବ ଓଡ଼ିଶା ନବୀନ ଓଡ଼ିଶା’ ପ୍ରାଯୋଜିତ କ୍ରୀଡ଼ା ପ୍ରତିଯୋଗିତାକୁ ଆଗରପଡ଼ା କଲେଜରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ମନସ୍କ କରିବାରେ ସହାୟକ ହେବ ବୋଲି କହିଥିଲେ। କଲେଜ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ନାରାୟଣ ପାତ୍ର ସ୍ୱାଗତଭାଷଣ, ବିଜ୍ଞାନାଗାର ସହାୟକ ମହେଶ୍ୱର ମଲ୍ଲିକ ଅତିଥି ପରିଚୟ ଓ ଅଧ୍ୟାପକ ପି.ଏଲ. ସୋରେନ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ବିଜେଡି ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ସୁଭଦ୍ରା ସିଂ, ଡ.ପ୍ରକାଶ ବିଶ୍ୱାଳ, ସମିତିସଭ୍ୟ ନିର୍ମଳ ନାୟକ, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ରାମଚନ୍ଦ୍ର ନାୟକ, ଜୈନୁଲ ଆବେଦିନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପ୍ରେମଲତା ଦାଶ, ଅଧ୍ୟାପକ ପ୍ରଶାନ୍ତ ନାୟକ, ମୁଖ୍ୟ ସହାୟକ ବିଜୟ ଦାସ, ବିଜ୍ଞାନଗାର ସହାୟକ ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ତିହିଡ଼ି, ୨୯।୧୧(ସମିସ):** ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଯୁବକ ଓ ଯୁବତୀମାନଙ୍କ ବିକାଶ ରାଜ୍ୟ ସରକାରଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିବା ସହିତ ସରକାରଙ୍କ ‘ନୂଆ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତଥି ଭାବେ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର କୁମାର ନାୟକ, ସମାଜସେବୀ ରଘୁନାଥ ପଣ୍ଡା, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ବିଧାୟକ ଶ୍ରୀ ରାଉତରାୟ ମେଡାଲ ପ୍ରଦାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରବିନାରାୟଣ କରଣ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଉମାକାନ୍ତ ସେଠୀ, ସମାଜସେବୀ ବାପୁଜୀ ନାୟକ, କୀର୍ତ୍ତନ ରାଉତ, କମଳାକାନ୍ତ ଲେଙ୍କା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଦେବେନ୍ଦ୍ର କୁମାର ଉଦ୍‌ଗାତା, ବିରଞ୍ଚିନାରାୟଣ ମହାନ୍ତି, ଲକ୍ଷ୍ମୀକାନ୍ତ ବ୍ରହ୍ମା, ସମର ମାଝୀ, ସୂର୍ଯ୍ୟ ସାରଥି ବାରିକ, ଅଧ୍ୟାପିକା ସଂଘମିତ୍ରା ବେହେରା, ଡ. ପ୍ରଣତି ପଣ୍ଡା, ଡ. ଜାମ୍ବବତୀ ସାହୁ, ସ୍ୱପ୍ନାରାଣୀ ମହାପାତ୍ର, ତନୁଜା ପଣ୍ଡା, ରଜନିଗନ୍ଧା ବିଶ୍ୱାଳ, ମୁଖ୍ୟକିରାଣୀ ସୁକାନ୍ତ ମହାପାପତ୍ରଙ୍କ ସମେତ ଅନ୍ୟ ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ‘ବିଦ୍ୟାଳୟ ହେଉଛି ବୈଜ୍ଞାନିକ ତିଆରି କାରଖାନା’

**ବନ୍ତ, ୨୯।୧୧(ସମିସ):** ବନ୍ତ ବ୍ଲକ ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଇଓ ମଞ୍ଜୁଳାବାଳା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଦ୍ୟାଳୟ ବୈଜ୍ଞାନିକ ତିଆରି କାରଖାନା ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟ ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ.ଅଭୟ ସୁତାର, ସମ୍ମାନିତ ବକ୍ତା ଭାବେ ଇଂ.ଅମିତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବି.ଆର୍.ସି.ସି ହରେକୃଷ୍ଣ ଆପଟ, ବ୍ଲକ ବିଜ୍ଞାନ ସଂଯୋଜକ ଶଶୀ ଶେଖର କରଶର୍ମା, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦାସ, ସରପଞ୍ଚ ରଜନୀ ସେଠୀ, ସମିତି ସଭ୍ୟ ଉଦ୍ଧବ ସେଠୀ, ସି.ଆର୍.ସି.ସି କୂଳପ୍ରଭା ସୁଆର, ଏସ୍.ଏମ.ସି ସଭାପତି ପ୍ରତାପ କୁମାର ସାହୁ, ଏବିଇଓ ପ୍ରମୋଦ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କର ବିଜ୍ଞାନ ଚିନ୍ତାଧାରାକୁ ଆଗକୁ ନେବାରେ ଏହି ପ୍ରଦର୍ଶନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ୨ୟ ପର୍ଯ୍ୟାୟରେ ତହସିଲଦାର ଅଙ୍କିତା ବାରିକ, ବିଡିଓ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡଃ. ମାୟାଧର ସାହୁ, ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ସି.ଆର୍.ସି.ସି ସୁକାନ୍ତ ବେହେରା ଅତିଥି ପରିଚୟ ଓ ଶିକ୍ଷକ ଜଗନ୍ନାଥ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ୧୧୭ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ଖଗେଶ୍ୱର ମହାପାତ୍ର, ଭଗବାନ ପ୍ରଧାନ, ସୁବଳ ଚରଣ ପତ୍ରୀ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଣୟ କୁମାର ସିଂହ, ଜଗନ୍ନାଥ ମଲ୍ଲିକ, ଧର୍ମେନ୍ଦ୍ର ନାରାୟଣ ଜେନା, ସନାତନ ଦାସ, ଅମୂଲ୍ୟ ଦାସ, ନରେନ୍ଦ୍ର ସାହୁ, ସତ୍ୟ ରଞ୍ଜନ ଦାସ, ଶୁଭେନ୍ଦୁ ବିଶ୍ୱାଳ, ଅଭୟ ପ୍ରଧାନ, ନିରଞ୍ଜନ ରାଉତଙ୍କ ସମେତ ସମସ୍ତ ସିଆରସିସି ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।



# ଦୁଇଟିକିଆ ବଜାର ରାସ୍ତା ଓ ବାଇପାସ୍ ନିର୍ମାଣ ଦାବି

**ଧାମନଗର, ୨୯।୧୧(ସମିସ):** ଧାମନଗର ଏନ୍‌ଏସି ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ, ଉନ୍ନତୀକରଣ କାର୍ଯ୍ୟ, ସହରାଞ୍ଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ି ଚାଲିଛି। ତା’ ସାଙ୍ଗକୁ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଇଛି। ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନମାନ ବି ଖୋଲୁଛି। ଦୋକାନୀ ଓ ଉଠା ଦୋକାନୀ ରାସ୍ତା ଉପର ପର୍ଯ୍ୟନ୍ତ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ବାଧା ସୃଷ୍ଟି କରୁଛନ୍ତି। ଯାହା ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ସପ୍ତାହର ୨ଦିନ ବୁଧବାର ଓ ରବିବାରରେ ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି। ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ରାସ୍ତା ଜାମ ରହୁଛି। ଏହି ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁସମୟ ଧରି ଫସି ରହୁଛି। ସାନ ବଜାର ଠାରୁ ମେଡିକାଲ ବଜାର ଯାଏ ୫ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନ ସମାଗମ ହେଉଛି। ଏହି ଟ୍ରାଫିକ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଅସୁବିଧା ଦୂରୀକରଣ ନିମନ୍ତେ ଧାମନଗର ଏନ୍‌ଏସି ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରିବାକୁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି। ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ କରାଯାଇ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି। ଏଥି ସହିତ ସହରୀ ମାଷ୍ଟରପ୍ଲାନ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ୍ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ। ତେବେ ଯାଇ ରାସ୍ତା ଜାମ ଓ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସାଂସଦ, ବିଧାୟକ, ପୂର୍ବତନ ବିଧାୟକ, ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟିର ଧାରଣା

**ଭଣ୍ଡାରିପୋଖରୀ, ୨୯।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଆଖୁଆପଦା ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି। ବୈତରଣୀ ନଦୀର କଣ୍ଟିଘାଇକୁ ସମ୍ପୂର୍ଣ୍ଣ ବନ୍ଦକରାଯିବା, ଆଖୁଆପଦା ଠାରୁ ବୈତରଣୀ ବାମପାର୍ଶ୍ୱ ନଦୀବନ୍ଧକୁ କଣ୍ଟିଘାଇ ପର୍ଯ୍ୟନ୍ତ ସଂଯୁକ୍ତ କରାଯିବା, ନଦୀର ବାମପାର୍ଶ୍ୱ ନଦୀବନ୍ଧକୁ ଦକ୍ଷିଣପାର୍ଶ୍ୱ ସମକକ୍ଷ ଉଚ୍ଚତାରେ ନିର୍ମାଣ କରାଯିବା, ବୈତରଣୀ ନଦୀଶଯ୍ୟାକୁ ସଙ୍କୁଚିତ କରୁଥିବା ନଦୀଗର୍ଭସ୍ଥ ବେଆଇନ ଘେରିବନ୍ଧକୁ ଉଚ୍ଛେଦ କରାଯିବା ଓ ବାମପାର୍ଶ୍ୱ ନଦୀବନ୍ଧର ସୁରକ୍ଷା ପାଇଁ ଗାର୍ଡୱାଲ ସହ ପଥରପ୍ୟାକିଂ କରାଯିବା ଆଦି ଦାବି ପୂରଣ ପାଇଁ ଧାରଣା ଅନୁଷ୍ଠିତ ହୋଇଥିଲା। ୧୫ ଦିନ ମଧ୍ୟରେ ଏହି ସମସ୍ତ ଦାବିପୂରଣ ପାଇଁ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଗତ ୧ ତାରିଖ ଦିନ ଜଳସମ୍ପଦ ବିଭାଗ ଯାଜପୁର ବିଭାଜନ ଅଧୀକ୍ଷଣଯନ୍ତ୍ରୀ, ଚଣ୍ଡିଖୋଲ ବିଭାଗୀୟ କାର୍ଯ୍ୟାଳୟ ମୁଖ୍ୟଯନ୍ତ୍ରୀ ଓ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟଥା ୨୯ତାରିଖରୁ ଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଥିଲା। ତଦନୁଯାୟୀ ବନ୍ୟାବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଆଖୁଆପଦା ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଉପସଭାପତି ନାରାୟଣ ଚନ୍ଦ୍ର ବେହେରା, ସମ୍ପାଦକ ଅକ୍ଷୟ ତ୍ରିପାଠୀ, ସୁବୋଧ ସାମଲ, କଂଗ୍ରେସ ସୁବ୍ରତ ଦାସ, ରଜନୀକାନ୍ତ ଚନ୍ଦ, ଗୋଲକ ବେହେରା, ବିଜୟଶଙ୍କର ମହାନ୍ତି, ନାରାୟଣ ଘଡ଼େଇ, ବିଜୟ ସ୍ୱାଇଁ, ଲଳିତ ବେହୁରିଆ, ଅଲେଖ ବିନ୍ଧାଣି, ପ୍ରଦୀପ ରାଉତ, କେହ୍ନଇ ପହି, ବିଜୟ ଭାସ୍କର ସାମଲ, ସନ୍ତୋଷ ସାମଲ, ନିହାର ରାଉତ, ବସନ୍ତ ତ୍ରିପାଠୀ, ଧନେଶ୍ୱର ବେହୁରିଆଙ୍କ ସମେତ ମହିଳା ସଙ୍ଗଠନ, କୃଷକ ସଙ୍ଗଠନ ଧାରଣାରେ ବସିରହିଥିଲେ।




# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୯।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକର ନିର୍ଗୁଣ୍ଡି ଉପ୍ରା ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବୁଧବାର ପ୍ରଦାନ କରାଯାଇଛି। ପୂର୍ବତନ ସରପଞ୍ଚ ସୁରେନ୍ଦ୍ରନାଥ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଅସରପ୍ରାପ୍ତ ଏବିଇଓ ପୁରୁଷୋତ୍ତମ ଧଳ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷାବିତ ପ୍ରଫୁଲ୍ଲ ସାହୁ, ଘନଶ୍ୟାମ ସ୍ୱାଇଁ, ଖଗେଶ୍ୱର ସୂତାର, ନିର୍ମଳ ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ବେହେରା, ବୈଷ୍ଣବ ବେହେରା, ଉମାକାନ୍ତ ସ୍ୱାଇଁ, ପ୍ରଧାନଶିକ୍ଷକ ମନୋରଞ୍ଜନ ନାୟକ, ସୁନୀଲ କୁମାର ନାୟକ, ସନ୍ତୋଷ ପାଣି, ଶିକ୍ଷାସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ, ଶିକ୍ଷକ ଶରତଚନ୍ଦ୍ର କୁଣ୍ଡୁ, ସରପଞ୍ଚ ସତ୍ୟବ୍ରତ ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକତା ଓ ସଙ୍ଗୀତ ପରିଚୟରେ ପରିଚିତ ଚନ୍ଦ୍ରଶେଖର ସାରଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଶୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦର୍ଶନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦଳାଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ୧୬ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ

# ଜମିହରାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ

ଭଦ୍ରକ, ୨୯।୧୧(ସମିସ)

ଚଣ୍ଡିଖୋଲରୁ ଭଦ୍ରକ ପର୍ଯ୍ୟନ୍ତ ୧୬ନଂ ଜାତୀୟ ରାଜପଥର ୬ଲେନିଂ ସମ୍ପ୍ରସାରଣ କାର୍ଯ୍ୟ ଲାଗି ଭଦ୍ରକ ତହସିଲ ଓ ଭଣ୍ଡାରିପୋଖରୀ ତହସିଲ ଅଧୀନରେ ଅଧିଗ୍ରହଣ ହୋଇଥିବା ଜମିଗୁଡ଼ିକର କ୍ଷତିପୂରଣ ରାଶି ସମ୍ପୃକ୍ତ ଜମିହରାଙ୍କୁ ତୁରନ୍ତ ପୈଠ କରିବାକୁ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ (କେନ୍ଦ୍ରାଞ୍ଚଳ) ତାଙ୍କ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ସୂଚନାଯୋଗ୍ୟ, ୧୬ନଂ ଜାତୀୟରାଜପଥର ସିକ୍ସଲେନିଂ ସମ୍ପ୍ରସାରଣ ଲାଗି ଭଦ୍ରକ ଜିଲ୍ଲାର ୨ଟି ତହସିଲ-ଭଦ୍ରକ ଓ ଭଣ୍ଡାରିପୋଖରୀ ଅଧୀନରେ ଘରୋଇ ଜମି ଅଧିଗ୍ରହଣ ହୋଇଥିଲା।

## ଭଦ୍ରକ ତହସିଲ ଅଧୀନରେ ବଣ୍ଟା ହୋଇଛି ୧କୋଟି ୭୯ଲକ୍ଷ

## ଭଣ୍ଡାରିପୋଖରୀରେ ୨କୋଟି ୪୦ଲକ୍ଷ

ଭଦ୍ରକ ତହସିଲ ଅଧୀନରେ ୬ଟି ମୌଜା-ବହୁଦରଡ଼ା, ସମାରାଇପୁର, ଗେଳପୁର, ମଠସାହି, ବରାଳପୋଖରୀ ଓ କଣ୍ଟାପାଳରୁ ୫୬ଟି ପ୍ଲଟ୍‌ରୁ ୧. ୩୪୯୬ ଏକର ଜମି ଅଧିଗ୍ରହଣ ପାଇଁ ଚୂଡ଼ାନ୍ତ ହୋଇଥିଲା। ଏଥିପାଇଁ ୬କୋଟି ୮୯ଲକ୍ଷ ୭୩୭ହଜାର ୬୭ଟଙ୍କା କ୍ଷମତାପ୍ରାପ୍ତ ଅଧିକାରୀ, ଭୂ-ଅର୍ଜନ ବିଭାଗକୁ ମଞ୍ଜୁର ହୋଇଥିଲା। ତେବେ ଏପର୍ଯ୍ୟନ୍ତ ମାତ୍ର ୪ଟି ମୌଜାରେ ଥିବା ୨୨ଟି ପ୍ଲଟ୍‌ରୁ ଏ୦. ୬୮୧ଡେସମିଲ ବେସରକାରୀ ଜମି ଅଧିଗ୍ରହଣ ହୋଇଛି। ଏହି ଅଧିଗ୍ରହଣ ବାବାଦକୁ ୧କୋଟି ୭୯ଲକ୍ଷ ୯୯ହଜାର ୯ଟଙ୍କା ଜମିହରାଙ୍କୁ ବଣ୍ଟନ ହୋଇଛି। ୩୪ଟି ଅଧିଗ୍ରହଣ ହୋଇଥିବା ଜମି ପ୍ଲଟ୍‌ର କ୍ଷତିପୂରଣ ରାଶି ବଣ୍ଟନ ହୋଇନାହିଁ। ଅନୁରୂପଭାବେ ଭଣ୍ଡାରିପୋଖରୀ ତହସିଲ ଅଧୀନରେ ୧୨ଟି ମୌଜା-ଦକ୍ଷିଣବାଡ଼, ଚିଙ୍ଗୁଡ଼ିପୁର, ବେଣିପୁର, ଭୁତିଆ, ନାରାୟଣପୁର, ପୁରୀପଡ଼ା, ରାମଚନ୍ଦ୍ରପୁର, ଶାସନ, ଆଦମପୁର, ବାଘମରା, ମଜୁରିଗଡ଼ିଆ, ପାଇମହୁଆରେ ଥିବା ୭ଏକର ୮୯ଡେସମିଲ ସରକାରୀ ଓ ୨.୯୦ଏକର ବେସରକାରୀ ଜମିକୁ ମିଶାଇ ମୋଟ ୧୦. ୭୯ଏକର ଜମି ଜାତୀୟ ରାଜପଥ ଲାଗି ଅଧିଗ୍ରହଣ ହୋଇଛି। ତେବେ ଏଥିମଧ୍ୟରୁ ୪ଟି ମୌଜା-ଦକ୍ଷିଣବାଡ଼, ଚିଙ୍ଗୁଡ଼ିପୁର, ପାହିମହୁରାରେ ଥିବା ୨୮ଟି ପ୍ଲଟ୍‌ରେ ଥିବା ୨. ୯୦ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଇଛି। ଭଣ୍ଡାରିପୋଖରୀ ତହସିଲ ଅଧୀନରେ ମୋଟ ଅଧିଗ୍ରହଣ ବାବଦକୁ ୩କୋଟି ୧୭ଲକ୍ଷ ୫୯ହଜାର ୫୩୨ଟଙ୍କା ମଞ୍ଜୁର ହୋଇଥିଲା। ଏଥିରୁ ୨କୋଟି ୪୦ଲକ୍ଷ ୨୬ହଜାର ୨୪୩ଟଙ୍କା ୨୩ପ୍ଲଟ୍‌ର ଜମି ମାଲିକଙ୍କୁ ବଣ୍ଟା ଯାଇଛି। ତେଣୁ ଭଦ୍ରକ ଓ ଭଣ୍ଡାରିପୋଖରୀ ତହସିଲ ଅଧୀନରେ ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ଜମିହରାଙ୍କ ବକେୟା ଥିବା ସମସ୍ତ କ୍ଷତିପୂରଣ ରାଶି ତୁରନ୍ତ ପୈଠ କରିବାକୁ କେନ୍ଦ୍ରାଞ୍ଚଳ ଆରଡିସି ତାଙ୍କ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରିଥିବା ଜିଲ୍ଲା ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ପକ୍ଷରୁ ଜଣାଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାକୁ ପରିକ୍ରମା କରିଥିବା ୧୬ନଂ ଜାତୀୟ ରାଜପଥର ଏହି ୬ଲେନିଂ ସମ୍ପ୍ରସାରଣ କାର୍ଯ୍ୟ ଲାଗି ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ଭଦ୍ରକ ତହସିଲ ଅଧୀନରେ ଜମି ଅଧିଗ୍ରହଣ କାର୍ଯ୍ୟ କରାଯାଇଥିଲା।



# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ବୈଠକରେ ୩୦ ପ୍ରକଳ୍ପ ଅନୁମୋଦିତ

**ଭଦ୍ରକ, ୨୯ ।୧୧(ସମିସ):** କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, କୃଷି, ଆନୁସଙ୍ଗିକ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣର ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ୩୦ଟି ପ୍ରକଳ୍ପ ଅନୁମୋଦିତ ହୋଇଛି । ରାଜ୍ୟରେ ବିଭିନ୍ନ ସ୍ଥାନରେ କୃଷି ଉଦ୍ୟୋଗ ପ୍ରତିଷ୍ଠା କରି ପାରମ୍ପରିକ କୃଷିରୁ ବ୍ୟବସାୟ କୃଷିରେ ପରିଣତ କରି କୃଷକର ଆୟ ବହୁ ଗୁଣିତ କରିବା ଏହି ଯୋଜନାରଆଉ ଏକ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ଜିଲ୍ଲାରେ ଅଗ୍ରଗତିକୁ ନେଇ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗତ ମଙ୍ଗଳବାର ସନ୍ଧ୍ୟାରେ ସମୀକ୍ଷା କରିଥିଲେ । ଜିଲ୍ଲା ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ବିଭାଗ, ପ୍ରାଣୀପାଳନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ବିଭାଗ ଗୁଡ଼ିକର ୩୦ଟି ପ୍ରକଳ୍ପକୁ ବୈଠକରେ ଉପସ୍ଥାପିତ କରାଯାଇଥିଲା । ଏଗୁଡ଼ିକ ହେଲା-କୃଷି ବିଭାଗର ୧୦ଟି ପ୍ରକଳ୍ପ, ଉଦ୍ୟାନ ବିଭାଗର ୫ଟି ପ୍ରକଳ୍ପ, ମତ୍ସ୍ୟ ବିଭାଗର ଗୋଟିଏ ଓ ପ୍ରାଣୀପାଳନ ବିଭାଗର ୧୪ଟି ପ୍ରକଳ୍ପକୁ ନେଇ ଆଲୋଚନା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ବୋନ୍ଦର ସଂପୃକ୍ତ ବିଭାଗୀୟ ପ୍ରକଳ୍ପଗୁଡ଼ିକୁ ବିଷଦ ଭାବେ ତର୍ଜମା କରି ଅନୁମୋଦନ କରିଥିଲେ । ସୂଚନାଯୋଗ୍ୟ, କୃଷି ବିଭାଗର ୯ଟି କୃଷି ସେବା କେନ୍ଦ୍ର, ୧ଟି ସମନ୍ୱିତ କୃଷି, ଉଦ୍ୟାନ କୃଷି ବିଭାଗର ୪ଟି, ଛତୁ ଚାଷ ୧ଟି ଓ ବ୍ୟବସାୟିକ ପାନଚାଷ ପ୍ରକଳ୍ପ ୧ଟି ପ୍ରକଳ୍ପ ଅନୁମୋଦନ ଲାଭ କରିଥିଲା । ସେହିପରି ପ୍ରାଣୀପାଳନ ବିଭାଗର ୪ଟି ଗୋପାଳନ, ବ୍ରଏଲର ୫ଟି, ବ୍ୟବସାୟିକ ଛେଳି ପ୍ରକଳ୍ପ ୭ଟି ଓ ମତ୍ସ୍ୟ ବିଭାଗର ଗୋଟିଏ ଇନଲେଟେଡ ଭ୍ୟାନ ପ୍ରକଳ୍ପ ବୈଠକରେ ଅନୁମୋଦନ ଲାଭ କରିଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ ନାରାୟଣ ଉପାଧ୍ୟାୟ, କୃଷି ଜିଲ୍ଲା ଅଧିକାରୀ ଶ୍ରୀଧର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡାକ୍ତର ହୃଷିକେଶ ବେହେରା, ଜିଲ୍ଲା ମତ୍ସ୍ୟଧିକାରୀ ପ୍ରକାଶ ନାୟକ, ଉଦ୍ୟାନ କୃଷି ଅଧିକାରୀ ହୃଦୟ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



## ପଦାକୁ ଆସିଲା ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ଦୁର୍ନୀତି

# କାମ ନ କରି ପ୍ରାପ୍ୟ ନେଉଛନ୍ତି ୧୭ ସଫେଇ କର୍ମଚାରୀ

**ଧାମନଗର, ୨୯।୧୧(ସମିସ)**

ଧାମନଗର ଏନ୍‌ଏସି କାର୍ଯ୍ୟାଳୟର ଦୁର୍ନୀତି ପଦାକୁ ଆସିଛି । ସୂଚନା ଅନୁଯାୟୀ ସଫେଇ କର୍ମଚାରୀ ଭାବେ ୫୭ଜଣ ନିଯୁକ୍ତି ଦିଆଯାଇଛି । ସେଥିମଧ୍ୟରୁ ୪୦ଜଣ କାର୍ଯ୍ୟରତ ଥିବା ବେଳେ ୧୭ଜଣ କୌଣସି ଦିନ ସଫେଇ କାର୍ଯ୍ୟ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ତେବେ ଏମାନେ ଅତି ଚତୁରତାର ସହ ଟଙ୍କା ହଡ଼ପ କରିଚାଲିଛନ୍ତି ବୋଲି ସୂଚନା ମିଳିଛି । ସେହିପରି ଟ୍ରାକ୍ଟର ଗୋଟିଏ ଏବଂ ଟାଟା ଅଟୋ ଗୋଟିଏ ଥିବା ବେଳେ ୨ଟା ଗାଡ଼ିରେ ଆଢ଼ିଆ ଆବର୍ଜନା ଦିନକୁ ୨କିମ୍ବା ୩ଟ୍ରିପ୍ କରି ୬ଟ୍ରିପ ହେଉଥିବା ସୂଚନା ମିଳିଥିବା ବେଳେ କିନ୍ତୁ ଦିନକୁ ୧୪ଟ୍ରିପର ଟଙ୍କା ଉଠାଣ କରାଯାଉଛି ବୋଲି ସୂଚନା ମିଳୁଛି । ଏତିକିରେ ସରିନାହିଁ, ଦୁର୍ନୀତିର ବହୁ ତଥ୍ୟ ହସ୍ତଗତ ହୋଇ ଥିବା ବେଳେ ଦୁଃଖ ଓ ପରିତାପର ବିଷୟ ଜଣେ ଡ୍ରାଇଭର ସଫେଇ କର୍ମଚାରୀ ଭାବେ ନିଯୁକ୍ତି ହୋଇ କିନ୍ତୁ ନିଜ ସଫେଇ କାର୍ଯ୍ୟ କେବେବି କରୁନାହାନ୍ତି । ଅଧକ୍ଷାଙ୍କ ବ୍ୟକ୍ତିଗତ ଗାଡ଼ି ଚଳାଚଳ ଭାବେ କାର୍ଯ୍ୟ କରି ସରକାରୀ ଅର୍ଥ ମାସିକିଆ ହଡ଼ପ ବା ନେଇ ଚାଲିଛନ୍ତି ବୋଲି ସୂଚନା ମିଳିଛି । ସେଇପରି ଆହାର କେନ୍ଦ୍ର ପାଇଁ ଖାଦ୍ୟ ବଣ୍ଟନ କରିବା ସାମଗ୍ରୀ କିଣିବାରେ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ନିମ୍ନମାନର ଭାବେ ଜିନିଷ କିଣାଯାଇଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି । ତେବେ ଧାମନଗର ଏନଏସି କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗର ନିରପେକ୍ଷ ତଦନ୍ତ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ କାଉନସିଲର ଓ ତାଙ୍କ ପ୍ରତିନିଧି ଏବଂ ସାଧାରଣ ଜନତା ଦାବି କରିଛନ୍ତି । ଏନ୍‌ଏସି କାର୍ଯ୍ୟାଳୟରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



● ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ: ନିର୍ବାହୀ ଅଧିକାରୀ

# ଆଗରପଡ଼ାରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ



**ଆଗରପଡ଼ା, ୨୯ ।୧୧(ସମିସ):** ବନ୍ତ ବ୍ଲକର ଚାରିଗୋଟି ପଞ୍ଚାୟତ ମଧ୍ୟରୁ ଆଗରପଡ଼ା ୧୪ନମ୍ବର ଜୋନ୍‌ର ମହାନ୍ତିପଡ଼ା ଓ ଅଣିଜୋ ପଞ୍ଚାୟତରେ ନୂତନ ଶାଖା ବ୍ୟାଙ୍କକୁ ଭିସି ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ଏହା ମାଧମରେ ଗାଁ ଗହଳିର ଲୋକେ ଅତି ସହଜରେ ଓ ଘର ନିକଟରେ ବ୍ୟାଙ୍କ ସେବା ପାଇପାରିବେ । ମହାନ୍ତିପଡ଼ା ପଞ୍ଚାୟତରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ସରପଞ୍ଚ ନିହାର ରଞ୍ଜନ ପଣ୍ଡା, ସମିତି ସଭ୍ୟ ନିର୍ମଳ ନାୟକଙ୍କ ସମେତ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅଣିଜୋ ପଞ୍ଚାୟତରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ, ସରପଞ୍ଚ ମାଳତୀ ଲତା ସାହୁଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଭଦ୍ରକ କଲେଜରେ ପ୍ଲାଷ୍ଟିକ୍‌ମୁକ୍ତ ଅଭିଯାନ

**ଭଦ୍ରକ, ୨୯।୧୧(ସମିସ):** 'ନୂଆ-ଓ' ଯୋଜନା କାର୍ଯ୍ୟକ୍ରମରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସାମାଜିକ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ମୁକ୍ତ ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, କଲେଜ ପରିଚାଳନା କମିଟିର ଅଧକ୍ଷ ଡ. ଶୈଳେନ୍ଦ୍ର ମହାପାତ୍ର, ସଭ୍ୟ ଡ. ବଳରାମ ମିଶ୍ର, ସଭ୍ୟ ଇଂ.ଅଭୟ କୁମାର ସୂତାର, ୱାର୍ଡ ନଂ ୧୦ର କାଉନସିଲର ପ୍ରତିନିଧି ପଙ୍କଜ କୁମାର ବଳ, ଭଦ୍ରକ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନର ସମ୍ପାଦକ ଅଜୟ ନାୟକ, ଅଧକ୍ଷ ଦାୟିତ୍ୱରେ ଥିବା ବରିଷ୍ଠ ଅଧ୍ୟାପକ ଡ. ଦୁର୍ଗାଶଙ୍କର ଦାସ, ନୋଡାଲ ଅଫିସର ଡ.ଲକ୍ଷ୍ମୀକାନ୍ତ ନାୟକ ଓ କାର୍ଯ୍ୟକ୍ରମର ସଂଯୋଜକ ଡ. ପଦ୍ମନାଭ ପତ୍ରୀ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସାମାଜିକ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ମୁକ୍ତ ସମାଜ, ନାରୀ ଶିକ୍ଷା, ସୁସ୍ଥ ଜୀବନ, ନିଶା ସେବନର କୁପରିଣାମ ଅଭିଯାନ ସହିତ ଯୋଗଶିକ୍ଷା, ରକ୍ତଦାନ, ସଫେଇ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ପ୍ଲାଷ୍ଟିକ୍ ମୁକ୍ତ ସମାଜର ଏକ ବିଶାଳ ଅଭିଯାନ ସହର ପରିକ୍ରମା କରିଥିଲା । ପରେ କଲେଜ ପଡ଼ିଆ ଓ କଲେଜ ପରିସରକୁ ପ୍ଲାଷ୍ଟିକ୍ ସାମ୍ଗ୍ରୀମାନର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଡ. ସୁଦର୍ଶନ ଦାସ ଓ ଡ. ନାରାୟଣ ବେହେରା ପରିଚାଳନାରେ ସହଯୋଗ କରିଥିଲେ ।




## ଉପ-ନିର୍ଦ୍ଦେଶକଙ୍କ ଡିଆଇପିଆରଓ ଅଫିସ୍ ପରିଦର୍ଶନ

**ଭଦ୍ରକ, ୨୯ ।୧୧(ସମିସ):** ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ କେନ୍ଦ୍ରାଞ୍ଚଳ, କଟକ ହେମନ୍ତ କୁମାର ନାୟକ ଭଦ୍ରକ ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଶ୍ରୀ ନାୟକଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟଧାରା ସମ୍ବନ୍ଧରେ ସମୀକ୍ଷା କରିବା ସହିତ ସଂପୃକ୍ତ ରେଜିଷ୍ଟ୍ରାର, ଫାଇଲପତ୍ର ଦେଖିଥିଲେ । ପୂର୍ବରୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କାର୍ଯ୍ୟାଳୟ କୋଠାର ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟ ସମାପ୍ତ ହେବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର କାର୍ଯ୍ୟାଳୟ ପାଇଁ ପ୍ରାଚୀର ଓ ଗେଟ ନଥିବା ଯୋଗୁଁ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଅବଗତ ହୋଇ ବିଭାଗ ତରଫରୁ ଯଥାଶୀଘ୍ର ପଦକ୍ଷେପ ନିଆଯିବା ନେଇ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ କର୍ମଚାରୀ ଅଭାବ ଜନିତ ଗୁରୁତର ସମସ୍ୟାକୁ ହୃଦ୍‌ବୋଧ କରିଥିଲେ । କ୍ଷେତ୍ର ସ୍ତରୀୟ କାର୍ଯ୍ୟ ସହିତ କାର୍ଯ୍ୟାଳୟର ପ୍ରତିଷ୍ଠାନ ଓ ଆବଶ୍ୟକ ଅନ୍ୟ ସମସ୍ତ କାର୍ଯ୍ୟ ସଠିକ୍ ଧାରାରେ ସମ୍ପାଦନ କରିବା ପାଇଁ ଡିଆଇପିଆରଓଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

# ପ୍ଲାଷ୍ଟିକ୍ ବ୍ୟବହାର ରୋକିବାକୁ ଆହ୍ୱାନ




**ବାସୁଦେବପୁର, ୨୯ ।୧୧(ସମିସ):** ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବାସୁଦେବପୁର ଅଟଳବିହାରୀ କଲେଜର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ଏ ନେଇ ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସରରୁ ବାହାରି ସହର ପରିକ୍ରମ କରିଥିଲା । ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ମାଧମରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅଟଳ ବିହାରୀ କଲେଜର ଯୁକ୍ତ ୩ବିଭାଗର ସାମାଜିକ କାର୍ଯ୍ୟରେ ଛାତ୍ରଛାତ୍ରୀ ସମାଜରୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନତା କରାଇଥିଲେ । ଶୋଭାଯତ୍ରାକୁ ଅଟଳ ବିହାରୀ କଲେଜର ପରିଚାଳନା କମିଟି ସଭାପତି ବନମାଳୀ କୁଅଁର ଶୁଭାରମ୍ଭ କରିଥିଲେ । କଲେଜର ଅଧକ୍ଷ ବିଷ୍ଣୁମୋହନ ସ୍ୱାଇଁ, ପ୍ରାଧ୍ୟାପକ ବସନ୍ତ କୁମାର ବଳ, ନୋଡାଲ ଅଫିସର ଡା. ରାଜେନ୍ଦ୍ର ବେହେରା, ଯୁକ୍ତ ଦୁଇର ନୋଡାଲ ଅଫିସର ବିଜୟ ଅଗସ୍ତୀ, କାର୍ଯ୍ୟକ୍ରମ ପ୍ରମୁଖ ସୁଜାତ ମହାପାତ୍ର, କ୍ୟାପଟେନ ପରେଶ ଚନ୍ଦ୍ର ଦାସ, ଜୟଶ୍ରୀ ମହାର୍ଥ, ଅଧାପିକା ପୁଷ୍ପାଞ୍ଜଳି ନାୟକ, ଅଧାପିକା ସୋଫିଆ ଶୁଭଦର୍ଶନୀ, ଅଧାପିକା ନନ୍ଦନା ସାହୁ, ଅଧାପିକା ହିମାନୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମତୋ କଲେଜରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଚାନ୍ଦବାଲି, ୨୯ ।୧୧(ସମିସ)**



ଚାନ୍ଦବାଲି ବ୍ଲକ ମତୋ +୩ ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ବିଭୂତି ଭୂଷଣ ଜୟଦେବ ବିଶ୍ୱାଳଙ୍କ ପୌରୋହିତ୍ୟରେ ଉଦ୍‌ଘାଟିତ କାର୍ଯ୍ୟକ୍ରମ ନଭେମ୍ବର ୧୫ତାରିଖ ଠାରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି କାର୍ଯ୍ୟକ୍ରମ ମାଧମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ସମାଜ ମଙ୍ଗଳ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରତିଯୋଗିତା ଆଦି ଆୟୋଜନ କରାଯିବ । ସମାଜ ମଙ୍ଗଳ କାର୍ଯ୍ୟକ୍ରମ ମାଧମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ମତୋ ବଜାରରେ ଏକ ସଫେଇ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଭାଗନେଇଥିଲେ । ମହାବିଦ୍ୟାଳୟ ସ୍ତରରେ ଏଭଳି ଏକ କାର୍ଯ୍ୟକ୍ରମ ପ୍ରଥମଥର ପାଇଁ ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାତ୍ରଛାତ୍ରୀ କୃତଜ୍ଞତା ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ମୁଖ୍ୟ ନୋଡାଲ ଅଫିସର ଅଧାପକ ପୀତାମ୍ବର ମଲ୍ଲିକ, ରଘୁନାଥ ସାହୁ, ସରୋଜ ମହାପାତ୍ର, ଦିଲ୍ଲୀପ ସାମଲ, ଶିବପ୍ରସାଦ ମଲ୍ଲିକ, ନିରୁପମା ସୂତାର, ମାଦଳସା ମଲ୍ଲିକ ପ୍ରମୁଖ ଅଧାପକ ଅଧାପିକା ପରିଚାଳନା କରିଥିଲେ ।

# ଧାମନଗର କଲେଜରେ ସାଂସ୍କୃତିକ ପ୍ରତିଯୋଗିତା

**ଦୋବଲ, ୨୯।୧୧(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦର ଉପସଭାପତି ଟୁନିବାଳା ବିଶ୍ୱାଳ ଓ ସମ୍ମାନିତ ଅତିଥି ଏନ୍‌ଏସିର ଅଧକ୍ଷା ନିବେଦିତା ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଂସ୍କୃତିକ ସଂଯୋଜକ ଅଧାପକ ଆଶିଷ କୁମାର ଦ୍ୱାଇଁ ସ୍ୱାଗତ ସମ୍ଭାଷଣ, ନୋଡ଼ାଲ ଅଫିସର ମହମ୍ମଦ ଇସ୍ରାଇଲ ଅତିଥି ପରିଚୟ ପ୍ରଦାନ, ଆଧାପିକା ସ୍ମରଣିକା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଆଧାପିକା ସାଜିଆ ତମକୀନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସଙ୍ଗୀତ ପ୍ରତିଯୋଗିତା, ପାରମ୍ପରିକ ଚଇତି ଘୋଡ଼ା ନାଚ, ଷ୍ଟାଣ୍ଡ ଅପ କମେଡି, ଅଭିନୟ ମାଧମରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଭଳି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳତା କରିବାରେ ସହଯୋଗ କରିଥିଲେ ।




# ବାଲି ବୋଝେଇ ଗାଡ଼ି ଜବତ; ଜରିମାନା ଆଦାୟ

**ଦୋବଲ, ୨୯ ।୧୧(ସମିସ):** ଧାମନଗର ତହସିଲ ଅଞ୍ଚଳରେ ପୁଣି ବେଆଇନ ଭାବରେ ଚୋରାବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ବୁଧବାର ସକାଳେ ଧାମନଗର ତହସିଲଦାର ଦୀପକ ଦାସ ଆନନ୍ଦପୁର ପଞ୍ଚାୟତର ବିଭିନ୍ନ ବାଲିଘାଟ ଉପରେ ଚଢ଼ଉ କରିଥିଲେ । ଏହି ଚଢ଼ଉବେଳେ ଦୁଇଟି ବାଲି ବୋଝେଇ ଟ୍ରକ୍‌କୁ ତହସିଲଦାର ଶ୍ରୀ ଦାସ ଜବତ କରିଥିଲେ । ଦୁଇଟି ବାଲି ଗାଡ଼ିରୁ ୨୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ତହସିଲଦାର ଶ୍ରୀ ଦାସଙ୍କ ଏହି ଚଢ଼ଉ ପରେ ଚୋରା ବାଲି ମାଫିଆ ଛାନିଆ ହୋଇପଡ଼ିଛନ୍ତି ।






# ଆଶୁତୋଷଙ୍କୁ ଓଡ଼ିଶା ପରିବେଶ ଓ ସଂସ୍କୃତି ସାରସ୍ୱତ ସମ୍ମାନ



ଚଢ଼େଇଧରା, ୨୯।୧୧ (ସମିସ): କଟକସ୍ଥ କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ କଟକର ବଖରାବାଦ ଗାନ୍ଧୀ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆମ ପରିବେଶ ଓ ଆମ ସଂସ୍କୃତି ସାହିତ୍ୟାୟନ କାର୍ଯ୍ୟକ୍ରମରେ ଓଡ଼ିଶା ପରିବେଶ ଓ ସଂସ୍କୃତି ସାରସ୍ୱତ ସମ୍ମାନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଆଶୁତୋଷ ଦେବୀପ୍ରସାଦ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସମ୍ପାଦକ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, ସମସ୍ତ କର୍ମକର୍ତ୍ତାଙ୍କୁ ଶ୍ରୀ ରାଉତ କୃତଜ୍ଞତା ଜଣାଇବା ସହ ସଂସଦର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ଶ୍ରୀ ରାଉତ ଜଣେ କବି, ସମାଜସେବୀ ଓ ଶିକ୍ଷକ ଭାବେ ସୁପରିଚିତ। କବି ଆଶୁତୋଷ ଦେବୀପ୍ରସାଦଙ୍କୁ ଏହି ସମ୍ମାନ ପାଇଁ ଓଡ଼ିଶାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କବି ଓ କବୟିତ୍ରୀଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ

# ନିଃସନ୍ତାନ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଆହ୍ୱାନ

ଯାଜପୁର, ୨୯ ।୧୧(ସମିସ):

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଆନୁକୂଲ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଉଦ୍ଦିଷ୍ଟ ସଚେତନତା ରଥକୁ ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା ଜିଲ୍ଲା କାର୍ଯ୍ୟାଳୟ ପ୍ରାଙ୍ଗଣରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନତା ଅଭିଯାନ ଏକ ମହତ ଅଭିଯାନ ଅଟେ। ଦୁର୍ଗମ ଅଞ୍ଚଳରେ ଯେଉଁ ଶିଶୁ କୌଣସି କାରଣ ବଶତଃ ଅନାଥ ଓ ଅବହେଳିତ ଭାବେ କାଳାତିପାତ କରୁଛନ୍ତି, ସେମାନଙ୍କୁ ଥଇଥାନ କରିବାରେ ପୋଷ୍ୟ ସନ୍ତାନ ଗ୍ରହଣ ଯୋଜନା ଏକ ଅଭିନବ ଯୋଜନା। ଯେଉଁମାନଙ୍କ କୋଳରେ ସନ୍ତାନଟିଏ ନାହିଁ ବା ନିଃସନ୍ତାନ ଦମ୍ପତି ଏହି ଯୋଜନାରେ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଅନାଥ ଓ ଅବହେଳିତ ଶିଶୁ ବଞ୍ଚିବାର ରାହା ପାଇବା ସହ ନିଃସନ୍ତାନ ଦମ୍ପତି ମାତୃତ୍ୱର ଗୌରବ ଅର୍ଜନ ସହ ସାମାଜିକ ତାଚ୍ଛଲ୍ୟରୁ ରକ୍ଷା ପାଇ ସୁନ୍ଦର ପାରିବାରିକ ଜୀବନ ନିର୍ବାହ କରିପାରିବେ ବୋଲି କହିଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମଞ୍ଜୁଲତା ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆହ୍ୱାନ ଏଡର ଜିଲ୍ଲା ସଂଯୋଜକ ସୁବାସ ଦିଗଲ, ଜିଲ୍ଲା ଶିଶୁ ସୁରକ୍ଷା ଶାଖା ସୁରକ୍ଷା ଅଧିକାରୀ ଅର୍ଚ୍ଚନା କୁମାରୀ ସାମନ୍ତ, ବରିଷ୍ଠ ଆଇନଜିବୀ ଓ ଶିଶୁ ମଙ୍ଗଳ ସମିତି ସଦସ୍ୟ ଜୟନ୍ତ କୁମାର ଗୋସ୍ୱାମୀ, ଉତ୍କଳ ବାଳାଶ୍ରମ ଅଧୀକ୍ଷକ ସୁଶ୍ରୀ ପ୍ରଜ୍ଞାସିନୀ ସାହୁ ଓ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପୃକ୍ତ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

ଆଜି ଏହି ସଚେତନତା ରଥ ସୁକିନ୍ଦା ଓ ଦାନଗଦି ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୋଷ୍ୟ ସନ୍ତାନ ଗ୍ରହଣର ଉପକାରିତା ସମ୍ବନ୍ଧରେ ବ୍ୟାପକ ସଚେତନତା ବାର୍ତ୍ତା ଅଡିଓ ସଙ୍ଗୀତ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଇଛି। ଆସନ୍ତାକାଲିଠାରୁ ଜିଲ୍ଲାର ଅନ୍ୟ ବ୍ଲକ ପରିକ୍ରମା କରି ବିଭିନ୍ନ ଅଞ୍ଚଳରେ ବ୍ୟାପକ ସଚେତନତା ବାର୍ତ୍ତା ପ୍ରଚାର କରିବ।

# ଜୟନ୍ତରା ଓ କମାରଢିହି ପଞ୍ଚାୟତରେ ବ୍ୟାଙ୍କ ଶାଖା ଉଦ୍‌ଘାଟିତ



ଦଶରଥପୁର, ୨୯ ।୧୧ (ସମିସ): ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ସ୍ଥିର କରିଥିବାବେଳେ ମଙ୍ଗଳବାର ଦଶରଥପୁର ବ୍ଲକ ଅଧୀନ ଜୟନ୍ତରା ଓ କମାରଢ଼ିହି ପଞ୍ଚାୟତରେ ଏହି ବ୍ୟାଙ୍କ ସେବା କାର୍ଯ୍ୟ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜୟନ୍ତରା ପଞ୍ଚାୟତରେ ଶାଖା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ବିଡିଓ ଆକାଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ବ୍ୟବସ୍ଥା ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ଐତିହାସିକ ଯୋଜନା ବୋଲି ମତ ରଖିଥିଲେ। ସେହିପରି କମାରଢ଼ିହି ପଞ୍ଚାୟତରେ ଉଦ୍‌ଘାଟିତ ବ୍ୟାଙ୍କ ଶାଖା କାର୍ଯ୍ୟକ୍ରମରେ ବିଡିଓ ଆକାଶ ପଟ୍ଟନାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନାଙ୍କ ସମେତ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ପରଲୋକ

ବ୍ରହ୍ମବରଦା, ୨୯ ।୧୧(ସମିସ): ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥ ଛେନାଖିଆପାଟଣା ନିବାସୀ ବିରେନ ଗିରି(ବେଲ)ଙ୍କ ୬୮ ବର୍ଷ ବୟସରେ ପରଲୋକ ଘଟିଛି। ବିରେନ ଗିରି ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତ୍ୱର ହେବାରୁ ତାଙ୍କୁ କଟକସ୍ଥ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେ ଗତ ସୋମବାର ଭୋର ୪.୨୦ ମିନିଟ୍ ସମୟରେରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁରେ ବ୍ରହ୍ମବରଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱଗତ ଗିରିଙ୍କ ମରଶରୀର ବାସଭବନକୁ ଆଣିବାପରେ ବନ୍ଧୁ ପରିଜନ ଓ ସ୍ଥାନୀୟ ଜନପ୍ରତିନିଧି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଗିରି ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ସେ ବହୁ ଅନୁଷ୍ଠାନର ସ୍ରଷ୍ଟା ଥିବାବେଳେ ଛେନାଖିଆପାଟଣା ଗ୍ରାମର ପୂର୍ବତନ ମୁଖିଆ ଥିଲେ। ଗାଁ ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଚିତ୍ତରଞ୍ଜନ ଗିରି ମୁଖାଗ୍ନି ଦେଇଥିଲେ।

# ନିଖିଳ ଉତ୍କଳ ଶିଶୁ ମେଳା ସମିତିର ବାର୍ଷିକ ଉତ୍ସବ



ବଡ଼ଚଣା, ୨୯।୧୧(ସମିସ): ଚଣ୍ଡିଖୋଲ ନିକଟ ଗାନ୍ଧୀ ଛକସ୍ଥ ମା' ଯଶୋଦା ଉଚ୍ଚ ବିଦ୍ୟାଳୟ ପରିସରରେ ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୪ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଡଃ ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡଃ ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସଭାପତି ତଥା କୁନି ରାଇଜର ସମ୍ପାଦକ ଡଃ ଉପେନ୍ଦ୍ର କୁମାର ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ମା' ଯଶୋଦା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅଧ୍ୟାପକ ବିଜୟ କେତନ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପ୍ରସନ୍ନା ନାୟକ ଯୋଗଦେଇ ଦୀର୍ଘ ୪୪ ବର୍ଷ ଧରି ନିଖିଳ ଉତ୍କଳ ଶିଶୁମେଳା ସମିତି ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀ ଓ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଭୂମିକାକୁ ପ୍ରଶଂସା କରିବା ସହିତ ଡଃ ମହାପାତ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅଧ୍ୟପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମିତିର ସମ୍ପାଦକ ଶରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

ଏ ଅବସରରେ ଚଳିତ ବର୍ଷ ପାଇଁ ଡଃ ଉପେନ୍ଦ୍ର କୁମାର ଜେନାଙ୍କୁ ମା' ଯଶୋଦା ଶିଶୁମେଳା ପୁରସ୍କାର, ଡଃ ରମାକାନ୍ତ ନାୟକଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ଆଦର୍ଶ ଶିକ୍ଷକ ଭାବେ ମନୋଜ କୁମାର ରଣା, ଦଶରଥ ମହାପାତ. ନଳିନୀକାନ୍ତ ମୁଦୁଲି, ପ୍ରଶାନ୍ତ ମୋହନ ଦାଶ ଓ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ଅରୁଣା ଦ୍ୱିବେଦୀ, ସତ୍ୟଭାମା ଜେନା, ସେକ୍ ୟାସିନ୍ ଅଲ୍ଲୀ, ମୌସୁମୀ ଦାସ, ସାଇନାଜ୍ ପରବିନ, ବିମଳା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଗତ ହାଇସ୍କୁଲ ପରୀକ୍ଷାରେ ସଫଳତା ହାସଲ କରିଥିବା ବଡଚଣା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁରର ଛାତ୍ର ନିତୀଶ କୁମାର ସାହୁଙ୍କୁ କ୍ଷୀରୋଦ ଚନ୍ଦ୍ର ନାୟକ, ସକୁନ୍ତଳା ନାୟକ ସ୍ମୃତି ପୁରସ୍କାର, ଧର୍ମଶାଳା ବ୍ଲକ ବଳରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତିରଞ୍ଜନ ମିଶ୍ରଙ୍କୁ ପ୍ରତିଭା ମଞ୍ଜରୀ ଦାଶ ପ୍ରଦତ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ନୃତ୍ୟ, ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଚକ୍‌ଲେଟ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହସମ୍ପାଦକ ଶରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ତହସିଲଦାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ହଟୁନି ତୋରଣ

ବରୀ, ୨୯ ।୧୧(ସମିସ): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳ, ଦଳୀୟ କର୍ମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବରୀ-ବରୁଆଁ ରାସ୍ତା ଉପରେ ତୋରଣ ସ୍ଥାପନ କରାଯାଇଥିଲା। ଦୁର୍ଗାପୂଜା ଏକ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ତୋରଣ ଖୋଲାଯାଇନାହିଁ। ଏହି ରାସ୍ତାଟି ଗମନାଗମନ ପାଇଁ ମୁଖ୍ୟ ମାଧ୍ୟମ ହୋଇଥିବାରୁ ତୋରଣ ହଟା ନ ଯିବା ଯୋଗୁଁ ଯାନବାହନ ଯାତାୟାତରେ ବାଧା ଉପୁଜିଥିବାରୁ ଅଭିଯୋଗ ହୋଇଥିଲା। ଲୋକଙ୍କ ଅଭିଯୋଗକୁ ବିଚାର କରି ବରୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ତୋରଣ ହଟାଇବାକୁ ସର୍ବସାଧାରଣ ଇସ୍ତାହାର ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳ, ସେମାନଙ୍କ ଶୁଭେଚ୍ଛୁ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଗତ ତାରିଖରେ ଅନୁରୋଧ କରାଯାଇଥିଲା। ଇସ୍ତାହାର ପ୍ରକାଶନକୁ ଏକ ସପ୍ତାହରୁ ଅଧିକ ସମୟ ଅତିକ୍ରାନ୍ତ କରିଥିଲେ ମଧ୍ୟ ତୋରଣ ହଟା ନ ଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ତୋରଣ ହଟାଇବା କ୍ଷେତ୍ରରେ ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି।

## ଆନ୍ତଃବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଉପେନ୍ଦ୍ରନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ହରାଇ ବାଲିକୁଦା ଚାମ୍ପିଅନ୍

ଯାଜପୁର ଟାଉନ, ୨୯।୧୧ (ସମିସ): ଯାଜପୁର ସହରସ୍ଥ ନରସିଂହ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ମାଧ୍ୟମିକ ଶିକ୍ଷା ପରିଷଦ ସହଯୋଗରେ ଚାଲିଥିବା ଆନ୍ତଃବିଦ୍ୟାଳୟ ବାଳକ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୭ଟି ଜୋନ୍‌ର ବିଜୟୀ ଦଳ ଯୋଗ ଦେଇଥିଲେ। ଫାଇନାଲ ଖେଳରେ ଉପେନ୍ଦ୍ରନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହରାଇ ବାଲିକୁଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିଅନ୍ ହୋଇଛି।



ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଟକୃଷ୍ଣ ମହାପାତ୍ର ଯୋଗଦେଇ ଖେଳର ଅନୁଶାସନ ଉପରେ ଯୋର ଦେଇଥିଲେ। ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ ଯାଜପୁରରେ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ବିକାଶର ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଡଃ ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପୁରସ୍କାର ବିତରଣ କରିଥିଲେ ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଥିଲେ।ସମ୍ମାନିତ ଅତିଥି ଭାବେ ବିଚିତ୍ରପୁର ପଞ୍ଚାୟତର ସରପଞ୍ଚ ଦେବାଶିଷ ପଣ୍ଡା ଆନ୍ତଃବିଦ୍ୟାଳୟ ବାଳକ ଭଲିବଲ ପ୍ରତିଯୋଗିତାକୁ ନୂଆ ଓଡ଼ିଶା, ନବୀନ ଓଡ଼ିଶା ମାଧ୍ୟମରେ ଖେଳର ବିକାଶ ହେବ ବୋଲି ମନ୍ତବ୍ୟ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରୋଗ୍ରାମ ଅଫିସର ବିଶ୍ୱମୋହନ ଜେନା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏନସି ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ ସୂତାର ମଞ୍ଚ ପରିଚାଳନା କରିଥିଲେ। ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ରିତେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ବାରିକ, ମହେଶ୍ୱର ବିଶ୍ୱାଳ ଓ ଜିତେନ୍ଦ୍ର ମହାନ୍ତି ଖେଳ ପରିଚାଳନା କରିଥିଲେ।

# ଭିସିଆଇ କେମିକାଲ୍ କାରଖାନାର ଜନଶୁଣାଣି

ଦାନଗଦି, ୨୯ ।୧୧(ସମିସ): ମେସର୍ସ ଭିସିଆଇ କେମିକାଲ ପ୍ରାଇଭେଟ ଲିମିଟେଡ କାରଖାନା ପାଇଁ ଆଜି ଦାନଗଦି ଭବନରେ ଜନଶୁଣାଣିର ଆୟୋଜନ କରାଯାଇଥିଲା। ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଓ କଟେରିଗାଁ ଗ୍ରାମକୁ ନେଇ ୧.୦ ଏଲଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନଫିଲ୍ଡ କୋଲ୍ଟାର ଡିଷ୍ଟିଲେସନ୍ ପ୍ରକଳ୍ପ ସ୍ଥାପନ ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣିର ଆବଶ୍ୟକ ଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୁଣାଣି ଶିବିରରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଏସପି ଏସ୍ ଟପୋ, ଦାନଗଦି ତହସିଲଦାର ସ୍ମୃତିରେଖା ଦାସ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନ ୧୧ ଘଟିକା ସମୟରେ ଶୁଣାଣି ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୭ ଜଣଙ୍କ ବୟାନ ରେକର୍ଡ କରାଯାଇଥିଲା। ଯଖପୁରା, ମାନତିରା, ପଙ୍କପାଳ, ଚାନ୍ଦିଆ ଓ ମଙ୍ଗଳପୁର ପଞ୍ଚାୟତର ଶତାଧିକ ଜନସାଧାରଣ ପହଞ୍ଚି ଏହାକୁ ସ୍ୱାଗତ କରିଥିଲେ। କାରଖାନା କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ, ସ୍ଥାନୀୟ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଯଖପୁରା ଥାନା ଅଧିକାରୀ ସଞ୍ଜୟ ପରିଡ଼ା ଓ ପୁଲିସ୍ ଫୋର୍ସ ଉପସ୍ଥିତ ଥିଲେ।






## ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଫାଟି ଆଁ

# ଯାତାୟାତ ପାଇଁ ଅସୁବିଧାରେ ଛାତ୍ରଛାତ୍ରୀ

ବ୍ରହ୍ମବରଦା, ୨୯।୧୧(ସମିସ):

ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥ ଚାରିଗାରପୁରଠାରୁ ବ୍ରହ୍ମବରଦା କଲେଜ ସଂଯୋଗ କରୁଥିବା ରାସ୍ତା। ଯାହା ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ଫଟି ଆଁ କଲାଣି। ଏହି ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାର ଏଭଳି ଅବସ୍ଥା ହୋଇଛି। ଫଳରେ ଛାତ୍ରଛାତ୍ରୀ ଯାତାୟାତରେ ସମସ୍ୟା ଭୋଗ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ବ୍ରହ୍ମବରଦା କଲେଜକୁ ଛାତ୍ରଛାତ୍ରୀ ଯିବା ଆସିବା କରିବା, ଚାଷୀ ଚାଷ କ୍ଷେତକୁ ଯାତାୟାତ ପାଇଁ ନାଳିଗୋଡ଼ି ରାସ୍ତା ରହିଥିଲା। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଛାତ୍ରଛାତ୍ରୀ ଓ ଲୋକମାନେ ବହୁ ହଇରାଣ ହେଉଥିଲେ। ଉକ୍ତ ରାସ୍ତା ଗତ କିଛିବର୍ଷ ହେବ କଂକ୍ରିଟ ରାସ୍ତାରେ ରୂପାନ୍ତରିତ ହୋଇଥିଲା। ଦୁର୍ଭାଗ୍ୟର ବିଷୟ ଉକ୍ତ ରାସ୍ତା ଦେଇ ପ୍ରତିଦିନ କାକୁଡ଼ିକୁଦ ବାଲିଘାଟରୁ ବାଲି ପରିବହନ କରୁଥିବା ଶହ ଶହ ଭାରୀଯାନା ଯିବା ଫଳରେ ଉକ୍ତ ରାସ୍ତାର କିଛି ସ୍ଥାନରେ ଫାଟିଯାଇଛି ତ ଆଉ କେତେକ ସ୍ଥାନ ଦବିଯାଇ ଗାତ ସୃଷ୍ଟି ହୋଇଛି। ଯାହା ଛାତ୍ରଛାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦିନ ସମୟରେ ବାଲି ପରିବହନ କରୁଥିବା ଭାରୀଯାନା ଯିବା ଫଳରେ କଲେଜ ଛାତ୍ରଛାତ୍ରୀ ବହୁ ହଇରାଣ ହେଉଛନ୍ତି। ବାଲି ଉଡ଼ି ଆଖିରେ ପଡୁଥିବାରୁ ବହୁ ସମୟରେ ନିଜ ନିଜ ମଧ୍ୟରେ ଧକ୍କା ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଘଟଣା ନଜରକୁ ଆସିଛି। ଉକ୍ତ ରାସ୍ତା ଦେଇ ଦିନ ଓ ରାତିରେ ଓଭରଲୋଡ଼ିଂ ଭାରୀଯାନ ଯିବା ଫଳରେ ରାସ୍ତରା ଫାଟି ଆଁ କରିଛି। ଛାତ୍ରଛାତ୍ରୀ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ଼ କଥା କୁକୁଡ଼ିକୁଦ ବାଲିଘାଟରୁ ବାଲି ପରିବହନ ପାଇଁ କୁକୁଡ଼ିକୁଦ ଗ୍ରାମ ଦେଇ ଯିବା ପାଇଁ ରୋଡ଼ ମ୍ୟାପ ଥିବାବେଳେ ଏହା କିପରି ଦୀର୍ଘ ତିନିବର୍ଷ ହେବ ବ୍ରହ୍ମବରଦା କଲେଜ ଦେଇ ଭାରୀଯାନ ଯାତାୟତ କରୁଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ରାସ୍ତାରେ ବାଲି ପରିବହନ କରୁଥିବା ଭାରୀଯାନା ଯାତାୟାତ ବନ୍ଦ କରାଯିବା ପାଇଁ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାଁ ମୁରବିଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ବିଂଝାରପୁର, ୨୯।୧୧(ସମିସ): ମଇନ୍ଦା ଲେଙ୍କାସାହିର ଗାଁ ମୁରବୀ ତଥା ଯୁବ ସଂଗଠକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ପିତା ଦୁର୍ଗାଚରଣ ପରିଡ଼ା (୯୦) ଙ୍କ ମଙ୍ଗଳବାର ରାତିରେ ଦେହାନ୍ତ ହୋଇଯାଇଛି। ସେ ଜଣେ ଅମାୟିକ, ସରଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ଖବର ପାଇ ମଇଁଦା ବାସଭବନରେ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସମଗ୍ର ବିଂଝାରପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ବହୁ ବିଶିଷ୍ଟ ବ୍ୟକ୍ତି, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁରେଖା ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ସୁଶାନ୍ତ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଅଖିଳଚନ୍ଦ୍ର ପକ୍ଷରୁ ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ, ନନ୍ଦକିଶୋର ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଅଟଳ ବିହାରୀ ନାୟକ, ପୂର୍ବତନ ସରପଞ୍ଚ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଅହଲ୍ୟା ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ଧଳ, ଗୋବିନ୍ଦ ଜେନା, ପ୍ରିୟତମା ବେଉରିଆ, ଗଣେଶ ଚନ୍ଦ୍ର ଧଳ, ସ୍ମୃତିରଞ୍ଜନ ସାହୁ, ଯୁବନେତା ଜିତେନ୍ଦ୍ର ପ୍ରଧାନ, ରାଧାକାନ୍ତ ନାୟକ, କାମଦେବ ଧଳ ଶୋକ ପ୍ରକାଶ କରିଛନ୍ତି।



# ପରିକ୍ରମା ପ୍ରକଳ୍ପ କାମ ଅନୁଧ୍ୟାନ କଲେ '୫-ଟି' ଅଧ୍ୟକ୍ଷ





**ପୁରୀ,୨୯।୧୧(ସମିସ):** ସରି ସରି ଆସୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ। ଆସନ୍ତା ଜାନୁୟାରୀ ୧୭ ତାରିଖରେ ଏହାର ଲୋକାର୍ପଣ ହେବାକୁ ଥିବାବେଳେ ବାକି କାମ ଦ୍ରୁତଗତିରେ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ସ୍ୱପ୍ନର ପ୍ରକଳ୍ପକୁ ବାସ୍ତବତାର ରୂପ ଦେବା ପାଇଁ '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିୟମିତ ଏହାର ତଦାରଖ କରୁଛନ୍ତି।

## ରାଧାବଲ୍ଲଭ ମଠ ବୁଲି ଦେଖିଲେ

ବୁଧବାର ସେ ପୁରୀ ଆସି ପରିକ୍ରମା ପ୍ରକଳ୍ପ କାମର ଅନୁଧ୍ୟାନ କରିଛନ୍ତି। ଭୋରୁ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ପୁରୀରେ ପହଞ୍ଚିଥିଲେ। ପ୍ରଥମେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପ୍ରକଳ୍ପ କାମ ଦେଖିଥିଲେ। ଏହାପରେ ମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠକୁ ଯାଇଥିଲେ। ମଠ ପରିସର ବୁଲି ଦେଖିବା ସହ ମହନ୍ତ ରାମଚନ୍ଦ୍ର ଦାସ ମହାରାଜଙ୍କ ସହ କଥା ହୋଇଥିଲେ। ମଠ ପରିସର ବେଶ୍ ସୁନ୍ଦର ଲାଗୁଛି ବୋଲି ମହନ୍ତଙ୍କୁ କହିଥିଲେ। ପରେ '୫-ଟି' ଅଧ୍ୟକ୍ଷ ଜଗନ୍ନାଥବଲ୍ଲଭ ପରିସରକୁ ଯାଇଥିଲେ। ସେଠାରେ ନିର୍ମାଣାଧୀନ ଶ୍ରୀସେତୁର ସଂଯୋଗସ୍ଥଳ, ପିଲ୍ଗ୍ରୀମ ସେଣ୍ଟର, ବହୁତଳ ପାର୍କିଂ ଏବଂ ଦୋଳବେଦୀକୁ ସଂଯୋଗ କରିବାକୁ ଥିବା ରାସ୍ତା କାମ ଦେଖିଥିଲେ। ଧାର୍ଯ୍ୟ ସମୟରେ କାମ ସାରିବା ଲାଗି ନିର୍ମାଣକାରୀ ସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ '୫-ଟି' ଅଧ୍ୟକ୍ଷ ଭୁବନେଶ୍ୱର ଫେରିଯାଇଥିଲେ ।

# ୪୮ ଘଣ୍ଟାରେ ବାତ୍ୟା ଓଡ଼ିଶାକୁ ନାହିଁ ମିଚାଉଁ ବିପଦ

**ଭୁବନେଶ୍ୱର,୨୯ ।୧୧(ସମିସ):** ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଏହା ଅବପାତରେ ପରିଣତ ହେବ ଏବଂ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ରୂପ ନେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେବେ ସମ୍ଭାବ୍ୟ ବାତ୍ୟା ମିଚାଉଁର ପ୍ରଭାବ ଓଡ଼ିଶା ଉପରେ ବିଶେଷ ପଡ଼ିବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ ଦକ୍ଷିଣ ଆଣ୍ଡାମାନ ସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ବୁଧବାର ସକାଳ ୫ଟା ୩୦ରେ ଏହା ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପଶ୍ଚିମ, ଉତ୍ତର ପଶ୍ଚିମ ଦିଗରେ ଗତି କରିବ ଏବଂ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚି ଅଧିକ ଘନୀଭୂତ ହେବ। ଆସନ୍ତା କାଲି ଅର୍ଥାତ୍ ୩୦ ତାରିଖ ସୁଦ୍ଧା ଏହା ଅବପାତ ଓ ଏହାର ୪୮ ଘଣ୍ଟା ମଧ୍ୟରେ ବାତ୍ୟାରେ ପରିଣତ ହେବ। ତେବେ ବାତ୍ୟାର ତୀବ୍ରତା ଓ ଗତିପଥ କ'ଣ ରହିବ ସେ ନେଇ କୌଣସି ଆକଳନ କରାଯାଇନି। ଅବପାତ ସୃଷ୍ଟି ହେବା ପରେ ତାହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚି ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ର ରୂପ ନେବ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶାରେ ବର୍ଷା ହୋଇପାରେ। ଆସନ୍ତା ୩ ତାରିଖରେ ଏହି ଲଘୁଚାପ ବାତ୍ୟାର ରୂପ ନେବା ସହିତ ୪ତାରିଖରୁ ଉତ୍ତର-ପୂର୍ବରେ ଗତି କରି ୬ତାରିଖରେ ବାଂଲାଦେଶ ଉପକୂଳ ସ୍ପର୍ଶ କରିବ। ଫଳରେ ୪ ଓ ୫ ତାରିଖରେରେ ଓଡ଼ିଶାର ଦକ୍ଷିଣ ଉପକୂଳ ଓ ସଂଲଗ୍ନ ଜିଲ୍ଲା ଏବଂ ୫ ଓ ୬ତାରିଖରେ ଉତ୍ତର ଉପକୂଳ ଜିଲ୍ଲାରେ ବର୍ଷା ହୋଇପାରେ। ରାଜ୍ୟର ଉପକୂଳଠାରୁ ବହୁ ଦୂରରେ ଏହି ବାତ୍ୟା ଯିବାର ସମ୍ଭାବନା ଥିବାରୁ ରାଜ୍ୟରେ ପବନ ପାଇଁ ଭୟଭୀତ ହେବାର ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଗୁରୁବାର ଅବପାତ ସୃଷ୍ଟି ହେଉଥିଲେ ମଧ୍ୟ ତାହା ପ୍ରଭାବରେ ଓଡ଼ିଶା ଉପକୂଳ ତଥା ଓଡ଼ିଶାର କୌଣସି ଅଞ୍ଚଳକୁ ଚେତାବନୀ ଜାରି କରାଯାଇ ନାହିଁ। ଆସନ୍ତା ୩ ଓ ୪ତାରିଖରେ କେବଳ ହାଲୁକା ବର୍ଷା ହେବାର ଅନୁମାନ କରାଯାଉଛି। ମାତ୍ର

### ସ୍ୱଳ୍ପ ବର୍ଷା ସହ ଅଳ୍ପ ପବନ ଆଶଙ୍କା

ସମ୍ଭାବ୍ୟ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହୁଥିବାରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତା ୧ ତାରିଖରୁ ୪୦ରୁ ୫୦ କିମି ବେଗରେ ପବନ ବୋହିପାରେ। ପବନର ବେଗ ବଢ଼ି ୨ ତାରିଖ ବେଳକୁ ୫୦ରୁ ୬୦ କିମି ଓ ସର୍ବାଧିକ ୭୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଏହା ପ୍ରଭାବରେ ୧ ତାରିଖରୁ ସମୁଦ୍ର ଅଶାନ୍ତରୁ ଅଧିକ ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରୀୟ ବଙ୍ଗୋପସାଗରର ଗଭୀର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ଗଭୀର ସମୁଦ୍ରରେ ରହିଛନ୍ତି, ସେମାନେ ୧ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ କୁହାଯାଇଛି। ଆସନ୍ତା ୩ ତାରିଖଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ଥିବା ବେଳେ ସେହିଦିନ ଜଗତସିଂହପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ କନ୍ଧମାଳରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।











# କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଲେ ମନ୍ତ୍ରୀ ଓ ବିଧାୟକ ଜଣାଇଲେ ଶୁଭେଚ୍ଛା

**ଭୁବନେଶ୍ୱର,୨୯ ।୧୧(ସମିସ):** ବିଜେଡିରେ ଯୋଗ ଦେବା ପରେ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବହୁ ସାଂସଦ ଓ ମନ୍ତ୍ରୀ ଓ ବିଧାୟକ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି। ଏହିକ୍ରମରେ ଆଜି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ସୂର୍ଯ୍ୟମଣୀ ବୈଦ୍ୟ ପ୍ରମୁଖ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଶ୍ରୀ ପାଣ୍ଡିଆନଙ୍କ ଉଦ୍ୟମକୁ ସେମାନେ ପ୍ରଶଂସା କରିଛନ୍ତି।

## ଲୋକକଥା



ଅନ୍ତ ଘଟିଲା ମରଣ ସାଙ୍ଗରେ
ସତର ଦିନର ଲଢ଼େଇ,
ଜୀବନ ଜିତିଲା ସଂସାର ହସିଲା
ଖୁସିର କେତନ ଉଡ଼ଇ ।
କୌଶଳର କୃତି ରଡ଼ଇ,
ଅନନ୍ତ ଯା' ପ୍ରାଣ ରଖିବେ ତାହାକୁ
କିଏ ବା ପାରିବ ଛଡ଼େଇ !

### ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀର ଶୁଭାରମ୍ଭ

# ରାଜ୍ୟବାସୀ ଦେଖିବେ ଖ୍ୟାତନାମା ଶିଳ୍ପୀଙ୍କ ସୂକ୍ଷ୍ମ କଳାକୃତି

**ଭୁବନେଶ୍ୱର, ୨୯ ।୧୧(ସମିସ):** ରାଜ୍ୟବ୍ୟାପୀ ଚିତ୍ରକଳାର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଛି ଓଡ଼ିଶା ଲଳିତ କଳା ଏକାଡେମୀ ଓ ଭାଷା ସାହିତ୍ୟ ସଂସ୍କୃତି ବିଭାଗ। ଏହି ଅବସରରେ ଏକାଡେମୀ ଦ୍ୱାରା ସଂଗୃହୀତ ଚିତ୍ରକଳାଗୁଡ଼ିକୁ ନେଇ ଆଜି ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ଭ୍ରାମ୍ୟମାଣ ପ୍ରଦର୍ଶନୀର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ଡିସେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ସଦର ମହକୁମା ବା ପ୍ରମୁଖ ସହରରେ ଆୟୋଜନ କରାଯିବ। ଓଡ଼ିଶାର ଖ୍ୟାତନାମା ଶିଳ୍ପୀମାନଙ୍କର କଳାକୃତି ରାଜ୍ୟର ଜନସାଧାରଣ ତଥା ଶିଳ୍ପୀମାନେ ଦେଖିବାର ସୁଯୋଗ ପାଇବେ ଓ ରାଜ୍ୟର ସବୁ ଜିଲ୍ଲାରେ ଚିତ୍ରକଳାର ପ୍ରଚାର, ପ୍ରସାର ବ୍ୟାପକ କରିବା ଦିଗରେ ଏକାଡେମୀ ତରଫରୁ ଏହି ପ୍ରୟାସ କରାଯାଉଛି। ଏଥିରେ ଓଡ଼ିଶାର ସ୍ୱନାମଧନ୍ୟ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ୧୨୦ଟି କଳାକୃତି ରହିଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ଖ୍ୟାତନାମା ଦିବଂଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିମ୍ବାଧର ବର୍ମା, ମୁରଲୀଧର ଟାଲି, ଗୋକୁଳ ବିହାରୀ ପଟ୍ଟନାୟକ,



ମାର୍ଥା, ବଳଦେବ ମହାରଥା, ଚକ୍ରଧର ବେହେରା, ମୀନକେତନ ପଟ୍ଟନାୟକ,

- ଓଡ଼ିଶାରେ ଚିତ୍ରକଳାର ପ୍ରଚାର ଓ ପ୍ରସାର ପାଇଁ ଅଭିନବ ପ୍ରୟାସ
- ଚିତ୍ରକଳାର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଛି ଲଳିତ କଳା ଏକାଡେମି ଓ ସଂସ୍କୃତି ବିଭାଗ
- ମାସେ ଭିତରେ ସବୁ ଜିଲ୍ଲାରେ ହେବ ପ୍ରଦର୍ଶନୀ

ଜଗଦୀଶ ଚନ୍ଦ୍ର କାନୁନଗୋ, ମହେନ୍ଦ୍ର ପ୍ରସାଦ ମହାପାତ୍ର, ତାରାକାନ୍ତ ନିତ୍ୟାନନ୍ଦ ମହାପାତ୍ର, ଅସିତ ମୁଖାର୍ଜୀ, ବନବିହାରୀ ପରିଡ଼ା, ହରିଶ୍ଚନ୍ଦ୍ର ସିହ୍ନାବାବୁ, ଲଲାଟ ମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ଦାସ, ଶିବ ପାଣିଗ୍ରାହୀ, ବିନୋଦ ରାଉତରାୟ, ଚନ୍ଦ୍ରଶେଖର ରାଓ, ଡି. ଏନ. ରାଓ, ଦିନନାଥ ପାଠୀ, ବରିଷ୍ଠ ଚିତ୍ରଶିଳ୍ପୀ ପଦ୍ମନାଭ ବେହେରା, ଯତୀନ ଦାସ, ରାମହାରୀ ଜେନା, ଅମର ଜେନା, ବିପିନ ବିହାରୀ ପରିଡ଼ା, ସଙ୍ଗୀତା ପଟ୍ଟନାୟକ, ଭାଗବତ ମହାରଣା, ବିଜୟ ପରିଡ଼ା, ବୃନ୍ଦାବନ ମହାରଣା, ଦୀପ୍ତିପ୍ରକାଶ ମହାନ୍ତି, ଗୌରାଙ୍ଗ ବାରିକ, ରବିନାରାୟଣ ରଥ, ପ୍ରସନ୍ନ କୁମାର ସାହୁ, ବସନ୍ତ ପଣ୍ଡା, ଅନନ୍ତ ପଣ୍ଡା, ଗୋପାଳ କାନୁନଗୋ, ଯତୀନ ଦାସ, ଦୁର୍ଗାପ୍ରସାଦ ଦାସ, ଅଜିତ କେଶରୀ ରାୟ, ବିଭୁତି କାନୁନଗୋ ଓ ରବିନାରାୟଣ ନାୟକ ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ପ୍ରତ୍ୟେକ ଜିଲ୍ଲାରେ ୩ ଦିନ ଧରି ଅନୁଷ୍ଠିତ ହେବ। ଏହାକୁ ସାଧାରଣଜନତା, ଶିଳ୍ପୀ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀବୃନ୍ଦ ଦେଖିବାର ସୁଯୋଗ ପାଇପାରିବେ। ଏହି ଅବସରରେ କଳାକୃତିଗୁଡ଼ିକୁ ନେଇ ୩ଟି ସୁସଜ୍ଜିତ ଗାଡ଼ି ସଂସ୍କୃତି ଭବନ ପରିସରରୁ ବିଭିନ୍ନ ଜିଲ୍ଲା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଏକାଡେମୀର ସଚିବ ଡ. ପଞ୍ଚାନନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେବାରେ ରହୁ...

ଏହି ଅବସରରେ କୋଭିଡ୍ ପରିଚାଳନାରେ ନର୍ସିଂ ଅଫିସରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ '୫-ଟି' ନୀତି ଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଫଳପ୍ରଦ ହୋଇପାରିଛି। ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାରେ ରୂପାନ୍ତର ଆଜି ସମସ୍ତେ ଅନୁଭବ କରିପାରୁଛନ୍ତି। ଧନୀ, ଗରିବ ଆଜି ସମସ୍ତେ ସରକାରୀ ହସ୍‌ପିଟାଲରେ ମାଗଣାରେ ଉତ୍ତମ ଚିକିତ୍ସା ସୁବିଧା ପାଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ମୋ ସରକାର' ବ୍ୟବସ୍ଥାରେ ଲୋକଙ୍କ ଠାରୁ ଆସୁଥିବା 'ଫିଡ୍‌ବ୍ୟାକ୍' ବହୁତ ଉତ୍ସାହପ୍ରଦ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ରାଜ୍ୟବାସୀଙ୍କୁ ପର୍ଯ୍ୟାପ୍ତ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସବୁବେଳେ ପ୍ରୟାସ କରିଆସିଛୁ ବୋଲି କହିଛନ୍ତି। ନୂତନ ମେଡିକାଲ କଲେଜ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ନିଯୁକ୍ତି ଜରିଆରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁନିଶ୍ଚିତ କରାଯାଇଛି ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନବନିଯୁକ୍ତ ନର୍ସିଂ ଅଫିସରମାନଙ୍କ ସହ ମତ ବିନିମୟ ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆପଣମାନେ ଆଜି ନୂଆ ଚାକିରିରେ ଯୋଗଦେଇ ଯେପରି ଖୁସି ଅଛନ୍ତି, ଆପଣମାନଙ୍କ ପାଖକୁ ଯେଉଁ ଲୋକ ଚିକିତ୍ସା ପାଇଁ ଆସିବେ, ତାଙ୍କୁ ମଧ୍ୟ ଆପଣମାନେ ଏହିପରି ଖୁସି ଦେବାକୁ ଉଦ୍ୟମ କରନ୍ତୁ। ସେମାନଙ୍କୁ ଉତ୍ତମ ସେବା ପ୍ରଦାନ କରନ୍ତୁ। ଲୋକମାନେ ପୁଣ୍ୟ ପାଇଁ ମନ୍ଦିର ଯାଆନ୍ତି; କିନ୍ତୁ ଆପଣମାନେ ଏପରି ଚାକିରି ପାଇଛନ୍ତି, ଯେଉଁଥିରେ ରୋଗୀ ସେବା ଜରିଆରେ ଆପଣମାନେ ଭଗବାନଙ୍କ ଆଶୀର୍ବାଦ ପାଇବେ ଓ ପୁଣ୍ୟ ଅର୍ଜନ କରିବେ। ତେଣୁ ସ୍ୱଚ୍ଛତାର ସହ ସମସ୍ତଙ୍କୁ ସେବା ପ୍ରଦାନ କରିବାକୁ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଥିଲେ, ବିଭିନ୍ନ ଡାକ୍ତରଖାନାରେ ୩୭୩୨ ଜଣ ନର୍ସିଂ ଅଫିସରଙ୍କ ନୂଆ ନିଯୁକ୍ତି ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ। ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ନବନିଯୁକ୍ତ ନର୍ସିଂ ଅଫିସରଙ୍କ ମଧ୍ୟରୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜର ଲିପ୍‌ସା ନାୟକ, ମୟୂରଭଞ୍ଜର ଦିବ୍ୟଜ୍ୟୋତି ଖଣ୍ଡା ଏବଂ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ମିତା ବହିଦାର ପ୍ରମୁଖ ନିଯୁକ୍ତି ପ୍ରକ୍ରିୟାରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସ୍ୱଚ୍ଛତାର ସହ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ପାଇଁ ସେମାନେ ସମର୍ପିତ ହୋଇ କାର୍ଯ୍ୟ କରିବେ ବୋଲି କହିଥିଲେ।

### ଦିଲ୍ଲୀ, ମୁମ୍ବାଇ...

୪ ହଜାରରୁ ଅଧିକ ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। ବାୟୁ ପ୍ରଦୂଷଣ ଯୋଗୁଁ ୯୦ ପ୍ରତିଶତ ଲୋକ ବିଭିନ୍ନ ପ୍ରକାରର ରୋଗର ଶିକାର ହେଉଛନ୍ତି ବୋଲି ଜଣା ପଡ଼ିଥିଲା। ଏମାନେ କାଶ, ଶ୍ୱାସ ଜନିତ ରୋଗ, ଗଳା ଯନ୍ତ୍ରଣା, ମୁଣ୍ଡବିନ୍ଧା ଆଖି ନାଲି ପଡ଼ିବା ଆଦି ରୋଗରେ ପୀଡ଼ିତ। ସର୍ଭେ ରିପୋର୍ଟ ଅନୁଯାୟୀ ବାୟୁ ପ୍ରଦୂଷଣ ବୃଦ୍ଧି ଯୋଗୁଁ ମୁମ୍ବାଇ ଏବଂ ଦିଲ୍ଲୀର ପ୍ରତି ୧୦ରୁ ୬ ଜଣ ପରିବାର ସହର ଛାଡ଼ି ଅନ୍ୟତ୍ର ଯିବାକୁ ଚାହୁଁଛନ୍ତି। ପ୍ରଦୂଷଣ ସମ୍ବନ୍ଧିତ ରୋଗ ପାଇଁ ପ୍ରତି ୧୦ରୁ ୪ ପରିବାର ପ୍ରତି ବର୍ଷ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ଶୀତ ଦିନେ ବାୟୁ ପ୍ରଦୂଷଣ ବୃଦ୍ଧି ଲୋକଙ୍କ ଉପରେ ଗୁରୁତର ପ୍ରଭାବ ପକାଉଛି। ଏହି ସମୟରେ ୪୦ ପ୍ରତିଶତ ଲୋକ ଅସ୍ଥମା ଏବଂ ବ୍ରୋଙ୍କାଇଟିସ୍ ଭଳି ରୋଗରେ ପୀଡ଼ିତ ହେଉଛନ୍ତି। ବାୟୁ ପ୍ରଦୂଷଣରୁ ବର୍ତ୍ତିବା ପାଇଁ ୩୫ ପ୍ରତିଶତ ଲୋକ ବ୍ୟାୟାମ, ଯୋଗ ପ୍ରାଣାୟାମ ଆଦି କରୁଛନ୍ତି। ବାହାରକୁ ଗଲାବେଳେ ୩୦ ପ୍ରତିଶତ ଲୋକ ମାସ୍କ ପିନ୍ଧୁଛନ୍ତି। ତେବେ ବାୟୁ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଉଭୟ ସହର ମାତ୍ର ୨୭ ପ୍ରତିଶତ ଲୋକ 'ଏୟାର ପ୍ୟୁରିଫାୟାର' ବ୍ୟବହାର କରୁଛନ୍ତି। ଏହା ବ୍ୟବହାର କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବ ବୋଲି ୪୧ ପ୍ରତିଶତ ଲୋକ ଭାବୁଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ନିୟନ୍ତ୍ରଣ ପ୍ରଦୂଷଣ ବୋର୍ଡ (ସିପିସିବି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟ ଜାରି କରାଯାଇଛି। ଏଥିରେ ୨୪୨ ସହରରୁ ମାତ୍ର ୩୦ ସହରରେ ବାୟୁ ସ୍ୱଚ୍ଛ ଥିବା କୁହାଯାଇଛି। ୮୦ ସହରର ଏକ୍ୟୁଆଇ ସନ୍ତୋଷଜନକ ରହିଛି। ୯୦ ସହରର ବାୟୁ ମଧ୍ୟମ ଧରଣର ଏବଂ ୩୫ ସହର ସ୍ଥିତି ସବୁଠାରୁ ଖରାପ ରହିଛି। ଏହା ମଧ୍ୟରେ ଦିଲ୍ଲୀ ସାମିଲ ରହିଛି। ହନୁମାନଗଡ଼ି ସବୁଠାରୁ ପ୍ରଦୂଷିତ ରେକର୍ଡ କରାଯାଇଛି। ଏଠାକାର ଏକ୍ୟୁଆଇ ୪୦୮ ରହିଛି।

### ବସ୍ ଧର୍ମଘଟ...

ବସ ମାଲିକ ସଂଘ ସହିତ ଆଲୋଚନା ସଫଳ ହୋଇଥିବା ନେଇ ମନ୍ତ୍ରୀ ଶ୍ରୀମତୀ ସାହୁ ସୂଚନା ଦେବା ସହ ସଂଘ ଲକ୍ଷ୍ମୀ ଯୋଜନାକୁ ବିରୋଧ କରୁ ନାହାନ୍ତି ବୋଲିକହିଛନ୍ତି। ବସ୍ ମାଲିକଙ୍କ ଯାହା ଦାବି ଯାହା ଅଛି ସେମାନେ ଲିଖିତ ଆକାରରେ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ଲକ୍ଷ୍ମୀ ଯୋଜନା ଲୋକଙ୍କ ଆର୍ଥିକ ବିକାଶ ଦିଗରେ ସୁବିଧା ହେଉଛି। ଆଲୋଚନାରେ ସମସ୍ୟା ସମାଧାନ ହେବ। ଆନ୍ଦୋଳନ ନ ଯାଇ ସରକାରଙ୍କୁ ସହଯୋଗ କରନ୍ତୁ ବୋଲି ମନ୍ତ୍ରୀ କହିଛନ୍ତି। ବସ୍ ମାଲିକଙ୍କ ସମସ୍ୟା ଯାହା ଅଛି ଲିଖିତ ଭାବରେ ଦେବା ପରେ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି।

ବୈଠକ ପରେ ସଂଘ ପକ୍ଷରୁ କୁହାଯାଇଛି ଯେ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ବ୍ଲକରୁ ଜିଲ୍ଲାକୁ ଲକ୍ଷ୍ମୀ ବସ୍ ନ ଚଲାଇବା ପାଇଁ ସଂଘ କହିଛି। ତେବେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ବ୍ଲକରୁ ଜିଲ୍ଲାକୁ ବସ୍ ସେବା ଆରମ୍ଭ କରି ନ ଥିବା ବେଳେ ସଂଘ ଏଥିରେ ସନ୍ତୁଷ୍ଟି ପ୍ରକାଶ କରିଛି। ସେହିପରି ସହରାଞ୍ଚଳରେ ଚାଲୁଥିବା ମୋ ବସ୍ ଅନେକ ସ୍ଥାନରେ ଗ୍ରାମାଞ୍ଚଳକୁ ଯାଉଥିବା ନଇ ଅବଗତ କରାଯାଇଛି। ଯେଉଁଠାରେ ଏଭଳି ହେଉଛି, ତାହା ସମୀକ୍ଷା କରାଯାଇ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିବା ସଂଘ କହିଛି। ଏହି ଆଲୋଚନା ପରେ ୧ ଡିସେମ୍ବରରୁ ଦିଆଯାଇଥିବା ଧର୍ମଘଟ ଡାକରାକୁ ପ୍ରତ୍ୟାହାର କରାଯାଇଥିବା ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି।

### ମୟୂରଭଞ୍ଜର ଦାମୋଦରପୁର...

ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଏବଂ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଜନସାଧାରଣ ଉପକୃତ ହେବେ। ବିଶେଷକରି ଭୂତଳ ଜଳରସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ଏହି ପ୍ରକଳ୍ପ ବିଶେଷ ସହାୟକ ହେବ।

# ବ୍ୟବସାୟ ପ୍ରତିଷ୍ଠାନ ଉପରେ ଜିଏସଟି ଚଢ଼ଉ



**ଶୁକୁଳି/ଖୁଣ୍ଟ, ୨୯।୧୧(ସମିସ):** ଜିଏସଟି ଫାଙ୍କିବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକର ଏକ ପ୍ରତିଷ୍ଠିତ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଏକକାଳୀନ ୩ଟି ସ୍ଥାନରେ ଚଢଉ ଚାଲିଛି। ବୁଧବାର ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଛି। ରରୁଆଁ ବଜାରରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, ଇଟା ଫାକ୍ଟ୍ରି ଏବଂ ଶୁକୁଳି ବ୍ଲକ କୃଷ୍ଣପୁର ଗାଁରେ ବାରିପଦା ସିଟି ଜିଏସଟି ବିଭାଗର ଦୁଇ ଜଣିଆ ଟିମ ଏହି ଯାଞ୍ଚ ଚଳାଇଛନ୍ତି। ଏହି ଟିମ୍ ବିଭିନ୍ନ ପ୍ରକାର କାଗଜପତ୍ର ଦେଖିବା ସହିତ କମ୍ପ୍ୟୁଟର, ଲାପଟପ ଯାଞ୍ଚ ମଧ୍ୟ କରୁଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଜିଏସଟି ଠକେଇ ହୋଇଛି ଏବଂ ଆଗାମୀ ସମୟରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କମିଶନର କୁଳମଣି ମଲ୍ଲିକ ସୂଚନା ଦେଇଛନ୍ତି।

# ସଂପାଦକୀୟ

ଜନସାଧାରଣ ଦେଶର ବ୍ୟାଙ୍କିଙ୍ଗ ଓ ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ହାସଲ କରିଦେଲେ ଆସନ୍ତା କାଲିର ସୂର୍ଯ୍ୟୋଦୟ ପୂର୍ବରୁ ହିଁ ବୈପ୍ଲବିକ ପରିବର୍ତ୍ତନ ଆସିଯିବ ।
-ହେନେରି ଫୋର୍ଡ

ସକାଳ
THE SAKALA

## 'ଆମ ବ୍ୟାଙ୍କ' ଏକ ଐତିହାସିକ ପଦକ୍ଷେପ

ବ୍ୟକ୍ତିଗତ ଓ ସାମୂହିକ ପ୍ରଗତିରେ ଆଜିକାଲି ବ୍ୟାଙ୍କ ବ୍ୟବସ୍ଥାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଛି। ଉଦ୍ୟମିତା, ସଂଚୟ, ଋଣ ଓ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କ ପାଖକୁ ସିଧାସଳଖ ସରକାରୀ ସହାୟତା ପ୍ରେରଣ ନିମନ୍ତେ ବ୍ୟାଙ୍କ ସେବାର ମହତ୍ୱ ଅନସ୍ୱୀକାର୍ଯ୍ୟ। ସରକାର ଏବେ ସବୁ ଲୋକଙ୍କୁ ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ନିଃସନ୍ଦେହରେ ବ୍ୟାଙ୍କ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ତେବେ ବିଡ଼ମ୍ବନାର ବିଷୟ ହେଉଛି, ଦେଶର ସବୁ ପଞ୍ଚାୟତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ବ୍ୟାଙ୍କ ସୁବିଧା ଏପର୍ଯ୍ୟନ୍ତ ପହଞ୍ଚି ନାହିଁ। ଅବଶ୍ୟ ସରକାରୀ ଚାପ ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ ଧୀରେ ଧୀରେ ବ୍ୟାଙ୍କ-ସେବା-ରହିତ ଇଲାକାରେ ପ୍ରବେଶ କରୁଛନ୍ତି। ମାତ୍ର ଏହି ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର। ଘରୋଇ ବ୍ୟାଙ୍କମାନେ ତ କେବଳ ଅଧିକ ଜମା ଓ ଋଣ ଲଗାଣ ସମ୍ଭାବନା ଥିବା ଇଲାକାରେ ଶାଖା ଖୋଲି ମଫସଲ ଅଞ୍ଚଳରୁ ଏକ ପ୍ରକାର ମୁହଁ ମୋଡ଼ି ଦେଇଛନ୍ତି। ଏ ବିଷୟରେ ଓଡ଼ିଶାର ସ୍ଥିତି ସହଜ ଅନୁମେୟ। ରାଜ୍ୟର ୬୭୯୮ ଟି ପଞ୍ଚାୟତ ମଧ୍ୟରୁ ୪୩୭୩ରେ ବ୍ୟାଙ୍କ ସେବା ଏବେ ଉପଲବ୍ଧ ନାହିଁ।

ଏଭଳି ସ୍ଥିତି ଯୋଗୁଁ ଓଡ଼ିଶା ସରକାର ବ୍ୟାଙ୍କ ସେବା ନଥିବା ପଞ୍ଚାୟତ ମାନଙ୍କରେ ବ୍ୟାଙ୍କ ସେବା ଯୋଗାଣ ପାଇଁ ଯେଉଁ 'ଆମ ବ୍ୟାଙ୍କ' ଯୋଜନା ଆରମ୍ଭ କରିଛନ୍ତି, ତାହା ଅତ୍ୟନ୍ତ ଦୂରଦୃଷ୍ଟିସମ୍ପନ୍ନ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମ୍ପୂର୍ଣ୍ଣ ଦେଶରେ ଏହି ଯୋଜନା ଅଭିନବ। ଏହି ଐତିହାସିକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କର ଧନ୍ୟବାଦାର୍ହ। ନୂଆକରି ଓଡ଼ିଶାରେ ଯେଉଁ 'ଆମ ବ୍ୟାଙ୍କ' ସେବା ଆରମ୍ଭ ହୋଇଛି, ସେଥିରେ ହିତାଧିକାରୀଙ୍କୁ "ସିଏସ୍‌ପି ପ୍ଲସ୍" ବ୍ୟାଙ୍କିଙ୍ଗ ସୁବିଧା ମିଳିବ। ଛ'ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ପିଏନ୍‌ବି, ୟୁନିୟନ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ଏଥିରେ ସଂପୃକ୍ତ ହୋଇଛନ୍ତି। ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ ଇଲାକାରେ ଏହି ବ୍ୟାଙ୍କଗୁଡ଼ିକ ଲୋକଙ୍କୁ ୧୫ ପ୍ରକାର ବ୍ୟାଙ୍କ ସେବା ଯୋଗାଇ ଦେବେ। ସେଥିପାଇଁ ବ୍ୟାଙ୍କ ନଥିବା ସବୁ ପଞ୍ଚାୟତରେ ଆସନ୍ତା ଛ'ମାସ ମଧ୍ୟରେ କଷ୍ଟମର ସର୍ଭିସ୍ ପଏଣ୍ଟ ପ୍ଲସ୍ ବା ସିଏସ୍‌ପି ପ୍ଲସ୍ କେନ୍ଦ୍ରମାନ ସ୍ଥାପନ କରାଯିବ। ଭିତ୍ତିଭୂମି ନିମନ୍ତେ ରାଜ୍ୟ ସରକାର ଏହି ବ୍ୟାଙ୍କକେନ୍ଦ୍ରମାନଙ୍କୁ ସ୍ଥାନ, ବିଜୁଳି, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବେ। ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଏହି ସୁବିଧା ପ୍ରଦାନ କାର୍ଯ୍ୟ ସବୁ ବ୍ୟାଙ୍କ ନଥିବା ପଞ୍ଚାୟତରେ ଶେଷ ହେବ ବୋଲି ଘୋଷଣା କରାଯାଇଛି।

ଏହା ନିଶ୍ଚିତ ଭାବେ ଏକ ପ୍ରଗତିମୂଳକ ପଦକ୍ଷେପ। ଯୋଜନା ଆରମ୍ଭ ହେବା ସହିତ ପ୍ରଥମ ପର୍ଯ୍ୟାୟରେ ୭୫୪ ପଞ୍ଚାୟତକୁ ଏହି 'ଆମ ବ୍ୟାଙ୍କ' ସେବା ଯୋଗାଇ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଅବଶିଷ୍ଟ ସବୁ ବ୍ୟାଙ୍କ ନ ଥିବା ପଞ୍ଚାୟତରେ 'ଆମ ବ୍ୟାଙ୍କ' ସେବା ପ୍ରବର୍ତ୍ତନ ହେବ। କୌଣସି ଏକ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଏହାର ନିଖୁଣ ରୂପାୟନ, ତଦାରଖ ବ୍ୟବସ୍ଥା ଓ ସମୟମିଆଦ ବିଶେଷ ଗୁରୁତ୍ୱ ରଖେ। ଏହି ସେବାର ଗୁରୁତ୍ୱ ଉପଲବ୍ଧି କରି 'ଆମ ବ୍ୟାଙ୍କ'କୁ ରାଜ୍ୟ ସରକାର '୫-ଟି' ପ୍ରକରଣର ଅନ୍ତର୍ଭୁକ୍ତ କରିଥିବାରୁ ଏଥିରେ ରୂପାୟନଗତ ତ୍ରୁଟି ରହିବ ନାହିଁ ବୋଲି ଆଶା କରିବା ସ୍ୱାଭାବିକ। ଏହି ନୂତନ ପ୍ରକ୍ରିୟାରେ ଦୂରଦୂରାନ୍ତ ଲୋକେ ଆନୁଷ୍ଠାନିକ ବ୍ୟାଙ୍କ ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ସହଜରେ କାଳିଆ, ମମତା, ମଧୁବାବୁ ଆଦି ଯୋଜନାର ଭତ୍ତା ଓ ଅର୍ଥରାଶି ସିଧାସଳଖ ପଠା ଯାଇପାରିବ ଏବଂ ଏହି ଅର୍ଥ ପ୍ରେରଣ ପ୍ରକ୍ରିୟା ସ୍ୱଚ୍ଛ ତଥା ତ୍ୱରିତ ହୋଇପାରିବ।

ଲୋକଙ୍କୁ ଆର୍ଥିକ ଦୃଷ୍ଟିରୁ ସମାବେଶୀ କରିବାକୁ ହେଲେ ଆନୁଷ୍ଠାନିକ ବ୍ୟାଙ୍କ ବ୍ୟବସ୍ଥା ନିହାତି ଜରୁରୀ। ତେବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସବୁ ଯେଉଁ ଢଙ୍ଗରେ ଶାଖା ବିସ୍ତାର କରୁଛନ୍ତି, ସେଥିରେ ରାଜ୍ୟର ସବୁ ପଞ୍ଚାୟତରେ ବ୍ୟାଙ୍କ ସେବା ପହଞ୍ଚିବାକୁ ଅତିକମ୍‌ରେ ତିନି ଦଶନ୍ଧି ଲାଗିବ। ତେଣୁ ଏକ ବିକଳ୍ପ ବ୍ୟବସ୍ଥାରେ ଯଦି ଛ'ମାସ ମଧ୍ୟରେ ଏହି ସେବା ଲୋକଙ୍କୁ ଯୋଗାଇ ଦେଇ ହେବ, ତା'ଠାରୁ ଆଉ ଭଲ କଥା କିଛି ନାହିଁ। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯିଏ ଏଭଳି ଅଭିନବ ଯୋଜନା କାର୍ଯ୍ୟକାରୀ କରିଛି।

"ଆମ ବ୍ୟାଙ୍କ" ଯୋଜନା ଆରମ୍ଭ ପଛରେ ଗୋଟିଏ ବଡ଼ କାରଣ ହେଲା, ରାଜ୍ୟର ବହୁ ଦୂରଦୂରାନ୍ତ ଅଞ୍ଚଳରୁ ବହୁ ସଂଖ୍ୟାରେ ବିଭିନ୍ନ ସମାବେଶୀ ଯୋଜନାରେ ହିତାଧିକାରୀ ମାନେ ବାରମ୍ବାର ଅଭିଯୋଗ ଆଣିଥିଲେ ଯେ ପଞ୍ଚାୟତ ସ୍ତରରେ ମଧ୍ୟ ବ୍ୟାଙ୍କ୍ ସେବା ସବୁ ଯାଗାରେ ଉପଲବ୍ଧ ନଥିବାରୁ, ସେମାନେ ଅନେକ କେନ୍ଦ୍ରୀୟ ଯୋଜନାର ଲାଭ ପାଇପାରୁନାହାନ୍ତି। ଆମ ରାଜ୍ୟ ସରକାର, ଏହି ଅସୁବିଧା ସଂପର୍କରେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁନଥିଲା। ନିକଟ ଅତୀତରେ ନୂଆ ରେଳ ଲାଇନ୍ ନିର୍ମାଣ ଯୋଜନା, ରାଜଧାନୀ ମେଟ୍ରୋ ପ୍ରକଳ୍ପ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି କ୍ଷେତ୍ରରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ କାଳକ୍ଷେପଣ ନୀତିକୁ ଏଡ଼ାଇବାକୁ ଯାଇ ଏହି ପ୍ରକଳ୍ପଗୁଡ଼ିକ ନିଜ ଖର୍ଚ୍ଚରେ କାର୍ଯ୍ୟକାରୀ କରାଉଛନ୍ତି। ସେହିପରି ବ୍ୟାଙ୍କ୍ ଶାଖା ଖୋଲିବା ନୀତି ନିୟମର କଟକଣାକୁ ଏଡ଼ାଇବାପାଇଁ ଏହି ଅଭିନବ "ଆମ ବ୍ୟାଙ୍କ୍" ଯୋଜନା ଆରମ୍ଭ କରିଛନ୍ତି। କେବଳ ବ୍ୟାଙ୍କ୍ ସେବା ସୁବିଧା ନଥିବାରୁ ଦୂର ଗ୍ରାମାଞ୍ଚଳର ଗରିବ ହିତାଧିକାରୀ ଯେପରି ନିରାଶ ନହୁଅନ୍ତି, ସେଥିପାଇଁ ଆମ ରାଜ୍ୟ ସରକାର ଯେ ଚିନ୍ତିତ ହୋଇ ଏହି ପ୍ରତିକାର ବ୍ୟବସ୍ଥା କରିଛନ୍ତି ଏହା ସଫା ଜଣାପଡୁଛି।

ଓଡ଼ିଶା ସରକାରଙ୍କ ଅନେକ ଅଭିନବ ବିକାଶ ଓ ଜନମଙ୍ଗଳ ଯୋଜନା ଜାତୀୟସ୍ତରରେ ଆଗରୁ ମଡେଲ୍ ପାଲଟିଛି। 'ଆମ ବ୍ୟାଙ୍କ' ଯୋଜନା ମଧ୍ୟ ସେଭଳି ଏକ ଐତିହାସିକ ପଦକ୍ଷେପ, ଯାହା ଆଉ ଏକ ଅନନ୍ୟ ଉଦାହରଣ ପାଲଟିବାକୁ ଯାଉଛି। ଆଶା କରିବା ଏ ଯୋଜନା ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣରେ ନିଶ୍ଚୟ ସଫଳ ହେବ।

**ବନ୍ଦେ ଉତ୍କଳ ଜନନୀ !**

ଭାରତର ଜି-୨୦ ଅଧ୍ୟକ୍ଷତା: ଉଜ୍ଜ୍ୱଳ ଭବିଷ୍ୟତର ପ୍ରୟାସ

# ବିଶ୍ୱରେ ନୂତନ ବହୁପକ୍ଷବାଦର ପ୍ରାରମ୍ଭ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରିବାର ଆଜି ୩୬୫ ଦିନ ପୂରିଛି। 'ବସୁଧୈବ କୁଟୁମ୍ବକମ୍'- 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଭାବନାକୁ ପ୍ରତିଫଳିତ କରିବା, ସଂକଳ୍ପବଦ୍ଧ ହେବା ଏବଂ ଏହାକୁ ପୁନର୍ଜୀବିତ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ମୁହୂର୍ତ୍ତ ଉପନୀତ।

ଗତ ବର୍ଷ ଯେତେବେଳେ ଆମେ ଏହି ଦାୟିତ୍ୱ ଗ୍ରହଣ କରିଥିଲୁ, ବିଶ୍ୱ ପରିଦୃଶ୍ୟ ବହୁମୁଖୀ ଆହ୍ୱାନର ସମ୍ମୁଖୀନ ହୋଇଥିଲା: କୋଭିଡ୍ -୧୯ ମହାମାରୀରୁ ପୁନରୁଦ୍ଧାର, ଜଳବାୟୁ ସଙ୍କଟ, ଆର୍ଥିକ ଅସ୍ଥିରତା ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଋଣ ସଙ୍କଟ ସହିତ ହ୍ରାସ ପାଉଥିବା ବହୁପକ୍ଷବାଦ ଚିନ୍ତାର କାରଣ ପାଲଟିଥିଲା। ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିକାଶ ପାଇଁ ସହଯୋଗ କ୍ଷତିଗ୍ରସ୍ତ ହୋଇଛି, ପ୍ରଗତିରେ ବାଧା ସୃଷ୍ଟି ହୋଇଛି।

ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରି ଭାରତ ବିଶ୍ୱକୁ ସ୍ଥିତାବସ୍ଥାର ବିକଳ୍ପ ପ୍ରଦାନ କରିବାକୁ ଚାହୁଁଥିଲା, ଯାହା ଜିଡିପି-କେନ୍ଦ୍ରିତ ଆଭିମୁଖ୍ୟରୁ ମାନବ-କେନ୍ଦ୍ରିତ ପ୍ରଗତିକୁ ପରିବର୍ତ୍ତିତ ହୋଇଥିଲା। କେଉଁସବୁ କାରଣ ଆମକୁ ବିଭାଜିତ କରୁଛି, ତାହା ବଦଳରେ ଆମକୁ କେଉଁ କାରଣ ଏକାଠି କରିଥାଏ, ତାହା ବିଶ୍ୱକୁ ମନେ ପକାଇବାକୁ ଭାରତ ଲକ୍ଷ୍ୟ ରଖିଥିଲା। ଶେଷରେ, ଏକ ବିଶ୍ୱସ୍ତରୀୟ ବିଚାରବିମର୍ଶ ବିକଶିତ ହୋଇଥିଲା - ଅନେକଙ୍କ ଆକାଂକ୍ଷା ପାଇଁ ଅଳ୍ପ କିଛି ଲୋକଙ୍କ ସ୍ୱାର୍ଥ ବାଧ ହୋଇ ବାଟ ଛାଡ଼ିଥିଲା। ଏଥିପାଇଁ ବହୁପକ୍ଷବାଦର ମୌଳିକ ସଂସ୍କାର ଆବଶ୍ୟକ ଥିଲା, ଯାହା ଆମେ ପୂର୍ବରୁ ଜାଣିଥିଲୁ।

ସମାବେଶୀ, ଉଚ୍ଚାକାଂକ୍ଷୀ, କାର୍ଯ୍ୟଭିତ୍ତିକ ଏବଂ ନିର୍ଣ୍ଣାୟକ - ଜି-୨୦ ଅଧ୍ୟକ୍ଷ ଭାବରେ ଏହି ଚାରିଟି ଶବ୍ଦ ଆମର ଆଭିମୁଖ୍ୟକୁ ବ୍ୟାଖ୍ୟା କରିଥିଲା ଏବଂ ସମସ୍ତ ଜି-୨୦ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ନେତୃମଣ୍ଡଳୀଙ୍କ ଘୋଷଣାନାମା(ଏନଡିଏଲଡି) ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ।

ଅନ୍ତର୍ଭୁକ୍ତୀକରଣ ଆମ ଅଧ୍ୟକ୍ଷତାର କେନ୍ଦ୍ରରେ ରହିଛି। ଆଫ୍ରିକୀୟ ସଂଘ(ଏୟୁ)କୁ ଜି-୨୦ର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ୫୫ଟି ଆଫ୍ରିକୀୟ ଦେଶ ଏହି ମଞ୍ଚରେ ସାମିଲ ହୋଇଥିଲେ ଏବଂ ବିଶ୍ୱ ଜନସଂଖ୍ୟାର ୮୦% ଭାଗକୁ ସାମିଲ କରିବା ପାଇଁ ଏହି ମଞ୍ଚକୁ ବିସ୍ତାର କରିଥିଲେ। ଏହି ସକ୍ରିୟ ଆଭିମୁଖ୍ୟ ବୈଶ୍ୱିକ ଆହ୍ୱାନ ଏବଂ ସୁଯୋଗ ଉପରେ ଅଧିକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିଛି।

ଦୁଇଟି ସଂସ୍କରଣରେ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ 'ଭଏସ୍ ଅଫ୍ ଦି ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ' ବହୁପକ୍ଷବାଦର ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକ ଆଲୋଚନାରେ 'ଗ୍ଲୋବାଲ ସାଉଥ'ର ଚିନ୍ତାକୁ ଭାରତ ମୁଖ୍ୟସ୍ରୋତରେ ସାମିଲ କରିଛି ଏବଂ ଏକ ଯୁଗ ଆରମ୍ଭ କରିଛି ଯେଉଁଠାରେ ବିକାଶଶୀଳ ଦେଶମାନେ ବିଶ୍ୱ ପରିଦୃଶ୍ୟକୁ ଆକାର ଦେବାରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିବେ।

ଅନ୍ତର୍ଭୁକ୍ତୀକରଣ ମଧ୍ୟ ଜି-୨୦ ପ୍ରତି ଭାରତର ଘରୋଇ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥିଲା ଏବଂ ଏହାକୁ ଏକ ପିପୁଲ୍ସ ପ୍ରେସିଡେନ୍ସିରେ ପରିଣତ କରିଥିଲା, ଯାହା ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଅନୁରୂପ ହୋଇପାରିଛି। 'ଜନ ଭାଗିଦାରୀ' କାର୍ଯ୍ୟକ୍ରମ ଜରିଆରେ ଜି-୨୦ ୧୪୦ କୋଟି ନାଗରିକଙ୍କ ନିକଟରେ ପହଞ୍ଚିଛି, ଯେଉଁଥିରେ ସମସ୍ତ ରାଜ୍ୟ





ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପରେ ଭାରତ ସୁନିଶ୍ଚିତ କରିଛି ଯେ ଜି-୨୦ର ଉଦ୍ଦେଶ୍ୟ ଅନୁରୂପ ବ୍ୟାପକ ବିକାଶମୂଳକ ଲକ୍ଷ୍ୟ ପ୍ରତି ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା।

୨୦୩୦ ଏଜେଣ୍ଡାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରବିନ୍ଦୁରେ ଭାରତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜି-୨୦ କାର୍ଯ୍ୟଯୋଜନା ୨୦୨୩ ପ୍ରଦାନ କରିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥାୟିତ୍ୱ ସମେତ ପରସ୍ପର ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ପାଇଁ ଏକ କାର୍ଯ୍ୟକାରିତାଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିଛି।

ଏହି ଅଗ୍ରଗତିର ଏକ ପ୍ରମୁଖ କ୍ଷେତ୍ର ହେଉଛି ସୁଦୃଢ଼ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)। ଆଧାର, ୟୁପିଆଇ ଓ ଡିଜିଲକର ଭଳି ଡିଜିଟାଲ ଉଦ୍ଭାବନର ବୈପ୍ଳବିକ ପ୍ରଭାବ ପ୍ରତ୍ୟକ୍ଷ ଭାବେ ଦେଖିଥିବା ଭାରତ ଏଠାରେ ନିଜ ସୁପାରିସ କରିବାରେ ନିର୍ଣ୍ଣାୟକ ସାଜିଥିଲା। ଜି-୨୦ ଜରିଆରେ ଆମେ ସଫଳତାର ସହ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ରିପୋଜିଟୋରିକୁ ସମ୍ପୂର୍ଣ୍ଣ କରିଛୁ, ଯାହାକି ବିଶ୍ୱ ବୈଷୟିକ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୬ଟି ଦେଶର ୫୦ରୁ ଅଧିକ ଡିପିଆଇଙ୍କୁ ନେଇ ଗଠିତ ଏହି ଭଣ୍ଡାର ଗ୍ଲୋବାଲ ସାଉଥକୁ ଡିପିଆଇ ନିର୍ମାଣ, ଗ୍ରହଣ ଏବଂ ବିସ୍ତାର କରିବାରେ ସହାୟକ ହେବ।

ଆମର ଏକ ପୃଥିବୀ ପାଇଁ, ଆମେ ଜରୁରୀ, ସ୍ଥାୟୀ ଏବଂ ସମାନ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଉଚ୍ଚାକାଂକ୍ଷୀ ଏବଂ ସମାବେଶୀ ଲକ୍ଷ୍ୟ ପ୍ରଚଳନ କରିଛୁ। ଘୋଷଣାନାମାର 'ସବୁଜ ବିକାଶ ଚୁକ୍ତି' ସମ୍ପାଦିତ ହୋଇଛି। ନିଯୁକ୍ତି ଓ ପରିବେଶ ପରସ୍ପରର ଅନୁପୂରକ ହେବା, ଉପଭୋଗ ଜଳବାୟୁ ସଚେତନ ହେବା ଏବଂ ଉତ୍ପାଦନ ପୃଥିବୀ ଅନୁକୂଳ ହେବା ପାଇଁ ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ କରିବା ଜରିଆରେ କ୍ଷୁଧା ମୁକାବିଲା ଓ ପୃଥିବୀର ସୁରକ୍ଷା ମଧ୍ୟରେ ରହିଥିବା ଆହ୍ୱାନର ସମାଧାନ କରିବା ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଜି-୨୦ ଘୋଷଣାନାମାରେ ୨୦୩୦ ସୁଦ୍ଧା ବିଶ୍ୱ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବାକୁ କୁହାଯାଇଛି। ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ପ୍ରତିଷ୍ଠା ଏବଂ ସବୁଜ ହାଇଡ୍ରୋଜେନ ପାଇଁ ମିଳିତ ପ୍ରୟାସ ଏବଂ ଏକ ସ୍ୱଚ୍ଛ, ସବୁଜ ବିଶ୍ୱ ଗଠନ ପାଇଁ ଜି-୨୦ର ଆକାଂକ୍ଷା ଅନସ୍ୱୀକାରଯୋଗ୍ୟ। ଏହା ସର୍ବଦା ଭାରତର ନୀତି ରହିଆସିଛି। ଦୀର୍ଘସ୍ଥାୟୀ ବିକାଶ ପାଇଁ ଜୀବନଶୈଳୀ(ଏଲଆଇଏଫଇ) ମାଧ୍ୟମରେ ବିଶ୍ୱ ଆମର ବହୁ ପୁରୁଣା ସ୍ଥାୟୀ ପରମ୍ପରାରୁ ଉପକୃତ ହୋଇପାରିବ।

ଏହାବ୍ୟତୀତ, ଏହି ଘୋଷଣାନାମା ଜଳବାୟୁ ନ୍ୟାୟ ଏବଂ ସମାନତା ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ସୂଚାଇ ଦେଇଛି ଏବଂ ଗ୍ଲୋବାଲ ନର୍ଥଠାରୁ ଯଥେଷ୍ଟ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ଅନୁରୋଧ କରିଛି। ପ୍ରଥମ ଥର ପାଇଁ, ବିକାଶ ଅର୍ଥଯୋଗାଣର ପରିମାଣରେ ଆବଶ୍ୟକ ବୃଦ୍ଧି ଲାଗି ସ୍ୱୀକୃତି ମିଳିଛି, ଯାହା ବିଲିୟନ ଡଲାରରୁ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜି-୨୦ ସ୍ୱୀକାର କରିଛି ଯେ ବିକାଶଶୀଳ ଦେଶଗୁଡ଼ିକ ୨୦୩୦ ସୁଦ୍ଧା ସେମାନଙ୍କର ଜାତୀୟ ସଂକଳ୍ପବଦ୍ଧତା ଅବଦାନ (ଏନଡିସି) ପୂରଣ କରିବା ପାଇଁ ୫.୯ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି।

ଆବଶ୍ୟକ ବିପୁଳ ସମ୍ବଳକୁ ଦୃଷ୍ଟିରେ ରଖି ଜି-୨୦ ଉନ୍ନତ, ବୃହତ ଏବଂ ଅଧିକ ପ୍ରଭାବଶାଳୀ ବହୁପାକ୍ଷିକ ବିକାଶ ବ୍ୟାଙ୍କର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା। ଏହାସହିତ ଭାରତ ଜାତିସଂଘ ସଂସ୍କାର, ବିଶେଷକରି ଜାତିସଂଘ ନିରାପତ୍ତା ପରିଷଦ ଭଳି ପ୍ରମୁଖ ଅଙ୍ଗର ପୁନର୍ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ଯାହା ଅଧିକ ସମାନ ବୈଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବ।

ଏହି ଘୋଷଣାନାମାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଆସନ୍ତା ବର୍ଷ ମହିଳା ସଶକ୍ତୀକରଣ ଉପରେ ଏକ ସମର୍ପିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସହିତ ସାକାର ରୂପ ନେବ। ଭାରତର ମହିଳା ସଂରକ୍ଷଣ ବିଲ୍ ୨୦୨୩, ଦେଶର ସଂସଦ ଏବଂ ରାଜ୍ୟ ବିଧାନସଭାରେ ଏକ-ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରିବ, ଯାହାକି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

ନୀତି ସମନ୍ୱୟ, ବିଶ୍ୱସନୀୟ ବାଣିଜ୍ୟ ଏବଂ ଉଚ୍ଚାକାଂକ୍ଷୀ ଜଳବାୟୁ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଏହି ପ୍ରମୁଖ ପ୍ରାଥମିକତାଗୁଡ଼ିକରେ ସହଯୋଗର ଏକ ନୂତନ ଭାବନାକୁ ନୂଆଦିଲ୍ଲୀ ଘୋଷଣାନାମାରେ ପ୍ରତିଫଳିତ କରାଯାଇଛି। ଏହା ଗର୍ବର ବିଷୟ ଯେ ଆମ ଅଧ୍ୟକ୍ଷତା କାଳରେ ଜି-୨୦ ୮୭ଟି ପରିଣାମ ବିଶିଷ୍ଟ ଏବଂ ୧୧୮ଟି ଗୃହୀତ ଦସ୍ତାବିଜ ହାସଲ କରିଛି, ଯାହା ଅତୀତ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି।

ଆମର ଜି-୨୦ ଅଧ୍ୟକ୍ଷତା ସମୟରେ ଭାରତ ଭୂ-ରାଜନୈତିକ ପ୍ରସଙ୍ଗ, ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଉପରେ ଏହାର ପ୍ରଭାବ ଉପରେ ଆଲୋଚନାର ନେତୃତ୍ୱ ନେଇଥିଲା। ଆତଙ୍କବାଦ ଏବଂ ସାଧାରଣ ନାଗରିକଙ୍କ ଅଯଥା ହତ୍ୟା ଗ୍ରହଣୀୟ ନୁହେଁ ଏବଂ ଆମକୁ ଶୂନ୍ୟ ସହନଶୀଳତା ନୀତି ସହିତ ଏହାର ସମାଧାନ କରିବାକୁ ହେବ। ଶତ୍ରୁତାକୁ ଛାଡ଼ି ମାନବିକତାକୁ ଆମେ ଗ୍ରହଣ କରିବା ଉଚିତ ଏବଂ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଦୋହରାଇବା ଉଚିତ୍।

ମୁଁ ଆନନ୍ଦିତ ଯେ ଆମ ଅଧ୍ୟକ୍ଷତା କାଳରେ ଭାରତ ଅସାଧାରଣ ସଫଳତା ହାସଲ କରିଛି: ଏହା ବହୁପକ୍ଷବାଦକୁ ପୁନର୍ଜୀବିତ କରିଛି, ଗ୍ଲୋବାଲ ସାଉଥର ସ୍ୱରକୁ ବିସ୍ତାର କରି, ବିକାଶକୁ ପ୍ରୋତ୍ସାହିତ କରିଛି ଏବଂ ସବୁଠି ମହିଳା ସଶକ୍ତୀକରଣ ପାଇଁ ଲଢ଼େଇ କରିଛି।

ଯେତେବେଳେ ଆମେ ବ୍ରାଜିଲକୁ ଜି-୨୦ ଅଧ୍ୟକ୍ଷତା ହସ୍ତାନ୍ତର କରୁଛୁ, ଆମର ଏହି ବିଶ୍ୱାସ ରହିଛି ଯେ ଜନସାଧାରଣ, ପୃଥିବୀ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ସାମୂହିକ ପଦକ୍ଷେପ ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପରିଣାମ ଆଣିବ।

# ଏପଟେ ଅଜାକୁ ସେପଟେ ନାତି



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪୫୩୬୧୦

ରିୟା ରହେ ଆମେରିକାରେ। ପୁଅଟି ତା'ର ସେଠି ଜନ୍ମ ହୋଇଛି ବୋଲି ସେଠିକା ନାଗରିକତା ପାଇଯାଇଛି। ଏବେ ପିଲାଟି ଛୋଟ ଅଛି, ସ୍କୁଲ ଯାଉଚି। ସେ ତା'ର ଛୋଟ ପରିବାରରେ ଖୁବ୍ ଖୁସି। ତା'ର ଶାଶୂଶ୍ୱଶୁର ଓ ବାପାମା' ରହନ୍ତି ଓଡ଼ିଶାରେ। ସେମାନେ ମଧ୍ୟ ଆମେରିକା ଯାଇ ତା' ପାଖରେ ଦୁଇମାସ ଲେଖା ରହି ବୁଲି ଆସିଲେଣି। ତେବେ ଏଇ କିଛିଦିନ ହେଲା ରିୟାର ଶାଶୂଙ୍କ ଦେହ ଆଉ ଭଲ ରହୁନି। ସେ ଚାହୁଁଛନ୍ତି ପୁଅ ବୋହୂଙ୍କ ସହିତ ଶେଷ ସମୟଟି କାଟିବାକୁ। ପୁଅ ରାଜି ହୋଇ ସାରିଲାଣି ଆସିବାକୁ। କିନ୍ତୁ ରିୟା ଆସିବାକୁ ଚାହୁଁନି। ତା'କୁ ମନେ ହେଉଛି ସତେଯେମିତି ତା' ସ୍ୱାଧୀନତା ଟିକକ ହେବାକୁ ଯାଉଛି ହରଣଚାଳ। ଏଠିକି ଆସିଲେ ତା' ପିନ୍ଧା ପିନ୍ଧି, ଖାଇବା, ଚଳିବା ସବୁଥିରେ ଲାଗିଯିବ କଟକଣା। ପୁଣି କେବଳ ଶାଶୂ ଶ୍ୱଶୁର ନୁହନ୍ତି, ନଣନ୍ଦ, ଯାଆ, ବଡ଼ ଶ୍ୱଶୁର, ମାମୁଁ ଶ୍ୱଶୁର, ମାଉସୀ ଶାଶୂ, ସେମାନଙ୍କ ପିଲାମାନେ... ଆଦିଙ୍କ ଗହଳିରେ ସେ ହୋଇପଡ଼ିବ ଅଣନିଃଶ୍ୱାସୀ। ତା'କୁ ଲାଗୁଚି, ଏଠିକି ଆସିଲେ ତା' ଡେଣା କାଟି ତା'କୁ ପିଞ୍ଜରାବଦ୍ଧ କରି ଦିଆଯିବ।

ଠିକ୍ ଏହିପରି ହିଁ କିଛି ଭାବନ୍ତି ନନ୍ଦ ମାଉସୀ। ଦୁଇ ବର୍ଷ ତଳେ ପୁଅ ବାହା ହୋଇ ବୋହୂକୁ ନେଇ ଦିଲ୍ଲୀରେ ରହୁଚି। ବୋହୂର ପିଲାପିଲି ହେବାର ଅଛି। ସେ କିନ୍ତୁ ପୁଅକୁ ସଫା ସଫା ଶୁଣେଇ ଦେଇଛନ୍ତି। ଡେଲିଭରି ହେଉ କି ତା' ପରେ, ପୁଅ ବୋହୂ ଯେପରି ତାଙ୍କ ଠାରୁ କୌଣସି ସାହାଯ୍ୟ ଆଶା କରିବେ ନାହିଁ। ସେ ଯାଇ କାହା ପାଖରେ ଆୟା ହେବାକୁ ଇଚ୍ଛା କରନ୍ତି ନାହିଁ। ପୁଅ ତା' ଶାଶୂଙ୍କୁ ଡାକୁ ବା ଅନ୍ୟ କୌଣସି ବ୍ୟବସ୍ଥା କରୁ। ହଁ ସେ ମଝିରେ ମଝିରେ ବୁଲି ଯିବେ ଓ ଦୁଇ ଚାରି ଦିନ ରହି ଚାଲି ଆସିବେ।

ଏହା କେବଳ ବାପା ମା'ଙ୍କଠାରୁ ଦୂରରେ ରହୁଥିବା ପିଲାଙ୍କ କଥା ନୁହେଁ। ଏଇ ଭୁବନେଶ୍ୱରରେ ରହୁଥିବା ପୁଅବୋହୂ ଓ ଶାଶୂଶ୍ୱଶୁର ବି ଏବେ ଗୋଟିଏ ଆପାର୍ଟମେଣ୍ଟରେ ରହି ମଧ୍ୟ ରହୁଛନ୍ତି ଅଲଗା ଅଲଗା ଘରେ। ସମସ୍ତେ ନିଜ ନିଜ ସ୍ୱାଧୀନତାକୁ ଦେଉଛନ୍ତି ପ୍ରାଥମିକତା। ତେବେ ଏଥିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଘରର ଶିଶୁ ଓ ପରେ ପରେ ଘରର ବୟୋଜ୍ୟେଷ୍ଠମାନେ। ଉଭୟ ଶୈଶବ ଓ ବାର୍ଦ୍ଧକ୍ୟ ପରସ୍ପରଠାରୁ ଅଲଗା ହୋଇ ହରାଉ ଅଛନ୍ତି ଏକ ମହାର୍ଘ, ମଧୁର ତଥା ମହତ୍ତର ସମ୍ପର୍କର ଭାବ ବନ୍ଧନକୁ।

ସମସ୍ତେ ଚାହାନ୍ତି ସ୍ୱାଧୀନତା। ଚାହିଁବା ବି ସ୍ୱାଭାବିକ। କିନ୍ତୁ ବେଳେବେଳେ ଏହି ସ୍ୱାଧୀନତା ଆମ ପାଇଁ ସାବ୍ୟସ୍ତ ହୋଇ ଥାଏ ବିନାଶକାରୀ। କେଉଁ ଅପଦେବତାର ଅଭିଶାପରେ ବଶବର୍ତ୍ତୀ ହୋଇ କେହି ଆମ ମହାନ୍ ଭାରତୀୟ ସଂସ୍କୃତିର ମହତ୍ ପାରିବାରିକ ବ୍ୟବସ୍ଥା ଉପରେ କରିଥିଲା କୁଠାରାଘାତ, ଯାହା ଯୌଥ ପରିବାର ପରମ୍ପରାକୁ ଦୁଃଖୀ ପରିବାର ବୋଲି ପ୍ରମାଣ କରିବାକୁ ଯାଇ ଛୋଟ ପରିବାରକୁ ସୁଖୀ ପରିବାରର ଆଖ୍ୟା ଦେଲା। ଯାହାଫଳରେ ଆଜି ଏପଟେ ଅଜାକୁ ସେପଟେ ନାତି, ଉଭୟ ଉଭୟଙ୍କ ସାହଚର୍ଯ୍ୟ ଟିକିଏ ପାଇବା ପାଇଁ ହେଉଛନ୍ତି ତହଳବିକଳ। କାଳେ କାଳେ ଅଜା ଆଈ ଓ ଜେଜେ ଜେଜେମା ଙ୍କ ପାଇଁ ନାତି ନାତୁଣୀ ସାବ୍ୟସ୍ତ ହୋଇଛନ୍ତି ପୁଲକିତ ପସରାଟିଏ। ଗୋଟିଏ ପାକୁଆ ପାଟିର ହସ ଆଉ ଗୋଟିଏ ପାକୁଆ ପାଟିର ହସ ଦେଖି ଜୀବନକୁ ମଣିଛି ସାର୍ଥକ। ଦରୋଟି କଣ୍ଠରେ ଗୁଲୁଗୁଲିଆ କଥା ଶୁଣି ତମାମ ଜୀବନର ଦୁଃଖକୁ ଦେଇଚି ପାଶୋରି। ନିଜ ଅଭିଜ୍ଞତାକୁ ନିଷ୍କପଟତାର ସହ ବଖାଣି ଦେଇ ଲଭିଛି ଆତ୍ମସନ୍ତୋଷ। ଅତୀତ ଓ ଭବିଷ୍ୟତ ପରସ୍ପର ପରସ୍ପରକୁ ପାଇ ହୋଇଛନ୍ତି ଆତ୍ମବିଭୋର।

ଏ କ୍ଷେତ୍ରରେ ମଝିରେ ଥିବା ପିତାମାତା ସାଜନ୍ତି ସେତୁବନ୍ଧ। ହେଲେ ଏହି ପିତା ମାତା ଏବେ ନିଜର ସାମାନ୍ୟ ସ୍ୱାର୍ଥ ପାଇଁ "ଅତୀତ" ସହ ସମ୍ପର୍କ କରୁଛନ୍ତି ଛିନ୍ନ, ଯାହା "ଭବିଷ୍ୟତ" ପାଇଁ ମଙ୍ଗଳକର ନୁହେଁ। ସେମାନେ ଭୁଲି ଯାଉଛନ୍ତି ଯେ ତାଙ୍କ ବେଳ କାଳ ବି ଆସୁଚି। ସେମାନେ ବି ଦିନେ ଅତୀତ ହେବେ ଓ ଭବିଷ୍ୟତକୁ କୋଳରେ ନ ପାଇ ହେବେ ହନ୍ତସନ୍ତ।

ୟୁଏସ୍ ନେସନାଲ ଲାଇବ୍ରେରୀ ଅଫ୍ ମେଡିସିନ ଏଇ ଅଜା ଓ ନାତିର ସମ୍ପର୍କକୁ ନେଇ କରିଛନ୍ତି ଗୋଟିଏ ଗବେଷଣା। ସେମାନେ କେତେଗୁଡ଼ିଏ ଚମତ୍କାର ତଥ୍ୟ ପ୍ରଦାନ କରିଛନ୍ତି। ସେମାନଙ୍କ ମତରେ ଅତୀତ ଓ ଭବିଷ୍ୟତର ପିଢ଼ି ସପ୍ତାହକୁ ଯଦି ଏକାଠି ଗୋଟିଏ ଦିନ ବି ଏକତ୍ର କିଛି ସମୟ ବିତାନ୍ତି ତେବେ ଏହା ଉଭୟଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ବିସ୍ତାର କରେ। ଗଛଟିଏ ନିଜ ଚେରକୁ ହତାଦର କଲେ ଯେପରି ଅଚିରେ ହୁଏ ଭୂପତିତ, ଠିକ୍ ସେମିତି ଅତୀତ ହେଉଛି ଆମ ଐଶ୍ୱର୍ଯ୍ୟମୟ ସଂସ୍କୃତି ତଥା ପ୍ରଥା ପରମ୍ପରାର ପ୍ରାଣକେନ୍ଦ୍ର। ଭବିଷ୍ୟତ ଯେତେବେଳେ ଏହି ଗୌରବ ପୂର୍ଣ୍ଣ ଅତୀତର ସଂସ୍ପର୍ଶରେ ଆସିବ, ସେତେବେଳେ ସେ ମଧ୍ୟ ହେବ ମହିମାମଣ୍ଡିତ। ଜେଜେ ଠାକୁର ଘରକୁ ଗଲା ବେଳକୁ ନାତି ବା ନାତୁଣୀଟି ଆସି ଆସନ ବିଛେଇ ଦେବା, ଫୁଲ ମାଳ ଗୁନ୍ଥିବା, ଚନ୍ଦନ ଘୋରି ଦେବା ପରି ଛୋଟ ମୋଟ କାମ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ତା' ଉପରେ ଯେଉଁ ପ୍ରଭାବ ପକାଏ ତାହା କୌଣସି ବିଶ୍ୱବିଦ୍ୟାଳୟର ଶ୍ରେଣୀ ପ୍ରକୋଷ୍ଠରେ ସମ୍ଭବ ହୁଏନା।

ଅତୀତ ଓ ଭବିଷ୍ୟତ, ଉଭୟ ମିଶି ଉଭୟଙ୍କ ଜ୍ଞାନ ଭଣ୍ଡାରକୁ କରନ୍ତି ସମୃଦ୍ଧ। କୌତୁହଳୀ ମସ୍ତିଷ୍କଟିଏର କୌତୁହଳ ପ୍ରଶମନ କରୁ କରୁ ନିଜେ ଅଭିଜ୍ଞତା ସମ୍ପନ୍ନ ମସ୍ତିଷ୍କଟି ନିଜ ଅଜାଣତରେ ସ୍ମୃତିର ଅତଳ ଗର୍ଭରୁ ସାଉଁଟି ଆଣେ ମୁକ୍ତା। ପୌରାଣିକ କଥାରୁ ଆରମ୍ଭ ହୋଇ କେତେବେଳେ ତାହା ବୈଷୟିକ ଜ୍ଞାନକୌଶଳରେ ପହଁଚି ଯାଏ, ଦୁଇ ଜ୍ଞାନ ପିପାସୁ ସେ ବିଷୟରେ ନଥା'ନ୍ତି ସଚେତନ। ହସ କଉତୁକ, ଖେଳ କୁଦ, ଗପ ଗୀତ ମଧ୍ୟରେ ବିତିଥିବା ସମୟ ପାଲଟିଯାଏ ଅମୂଲ୍ୟ।

ବାର୍ଦ୍ଧକ୍ୟର ମାନସିକ ଅବସାଦର ସ୍ଥାନ ନିଏ ଆନନ୍ଦ। ବାର୍ଦ୍ଧକ୍ୟରେ କଟୁ ନଥିବା ସମୟ ଏତେ ସହଜରେ ସରିଯାଏ ଯେ ଅନେକ ଅବାଞ୍ଛିତ ଦୁଶ୍ଚିନ୍ତା ତାଙ୍କ ପାଖ ମାଡ଼େ ନାହିଁ। ଏପଟେ ଶୈଶବ ଓ କୈଶୋରର ରେ ନିସଙ୍ଗତା କ'ଣ ପିଲାଏ ଜାଣନ୍ତି ନାହିଁ, ଯାହା ଆଜିର ଏକ ନିର୍ମମ ନିଷ୍ଠୁରତା ହୋଇ ପିଲାଙ୍କ ସହିତ ଅଭିଭାବକଙ୍କୁ ମଧ୍ୟ କରୁଛି ବ୍ୟତିବ୍ୟସ୍ତ।

ଜାପାନରେ ଏକୁଟିଆ ପଣ ଏବେ ଏକ ବିରାଟ ସମସ୍ୟା ଭାବେ ମୁଣ୍ଡ ଟେକିଛି। ୨୦୨୨ରେ ହୋଇଥିବା ଏକ ସର୍ଭେରୁ ୪୦% ଜାପାନୀ ଏକାକିତ୍ୱର ଶିକାର ବୋଲି ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ରୂପେ ସେଠାକାର ନର୍ସିଂ ହୋମଗୁଡ଼ିକରେ ଏବେ ଶିଶୁମାନଙ୍କୁ ନିଯୁକ୍ତି ଦିଆ ଯାଉଛି। ନବଜାତକଠାରୁ ନେଇ ଦେଢ଼ ବର୍ଷର ଶିଶୁମାନେ ନିଜ ମା' ମାନଙ୍କ ସହିତ ଆସି ବୟସ୍କ ରୋଗୀଙ୍କର ନିସଙ୍ଗତା ଦୂର କରିବାରେ ସାହାଯ୍ୟ କରୁଛନ୍ତି। ରିନା ସିନୋହରା ନାମକ ଅଠର ମାସର ଝିଅଟିଏ ୧୦୦ ଜଣ ବୁଢ଼ା ବୁଢ଼ୀଙ୍କୁ ଖୁସିରେ ରଖିଥିବା ଜଣାପଡ଼ିଛି। ସେ ସପ୍ତାହକୁ ଥରେ ନିଜ ମା' ଙ୍କ ସହିତ ସେଠାକୁ ଆସେ। ଅନ୍ୟ ଦିନ ଅନ୍ୟ ଶିଶୁମାନେ ଆସନ୍ତି। ତେବେ ରିନାର ଉପସ୍ଥିତିକୁ ସମସ୍ତେ ଖୁବ୍ ଉପଭୋଗ କରନ୍ତି ବୋଲି କୁହା ଯାଇଛି। ଏଥିସହିତ ଏ ପିଲାମାନେ ନିଜ ବୟସର ଅନ୍ୟ ପିଲାଙ୍କ ସହିତ ମିଶିବାର ସୁଯୋଗ ପାଉଥିବାରୁ ସେଠାକୁ ଆସିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଯଦିଓ ଏଥିପାଇଁ ସେମାନଙ୍କୁ କାମ ଶେଷରେ ଦରମା ରୂପେ ଡାଇପର ଓ ଆଇସ୍କ୍ରିମ୍ ମିଳେ।

ଆମ ଦେଶରେ ଏପରି ଅବସ୍ଥା ଆସିନାହିଁ, କିନ୍ତୁ ଆସିବ ନାହିଁ ବୋଲି ଭାବିନେବା ମୂର୍ଖାମୀ ହେବ। ସାନ ଥିଲି, ଗୋଟେ ଚମତ୍କାର ଚିତ୍ର ଦେଖିଥିଲି। ଛବିଟିଏ ଏପରି ଅଙ୍କା ଯାଇଥିଲା ଯେ ତା'ର ଗୋଟିଏ ପଟେ ଅଜା ଓ ଆର ପଟେ ନାତିର ଚିତ୍ର ଥିଲା। ତା' ସହିତ ଥିଲା ଗୀତଟିଏ - ଦେଖ ଏ ଛବିର କି କରାମତି, ଏପଟେ ଅଜାକୁ ସେପଟେ ନାତି। ଆଜି ଏପଟ ଗୋଲାର୍ଦ୍ଧରେ ଅଜା ଥାଇ ସେପଟ ଗୋଲାର୍ଦ୍ଧରେ ଥିବା ନାତିକୁ ଝୁରି ହେଉଛି। ଖୁବ୍ ଦ୍ରୁତଗତିରେ ଏହି ଅପସଂସ୍କୃତି ଆମ ଦେଶରେ ବ୍ୟାପିବାରେ ଲାଗିଛି। "ବର୍ତ୍ତମାନ" ବେଳ ଥାଉ ଥାଉ ନ ହେଜିଲେ, "ଅତୀତ" ଓ "ଭବିଷ୍ୟତ" କୁ ହରାଇ ଏକୁଟିଆ ବସି ନିଜ ଲୁହ ନିଜେ ପୋଛିବା ହେବ ସାର।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com



# ହତ୍ୟା ପାଇଁ 'ସାପ ସୁପାରି'

**ଅନେକ ସମୟରେ ହତ୍ୟା ପାଇଁ ସୁପାରି କିଲରଙ୍କ ସହାୟତା ନେଇଥାନ୍ତି ଅପରାଧୀ । ତେବେ ରାଜ୍ୟରେ ସଂଘଟିତ କିଛି ଘଟଣାବଳୀକୁ ଦେଖିଲେ ସାପୁଆ କିମ୍ବା ସାପ ଧରାଳିଙ୍କୁ ଲୋଭ ଦେଖାଇ ସୁପାରି କିଲର ଭାବେ ବିଷଧର ସାପକୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ରାଜ୍ୟରେ ହତ୍ୟାକାଣ୍ଡ ଭଳି ଅପରାଧିକ କାର୍ଯ୍ୟରେ ବିଷଧର ସାପଙ୍କୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ରାଜ୍ୟରେ ଇତି ମଧ୍ୟରେ ୩ଟି ଏଭଳି ହତ୍ୟାକାଣ୍ଡ ଘଟଣାରେ ବିଷଧର ସାପଙ୍କୁ ଅଥବା ସାପର ବିଷକୁ ବ୍ୟବହାର କରାଯାଇଥିବା ଜଣାପଡ଼ିଛି ।**

୨୦୨୨ ଡିସେମ୍ବର ୩୦ତାରିଖରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡିରେ ସମ୍ପତ୍ତି ପାଇଁ ଜନ୍ମକଲା ମା'କୁ ହତ୍ୟା କରିଥିଲା ପୁଅ । ସେହିଭଳି ନିକଟରେ ଅର୍ଥାତ୍ ୨୦୨୩ ଅକ୍ଟୋବର ୭ତାରିଖରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅଢ଼େଇବର ଗାଁରେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀ ଓ ଦୁଇବର୍ଷର ଶିଶୁକନ୍ୟାକୁ ହତ୍ୟା କରିଛି ସ୍ୱାମୀ । ଏଥି ପୂର୍ବରୁ ଅକ୍ଟୋବର ୨୦୨୩ମସିହାରେ ଓଡ଼ଗାଁରେ ନାବାଳିକାଙ୍କୁ ଭୟଭିତ କରିବାକୁ ଯାଇ ନାବାଳିକାଙ୍କ ଘରେ ସାପ ଛାଡ଼ି ନିର୍ଯାତନା ଦେଇଥିଲା ଅଭିଯୁକ୍ତ । ଏଭଳି ୩ଟି ଘଟଣା ବିଭିନ୍ନ ସମୟରେ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ରିପୋର୍ଟ - ବ୍ରହ୍ମପୁରରୁ ଶକ୍ତିଧର, ନୟାଗଡ଼ରୁ ଅନିଲ୍





## କେରଳର କାଳକଥା

କେବଳ ଆମ ରାଜ୍ୟରେ କାହିଁକି ରାଜ୍ୟ ବାହାରେ ମଧ୍ୟ ଏଭଳି ଘଟଣା ଘଟିଥିବା ନଜିର ରହିଛି । ୨୦୨୦ମସିହାରେ କେରଳର ଅଞ୍ଚଲା ଅଞ୍ଚଳରେ ଉତ୍ତରା ନାମ୍ନୀ ଜଣେ ୨୫ ବର୍ଷୀୟା ଦିବ୍ୟାଙ୍ଗ ମହିଳାଙ୍କୁ ତାଙ୍କ ସ୍ୱାମୀ ସର୍ପଦଂଶନରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଯେଉଁ ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ କେ. ସରୋଜ କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୂଚନା ଅନୁଯାୟୀ କେ. ସରୋଜ କୁମାର ଜଣେ ବ୍ୟାଙ୍କ କର୍ମଚାରୀ । ସେ ଉତ୍ତରାଙ୍କୁ ବିବାହ କରିବା ପରେ ଗୋଟିଏ ବର୍ଷକର ସନ୍ତାନ ମଧ୍ୟ ଜନ୍ମ ହୋଇଥିଲା । କିନ୍ତୁ ବିବାହର ଦୁଇବର୍ଷ ପରେ ପତ୍ନୀ ଉତ୍ତରାଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁଥିଲେ ସୁରେଶ । କିନ୍ତୁ ଆଇନଗତ ଦୃଷ୍ଟିରୁ ଏହା ସମ୍ଭବ ହୋଇ ନ ଥିଲା । ଯେଉଁଥିପାଇଁ ଉତ୍ତରାଙ୍କୁ ଜୀବନରୁ ମାରିଦେବାକୁ ଚାହୁଁଥିଲା ସରୋଜ । ପ୍ରଥମେ ଏକ ସାପ ଆଣି ଉତ୍ତରଙ୍କ କୋଠରିରେ ଛାଡ଼ିଥିଲା । କିନ୍ତୁ ସର୍ପଦଂଶନ ପରେ ତାଙ୍କ ଚିକିତ୍ସା ପରିବା ପରେ ସେ ସୁସ୍ଥ ହୋଇଥିଲେ । ଉତ୍ତରାଙ୍କ ସର୍ପଦୋଷ ଥିବା ଦର୍ଶାଇ ସରୋଜ କାଙ୍କୁ ତାଙ୍କ ବାପ ଘରେ ଛାଡ଼ି ଦେଇଥିଲେ । ସେଠାରେ ଉଭୟ ରହୁଥିଲେ । ୨୦୨୦ ମେ ୬ ତାରିଖରେ ଉତ୍ତରା ଏବଂ ସରୋଜ ଶୋଇବାକୁ ଯାଇଥିଲେ । ସକାଳୁ ସରୋଜ ନିଦରୁ ଉଠିଥିଲେ ମଧ୍ୟ ଉତ୍ତରା ଆଉ ଉଠି ନ ଥିଲେ । ଉତ୍ତରାଙ୍କ ମାଆ ଯେତେବେଳେ ଘର ଭିତରକୁ ଗଲେ ଝିଅର ମୃତଦେହ ଦେଖିବାକୁ ପାଇଥିଲେ ଓ ଘର ଭିତରେ ଏକ ବିଷଧର ସାପକୁ ଦେଖିଥିଲେ । କିନ୍ତୁ ସରୋଜ ଅନ୍ୟଦିନ ଅପେକ୍ଷା ଆଗୁଆ ନିଦରୁ ଉଠିଯାଇଥିବାରୁ ଉତ୍ତରାଙ୍କ ମାଆ ସନ୍ଦେହ କରିଥିଲେ । ଏମିତି କି ପୂର୍ବରୁ ମଧ୍ୟ ଉତ୍ତରା ସର୍ପ ଦଂଶନର ଶିକାର ହୋଇଥିବାକୁ ତାଙ୍କ ବାପାମାଆଙ୍କର ସନ୍ଦେହ ଦ୍ୱିଗୁଣିତ ହୋଇଥିଲା । ଉତ୍ତରାଙ୍କ ମୃତ୍ୟୁର ସପ୍ତାହକ ପରେ ସରୋଜ ସାପ ଛାଡ଼ି ହତ୍ୟା କରିଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରିଥିଲା । ପାରିପାର୍ଶ୍ୱିକ ସ୍ଥିତି ବିଭିନ୍ନ ଲୋକଙ୍କ ବୟାନ ଓ ସରୋଜଙ୍କୁ ପଚରାଉଚରା କରିବା ପରେ ସତ୍ୟାସତ୍ୟ ଖୋଜି ବାହାର କରିବାରେ ପୁଲିସ ସକ୍ଷମ ହୋଇଥିଲା । ପତ୍ନୀଙ୍କୁ ହତ୍ୟା କରିବା ପାଇଁ ସରୋଜ ସାପ ଧରାଳି ସୁରେଶ କୁମାରଙ୍କଠାରୁ ଦଶ ହଜାର ଟଙ୍କା ବଦଳରେ ୨ଟି ବିଷଧର ସାପ କିଣିଥିବା ବିଷୟରେ ମଧ୍ୟ ପୁଲିସ ଜାଣିବାକୁ ପାଇଥିଲା । କେବଳ ସରୋଜ ନୁହନ୍ତି ସରୋଜଙ୍କ ବାପା ସୁରେନ୍ଦ୍ର ପାନିକର୍ ମାଆ ରେଣୁକା, ଭଉଣୀ ସୂର୍ଯ୍ୟା ଏବଂ ସାପ ଧରାଳି ସୁରେଶ କୁମାରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



## ପ୍ରେମ ପାଇଁ ସାପ ଧମକ୍

ଦୁଇମାସ ତଳେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସିଅନ୍ତର୍ଗତ ମନ୍ଦିର ରୋଡ୍ ଜଗା ଓରଫ୍ ଜଗନ୍ନାଥ ସାହୁ ନାମକ ଜଣେ ସାପ ଧରାଳି ଜୈନିକ ନାବାଳିକାଙ୍କୁ ସାପର ଭୟ ଦେଖାଇ ପ୍ରେମ ନିବେଦନ କରିବା ସହ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଥିଲା । ଏମିତି କି ବିବାହ କରିବା ପାଇଁ ବାଧ କରିଥିବା ବେଳେ ରାଜି ନ ହେଲେ ତାଙ୍କ ଘରେ ସାପ ଛାଡ଼ି ପରିବାର ଲୋକଙ୍କୁ ହତ୍ୟା କରିବା ପାଇଁ ଧମକ୍ ଦେଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ଓଡ଼ଗାଁ ପୁଲିସ ଜଗାକୁ ଗିରଫ କରିବା ପରେ ଏବେ ସେ ବିଚାର ବିଭାଗୀୟ କାରାଗାରରେ ରହିଛି । ଖବର ନେବାରୁ ଜଣାପଡ଼ିଛି, ଗତ ଅକ୍ଟୋବର ୧୩ ତାରିଖ ପୂର୍ବାହ୍ଣରେ ପୀଡ଼ିତା ଘରେ ଏକୁଟିଆ ରହିଥିବା ବେଳେ ଜଗା ଘର ମଧ୍ୟକୁ ପଶି ଅସଦାଚରଣ କରିଥିଲେ । ବିବାହ ପାଇଁ ଦାବି କରିଥିଲା । ବିବାହ ପାଇଁ ରାଜି ନ ହେଲେ ନାବାଳିକାଙ୍କ ଘରେ ସାପ ଛାଡ଼ି ଦେବାର ଧମକ ଦେଇଥିଲା ଜଗା । ଯାହାକୁ ନେଇ ଅକ୍ଟୋବର ୧୫ ତାରିଖରେ ପୀଡ଼ିତା ଜଣକ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ । ଓଡ଼ଗାଁ ପୁଲିସ ଅଭିଯୋଗକୁ ଗ୍ରହଣ କରିଥିବା ବେଳେ ଶରଣକୁଳ ଏସ୍ଡିପିଓ ସୁଧାକର ସାହୁ ଘଟଣାର ତଦନ୍ତ କରିଥିଲେ । ପୀଡ଼ିତାର ଅଭିଯୋଗକୁ ଭିତ୍ତିକରି ଜଗାକୁ ଅକ୍ଟୋବର ୧୭ ତାରିଖରେ ଗିରଫ କରାଯାଇଥିଲା ।

## ସାପ ଚୋଟରେ ଡବଲ୍ ମର୍ଡର

ଗତ ଅକ୍ଟୋବର ୭ ତାରିଖରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଢ଼େଇବର ଗାଁରେ ଗଣେଶ ପାତ୍ରଙ୍କ ସ୍ତ୍ରୀ ବାସନ୍ତୀ ଓ ୨ବର୍ଷର ଝିଅର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ତେବେ ଘଟଣାକୁ ନେଇ ସମସ୍ତଙ୍କର ସନ୍ଦେହ ଘନୀଭୂତ ହୋଇଥିଲା । ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁକରି ପୁଲିସ ତଦନ୍ତ କରୁଥିବା ବେଳେ ଘଟଣାର ୫ଦିନ ପରେ ଅର୍ଥାତ୍ ୧୨ତାରିଖରେ ଝିଅ ଓ ନାତୁଣୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ ମୃତ ବାସନ୍ତୀଙ୍କ ବାପା ଖଲି ପାତ୍ର । ସନ୍ଦେହରେ ଅଭିଯୁକ୍ତକୁ ଜେରା ସମୟରେ ଘଟଣାକ୍ରମ ସମ୍ପର୍କରେ ଖୁଲାସା କରିଥିଲା ଖୋଦ ଅଭିଯୁକ୍ତ । କାରଣ ଥିଲା ଦାମ୍ପତ୍ୟ ଜୀବନରେ ଫାଟ ଏବଂ ସ୍ତ୍ରୀର ଚରିତ୍ରକୁ ନେଇ ସନ୍ଦେହ । ଯେଉଁଥିପାଇଁ ପତ୍ନୀକୁ ହତ୍ୟା କରିବା ପାଇଁ ପୋଲସରାର ଜଣେ ସାପୁଆର ସହଯୋଗ ନେଇଥିଲା ଗଣେଶ । ବିଷଧର ନାଗ ସାପକୁ ଆଣି ସ୍ତ୍ରୀ ଓ ୨ବର୍ଷର ଝିଅ ଶୋଇଥିବା ଘରେ ଛାଡ଼ି ଦେଇଥିଲା । କାଳେ କେହି ସନ୍ଦେହ କରିବେ ସେଥିପାଇଁ ପରବର୍ତ୍ତୀ ସମୟରେ ଉକ୍ତ ସାପକୁ ମାରି ଦେଇଥିଲା । ପୁଲିସ ତଦନ୍ତ ବେଳେ ଗଣେଶ ନିଜେ ସାପ ଆଣି ଛାଡ଼ିଥିବା ସ୍ୱୀକାର ମଧ୍ୟ କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ପରେ ଏହି ଅମାନୁଷିକ ଡବଲ ମର୍ଡର ଏକ ସୁପରିକଳ୍ପିତ ହତ୍ୟା ବୋଲି ପୁଲିସ ସ୍ପଷ୍ଟ କରିଛି । ଉପରୋକ୍ତ ୩ଟି ଘଟଣାରେ ବିଷଧର ସାପକୁ ଆୟୁଧ ଭାବେ ବ୍ୟବହାର କରାଯାଇଛି । କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅଢ଼େଇବର ଗାଁରେ ହୋଇଥିବା ଡବଲ ମର୍ଡର ଘଟଣାରେ ପୁଲିସ 'ସ୍ନେକ ହେଲ୍ପ ଲାଇନ' ସଦସ୍ୟ ଶୁଭେନ୍ଦୁ କୁମାର ମଲ୍ଲିକଙ୍କର ସହଯୋଗ ଲୋଡ଼ିଥିଲା । ସାଧାରଣତଃ ହତ୍ୟା ଭଳି ଜଘନ୍ୟ କାଣ୍ଡରେ ଚିଟି ଓ ନାଗ ସାପ ଭଳି ବିଷଧର ସାପଙ୍କୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି । ତାଙ୍କର କହିବା କଥା ଏଭଳି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁକରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ନଚେତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବାରେ ସକ୍ଷମ ହେଉଛନ୍ତି ।





## ଦୋଷୀ ସାବ୍ୟସ୍ତ କରିବା କାଠିକର

ହତ୍ୟା ଭଳି ଘଟଣାରେ ସାପଙ୍କୁ ବ୍ୟବହାର କରିବା ବର୍ତ୍ତମାନ ନୂଆ ନୁହେଁ ବୋଲି କହିଛନ୍ତି (ଏଫ୍ଏମଟି) ବିଭାଗ ପ୍ରଫେସର୍ ଡାକ୍ତର କିରଣ କୁମାର ପଟ୍ଟନାୟକ । ତାଙ୍କର କହିବା ପ୍ରକାରେ ସାପକୁ ଯଦି କିଛି ସମୟ ଆବଦ୍ଧ କରି ରଖାଯାଏ ତେବେ ସେ ଉଗ୍ର ହୋଇଉଠେ ଏବଂ ଭୋକ ହେଲେ ତାର ପାଟିରୁ ବିଷକ୍ରିୟା ହୋଇଥାଏ । ଯାହାକୁ 'ନ୍ୟୁରୋ ଟକ୍ସିଟ' ବୋଲି କୁହାଯାଇଥାଏ । ବିଷଧର ସାପ ଦଂଶନ କଲେ ବା କାମୁଡ଼ିଲେ ଶରୀରର ଯେତେ ଉପରଭାଗକୁ ଆଘାତ ଲାଗିବ ସେତେ ଶୀଘ୍ର ମୃତ୍ୟୁହେବ । ଏଭଳି କ୍ଷେତ୍ରରେ ସାପ କେଉଁଠି ମାରିଛି ଓ କେତେ ପରିମାଣର ବିଷ ନିର୍ଗତ ହୋଇଛି ତାହା ଉପରେ ନିର୍ଭର କରିଥାଏ । ଶରୀରର ଯେତେ ଉପର ଭାଗରେ ସାପ ଆଘାତ କଲେ ହାର୍ଟ ଓ ବ୍ରେନକୁ ସିଧାସଳଖ ପ୍ରଭାବ ପକାଇଥାଏ ଏବଂ ୨୪ଘଣ୍ଟା ମଧ୍ୟରେ ରୋଗୀ ମୃତ୍ୟୁବରଣ କରିଥାଏ । ସାଧାରଣତଃ ସାପ କାମୁଡ଼ାରେ କିମ୍ବା ଦଂଶନରେ ଗୁରୁତର ହେବାରେ ଯୁବାବର୍ଗ ଅଧିକ ସମୟ ନେଇଥାନ୍ତି । ଏବଂ ଶିଶୁ ବା ବୟସ୍କଙ୍କ କ୍ଷେତ୍ରରେ ତୁଳନାତ୍ମକ ଭାବେ କମ୍ ସମୟରେ ଗୁରତର ହୋଇଥାନ୍ତି । ସାପ ଦଂଶନ ବା କାମୁଡ଼ାରେ ଶରୀରରେ ରକ୍ତକୁ ବିଷ ନ ଭେଦିଲେ ମୃତ୍ୟୁହେବା କଷ୍ଟକର । ଏଭଳି ଘଟଣାରେ ସାଧାରଣତଃ ବ୍ୟବଚ୍ଛେଦ ରିପୋର୍ଟ, ଅଭିଯୁକ୍ତର ସ୍ୱୀକାରୋକ୍ତି ଓ ପାରିପାର୍ଶ୍ୱିକ ସ୍ଥିତିକୁ ଆଧାର କରି ତଦନ୍ତ କରାଯାଇଥାଏ ବୋଲି କହିଛନ୍ତି ପ୍ରଫେସର୍ ଡାକ୍ତର କିରଣ ପଟ୍ଟନାୟକ । ତେବେ ଏଭଳି ଘଟଣାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା କାଠିକର ପାଠ ହୋଇଥିବାରୁ ବିଷଧର ସାପକୁ ହତ୍ୟା ଭଳି ଘଟଣାରେ ବ୍ୟବହାର କରୁଥିବା ଜଣାପଡ଼ିଛି ।



## ସମ୍ପତ୍ତି ପାଇଁ ଷଡ଼ଯନ୍ତ୍ର

ବ୍ରହ୍ମପୁର ସହରର ଗୋଇଲୁଣ୍ଡି ଅଞ୍ଚଳରେ ଜୟନ୍ତୀ ପଟ୍ଟନାୟକ (୬୬)ଙ୍କର ଦୁଇ ପୁଅ । ସତ୍ୟଜିତ ପଟ୍ଟନାୟକ ଓ ବିଶ୍ୱଜିତ ପଟ୍ଟନାୟକ । ବିଶ୍ୱଜିତ ବସଷ୍ଟାଣ୍ଡ ନିକଟରେ ବ୍ୟବସାୟ କରୁଥିଲେ । ଋଣ ଅର୍ଥକୁ ପରିଶୋଧ କରିବା ପାଇଁ ବିଶ୍ୱଜିତ ନିଜ ପୈତୃକ ଘରକୁ ବିକ୍ରି କରିବା ପାଇଁ ମାଆ ଜୟନ୍ତୀଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ । କିନ୍ତୁ ଜୟନ୍ତୀ ଏଥିରେ ସହମତି ପ୍ରକାଶ କରି ନ ଥିଲେ । ଫଳରେ ମାଆ ଜୟନ୍ତୀଙ୍କୁ ରାସ୍ତାରୁ ହଟାଇବା ପାଇଁ ବିଶ୍ୱଜିତ ରଚିଥିଲା ଷଡ଼ଯନ୍ତ୍ର । ୨୦୧୨ଡିସେମ୍ବର ୩୦ତାରିଖ ଦିନ ଜୟନ୍ତୀ ଘରେ ଶୋଇଥିବା ସମୟରେ ହଠାତ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ଖବର ପାଇ ସତ୍ୟଜିତ ପହଞ୍ଚି ଅସୁସ୍ଥ ମା'ଙ୍କୁ ମେଡିକାଲକୁ ନେଇଥିଲେ । ସେଠାରେ ଜୟନ୍ତୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଜୟନ୍ତୀଙ୍କ ମୃତ୍ୟୁକୁ ନେଇ ସତ୍ୟଜିତ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ । ପୁଲିସ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରିଥିଲା । ବ୍ୟବଚ୍ଛେଦ ରିପୋର୍ଟରେ ସାପ ବିଷକ୍ରିୟା ଯୋଗୁଁ ଶ୍ୱାସରୁଦ୍ଧ ହୋଇ ଜୟନ୍ତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ପରେ ପୁଲିସ ଘଟଣାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା । ତଦନ୍ତ ଅଧିକାରୀ ତଥା ତତ୍କାଳୀନ ବୈଦ୍ୟନାଥପୁର ଥାନା ଅଧିକାରୀ ଦୀପକ ମିଶ୍ର ଘଟଣାର ଅନୁସନ୍ଧାନ କରି ଜାଣିବାକୁ ପାଇଥିଲେ ଯେ' ବିଶ୍ୱଜିତ ଘରବିକ୍ରି ପାଇଁ ମାଆ ଜୟନ୍ତୀଙ୍କ ସହ ସର୍ବଦା ଝଗଡ଼ା କରୁଥିଲେ । ଘରବିକ୍ରି କରିବାକୁ ଜୟନ୍ତୀ ମନା କରିଦେବାରୁ ବିଶ୍ୱଜିତ୍ କୁକୁଡ଼ାଖଣ୍ଡି ଅଞ୍ଚଳର ସାପୁଆ ତ୍ରିନାଥ, ନୟାଗଡ଼ ଅଞ୍ଚଳର ଗୋପାଳ ପ୍ରଧାନ ଓ ଜୟନ୍ତୀଙ୍କ ଘରେ କାମ କରୁଥିବା ଲାଞ୍ଜିପଲ୍ଲୀ ଅଞ୍ଚଳର ମହିଳା ମଞ୍ଜୁଲତା ପାଢ଼ୀଙ୍କ ସହଯୋଗରେ ସାପର ବିଷ ସଂଗ୍ରହ କରି ଇଞ୍ଜେକସନ ସିରିଜ୍ ମାଧ୍ୟମରେ ଜୟନ୍ତୀଙ୍କ ଶରୀରରେ ଛାଡ଼ି ଦେଇଥିବା ଜଣାପଡ଼ିଥିଲା । ଏହି ଘଟଣାରେ ପୁଲିସ ପୁଅ ବିଶ୍ୱଜିତ, ସାପୁଆ ତ୍ରିନାଥଙ୍କ ସମେତ ଗୋପାଳ ଓ ମଞ୍ଜୁଲତାଙ୍କୁ ଗିରଫକରି ହତ୍ୟା ମାମଲାରେ କୋର୍ଟଚାଲାଣ କରିଥିଲା । ଘଟଣାରେ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ୨୦୨୨ମସିହା ଅକ୍ଟୋବର ୨୭ ତାରିଖରେ ୪ଜଣ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ।

ଛାୟାଗୀତି



ସୂର୍ଯ୍ୟ ଦେଓ

# ଶ୍ରୀଜଗନ୍ନାଥ ପରେ

'ଶ୍ରୀ ଜଗନ୍ନାଥ' ପରେ ଓଡ଼ିଆ ଚଳଚ୍ଚିତ୍ର ଗୀତିଧାରାରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଲା। ଯେଣୁ ଓଡ଼ିଆ ଚଳଚ୍ଚିତ୍ରର କଥାବସ୍ତୁ ପୌରାଣିକ ଆଖ୍ୟାନରୁ ସାମାଜିକ ପ୍ରସଙ୍ଗକୁ ଗଡିକଲା, ଏଣୁ ସ୍ୱାଭାବିକ ଭାବରେ ଚଳଚ୍ଚିତ୍ର ଗୀତ ରଚନା ଉପରେ ମଧ୍ୟ ତାହାର ପ୍ରଭାବ ପଡ଼ିଲା। ୧୯୫୧ ମସିହାରେ ମୁକ୍ତିପ୍ରାପ୍ତ 'ରୋଲସ୍ ଟୁ ଏଇଟ୍' ପ୍ରଥମ ଓଡ଼ିଆ ସାମାଜିକ ଚଳଚ୍ଚିତ୍ର। ୧୯୫୧ରୁ ୧୯୫୯ ପର୍ଯ୍ୟନ୍ତ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରର ସଂଖ୍ୟା ମାତ୍ର ୭। ଯଥାକ୍ରମେ ୧୯୫୧ରେ ମୁକ୍ତିପ୍ରାପ୍ତ ଗ୍ରେଟ୍ ଇଷ୍ଟର୍ଣ୍ଣ ମୁଭିଟୋନ୍ ପ୍ରଯୋଜିତ 'ରୋଲ୍ସ ଟୁ ଏଇଟ୍' ଓ 'ସପ୍ତଶଯ୍ୟା', ୧୯୫୩ରେ ମୁକ୍ତିପ୍ରାପ୍ତ ଉତ୍କଳ ଚିତ୍ର ପ୍ରତିଷ୍ଠାନର 'ଆମରି ଗାଁ ଝିଅ', ୧୯୫୪ରେ ରାଧା ପିକଚର୍ସର କେଦାର ଗୌରୀ', ଚିତ୍ରମ୍ ପ୍ରଯୋଜିତ ୧୯୫୬ର 'ଭାଇ ଭାଇ' ଓ ୧୯୫୮ର 'ମା' ଏବଂ ୧୯୫୯ରେ ଉତ୍କଳ ଚଳଚ୍ଚିତ୍ର ପ୍ରତିଷ୍ଠାନର 'ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା'। ଉଲ୍ଲେଖଯୋଗ୍ୟ ଯେ ଏହି ସମୟ ସୀମା ମଧ୍ୟରେ ନିର୍ମିତ ଚଳଚ୍ଚିତ୍ର ମଧ୍ୟରୁ କେବଳ 'ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା' ପୌରାଣିକ କଥାବସ୍ତୁକୁ ଭିତ୍ତି କରିଛି। 'ଶ୍ରୀଶ୍ରୀ ମହାଲକ୍ଷ୍ମୀ ପୂଜା' ଚଳଚ୍ଚିତ୍ର ବୈଷ୍ଣବୀୟ ପଞ୍ଚସଖା ଯୁଗର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ଆଧାରରେ ନିର୍ମିତ ହୋଇଥିଲା। ଅତଏବ ଅନ୍ୟ ଯେଉଁ ଛଅଟି ଚଳଚ୍ଚିତ୍ର ଏହି ସମୟସୀମା ମଧ୍ୟରେ ନିର୍ମିତ ହୋଇଛି, ସେସବୁର ଗୀତ ଓ ସଂଗୀତରେ ଆଧୁନିକ ବୋଧ ବେଶ୍ ସ୍ପଷ୍ଟ। ୧୯୫୦ ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଅଳଙ୍କାରର ଯେଉଁ ଅତିଶଯ୍ୟ ରହିଥିଲା, ତାହା ଏହି ଛଅଟି ଚଳଚ୍ଚିତ୍ର ଗୀତରେ କ୍ରମେ କ୍ରମେ କ୍ଷୀଣ ହେଲା। ଏହି ସମୟସୀମାରେ ଓଡ଼ିଆ ଭାଷାର ମୌଖିକ ପରମ୍ପରାକୁ ସମାଯୋଜନ କରି ଏକ ସହଜ ଓ ସକ୍ଷମ ଓଡ଼ିଆ ଗୀତଶୈଳୀର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେଲା। ଛନ୍ଦ ନିର୍ମାଣର କୌଶଳ ଓ ଶବ୍ଦକୁ ନେଇ ଉଚ୍ଚାରଣର ଲୟ ପ୍ରତିଷ୍ଠା ପ୍ରକ୍ରିୟା ଏବଂ ବିଶୁଦ୍ଧ ଓଡ଼ିଆ ଶବ୍ଦର କାବ୍ୟିକ ବ୍ୟବହାର ମଧ୍ୟ ଏହି ସମୟ ସୀମାରେ ଜାଗରିତ ହେଲା।

୧୯୫୦ରୁ ୫୯ ପର୍ଯ୍ୟନ୍ତ ଯେଉଁ ସାତଟି ଚଳଚ୍ଚିତ୍ର, ସେସବୁର ଗୀତ ମହତ୍ତ୍ୱରେ ଶବ୍ଦର ନିଜର ମହତ୍ତ୍ୱ ଯେତେ, ତାହାଠାରୁ ବହୁଗୁଣରେ ଅଧିକ ଶବ୍ଦ ବ୍ୟବହାରର ପାରିପାର୍ଶ୍ୱର ଓ ଧ୍ୱନି। ଏହାର ଉଦାହରଣ ଭାବରେ 'ରୋଲସ୍ ଟୁ ଏଇଟ୍' ଚଳଚ୍ଚିତ୍ରର ଗୀତସବୁକୁ ନିଆଯାଇପାରେ। ଏହି ଚଳଚ୍ଚିତ୍ରରେ ଛଅଟି ଗୀତ ଥିଲା।



ବ୍ରଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ରଚିତ ହିନ୍ଦୀ ଯୁଗଳ ଗୀତ 'ନା ଯାନା ଇଂଲଣ୍ଡ ଓ ଡିଅର/ ଛୋଡ୍ କେ ଭାରତ ପ୍ୟାରା/ ଇଣ୍ଡିଅନ୍ କେ ସଙ୍ଗ୍ ଲଭ୍ ଯୋ କୀ ତୋ/ ଇଣ୍ଡିଆ ଦେଶ୍ ତୁମ୍ହାରା' ସହିତ ତାଙ୍କର ଅନ୍ୟ ଦୁଇ ରଚନା 'ମନ ମୋର ସପନର ପକ୍ଷୀରାଜେ/ ସପ୍ତସାଗର ହୋଇ ପାର/ ଏଡ଼ିକି ନଅରେ ତୁମ ଆଗୋ ରାଜକୁମାରୀ/ ଜୀବନର ନିଅ ତୁମେ ଭାର/ ସପ୍ତସାଗର ହୋଇ ପାର' ଓ 'ରାଜାର କୁମାର ମୋର/ କେଉଁ ଦେଶେ ତମ ଘର/ କିପରି ଏ ମାୟାପୁରେ ଆସିଲ' ମଧ୍ୟ 'ରୋଲସ୍ ଟୁ ଏଇଟ୍'ରେ ସଂଯୁକ୍ତ ହୋଇଛି। କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ 'ବନଫୁଲ ବନେ ଝାଉଁଳିଲା/ ଦଗାଦିଆ ଭଅଁର ସେ ଦୂର ଦେଖା ଦେଲାରେ/ ସଞ୍ଜ ଗଡ଼ି ରାତି ହେଲା/ ଫୁକିଆ ଉଇଁଲା, ଆଜି ଗଲା କାଲି ହେଲା/ ଆଜି ପୁଣି ଗଲା ତ ସେ କାଲି ନାହିଁ/, ଧନ! ମନ ମଉଳିଲାରେ/ ବନଫୁଲ ବନେ ଝାଉଁଳିଲା' ଓ 'ବସନ୍ତରେ ବସନ୍ତରେ ବସନ୍ତରେ/ ସରଗ ପରଶେ ଚାନ୍ଦ ହସିହସି ଲୁଚକାଳି/ ଖେଳେ ମଧୁକରେ ମଧୁକରେ' ସହିତ ରାଧାରମଣ ରାୟଙ୍କ 'ମରୁଆ ଫୁଟିଲା ବନେ/ ମନକଥା ମୋର ମନେ ନ ମନେ/ ମନ ନ ମାନେ ମୋ/ ନାହିଁ କେ ଶୁଣିବ ଜଣେ' ଗୀତ ମଧ୍ୟ 'ରୋଲସ୍ ଟୁ ଏଇଟ୍'ରେ ରହିଛି। ଲକ୍ଷଣୀୟ ଯେ ବ୍ରଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ରଚନାରେ ଶବ୍ଦର ସେମିତି କିଛି ମାଧୁର୍ଯ୍ୟ ନାହିଁ, ମାଧୁର୍ଯ୍ୟ ଅଛି ଶବ୍ଦ ଖଞ୍ଜିବାର ସ୍ଥାନରେ। ସମ୍ଭବତଃ ଏହି ଗୀତରୁ ସାମାଜିକ ଓଡ଼ିଆ ଚଳଚ୍ଚିତ୍ରରେ ଘଟନାକୁ ନେଇ ପ୍ରଣୟ ଗୀତ ରଚିବାର ପରମ୍ପରା ଆରମ୍ଭ ହେଲା। ପ୍ରେମିକର ବକ୍ତବ୍ୟ 'ମନର ପକ୍ଷୀରାଜରେ ତମ ନଅରକୁ ଆସିଲି ଓ ତମେ ମୋ ଜୀବନର ଭାର ନେଇଯାଅ' ଏବଂ ପ୍ରେମିକାର ପ୍ରଶ୍ନ 'ରାଜାର କୁମାର ମୋର, କେଉଁ ଦେଶେ ତମ ଘର, କିପରି ଏ ମାୟାପୁରେ ଆସିଲ' ଏହି ଦୁଇ ଗୀତରେ ଅନ୍ତର୍ନିହିତ ଧ୍ୱନି ମାଧୁର୍ଯ୍ୟ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କଥାବସ୍ତୁ ସହଜ ଓ ଚିରାଚରିତ ଏବଂ ତାହା ଚଳଚ୍ଚିତ୍ରର କାହାଣୀ ସହ ସମ୍ବନ୍ଧିତ କିନ୍ତୁ ଗୀତ ରଚନାରେ ଧ୍ୱନିକୁ ଓ ଛନ୍ଦ ପତନକୁ ଯେତିକି ପ୍ରାଧାନ୍ୟ ଦିଆଯାଇଛି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

'ରୋଲ୍ସ ଟୁ ଏଇଟ୍' ଚଳଚ୍ଚିତ୍ରରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ବିଶୁଦ୍ଧ ଦେଶଜ ଶବ୍ଦର ଗୀତିମୟ ବ୍ୟବହାର କରିଛନ୍ତି, ଶବ୍ଦକୁ ନେଇ ଆତୁରତାର ଯେଉଁ ସୂକ୍ଷ୍ମ ବ୍ୟଞ୍ଜନା ଓ ଚପଳ ପ୍ରତୀକ୍ଷାର ଚିତ୍ର ତାହାର ପଟାନ୍ତର ନାହିଁ। 'ଦଗାଦିଆ ଭଅଁର ସେ ଦୂର ଦେଖା ଦେଲାରେ' ଏହି ବିମ୍ବ ନିର୍ମାଣର ସୌନ୍ଦର୍ଯ୍ୟକୁ କାଳୀଚରଣଙ୍କ ପୂର୍ବ ଚଳଚ୍ଚିତ୍ର 'ଲଳିତା'ର ଗୀତରେ ମଧ୍ୟ ଉପଲବ୍ଧି କରିହେବ, କିନ୍ତୁ ଯେଉଁ ସହଜ ଛଟା 'ରୋଲ୍ସ ଟୁ ଏଇଟ୍'ରେ ରହିଛି, ତାହା 'ଲଳିତା'ରେ ନାହିଁ। 'ରୋଲସ୍ ଟୁ ଏଇଟ୍'ରେ ରାଧାରମଣ ରାୟଙ୍କ ରଚିତ ଗୀତ 'ମରୁଆ ଫୁଟିଲା ବନେ, ମନକଥା ମୋର ମନେ ନ ମନେ' ଓଡ଼ିଆ ଚଳଚ୍ଚିତ୍ର ଧାରାର ପ୍ରଥମ ରଜଦୋଳି ଗୀତ। ଓଡ଼ିଆ ଲୋକକଳ୍ପନା ଓ ଲୋକଭାଷାର ଶବ୍ଦ ରସାୟନର ଯେଉଁ ସୂତ୍ରଟି କବିରାଜ ରାଧାରମଣ ରାୟ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଭର୍ତ୍ତି କଲେ, ତାହା ଅନ୍ୟମାନଙ୍କ ପାଇଁ ପରେ ଅନୁକରଣୀୟ ହୋଇ ରହିଲା। ଏହା ଅବଶ୍ୟ ଭିନ୍ନ କଥା ଯେ କବିରାଜ ଏହି ଗୋଟିଏ ଗୀତ ବ୍ୟତୀତ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଆଉ ଗୀତ ରଚନା କରିନାହାନ୍ତି। କିନ୍ତୁ ସ୍ୱାଧୀନତା ପୂର୍ବରୁ ପ୍ରସାରିତ ଅନେକ ଗ୍ରାମୋଫୋନ୍ ରେକର୍ଡ ଦ୍ୱାରା ତାଙ୍କର ଗୀତ, ସଙ୍ଗୀତ ଓ ଗାୟନ ପ୍ରସାରିତ ହୋଇଛି। ■

## ଫ୍ରାଇଡେ' ରିଲିଜ୍
### ୩୦ ନଭେମ୍ବର

### ହିନ୍ଦୀ



**ଆନିମଲ**

**ନିର୍ଦ୍ଦେଶକ:** ସନ୍ଦୀପ ରେଡ୍ଡି ଭଙ୍ଗା
**ପ୍ରଯୋଜକ:** ଭୂଷଣ କୁମାର, ମୁରଦ ଖେତାନି
**କଳାକାର:** ରଣବୀର କପୁର, ରଶ୍ମିକା ମନ୍ଦାନା, ବବି ଦେଓଲ, ଅନିଲ କପୁର



**ସାମ୍ ବାହାଦୁର**

**ନିର୍ଦ୍ଦେଶକ:** ମେଘନା ଗୁଲଜର୍
**ପ୍ରଯୋଜକ:** ରୋମି ସ୍କ୍ରିୟୁୱାଲା
**କଳାକାର:** ଭିକି କୌଶଲ, ଫାତିମା ସନା ଶେଖ, ସାନ୍ୟା ମଲହୋତ୍ରା



**ଅନ୍ନପୂର୍ଣ୍ଣାନି**

**ନିର୍ଦ୍ଦେଶକ:** ନୀଲେଶ କୃଷ୍ଣା
**ପ୍ରଯୋଜକ:** ଯତିନ୍ ସେଠୀ, ଆର୍ ରବୀନ୍ଦ୍ରନ୍
**କଳାକାର:** ନୟନତାରା, ଜୟ, ଅଚ୍ୟୁତ କୁମାର

# ନାଗା ଚୈତନ୍ୟଙ୍କ ଡିଜିଟାଲ ଡେବ୍ୟୁ

ଲୋକପ୍ରିୟ ସାଉଥ୍ ଷ୍ଟାର୍ ନାଗା ଚୈତନ୍ୟ 'ଧୁଥା' ୱେବ୍‌ସିରିଜ୍‌ରୁ ଡିଜିଟାଲ ଡେବ୍ୟୁ କରୁଛନ୍ତି। ନାଗାଙ୍କ ଜନ୍ମଦିନ ଅବସରରେ ଏହାର ଟ୍ରେଲର ରିଲିଜ୍ କରାଯାଇଥିଲା। ଯାହାକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ତେବେ 'ଧୁଥା' ତେଲୁଗୁ ୱେବ୍ ସିରିଜ୍ ହୋଇଥିଲେ ହେଁ ଏହାକୁ ହିନ୍ଦୀ, ତାମିଲ, ମଲୟାଲମ୍ ଓ କନ୍ନଡ଼ ଭାଷାରେ ଡିସେମ୍ବର ୧ରେ ଓଟିଟି ପ୍ଲାଟଫର୍ମ ଆମାଜନ୍ ପ୍ରାଇମ୍‌ରେ ରିଲିଜ୍ କରାଯିବ। ସସ୍‌ପେନ୍ସ ଥ୍ରିଲର ୱେବ୍ ସିରିଜ୍‌ରେ ନାଗା ସାମ୍ବାଦିକ ସାଗର ଚରିତ୍ରରେ ନଜର ଆସିବେ। ସେହିପରି ୮ଟି ଏପିସୋଡ୍‌ର ଏହି ୱେବ୍ ସିରିଜ୍ ସାମ୍ବାଦିକ ସାଗରଙ୍କ କାହାଣୀକୁ ନେଇ ଗତିଶୀଳ ହୋଇଛି। ଏହାର ନିର୍ଦ୍ଦେଶନା ବିକ୍ରମ୍,କେ କୁମାର ଦେଇଛନ୍ତି। ନାଗାଙ୍କ ବ୍ୟତୀତ ଥ୍ରୁବୋଥ୍ରୁ, ପ୍ରିୟା, ଭବାନି ଶଙ୍କର, ପ୍ରାଚୀ ଦେଶାଇ ପ୍ରମୁଖ ଏଥିରେ ନଜର ଆସିବେ। ■








# ଖଳନାୟକ ଚରିତ୍ରକୁ ବିଜୟଙ୍କ ନା

ଶାହରୁଖ ଖାନ୍‌ଙ୍କ ଅଭିନୀତ 'ଯବାନ' ଫିଲ୍ମରେ ସାଉଥ୍ ସୁପରଷ୍ଟାର୍ ବିଜୟ ସେତୁପତି ଖଳନାୟକ ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ଭୟଙ୍କର ଖଳନାୟକ ଅଭିନୟକୁ ଦର୍ଶକେ ମଧ୍ୟ ବେଶ୍ ପସନ୍ଦ କରିଛନ୍ତି। ତେବେ ଏବେ ସେ ଆଇଏଫ୍‌ଏଫ୍‌ଆଇରେ ଖଳନାୟକ ଚରିତ୍ରରେ ଆଉ କରିବେ ନାହିଁ ବୋଲି କହିଛନ୍ତି। ଏବେ ସୁଦ୍ଧା ସେ ଖଳନାୟକ ଚରିତ୍ରରେ ଅଭିନୟ କରି ଆସିଛନ୍ତି। ସେହିପରି ସିନେମାର ନାୟକ ବିଜୟଙ୍କୁ ଖଳନାୟକ ଚରିତ୍ର ପାଇଁ ଅନୁରୋଧ କରିଥାନ୍ତି। ସେଥିପାଇଁ ସେ ଖଳନାୟକ ଚରିତ୍ର ପାଇଁ ଆଗକୁ ବଢୁଥିବା କହିଛନ୍ତି। ଅନ୍ୟପଟେ ଖଳନାୟକ ଚରିତ୍ରରେ ବେଶି କିଛି ଦକ୍ଷତା ଦେଖାଇବାକୁ ପଡ଼ି ନ ଥାଏ। ତା'ସହ ଖଳନାୟକ ଚରିତ୍ର ପାଇଁ ଅନେକ କିଛି କଟକଣା ବି ଥାଏ। ଏପରିକି ଅନେକ ସମୟରେ ଭିଲେନ୍‌ର କିଛି ଦୃଶ୍ୟକୁ ମଧ୍ୟ କାଟି ଦିଆଯାଏ। ଏସବୁକୁ ଦୃଷ୍ଟିରେ ରଖି ସେ ଆଉ ଖଳନାୟକ ଚରିତ୍ର କରିବେ ନାହିଁ ବୋଲି କହିଛନ୍ତି। ■

## ପରଦା ପଛର କାହାଣୀ

# ୧୦ ହଜାର ଲୋକରେ ସୁଟିଂ ହୋଇଥିଲା କ୍ଲାଇମେକ୍ସ ଦୃଶ୍ୟ

ହିନ୍ଦୀ ସିନେମାର ଲୋକପ୍ରିୟ ଅଭିନେତା ଆମିର ଖାନ୍ ଏକାଧିକ ସୁପରହିଟ୍ ସିନେମା ଭେଟି ଦେଇଛନ୍ତି। ତାଙ୍କ ଅଭିନୀତ ଗୋଟିଏ ସିନେମା ହେଉଛି 'ଲଗାନ୍'। ସେହିପରି ଏହାର ପ୍ରଯୋଜନାରେ ଖୋଦ୍ ଅମିର ଥିଲେ। ଏହାକୁ ଦର୍ଶକୀୟ ଆଦୃତି ମଧ୍ୟ ମିଳିଥିଲା। ଆଶୁତୋଷ ଗୋଭରିକରଙ୍କ ନିର୍ଦ୍ଦେଶିତ ଏହି



ଫିଲ୍ମଟିକୁ ଓସ୍କାର ପାଇଁ ମନୋନୀତ କରାଯାଇଥିଲା। ତେବେ ଫିଲ୍ମର କ୍ଲାଇମେକ୍ସ ଦୃଶ୍ୟକୁ ସୁଟିଂ କରିବା ଆଦୌ ସହଜ ନ ଥିଲା। ସିନେମାର ଅନ୍ତିମ ଦୃଶ୍ୟ ପାଇଁ ବହୁତ ଭିଡ଼ ବା ଜନଗହଳିର ଆବଶ୍ୟକତା ଥିଲା। ଉଦ୍ଦେଶ୍ୟ ଥିଲା ଫିଲ୍ମଟିକୁ ସମ୍ପୂର୍ଣ୍ଣ ଅଲଗା ପ୍ରକାରରେ ଦେଖାଇବା।

ତେବେ ଫିଲ୍ମର ଅନ୍ତିମ ଦୃଶ୍ୟକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏହାର ନିର୍ମାତା ବହୁ ସଂଖ୍ୟକ ଲୋକଙ୍କୁ ସାମିଲ କରିବା କଥା ଚିନ୍ତା କରିଥିଲେ। ସେଇଠୁ ସେ ଗାଁର ଦଶ ହଜାର ଲୋକଙ୍କୁ ସାମିଲ କରିଥିଲେ। କେବଳ ସେତିକି ନୁହେଁ, ଏହି ଦଶ ହଜାର ଲୋକଙ୍କ ବେଶଭୂଷା ଓ ସେମାନଙ୍କ ଖାଦ୍ୟପାନୀୟର ବ୍ୟବସ୍ଥା କରିବା ଥିଲା ମଧ୍ୟ ଏକପ୍ରକାର ବଡ଼ ଚ୍ୟାଲେଞ୍ଜ। ଆଉ ଏହି ଚ୍ୟାଲେଞ୍ଜକୁ ସେମାନେ ଭୟ ନ କରି ସାମ୍ନା କରିଥିଲେ।

ଫିଲ୍ମର ପୂରା ଟିମ୍ ଏହି କାମ କରିବାରେ ସଫଳ ହୋଇଥିଲେ। ତା'ସହ ଏତେ ସଂଖ୍ୟକ ଲୋକଙ୍କୁ ଖୁସି କରିବା ମଧ୍ୟ ସହଜ ନ ଥିଲା। କିନ୍ତୁ ଦୃଶ୍ୟଟି ଏମିତି ଥିଲା ଯେ, ଲୋକଙ୍କ ଖୁସି ମଧ୍ୟ ଆବଶ୍ୟକ କରୁଥିଲା। ତେଣୁ ଲୋକେ ଯେଉଳି ଖୁସିରେ ଉତ୍ସାହିତ ହେବେ, ସେଥିପାଇଁ ଆମିର୍ 'ଆଡି କ୍ୟା ଖଣ୍ଡାଲା...' ଗୀତ ଗାଇଥିଲେ। ଆଉ ଲୋକମାନେ ଆମିରଙ୍କ ଏହି ଗୀତ ଶୁଣି ଖୁସିରେ ଝୁମିବା ଆରମ୍ଭ କରିଥିଲେ। ଏହି ସମୟରେ ଫିଲ୍ମ ନିର୍ଦ୍ଦେଶକ ଦୃଶ୍ୟକୁ କ୍ୟାମେରାରେ କଏଦ କରିଥିଲେ। ଶେଷରେ ଏହାକୁ ଫିଲ୍ମରେ କ୍ରିକେଟର୍‌ଙ୍କୁ ଉତ୍ସାହିତ କରୁଥିବା ବେଳେ ପ୍ରଦର୍ଶନ କରାଯାଇଥିଲା। ଯାହାକୁ ପରଦାରେ ଦେଖିଲେ ଲାଗୁଛି କି ଲୋକମାନେ ସତରେ ଖେଳକୁ ଦେଖି ଖୁସିରେ ଝୁମୁଛନ୍ତି। ■



# 'ରାଜଯୋଗ'ରେ ନୂଆ ଟ୍ୱିଷ୍ଟ

ତରଙ୍ଗରେ ଆରମ୍ଭ ହୋଇଥିବା ନୂଆ ମେଗାଧାରାବାହିକ 'ରାଜଯୋଗ' ଏବେ ଏକ ନୂଆ ମୋଡ଼ରେ ପହଞ୍ଚିଛି। ଅଭିନେତ୍ରୀ ଲୋପାମୁଦ୍ରା ଏଥିରେ ମିତା ମହାନ୍ତି ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ଚରିତ୍ର ଦର୍ଶକଙ୍କୁ ଖୁବ୍ ପସନ୍ଦ ମଧ୍ୟ ଆସୁଛି। ତେବେ ମିତା ବଳବନ୍ତରାୟ ପରିବାରକୁ କାମ ଆଶାରେ ଯାଇଥିବା ବେଳେ ସେଠାରୁ କିନ୍ତୁ ତା'କୁ ନିରାଶ ହେବାକୁ ପଡ଼ିଛି। ଚୋରି ଅଭିଯୋଗରେ ମିତାର ସବୁ ସ୍ୱପ୍ନ ଚୂରମାର ହୋଇଛି। ଏହାସହ ତା' ରାଜଯୋଗ ମଧ୍ୟ ଖୋଲିପାରିନି। ସେପଟେ ରିୟା ଦେଶୀ ଗାର୍ଲ ପ୍ରତିଯୋଗିତା ପାଇଁ ଅଡିସନ ଦେଇଥିବା ବେଳେ ବଡ଼ ଭଉଣୀ ଦିଆ ବିଜେତା ବୋଲି ଘୋଷିତ ହେବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଫଳରେ କାହାଣୀରେ ନୂଆ ଟ୍ୱିଷ୍ଟ ଆସିଛି। ତେବେ ରାଜଯୋଗର କାହାଣୀ ଆଗକୁ କି ମୋଡ଼ ନେବ, ତାହା ଆଗକୁ ଜଣାପଡ଼ିବ। ଅନ୍ୟପଟେ ଏହି ଧାରାବାହିକର କାହାଣୀ ଜଣେ ସଂକଳ୍ପବଦ୍ଧ ମା'ର। ମା' ମନରେ ଥିବା ଆଶା ଓ ସ୍ୱପ୍ନକୁ ମିତାର ତିନି ଝିଅ ଦିଆ, ରିଆ, ପ୍ରିୟା କିଭଳି ପୂରଣ କରିବାରେ ସାହାଯ୍ୟ କରୁଛନ୍ତି, ତାହା ଆଗାମୀ ଦିନରେ ଜଣାପଡ଼ିବ। ■



ସାକ୍ଷାତକାର

# "ଆଙ୍କରିଂ ଓ ଅଭିନୟ, ଦୁଇଟା ମୋ ଜୀବନ"



**କର୍ପୋରେଟ୍ ଶୋ'ରେ ସେ ଆଙ୍କରିଂ କରୁଥିଲେ । ତାଙ୍କ ଆଙ୍କରିଂ ଶୈଳୀ ଦର୍ଶକଙ୍କୁ ଏତେ ଆକୃଷ୍ଟ କରିଥିଲା ଯେ, ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ । ଆଙ୍କରିଂକୁ ସେ ପେସା ଭାବେ ବାଛିନେଇଛନ୍ତି । ତାଙ୍କର ଆଉ ଏକ ପରିଚୟ ହେଉଛି ସେ ଜଣେ ଭଲ ଅଭିନେତା । 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ସ ଖୋଜ୍' ରିଆଲିଟି ଶୋରୁ ଭାଗ ନେଇ ଟେଲିଫିଲ୍ମ 'ଡହରା ଟୋକା'ରେ ସେ ଚମତ୍କାର ଅଭିନୟ ପ୍ରଦର୍ଶନ କରିଥିଲେ । ସେହିପରି ସେ 'ମା' ଯାହାର ସାହା' ସିରିଏଲରେ ନିଖୁଣ ଅଭିନୟ କରିଥିବା ବେଳେ ଏବେ ସେ 'ମୋ ଶାଶୂର ଶାଶୂମା'ରେ 'ଅଭି' ଚରିତ୍ରରେ ଘରେ ଘରେ ପରିଚିତ । ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ଆଲୋକ ମିଶ୍ର । ସ୍ୱଳ୍ପ ସମୟ ମଧ୍ୟରେ ଦର୍ଶକ ମହଲରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିବା ଆଲୋକ ନିଜ ବିଷୟରେ କ'ଣ କୁହନ୍ତି, ଜାଣିବା ତାଙ୍କ ମୁହଁରୁ ... ।**




**ଅଭିନୟ ପ୍ରତି କିପରି ଓ କେବେଠୁ ରୁଚି ଆସିଲା ?**

- ମୟୂରଭଞ୍ଜରେ ମୋର ଜନ୍ମ । ସେଠାରୁ ସ୍ନାତକ ପଢ଼ା ସାରି ବ୍ୟାଙ୍କିଙ୍ଗ୍ କୋଚିଂ ପାଇଁ ଭୁବନେଶ୍ୱର ଆସିଲି । ପଢ଼ା ସହ ବିଭିନ୍ନ କର୍ପୋରେଟ୍ ଶୋ' ଓ ୱେଡିଂ ଶୋ'ରେ ଆଙ୍କରିଂ କଲି । କିନ୍ତୁ ଜଣେ ସାଙ୍ଗର ପ୍ରେରଣା ପାଇ ଜୀ ସାର୍ଥକର ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ସ ଖୋଜ୍'ରେ ଭାଗନେଲି । ଏଠାରେ ଅଭିନୟ ଓ ନୃତ୍ୟ ଶିଖିଥିଲି । ଜୀ ସାର୍ଥକର ଟେଲି ଫିଲ୍ମ 'ଡହରା ଟୋକା'ରେ ଅଭିନେତ୍ରୀ ଲିପ୍‌ସାଙ୍କ ସହିତ କାମ କରିବାର ସୁଯୋଗ ପାଇଥିଲି ।

**'ମା ଯାହାର ସାହା' ଧାରାବାହିକ ଅଧାରୁ ଛାଡ଼ିଲେ, କାହିଁକି?**

- 'ଡହରା ଟୋକା' ରିଲିଜ୍ ପରେ କରୋନା ଆସିଥିଲା । ସେ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଆର୍ଥିକ ସମସ୍ୟାକୁ ନେଇ ଚିନ୍ତା । ମୁଁ ଆଙ୍କରିଂ ଜାରି ରଖିଥିଲି । ହଠାତ୍ 'ମାଆ ଯାହାର ସାହା' ସିରିଏଲରେ କାମ କରିବାର ସୁଯୋଗ ମିଳିଲା । ଡାକ୍ତର ଚରିତ୍ରଟି ମୋ ବାସ୍ତବ ଚରିତ୍ରକୁ ସମ୍ପୂର୍ଣ୍ଣ ଖାପଖାଉଥିବାରୁ କାମ କଲି । ଶୋ'ର ସୁଟିଂ ସେଟ୍ ଭୁବନେଶ୍ୱରରୁ ଦୂରରେ ଥିବାରୁ ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଲା । ତେଣୁ ବାଧ ହୋଇ ସେହି ଶୋ'କୁ ମୋତେ ଅଧାରୁ ଛାଡ଼ିବାକୁ ପଡ଼ିଲା ।

**'ମୋ ଶାଶୂର ଶାଶୂମା'ରେ କେମିତି ସୁଯୋଗ ମିଳିଲା?**

- ପୂର୍ବରୁ ତରଙ୍ଗ ପକ୍ଷରୁ ଅନେକ ଧାରାବାହିକ ପାଇଁ ଅଫର ଆସୁଥିଲା । ସ୍ୱାସ୍ଥ୍ୟ ସମସ୍ୟା ପାଇଁ କାମ କରୁନଥିଲି । 'ମୋ ଶାଶୂର ଶାଶୂମା'ର ନିର୍ମାତା ଅଭି ଚରିତ୍ରକୁ ମୁଁ ଠିକ୍ ଢ଼ଙ୍ଗରେ ନିଭାଇବି ବୋଲି ସୁଯୋଗ ଦେଇଥିଲେ । ଏହାର ସେଟ୍ ଭୁବନେଶ୍ୱରରେ ଥିବାରୁ ଏଥିରେ କାମ କରିବାକୁ ଚାହିଁଲି ।

**ଅଭି ଚରିତ୍ର ସମ୍ପର୍କରେ କ'ଣ କହିବେ?**

- ବାସ୍ତବରେ ମୁଁ ବହୁତ ଶାନ୍ତ ଓ ସରଳ । ମୋତେ ଭୂତପ୍ରେତ ପ୍ରତି ଏତେ ଭୟ ଲାଗେନି । କିନ୍ତୁ 'ମୋ ଶାଶୂର ଶାଶୂମା'ରେ ମୋର ଚରିତ୍ର ଟିକେ ଭିନ୍ନ । ଅଭି ଭୂତପ୍ରେତକୁ ଡରୁଛି । ଗୋଟେ ପଟେ ପତ୍ନୀ ସୋନା ଆଉ ଗୋଟେ ପଟେ ମୋର ପରିବାର, ଦୁଇଟିକୁ କେମିତି ବାଲାନ୍ସ କରିବି ତାହା ଚରିତ୍ର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେହେତୁ ମୋର ପେସା ହେଉଛି ଆଙ୍କରିଂ କରିବା, ତେଣୁ ଦର୍ଶକ ଆଉ ମଞ୍ଚ ଭିତରେ ବାଲାନ୍ସ କରିବାର ଶୈଳୀ ଅଭି ଚରିତ୍ର ପାଇଁ ବେଶ୍ ସହାୟକ ହୋଇଛି ।



**ସୁଟିଂ ସେଟ୍‌ର କିଛି ଅଭୁଲା ମୁହୂର୍ତ୍ତ?**

- ପିଲାଟି ଦିନରୁ ଆଜିଯାଏଁ କେବେ ବି ଜନ୍ମଦିନ ପାଳି ନ ଥିଲି । କିନ୍ତୁ 'ମୋ ଶାଶୂର ଶାଶୂମା' ସେଟ୍‌ରେ ସହକଳାକାରଙ୍କ ଯେଉଁଦିନ ମୋର ଜନ୍ମଦିନ କେବେ ବୋଲି ପଚାରୁଥିଲେ, ସେଦିନ ହିଁ ମୋର ଜନ୍ମଦିନ ଥିଲା । ୨୬ ବର୍ଷରେ ଜନ୍ମଦିନ ପାଳିବା ଏହା ପ୍ରଥମ । ଆଉ ସେମାନେ ଚମତ୍କାର ଢଙ୍ଗରେ ମୋର ଜନ୍ମଦିନ ପାଳିଥିଲେ । ସେଇଟା ମୋ ଲାଗି ସବୁଠୁ ସ୍ମରଣୀୟ ମୁହୂର୍ତ୍ତ ।

**ଆଙ୍କରିଂ ଓ ଅଭିନୟ ବାଦ୍ ଆଉ କ'ଣ କରିବାକୁ ଭଲ ପାଆନ୍ତି?**

- ମାଛ ଖାଇବାକୁ ଭଲଲାଗେ । ମାଛରେ ନୂଆ ନୂଆ ଆଇଟମ୍ ରୋଷେଇ କରେ । ଅଳ୍ପ ଲୁଣ ଓ ତେଲରେ ମୁଁ ବାଂଲାଦେଶୀ ଏବଂ ଜାପାନିଜ୍ ଫୁଡ୍‌ର ଆଇଟମ୍ ଟ୍ରାଏ କରେ । କାରଣ ଏହା ଶରୀରକୁ ଭରପୂର ପୋଷକତତ୍ତ୍ୱ ଯୋଗାଏ ।

**ସାମାଜିକ ଗଣମାଧ୍ୟମରେ କେମିତି ସମୟ ବିତାନ୍ତି?**

- ପୂର୍ବରୁ ଇନ୍‌ଷ୍ଟାଗ୍ରାମ ପାଇଁ ସମୟ ଦେଉଥିଲି । ଏବେ ଉଭୟ ପେସା ଓ ରୁଚିକୁ ନେଇ କାମ କରିବାକୁ ପଡ଼ୁଥିବାରୁ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହୋଇପାରୁନି ।

**ଆଦିତିଙ୍କ ସହ ଆପଣଙ୍କ ସମ୍ପର୍କ କେମିତି?**

- ଆଦିତି ମୋର ବହୁତ ଭଲ ସାଙ୍ଗ । ଆକ୍ଟିଂ ହେଉ କି ବ୍ୟକ୍ତିଗତ ଜୀବନ, ସବୁକିଛି ତା' ସହିତ ସେୟାର କରେ । କେବଳ ଆଦିତି ନୁହଁନ୍ତି, ଏହି ସେଟ୍‌ର ପ୍ରତ୍ୟେକ କଳାକାର ମୋର ଜଣେ ଜଣେ ପରିବାର ସଦସ୍ୟ ।

**ଫିଟ୍ ରହିବାର ମୂଳମନ୍ତ୍ର?**

- ଡାଏଟ୍ ଓ ଜିମ୍ । ସେଟ୍‌ରୁ ମେକଅପ୍ ପୋଛି ଜିମ୍ ଯାଏ ; ପୁଣି ଜିମରୁ ଆସି ସୁଟିଂ କରେ । ଜିମ୍ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ଜିମ୍ ପ୍ରତି ମୋର ଅହେତୁକ ଦୁର୍ବଳତା । ଟିକେ ବି ସମୟ ପାଇଲେ ଜିମ୍ ଯାଏ । ସେହିପରି ଡାଏଟ୍‌ରେ ବେଶୀ ଲୁଣ କି ଚିନି ଖାଏନି । ଅଧିକ ତେଲ ମସଲାଯୁକ୍ତ ଖାଦ୍ୟକୁ ମଧ୍ୟ ପସନ୍ଦ କରେନି । ଖାଦ୍ୟପେୟ ଅନୁସାରେ ପରିଶ୍ରମ ପରେ ।

**ଆପଣଙ୍କ ଡ୍ରିମ୍ ରୋଲ କ'ଣ?**

- ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିପାରୁଥିବା ଭଳି ଓଡ଼ିଆ ଫିଲ୍ମ କରିବାକୁ ପସନ୍ଦ କରିବି । ଇମୋସନ୍ ଭରା ଓ ସାଇକୋ ଚରିତ୍ର କରିବାକୁ ଇଚ୍ଛା ରହିଛି । ତେବେ ଆଙ୍କରିଂ ଓ ଅଭିନୟ ଦୁଇଟି ମୋ ଜୀବନ । ଉଭୟକୁ ବାଲାନ୍ସ କରି ଭବିଷ୍ୟତରେ ଚାଲିବାକୁ ଇଚ୍ଛା ରଖିଛି ।

**ଆପଣଙ୍କ ରୁଚି କ'ଣ**

- ପ୍ରେଜେଣ୍ଟେବେଲ ଷ୍ଟାର ହେବାକୁ ରୁଚି ଥିଲା । ଯେହେତୁ ପୋଷାକ ପିନ୍ଧା ଶୈଳୀକୁ ମୁଁ ଅଧିକ ପ୍ରାଧାନ୍ୟ ଦିଏ । ତେଣୁ ମୋ ପୋଷାକ ଡିଜାଇନ୍ ମୁଁ ନିଜେ ହିଁ କରେ ।

**ମନର ମଣିଷ କେମିତି ହୋଇଥିବେ?**

- ଜୀବନ ସାଥୀ ଯିଏବି ହୁଅନ୍ତୁ, ସେ ଦୁନିଆର ସମସ୍ତଙ୍କଠାରୁ ନିଜକୁ ଅଧିକ ଭଲ ପାଉଥିବେ । ନିଜ କାମକୁ ଗୁରୁତ୍ୱ ଦେଉଥିବେ । ବାଲାନ୍ସ କରି ଚଳିବା ସହ ମୋ ପରିବାରକୁ ଗୁରୁତ୍ୱ ଦେଉଥିବେ ।

**ନୂଆକରି ଏ ଲାଇନ୍‌କୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଦୁଇଟି କଥାକୁ ଗୁରୁତ୍ୱ ଦେବା ଦରକାର । ପ୍ରଥମତଃ ବଡି ଲାଙ୍ଗୁଏଜ୍ ଓ ଅନ୍ୟଟି ଅଭିନୟ । କାରଣ ପ୍ରାୟତଃ ଭାବୁଛନ୍ତି ମୋର ଫଲୋର୍ସ ଅଧିକ ଅଛନ୍ତି ମାନେ ମୁଁ ବହୁତ ଲୋକପ୍ରିୟ । କିନ୍ତୁ ସେମିତି ନୁହେଁ, ନିଜ ବଡି ଲାଙ୍ଗୁଏଜ୍‌କୁ ଗୁରୁତ୍ୱ ଦେବା ଦରକାର । ତା ସହିତ ଅଭିନୟ ଓ ନୃତ୍ୟରେ ଦକ୍ଷ ହେବା ନିହାତି ଦରକାର । ■

ଟେଲିଭିଜନ ପ୍ରିମିୟର୍

## 'ନମସ୍ତେ କମଳା ମାଗୋ'




ନୂଆ ଓଡ଼ିଆ ସିନେମା 'ନମସ୍ତେ କମଳା ମାଗୋ'ର ଆସନ୍ତା ୩ ତାରିଖରେ ଟେଲିଭିଜନ ପ୍ରିମିୟର୍ ତରଙ୍ଗରେ ହେବ । ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଅର୍ଚ୍ଚିତା । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ମୃତ୍ୟୁଞ୍ଜୟ ସାହୁ ଥିବା ବେଳେ ପ୍ରଯୋଜକ ଅଛନ୍ତି ସଚ୍ଚିକାନ୍ତ ଜେନା । ସେହିପରି ସଞ୍ଜୟ ମହାକୁଡ଼ ଓ ଚନ୍ଦନ କୁମାର ସଂଳାପ ରଚନା କରିଛନ୍ତି । ତେବେ ସିନେମାଟିକୁ ସୁମଧୁର ସଂଗୀତରେ ସଜାଇଛନ୍ତି ଶରତ ନାୟକ । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦେବୀଦତ୍ତ ମହାନ୍ତି ଏବଂ ବି ଚନ୍ଦନ କୁମାର । ଅର୍ଚ୍ଚିତାଙ୍କ ବ୍ୟତୀତ ସିନେମାର ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ନଜର ଆସିବେ ମଧୁସ୍ମିତା, ଲିପ୍ସା ଓ ସୁମନ ।

## ଅଙ୍କିତା ଦେବେନି ଖୁସି ଖବର

ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ଓ ତାଙ୍କ ସ୍ୱାମୀ ଭିକି ଜୈନ୍ ରିଆଲିଟି ଶୋ' 'ବିଗ୍‌ବସ୍ ୧୭' ଆରମ୍ଭରୁ ହିଁ ଚର୍ଚ୍ଚାରେ ରହି ଆସିଛନ୍ତି । ବିଗ୍‌ବସ୍ ଘରେ ଅଙ୍କିତା ଓ ଭିକିଙ୍କ ଝଗଡ଼ା, ରୋମାନ୍ସ ସବୁ କିଛି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଛି । ତେବେ କିଛି ଦିନ ଧରି ଅଙ୍କିତା ଗର୍ଭବତୀ ଥିବା କୁହାଯାଉଥିଲା । ଏପରିକି ସେ ବିଗ୍‌ବସ୍ ଘରେ ପ୍ରେଗନାନ୍ସି ପରୀକ୍ଷା କରାଇଥିଲେ । ସେଥିପାଇଁ ସେ ଖୁସି ଖବର ଦେବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା । ଅନ୍ୟପଟେ ସମସ୍ତଙ୍କ ନଜର ଅଙ୍କିତାଙ୍କ ପ୍ରେଗାନ୍ସି ରିପୋର୍ଟ ଉପରେ ବି ଥିଲା । ସେହିପରି ଏହି ରିପୋର୍ଟ ସହ ଏବେ ସତକଥା ସାମ୍ନାକୁ ଆସିଛି । ଅଙ୍କିତାଙ୍କ ରିପୋର୍ଟରୁ ଜଣାପଡ଼ିଛି, ସେ ଗର୍ଭବତୀ ନାହାନ୍ତି । ତେବେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲେ, ସେ ବିଗ୍‌ବସ୍ ଛାଡ଼ି ଦେଇଥାନ୍ତେ । କାରଣ ଅଙ୍କିତା ଅସୁସ୍ଥ ଅନୁଭବ କରୁଥିବା ସେ ଶୋ'ରେ ସ୍ୱାମୀ ଭିକିଙ୍କୁ କହୁଥିବା ଦେଖାଯାଇଥିଲା । ସେଥିପାଇଁ ଅଙ୍କିତା ଗର୍ଭବତୀ ଥିବା ଅନୁମାନ କରାଯାଉଥିଲା ।



## ସେଫ୍ ଭୂମିକାରେ ନୟନତାରା

କିଙ୍ଗ୍ ଖାନ୍ ଶାହରୁଖଙ୍କ ଅଭିନୀତ ଫିଲ୍ମ 'ଜବାନ୍'ରୁ ବଲିଉଡ୍‌କୁ ଡେବ୍ୟୁ କରୁଥିବା ଲେଡି ସୁପରଷ୍ଟାର୍ ନୟନତାରାଙ୍କୁ ଆଗାମୀ ନୂଆ ସିନେମା 'ଅନ୍ନପୂର୍ଣ୍ଣାନି: ଦ ଗଡେସ୍ ଅଫ୍ ଫୁଡ୍'ରେ ଦେଖିବାକୁ ମିଳିବ । ସିନେମାରେ ନୟନତାରାଙ୍କୁ ଜଣେ ମହତ୍ତ୍ୱାକାଂକ୍ଷୀ ସେଫ୍ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିବେ । କିଛି ଦିନ ତଳେ ଏହାର ଏକ ଟ୍ରେଲର ମଧ୍ୟ ଜାରି କରାଯାଇଛି । ସେହିପରି ଟ୍ରେଲରଟିକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି । ଟ୍ରେଲରରେ ଦେଖିବାକୁ ମିଳିଛି, ନୟନତାରା ସେଫ୍ ହେବାକୁ ଚାହୁଁଛନ୍ତି, କିନ୍ତୁ ତାଙ୍କ ବାପାମାଆ ନୟନତାରାଙ୍କୁ ବିରୋଧ କରିଛନ୍ତି । ତେବେ ସେ ଏମ୍‌ବିଏ ନାଁରେ ମା' ବାପାଙ୍କୁ ମିଛ କହି କୁକିଂ କ୍ଲାସ୍‌ରେ ଯୋଗ ଦେଇଛନ୍ତି । ଏହାପରେ ତାଙ୍କ କାହାଣୀ କି ମୋଡ଼ ନେଉଛି ତା' ଫିଲ୍ମ ରିଲିଜ୍ ହେଲେ ହିଁ ଜଣାପଡ଼ିବ । ତେବେ ନୀଲେଶ କୃଷ୍ଣାଙ୍କ ନିର୍ଦ୍ଦେଶିତ ଏହା ହେଉଛି ନୟନତାରାଙ୍କ ୭୫ ତମ ଫିଲ୍ମ । ସିନେମାଟି ଡିସେମ୍ବର ୧ରେ ପ୍ରେକ୍ଷାଳୟକୁ ଆସିବ ।



## ୨୫ ବର୍ଷ ପରେ ଏକାଠି କରନ୍ ଓ ସଲ୍‌ମାନ





ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲ୍‌ମାନ ଖାନ୍ ଏବେ 'ଟାଇଗର୍-୩'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଏହି ଫିଲ୍ମଟି ଏବେ ସୁଦ୍ଧା ୪୦୦ କୋଟି ଟଙ୍କାରୁ ଅଧିକ ଆୟ କରିଥିବା ଜଣାପଡ଼ିଛି । 'ଟାଇଗର୍-୩'ର ସଫଳତା ପରେ ଏବେ ସଲମାନ ତାଙ୍କ ଆଗାମୀ ନୂଆ ବଡ଼ ବଜେଟ୍‌ର ସିନେମା 'ଦ ବୁଲ୍' ପାଇଁ ଚର୍ଚ୍ଚାରେ ଅଛନ୍ତି । କରନ୍ ଜୋହରଙ୍କ ପ୍ରଯୋଜିତ ଏହି ସିନେମାରେ ନିର୍ଦ୍ଦେଶନା ଦେବେ ବିଷ୍ଣୁବର୍ଦ୍ଧନ । ସେହିପରି ଏହି ସିନେମା ମାଧ୍ୟମରେ ଦୀର୍ଘ ୨୫ ବର୍ଷରେ ପୁଣି ଏକାଠି ହେବେ କରନ୍ ଓ ସଲ୍‌ମାନ । ସିନେମାଟି ସତ୍ୟ କାହାଣୀ ଉପରେ ଆଧାରିତ । ସେଥିପାଇଁ ସିନେମା ନିର୍ମାଣ ପାଇଁ ବେଶି ସମୟ ଲାଗିବ ବୋଲି କୁହାଯାଉଛି । ଏହାବାଦ୍ ସିନେମାରେ ସଲମାନ ଏକ ଭିନ୍ନ ଲୁକ୍‌ରେ ନଜର ଆସିବେ । ତେବେ ସିନେମାର ସୁଟିଂ ୨୦୨୪ ଫେବୃଆରୀରେ ଆରମ୍ଭ ହେଉଥିବା ବେଳେ ରିଲିଜ୍ ହେବ ୨୦୨୫ରେ । ଅନ୍ୟପଟେ ଏହି ଆକ୍ସନ ଥ୍ରିଲର ସିନେମାରେ ସଲମାନଙ୍କ ବ୍ୟତୀତ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ମଧ୍ୟ ଏକ ମୁଖ୍ୟ ନଜର ଆସିପାରନ୍ତି ।

### ସୁଡ଼ଙ୍ଗରେ ଫସିଥିଲେ ପୁଅ

## ଖୁସି ଖବର ଶୁଣିବା ପୂର୍ବରୁ ଚାଲିଗଲେ ବାପା



ସୁଡ଼ଙ୍ଗରୁ ବାହାରିବା ପରେ ଶ୍ରମିକଙ୍କ ପରିବାରରେ ଖୁସିର ଲହରି ଖେଳି ଯାଇଛି । ସମସ୍ତେ ଅଦିନରେ ଦୀପାବଳି ମନାଉଛନ୍ତି । ମିଠା ବାଣ୍ଟି ଉତ୍ସବ ମନାଉଛନ୍ତି । ତେବେ ଝାଡ଼ଖଣ୍ଡର ଏକ ପରିବାର ସୁଡ଼ଙ୍ଗରୁ ପୁଅ ବାହାରିବାର ଖୁସି ବି ମନାଇ ପାରି ନାହାନ୍ତି । ପୁଅ ବାହାରିବାର ଖବର ମିଳିବା ପୂର୍ବରୁ ବାପାଙ୍କ ମୃତ୍ୟୁ ହୋଇଯାଇଛି । ସିଂହଭୁମ ଜିଲ୍ଲା ବାହଦା ଗ୍ରାମର ଭକ୍ତୁ ମୁର୍ମୁ (୨୯) ୧୭ ଦିନ ହେଲା ସୁଡ଼ଙ୍ଗରେ ଫସି ରହିତିଲେ । ମଙ୍ଗଳବାର ସକାଳ ୮ଟାରେ ତାଙ୍କ ୭୦ ବର୍ଷୀୟ ବାପା ଓରଫ ବାରସା ମୁର୍ମୁ ପ୍ରାଣ ହରାଇ ଥିଲେ । ସେ ପୁଅ ବାହାରକୁ ଆସିବାର ଖବର ମଧ୍ୟ ଶୁଣିପାରିଲେ ନାହିଁ । ୧୭ ଦିନ ହେଲା ବାପା ପୁଅକୁ ଦେଖିବା ପାଇଁ ଚାହିଁ ରହିଥିଲା । ତାଙ୍କର ଏହି ଆଶା ଆଶାରେ ହିଁ ରହି ଯାଇଥିଲା । ପୁଅ ଫସିଥିବା ଖବର ଶୁଣି ତାଙ୍କୁ ଝଟକା ଲାଗି ଥିଲା । ଏହି ଦୁଃଖରେ ହିଁ ତାଙ୍କ ଜୀବନ ଯାଇଥିଲା । ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଜଳଖିଆ ଖାଇବା ପରେ ସେ ନିଜ ଜ୍ୱାଇଁ ହାଂସଦାଙ୍କ ଘର ଆଗରେ ପଡ଼ିଥିବା ଖଟରେ ବସି ଥିଲେ । ଅଚନାକ ସେ ଖଟରୁ ତଳକୁ ପଡ଼ି ଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ତିନି ପୁଅ ଅଛନ୍ତି । ମାତ୍ର ଶେଷ ସମୟରେ କେହି ତାଙ୍କ ପାଖରେ ନ ଥିଲେ । ଭକ୍ତୁଙ୍କ ବଡ଼ ଭାଇ ରାମରାୟ ଚେନ୍ନଇରେ ରହୁଛନ୍ତି । ମଝିଆ ପୁଅ ମଙ୍ଗଳ ମୁର୍ମୁ ମୁଲ ଲାଗିବା ପାଇଁ ଅନ୍ୟ ଗାଁକୁ ଯାଇଥିଲେ ।

ସେହିପରି ବିହାରର ମୁଜାଫରପୁରର ଦୀପକଙ୍କ ବାପା କହିଛନ୍ତି ଯେ ପାଣି ବିନା ମାଛ ଯେପରି ଛଟପଟ ହୋଇଥାଏ ଆମେ ୧୭ ଦିନ ହେଲା ସେହି ଅବସ୍ଥାରେ ଥିଲୁ । ଏବେ ଆମେ ତାକୁ ପଠାଇବାକୁ ଚାହୁଁନାହୁଁ । କିନ୍ତୁ ସେ ଆମ କଥା ମାନିବ ନାହିଁ । ସାସାରାମ ଜିଲ୍ଲା ଚନ୍ଦନପୁର ଗ୍ରାମର ସୁଶୀଲ ବିଶ୍ୱକର୍ମାଙ୍କ ପରିବାର ୧୬ ଦିନ ହେଲା ପୁଅକୁ ଅପେକ୍ଷା କରି ରହିଛନ୍ତି । ସେମାନେ ପୁଅ ବାଟ ଚାହିଁ ଚାହିଁ ରାତିରେ ବି ଶୋଇ ପାରୁନାହାନ୍ତି ।

ଏହା ବ୍ୟତୀତ ଛପରା ଜିଲ୍ଲା ଏକମା ଅନ୍ତର୍ଗତ ଖଜୁହାନ ଗ୍ରାମର ସୋନୁ କୁମାର ଶାହ ସୁଡ଼ଙ୍ଗରେ ଫସି ଥିଲେ । ତାଙ୍କ ପରିବାର ୧୭ ଦିନ ହେଲା ଟିଭି ଏବଂ ମୋବାଇଲକୁ ଚାହିଁ ରହିଥିଲେ । ସୋନୁ କେବେ ବାହାରିବେ ଚାହିଁ ରହିଥିଲେ । ସୁଡ଼ଙ୍ଗରୁ ବାହାରିବା ପରେ ସୋନୁ ବୁଧବାର ସକାଳ ୮ଟା୩୦ରେ ପରିବାର ସହ ସହ ଭିଡିଓ କଲ୍ କରି କଥା ହୋଇଥିଲେ । ଡାକ୍ତରଖାନାରରେ ଥିବା ସୋନୁର ସାନ ଭାଇ ସୁଧାଂଶୁ ତାଙ୍କ ସହ କଥା କରାଇ ଥିଲେ । ସେ ଭାଇକୁ ଆଣିବା ପାଇଁ ଛପରାରୁ ଉତ୍ତରାଖଣ୍ଡ ଯାଇଥିଲେ । ୪୮ ଘଣ୍ଟା ପରେ ମେଡିକାଲରୁ ଛାଡ଼ ପାଇବେ ବୋଲି କହିଥିଲେ । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ସୋନୁକୁ ଦ୍ୱିତୀୟ ଜନ୍ମ ମିଳିଲା ବୋଲି ତାଙ୍କ ବାପା କହିଛନ୍ତି ।

# ଶ୍ରମିକ କହିଲେ ସୁଡ଼ଙ୍ଗ କଥା

## ପରିବାର ଭଳି ରହୁଥିଲେ, ଯୋଗାଭ୍ୟାସ କରୁଥିଲେ



ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଟନେଲ୍ ଦୁର୍ଘଟଣାରେ ଦୀର୍ଘ ୧୭ ଦିନ ଫସି ରହିଥିବା ୪୧ ଜଣ ଶ୍ରମିକ ଗତକାଲି ଉଦ୍ଧାର ପାଇଛନ୍ତି । ଶ୍ରମିକମାନଙ୍କ ଉଦ୍ଧାର ପାଇଁ ସାରା ଦେଶ ଚାତକ ଭଳି ଚାହିଁଥିଲା ବେଳେ ସେମାନେ ଉଦ୍ଧାର ପାଇ ବାହାରକୁ ଆସିବା ଘଟଣା ସବୁ ଦେଶବାସୀଙ୍କୁ ଆନନ୍ଦିତ କରିଛି । କିନ୍ତୁ ଶ୍ରମିକମାନେ ବାହାରକୁ ଆସିବା ପରେ ଟନେଲ୍ ତଳେ ଦୀର୍ଘ ୧୭ ଦିନ ବିତାଇବାର କାହାଣୀ ଯେଭଳି ବର୍ଣ୍ଣନା କରିଛନ୍ତି ତାହା ଶୁଣି ଅନେକଙ୍କ ଲୋମ ଟାଙ୍କୁରି ଉଠିଛି । ପ୍ରଥମ କଥା ହେଲା ୧୭ ଦିନ ଅନ୍ଧାର ମଧ୍ୟରେ ରହିବା ପରେ ଜୀବନ ବଞ୍ଚାଇବାର ଆଶାକୁ ବଞ୍ଚାଇ ରଖିବା ଏବଂ ପ୍ରତ୍ୟେକଙ୍କର ଧୈର୍ଯ୍ୟ ଅତୁଟ ରହିବା ସବୁଠୁ ବଡ଼ କଥା ହୋଇଛି । ଜୀବନ ହାରିବାର ଆଶଙ୍କା ମଧ୍ୟରେ ଏହି ୪୧ ଶ୍ରମିକଙ୍କ ମଧ୍ୟରୁ ଅନେକ ଯେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବେ ଏବଂ ସେମାନଙ୍କୁ ବାହାରକୁ ଆଣିବା କଷ୍ଟକର ହୋଇପଡ଼ିବ ବୋଲି ଉଦ୍ଧାରକାରୀ ଦଳ ଭାବି ନେଇଥିଲେ । ତେଣୁ ଶ୍ରମିକମାନଙ୍କୁ ବାହାରକୁ ଅଣାଯିବା ପରେ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ ସହିତ ସେମାନଙ୍କୁ ହସ୍ପିଟାଲ୍ ପଠାଇବା ଲାଗି ମଧ୍ୟ ବିଗତ ୫ ଦିନ ତଳୁ ବ୍ୟବସ୍ଥା କରାଯାଇଥିଲା । ଏକ ୧୫ ଜଣିଆ ଡାକ୍ତରୀ ବିଶେଷଜ୍ଞ ଦଳକୁ ବାହାରେ ପ୍ରସ୍ତୁତ ରଖାଯିବା ସହିତ ୫୦ରୁ ଅଧିକ ଆମ୍ବୁଲାନ୍ସକୁ ମଧ୍ୟ ପ୍ରସ୍ତୁତ ରଖାଯାଇଥିଲା । କିନ୍ତୁ ଶ୍ରମିକମାନେ ବାହାରକୁ ଆସିବା ପରେ ଯେଉଁ ସ୍ଥିତି ଦେଖାଯାଇଥିଲା ତାହା କେବଳ ସାଧାରଣ ଲୋକ ନୁହନ୍ତି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ବିଶେଷଜ୍ଞମାନଙ୍କୁ ମଧ୍ୟ ହତବାକ୍ କରିଦେଇଥିଲା । ଏହି ୪୧ ଜଣ ଶ୍ରମିକଙ୍କ ମଧ୍ୟରୁ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱଭାବିକ ରହିଥିବା ବେଳେ ମାନସିକ ସ୍ତରରେ ମଧ୍ୟ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ରହିଥିବା ଦେଖାଯାଇଥିଲା । ସେମାନଙ୍କୁ ସ୍ୱାଗତ କରିବା ସମୟରେ ସବୁ ଶ୍ରମିକଙ୍କ ହସ ହସ ମୁହଁ ସହିତ ସେମାନଙ୍କର ସ୍ୱାଭାବିକ ବ୍ୟବହାରକୁ ଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଖୁସି ମଧ୍ୟ ଦୁଇଗୁଣିତ ହୋଇଯାଇଥିଲା । ୧୭ ଦିନର ଘୋର ଅନ୍ଧାର ମଧ୍ୟରେ ବଞ୍ଚିବାର କ୍ଷୀଣ ଆଶାକୁ ନେଇ ସମୟ ବିତାଇଥିବା ଏହି ଶ୍ରମିକମାନେ କିଭଳି ସୁସ୍ଥ ଏବଂ ସ୍ୱାଭାବିକ ରହିଥିଲେ ତାହା ବିଭିନ୍ନ ମହଲରେ କିଛି କ୍ଷଣ ପାଇଁ ପ୍ରଶ୍ନ ସୃଷ୍ଟି କରିଥିବା ବେଳେ ଉଦ୍ଧାର ପାଇଥିବା ଶ୍ରମିକମାନଙ୍କ ଉତ୍ତର ଏହି ସନ୍ଦେହକୁ ଦୂର କରିଛି । ଟନେଲ୍‌ରେ କାର୍ଯ୍ୟ ଚାଲୁଥିଲା ବେଳେ ଗତ ଦୀପାବଳି ରାତିରେ ଅଚାନକ ଅତଡ଼ା ଖସିବା ଆରମ୍ଭ ହୋଇଥିଲା । ଏହି ସମୟରେ ଶ୍ରମିକମାନେ ଟନେଲ୍ ତଳୁ କାର୍ଯ୍ୟ ସାରି ନିଜ ରହିବା ସ୍ଥାନକୁ ଫେରିବାକୁ ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସେମାନଙ୍କ ବାଟ ବନ୍ଦ ହୋଇଯାଇଥିଲା । ଟନେଲ୍‌ର ଗୋଟିଏ ପଟେ ପାହାଡ଼ ଏବଂ ଅନ୍ୟ ପଟେ ମାଟି ଅତଡ଼ା ଭର୍ତ୍ତି ହୋଇଯିବାରୁ ସେମାନେ ବାହାରକୁ ଆସିବା ସମ୍ଭବ ହୋଇନଥିଲା ଏବଂ ସେମାନେ ଭିତରେ ଫସି ରହିଥିଲେ । ଏହି ଘଟଣା ପରେ ଶ୍ରମିକମାନଙ୍କୁ ଯୋଗାଯୋଗ କରିବା ପାଇଁ ବ୍ୟବସ୍ଥା କରାଯିବା ସହ ସେମାନଙ୍କ ପାଇଁ ଖାଦ୍ୟ ପଠାଇବା ଆରମ୍ଭ ହୋଇଥିଲା । ଏଭଳି ବ୍ୟବସ୍ଥା ବିଗତ ୧୭ ଦିନ ଧରି ଜାରି ରହିଥିଲେ ହେଁ ଶ୍ରମିକମାନେ ସୁସ୍ଥ ରହିବାର ମୁଖ୍ୟ କାରଣ ସେମାନଙ୍କ ଧୈର୍ଯ୍ୟ ଏବଂ ଦୃଢ଼ ବିଶ୍ୱାସ ଥିଲା ବୋଲି ସେମାନେ କହିଛନ୍ତି । ଏହି ଶ୍ରମିକମାନେ ବିଭିନ୍ନ ରାଜ୍ୟରୁ ଆସିଥିଲେ ହେଁ ସେମାନେ ଗୋଟିଏ ପରିବାରର ସଦସ୍ୟ ଭଳି ଏହି ଦୁର୍ଦ୍ଦିନକୁ ସାମ୍ନା କରିଥିଲେ । ଏକାଠି ବସି ଖାଇବା, ଗୀତ ଗାଇବା ଏବଂ ମନୋରଞ୍ଜନ ମାଧ୍ୟମରେ ପ୍ରତ୍ୟେକଙ୍କ ମନୋବଳ ବଢ଼ାଇବାକୁ ଉଦ୍ୟମ କରିଥିଲେ । ଏପରିକି ସେମାନେ ଟନେଲ୍ ଭିତରେ ଯୋଗାଭ୍ୟାସ ମଧ୍ୟ କରୁଥିଲେ । ଶ୍ରମିକମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣ ଯୋଗ ସମ୍ପର୍କରେ ଜାଣିଥିବାରୁ ସେମାନେ ଅନ୍ୟମାନଙ୍କୁ ଯୋଗାଭ୍ୟାସ ପାଇଁ ଉତ୍ସାହିତ କରିଥିଲେ । ଟନେଲ୍ ଭିତରେ କେବଳ ଖାଇବା ଏବଂ ଶୋଇବା ଛଡ଼ା ଅନ୍ୟ କିଛି କାମ ନଥିଲା । କିନ୍ତୁ ମାନସିକ ଚାପ ତ ନିଶ୍ଚୟ ରହିଥିଲା । ଅନ୍ୟପକ୍ଷରେ ଦିନ ଦିନ ଧରି ସେମାନେ ବିନା ସୂର୍ଯ୍ୟ କିରଣରେ ରହୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାର ଆଶଙ୍କା ରହିଥିଲା । ତେଣୁ ଉଦ୍ଧାର ପାଇବା ପର୍ଯ୍ୟନ୍ତ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଯୋଗ କରିବା ଉଚିତ୍ ବୋଲି ଯୋଗ ଶିଖାଉଥିବା ଶ୍ରମିକଙ୍କ କଥାକୁ ସମସ୍ତେ ସମ୍ମାନ ଦେଇ ପାଳନ କରିଥିଲେ । ଏହି ଦୁଇ ଜଣ ଶ୍ରମିକଙ୍କ ବ୍ୟତୀତ ଅନ୍ୟ ଜଣେ ଶ୍ରମିକ ଉତ୍ତରାଖଣ୍ଡର ଗବର୍ ସିଂହ ମଧ୍ୟ ପ୍ରମୁଖ ଭୂମିକା ନିଭାଇଥିଲେ । ସେ ପ୍ରତି ମୁହୂର୍ତ୍ତରେ ତାଙ୍କର ସହଯୋଗୀମାନଙ୍କୁ ଭେଟିବା ସହ ସେମାନଙ୍କ ଭିତରେ ମାନସିକ ସ୍ତରରେ ଶକ୍ତି ସଂଚାର କରିବା ସହ ବଞ୍ଚିବାର ଆଶାକୁ ଆହୁରି ଦୃଢ଼ୀଭୂତ କରାଉଥିଲେ । ସେହିପରି ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ନିଭାଇଥିବା ଅଷ୍ଟ୍ରେଲିଆ ବୈଜ୍ଞାନିକ ଆର୍ନୋଲଡ ଡିକ୍ସ ମଧ୍ୟ ହିନ୍ଦୁ ରୀତିରେ ପୂଜାର୍ଚ୍ଚନା କରି ଉଦ୍ଧାର କାର୍ଯ୍ୟରେ ଆଗୁଆ ରହିଥିଲେ । ଏହିସବୁ କଥା ଉଦ୍ଧାର ପାଇଥିବା ଶ୍ରମିକମାନେ ସାକ୍ଷାତକାର ସମୟରେ ବଖାଣିଛନ୍ତି । ଶ୍ରମିକମାନଙ୍କ ଉଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ଉତ୍ତରାଖଣ୍ଡ ସରକାର ଏବଂ ଦେଶବିଦେଶରୁ ଆସିଥିବା ବହୁ ବିଶେଷଜ୍ଞଙ୍କ ଉଦ୍ୟମ ସଫଳ ହୋଇଛି ସତ । ଏହାଛଡ଼ା ସେମାନଙ୍କ କର୍ମଫଳ ମଧ୍ୟ ସେମାନଙ୍କୁ ପୁନଃଜୀବନ ଦାନ ଦେଇଛି ବୋଲି କୁହାଯାଉଛି ।



ଉଦ୍ଧାରକାରୀ ଟିମ୍‌ର ଦୁଇ ହିରୋ ଶ୍ରମିକ ଗବର୍ ସିଂହ ଓ ବୈଜ୍ଞାନିକ ଆର୍ନୋଲଡ ଡିକ୍ସ

### ଚିନୁକରେ ଏମ୍ସ ଗଲେ ଶ୍ରମିକ



ସୁଡ଼ଙ୍ଗରୁ ବାହାର କରାଯାଇଥିବା ସମସ୍ତ ଶ୍ରମିକଙ୍କୁ ବାୟୁସେନାର ଚିନୁକ ହେଲିକପ୍ଟର ମାଧ୍ୟମରେ ଚିନ୍ୟାଲିସୌରରୁ ଋଷିକେଶ ସ୍ଥାନାନ୍ତର କରାଯାଇଛି । ଋଷିକେଶ ଏମ୍ସରେ ଶ୍ରମିକଙ୍କ ମେଡିକାଲ ପରୀକ୍ଷା କରାଯିବ । ଏହା ପୂର୍ବରୁ ଶ୍ରମିକଙ୍କୁ ଚିନ୍ୟାଲିସୌର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିଲେ । ସେଠାରେ ଡାକ୍ତର ଏବଂ ମେଡିକାଲ ବିଶେଷଜ୍ଞ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିଲେ । ଏଠାରେ ସେମାନେ ସାରା ରାତି ବିଶ୍ରାମ ନେଇଥିଲେ । ଏବେ ସମସ୍ତେ ସୁସ୍ଥ ଅଛନ୍ତି ବୋଲି ସିଏମଓ ପକ୍ଷରୁ କୁହାଯାଇଥିଲା । ୪୧ ଶ୍ରମିକଙ୍କୁ ବିଳମ୍ବିତ ରାତିରେ ଏବଂ ସକାଳେ ସ୍ୱାଭାବିକ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ନଜର ରଖା ଯାଇଥିଲା ।

# ତେଲଙ୍ଗାନା ତ୍ରିମୁଖୀ ଲଢ଼େଇ ଆଜି







ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟରୁ ପୂର୍ବରୁ ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ଚାରୋଟି ରାଜ୍ୟ ନିର୍ବାଚନ ଶେଷ ହୋଇସାରିଛି । ଶେଷ ରାଜ୍ୟ ଭାବେ ଆସନ୍ତାକାଲି ତେଲଙ୍ଗାନାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ସହିତ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂର୍ବ ଚାରୋଟି ରାଜ୍ୟରେ କିଛି ଆଞ୍ଚଳିକ ଦଳକୁ ବାଦ୍ ଦେଲେ ମୁଖ୍ୟତଃ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଲଢ଼େଇ ହୋଇଥିଲା । କିନ୍ତୁ ତେଲଙ୍ଗାନା ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି । କଂଗ୍ରେସ ଏବଂ ବିଜେପି ବ୍ୟତୀତ ଶାସକ ବି.ଆର୍.ଏସ୍. ମଧ୍ୟ ଏକ ମୁଖ୍ୟ ଦଳ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି । କର୍ଣ୍ଣାଟକରେ ବିଜେପି ପରାଜିତ ହେବା ପରେ ଦକ୍ଷିଣ ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିବା ଲାଗି ଏବେ ଏହି ଦଳ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିବା ଦେଖାଯାଇଛି । ବିଗତ ଦିନରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି ବହୁ ଦଳୀୟ ଫାୟାର୍ ବ୍ରାଣ୍ଡ ନେତା ଘନ ଘନ ପ୍ରଚାର ଅଭିଯାନ ଚଳାଇଥିଲେ । ବିଜେପି ନିର୍ବାଚନରେ ବିଜୟୀ ହେଲେ ତେଲଙ୍ଗାନାକୁ ପ୍ରଥମ ଦଳିତ ମୁଖ୍ୟମନ୍ତ୍ରୀ ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଏକ ବିରାଟ ସଭାରେ ଘୋଷଣା କରିଥିଲେ । ସେହିପରି କଂଗ୍ରେସ ମଧ୍ୟ ନିଜର ଆଧିପତ୍ୟ ବିସ୍ତାର ପାଇଁ ବିଭିନ୍ନ ସଭା ସମିତିରେ ରାଜ୍ୟବାସୀଙ୍କୁ ବହୁ ପ୍ରତିଶ୍ରୁତି ଦେଇଛି । ଅନ୍ୟପକ୍ଷରେ ତେଲଙ୍ଗାନାରେ କ୍ଷମତାରେ ରହିଥିବା କେ.ସି.ଆର୍‌ଙ୍କ ବି.ଆର୍.ଏସ୍. ଦଳ ପୁନଃକ୍ଷମତାସୀନ ହେବା ପାଇଁ ସବୁ ବଳ ଜୁଟାଇ ଦେଇଛି । ମୁସଲମାନ ସମ୍ପ୍ରଦାୟଙ୍କଠାରୁ ଆରମ୍ଭ କରି ଦଳିତ ଏବଂ ପଛୁଆ ବର୍ଗଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକାଠି କରି ବିଜୟୀ ହେବାକୁ ଉଦ୍ୟମ କରିଛି । ଏହି ତିନି ଦଳ ବ୍ୟତୀତ ଆସାଦୁଦ୍ଦିନ ଓୱେସୀଙ୍କ ଏ.ଏମ୍.ଆଇ.ଏମ୍. ଦଳ ମଧ୍ୟ ଏହି ନିର୍ବାଚନ ଲଢ଼େଇରେ ଅନ୍ୟତମ ପ୍ରମୁଖ ଦଳ ଭାବେ ଅବତୀର୍ଣ୍ଣ ହୋଇଛି । ଯଦିଓ ହାଇଦ୍ରାବାଦ ସମେତ ଅନ୍ୟ କେତେକ ମୁସଲମାନ ବହୁଳ ଅଞ୍ଚଳରେ ଏହି ଦଳର ପ୍ରଭାବ ରହିଛି, ତଥାପି ରାଜ୍ୟର ବିଭିନ୍ନ ଭାଗରେ ନିଜ ପ୍ରାର୍ଥୀଙ୍କୁ ବିଜୟ କରିବା ଲାଗି ଦଳ ଅଣ୍ଟା ଭିଡ଼ିଛି । ଏହି କ୍ରମରେ ପୂର୍ବ ଚାରୋଟି ରାଜ୍ୟ ତୁଳନାରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ଅଧିକ ପ୍ରତିଦ୍ୱନ୍ଦ୍ୱମୁଖୀ ହୋଇପଡ଼ିବ ବୋଲି ରାଜନୈତିକ ବିଶାରଦମାନେ ଆକଳନ କରିଛନ୍ତି ।

# ଭାରତୀୟଙ୍କୁ ମହାକାଶକୁ ପଠାଇବାରେ ସହଯୋଗ କରିବ ନାସା



ଭାରତୀୟ ମହାକାଶଚାରୀଙ୍କୁ ମହାକାଶକୁ ପଠାଇବ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)କୁ ନାସା ସାହାଯ୍ୟ କରିବ । ଭାରତ ଗସ୍ତରେ ଆସିଥିବା ନାସା ମୁଖ୍ୟ ବିଲ୍ ନେଲ୍‌ସନ ବୁଧବାର ଏହି ଘୋଷଣା କରିଛନ୍ତି । ମହାକାଶ ଯାତ୍ରୀଙ୍କୁ ପ୍ରଶିକ୍ଷଣରେ ସହାୟତା କରାଯିବ ବୋଲି ସେ କହିଛନ୍ତି । ତେବେ ଇସ୍ରୋ ମହାକାଶଚାରୀଙ୍କୁ ଚୟନ କରିବ । ଏଥିରେ ନାସାର କୌଣସି ଭୂମିକା ରହିବ ନାହିଁ । ଉଭୟ ଏଜେନ୍ସି ଏହା ଉପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ୧୯୮୪ ରେ ରାକେଶ ଶର୍ମାଙ୍କ ପରେ କୌଣସି ଭାରତୀୟ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯାତ୍ରା କରିବାକୁ ଯାଉଛନ୍ତି । ନାସା ମୁଖ୍ୟ କହିଛନ୍ତି ଯେ ଭାରତ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ । ଭାରତ ଭବିଷ୍ୟତରେ ମହାକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ନେଲ୍‌ସନ ନିଜର ଅନୁଭୂତି ବିଷୟରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ମହାକାଶରୁ ଭାରତ ସ୍ୱର୍ଗ ଭଳି ଦେଖାଯାଉଥିଲା ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ୧୯୮୬ରେ ସେ କଲମ୍ବିଆ ସ୍ପେସ ସଟଲରୁ ମହାକାଶକୁ ଯାତ୍ରା କରିଥିଲେ । ସେ ପ୍ରଥମ ଥର ମହାକାଶରୁ ଭାରତକୁ ଦେଖିଥିଲେ । ଦେଶର ସବୁଠାରୁ ଉପରେ ହିମାଳୟ ଥିଲା । ଏହି ଦୃଶ୍ୟ ଅଭିଭୂତ କରି ଦେଉଥିଲା ।

ଚନ୍ଦ୍ରଯାନ-୩ ଉପରେ ଆଲୋଚନା କରି ନେଲ୍‌ସନ କହିଛନ୍ତି ଯେ ଆମରିକା ଆସନ୍ତା ବର୍ଷ ଚନ୍ଦ୍ରର ଦକ୍ଷିଣ ମେରୁକୁ ଗରେ ଲ୍ୟାଣ୍ଡର ପଠାଇବ । କିନ୍ତୁ ଭାରତ ପ୍ରଥମେ ଏହି ସଫଳତା ପାଇଛି । ଏଥିପାଇଁ ଭାରତ ଶୁଭେଚ୍ଛାର ପାତ୍ର । ଭାରତ ଗସ୍ତରେ ନେଲ୍‌ସନ କେନ୍ଦ୍ରୀୟ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କୁ ମଧ୍ୟ ଭେଟିଛନ୍ତି । ଯଦି ଭାରତ ପ୍ରଥମ ମହାକାଶ ଷ୍ଟେସନ ବନାଇବାକୁ ଚାହିଁବ ତେବେ ଆମେରିକା ଏଥିରେ ସହଯୋଗ କରିବାକୁ ପ୍ରସ୍ତୁତ । ଭାରତ ୨୦୪୦ ସୁଦ୍ଧା ସ୍ପେସ୍ ଷ୍ଟେସନ ବନାଇବାକୁ ଲକ୍ଷ୍ୟ ରଖିଛି । ଏ କ୍ଷେତ୍ରରେ ଆମେରିକା ମିଳିତ ଭାବେ କାମ କରିବାକୁ ପ୍ରସ୍ତୁତ ଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାକାଶଚାରୀ ହେବାର ସମ୍ଭାବନା ଉପରେ ନେଲ୍‌ସନ କହିଛନ୍ତି ଯେ ସେ ପ୍ରଥମେ ରାଜନେତା ଭାବେ ମହାକାଶକୁ ଯାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ମହାକାଶ ପ୍ରେମୀ । ମହାକାଶରେ ଉଡ଼ାଣ ରାଜନେତାଙ୍କୁ ନିଆରା ଅନୁଭୂତି ଦେଇଥାଏ । ମହାକାଶରେ କୌଣସି ରାଜନୈତିକ, ଧାର୍ମିକ କିମ୍ବା ଜାତିଗତ ସୀମା ନାହିଁ । ଆମେ ସମସ୍ତେ ପୃଥିବୀର ନାଗରିକ ।




# ପତି-ପତ୍ନୀ କଳି

## ଜରୁରୀ ଅବତରଣ କଲା ବିମାନ

ବ୍ୟାଙ୍କକରୁ ମ୍ୟୁନିଖ ଯାଉଥିବା ଲୁଫ୍ଟହଂସା ଏୟାରଲାଇନ୍ସର ଏକ ବିମାନ (ଏଲ୍‌ଏଚ୍‌୭୭୨)ରେ ଲଙ୍କାକାଣ୍ଡ ହୋଇଛି । ବିମାନ ଭିତରେ ଦମ୍ପତି ମୁହାଁମୁହିଁ ହୋଇଛନ୍ତି । ଏହି ଝଗଡ଼ ଏତେ ବଢ଼ି ଯାଇଥିଲା ଯେ ବିମାନକୁ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା । ବିମାନର ଗତି ପଥ ପରିବର୍ତ୍ତନ କରି ଦିଲ୍ଲୀ ଅଭିମୁଖେ ଅଣା ଯାଇଥିଲା । ବୁଧବାର ସକାଳ ୧୦ଟା ୨୬ରେ ଏହା ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା । ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କାହିଁକି ଝଗଡ଼ା ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ବୋଲି ଦିଲ୍ଲୀ ବିମାବନ୍ଦରର ସୁରକ୍ଷା ଅଧିକାରୀ କହିଛନ୍ତି । ସୂଚନା ଅନୁଯାୟୀ ବିମାନର ଚାଳକ ଦଳର ସଦସ୍ୟ ପ୍ରଥମେ ପାକିସ୍ତାନରେ ଅବତରଣ କରାଇବାକୁ ଅନୁମତି ମାଗିଥିଲେ । କିନ୍ତୁ ପାକିସ୍ତାନ କର୍ତ୍ତୃପକ୍ଷ ଏଥିପାଇଁ ମନା କରି ଦେଇଥିଲେ । ଏହା ପରେ ବିମାନ ଦିଲ୍ଲୀରେ ଅବତରଣ କରିଥିଲା । କୌଣସି କଥାକୁ ନେଇ ଜର୍ମାନୀର ସ୍ୱାମୀ ଏବଂ ତାଙ୍କ ଥାଇଲାଣ୍ଡ ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ପରେ ଏହା ଉଗ୍ର ରୂପ ଧାରଣ କରି ଝଗଡ଼ାରେ ପରିଣତ ହୋଇଥିଲା । ସ୍ତ୍ରୀ ଏ ନେଇ କ୍ରୁ ସଦସ୍ୟଙ୍କୁ ଅଭିଯୋଗ କରିଥିଲେ । ସ୍ୱାମୀ ଧମକ ଦେଉଥିବା କହିଥିଲେ । ଏହା ପରେ କ୍ରୁ ସଦସ୍ୟ ବିମାନର ଅବତରଣ ପାଇଁ ନିଷ୍ପତ୍ତି ନେଇଥିଲେ । ଦିଲ୍ଲୀ ବିମାନବନ୍ଦରରେ ସ୍ୱାମୀଙ୍କୁ ବାହାର କରି ଦିଆଯାଇଥିଲା । ତାଙ୍କୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ବିମାନର ଅନ୍ୟ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଏହି ଝଗଡ଼ କରିଥିବା ବ୍ୟକ୍ତି ନିଶାସକ୍ତ ଥିଲେ ବୋଲି କୁହାଯାଉଛି ।

# ବିରୋଧୀ ଦଳ ନେତା ଜୟଙ୍କୁ ଖାଉଛି ଭୟ

**ସମ୍ବଲପୁର, ୨୯।୧୧(ସମିସ):** ସମ୍ବଲପୁର ବିଧାୟକ ତଥା ବିଧାନସଭା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରାୟ ୬ମାସ ହେବ ନିଜ ନିର୍ବାଚନମଣ୍ଡଳୀରେ ପାଦ ଦେଇନାହାନ୍ତି। ସ୍ୱାସ୍ଥ୍ୟଗତ କାରଣ ବୋଲି ଦଳୀୟ କର୍ମୀ ଓ ଜନସାଧାରଣ ଭାବୁଛନ୍ତି। ପ୍ରାୟ ଏକମାସ ହେବ ସେ କଲିକତାର ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ନଭେମ୍ବର ୫ତାରିଖରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ସମ୍ବଲପୁର ଆସିବେ ବୋଲି କର୍ମୀମାନେ ଆଲୋଚନା କରୁଥିଲେ। ହେଲେ ସେ ହାଇକୋର୍ଟରେ କରିଥିବା ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତାଙ୍କ ବିରୋଧରେ ଦୁଇଟି ମାମଲା ରହିଥିବା ବେଳେ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ତେବେ ହାଇକୋର୍ଟ ଗୋଟିଏ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ତେଣୁ ଗିରଫ ଭୟରେ ବିରୋଧୀ ଦଳ ନେତା ଜୟ ସମ୍ବଲପୁର ତଥା ଓଡ଼ିଶାକୁ ଆସିବାକୁ ଭୟ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଶୁଣିବାକୁ ମିଳୁଛି, ଜାମିନ ମିଳିବା ନେଇ ସେ ଅପେକ୍ଷା କରିଛନ୍ତି। ଜାମିନ ମିଳିଲେ ସମ୍ବଲପୁର କିମ୍ବା ରାଜ୍ୟକୁ ଫେରିବେ ବୋଲି ଆଲୋଚନା ହେଉଛି। ହାଇକୋର୍ଟରେ ଜାମିନ ନ ମିଳିବା ପରେ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ଏକରକମ ଅଡୁଆରେ ପଡ଼ିଛନ୍ତି। ସମ୍ବଲପୁରରେ ପର୍ବପର୍ବାଣୀ, ରାଜନୈତିକ କାର୍ଯ୍ୟକ୍ରମ ଗୁଡିକରେ ତାଙ୍କ ଅନୁପସ୍ଥିତି ରହୁଛି। ଦୀର୍ଘଦିନ ଧରି ତାଙ୍କ ଅନୁପସ୍ଥିତି ଜନସାଧାରଣ ତଥା କର୍ମୀ ମହଲରେ ନାନାଦି ପ୍ରଶ୍ନ ଉଙ୍କି ମାରୁଛି।



ସୂଚନାଯୋଗ୍ୟ ଯେ ମହିଳା ପୁଲିସ ଅଧିକାରୀ ଅନିତା ପ୍ରଧାନଙ୍କୁ ଦୁର୍ବ୍ୟବହାର ଅଭିଯୋଗ ନେଇ ସମ୍ବଲପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଆଗୁଆ ଜାମିନ ଆବେଦନ ୨୧ ନଭେମ୍ବର ଦିନ ହାଇକୋର୍ଟରେ ଖାରଜ ହୋଇଥିଲା। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିଲେ। ୨୦୨୩ ଫେବୃଆରୀ ୧୫ରେ ସମ୍ବଲପୁରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ବେଳେ ପୁଲିସ ସହ ବିଜେପି କର୍ମୀଙ୍କ ମୁହାଁମୁହିଁ ହୋଇଥିଲା। ଧନୁପାଲି ଥାନା ଆଇଆଇସି ଅନିତା ପ୍ରଧାନଙ୍କୁ ଦୁର୍ବ୍ୟବହାର ଓ କର୍ତ୍ତବ୍ୟ ସମ୍ପାଦନରେ ବାଧା ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଧନୁପାଲି ଥାନା ଆଇଆଇସିଙ୍କ ଏତଲା କ୍ରମେ ଟାଉନ ଥାନା ପକ୍ଷରୁ ଶ୍ରୀ ମିଶ୍ରଙ୍କ ନାଁରେ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ସେହିଭଳି କ୍ଷେତରାଜପୁର ଥାନା ମାମଲାରେ ଆଗୁଆ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ଯଦି ସେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ନିୟମିତ ଜାମିନ ପାଇଁ ନିବେଦନ କରନ୍ତି, ତେବେ ଏହା ଉପରେ ଆଇନ ଅନୁସାରେ ତ୍ୱରିତ ବିଚାର କରାଯିବ ବୋଲି ହାଇକୋର୍ଟ କହିବା ସହିତ ଏ ସମ୍ପର୍କିତ ଆଗୁଆ ଜାମିନ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଜଷ୍ଟିସ ଦେବବ୍ରତ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରୋଧୀ ଦଳ ନେତା ଶ୍ରୀ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁର ସଦର ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଲକ୍ଷ୍ମଣ ଅମାତଙ୍କୁ ଦୁର୍ବ୍ୟବହାର ଓ ଧମକ ଦେବା ନେଇ ଶ୍ରୀ ମିଶ୍ର ଓ ଅନ୍ୟମାନଙ୍କ ବିରୋଧରେ କ୍ଷେତରାଜପୁର ଥାନାରେ ୨୦୨୨ରେ ଅଭିଯୋଗ ହୋଇଥିଲା। ୨୦୨୨ ଫେବୃଆରୀ ୧୫ରେ ତହସିଲଦାର ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଥିବାବେଳେ ବିଧାୟକ ଶ୍ରୀ ମିଶ୍ର ଓ ତାଙ୍କ ସମର୍ଥକମାନେ ଘଟଣାସ୍ଥଳରେ ପହଞ୍ଚି ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା। ତତ୍କାଳୀନ ତହସିଲଦାର ଶ୍ରୀ ଅମାତଙ୍କ ଅଭିଯୋଗ ଆଧାରରେ କ୍ଷେତରାଜପୁର ଥାନାରେ ଆଇପିସି ଦଫା ୧୪୩, ୨୯୪, ୧୮୬, ୩୫୩, ୫୦୬, ୧୪୯ ସହିତ ଏସ୍‌ସି/ଏସ୍‌ଟି (ପିଏ) ଆଇନର ଧାରା ୩ରେ ମାମଲା ରୁଜୁ ହୋଇଥିଲା। ଏସ୍‌ସି/ଏସ୍‌ଟି ଆଇନରେ ରୁଜୁ ମାମଲାରେ ଆଗୁଆ ଜାମିନ ପ୍ରଦାନ ସଂକ୍ରାନ୍ତରେ କଟକଣା ରହିଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏବେ ବିରୋଧୀ ଦଳ ନେତା ଜାମିନ ପର୍ଯ୍ୟନ୍ତ ରାଜ୍ୟ ବାହାରେ ଫେରାର ହୋଇ ରହିବେ ନା ଫେରିବେ ସେ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ ବିରୋଧି ଦଳ ନେତା ଶ୍ରୀ ମିଶ୍ର କହିଛନ୍ତି ଯେ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି। ଚିକିତ୍ସିତ ଅବସ୍ଥାରେ ଅଛି। ଡାକ୍ତର ଡିସଚାର୍ଜ କରିବା ପରେ ଫେରିବି। କେବେ ଡିସଚାର୍ଜ କରିବେ ତାହା ଡାକ୍ତରଙ୍କ ହାତରେ ରହିଛି। କୋର୍ଟ ବିଚାରଧିନ ମାମଲା ଗୁଡିକରେ ମନ୍ତବ୍ୟ ଦେବା ଠିକ ହେବ ନାହିଁ ବୋଲି ସେ କହିଥିଲେ।

---

### ଏମଜିଏଲ ଇନଫ୍ରା ପ୍ରାଇଭେଟ ଲିମିଟେଡ୍ ଚିଟଫଣ୍ଡ ଠକେଇ ମାମଲା

## ବ୍ରାଞ୍ଚ ମ୍ୟାନେଜର ଓ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ୩ ବର୍ଷ ଜେଲ୍

**ବାଲେଶ୍ୱର, ୨୯।୧୧ (ସମିସ):** ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ନିରୀହ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଜମାନେଇ ରାତାରାତି ଚମ୍ପଟ ମାରିଥିବା ଏମଜିଏଲ ଇନଫ୍ରା ପ୍ରାଇଭେଟ ଲିମିଟେଡ୍ ନାମକ ଚିଟଫଣ୍ଡ ସଂସ୍ଥାର ବାଲେଶ୍ୱର ବ୍ରାଞ୍ଚ ମ୍ୟାନେଜର ଦେବୀ ଶଙ୍କର ପରମାଣିକ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଭଗବାନ ଚନ୍ଦ୍ର ପ୍ରଧାନଙ୍କୁ ମାନ୍ୟବର ବାଲେଶ୍ୱର ଓପିଆଇଡି କୋର୍ଟ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଓପିଆଇଡି କୋର୍ଟର ବିଚାରପତି ବିଶ୍ୱଜିତ ଦାସ ଏହି ଠକ ସଂସ୍ଥା ମାମଲାର ୪୨ ଜଣ ସାକ୍ଷୀ ଓ ୯୦ଟି ଦଲିଲ ଦସ୍ତାବିଜ ଆଧାରରେ ବିଚାରକରି ଅଭିଯୁକ୍ତ ଦୋଷୀ ପରମାଣିକ ଓ ପ୍ରଧାନଙ୍କୁ ପ୍ରତ୍ୟେକ ତିନିବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଅଭିଯୁକ୍ତ ଦୋଷୀଙ୍କୁ ୮୦ହଜାର ଟଙ୍କା ଲେଖାଏଁ ଜରିମାନା ଦେବା ଲାଗି ରାୟରେ ଉଲ୍ଲେଖ କରିଥିବାବେଳେ ଜରିମାନା ଅନାଦେୟ ହେଲେ ଅଧିକ ଛଅ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦଣ୍ଡିତ ହେଇଥିବା ବ୍ରାଞ୍ଚ ମ୍ୟାନେଜର ଦେବୀ ଶଙ୍କର ପରମାଣିକଙ୍କ ଘର ବସ୍ତା ଥାନା ହଳଦୀପଦା ସୋଲାପଟା ଅଞ୍ଚଳରେ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ଭଗବାନ ପ୍ରଧାନଙ୍କ ଘର ସହଦେବଖୁଣ୍ଟା ଥାନା ହରିପୁର ବେଗୁନିଆ ଅଞ୍ଚଳରେ ହୋଇଥିବା ଜଣାଯାଇଛି। ବାଲେଶ୍ୱର ସହରର ସହଦେବଖୁଣ୍ଟା ବସ ଷ୍ଟାଣ୍ଡ ନିକଟରେ ଏମଜିଏଲ ଇନଫ୍ରା ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥା ୨୦୧୦ରୁ କାର୍ଯ୍ୟାଳୟ ଖୋଲି ଅଧିକ ସୁଧ ଦେବାର ପ୍ରଲୋଭନ ଦେଇ ନିରୀହ ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଜମା ନେଇଥିଲା। ପରେ ଏହି ଠକ ସଂସ୍ଥା ଜମାକାରୀଙ୍କୁ ସୁଧ ଦେବା ତ ଦୂରର କଥା, ମୂଳଧନ ଟଙ୍କା ନ ଫେରାଇ ରାତାରାତି ଚମ୍ପଟ ମାରିଥିଲା। ରେମୁଣା ନୂଆପାଢ଼ୀ ଅଞ୍ଚଳର ଜନୈକ ଜମାକାରୀ ବିଜୟ ମହାପାତ୍ର ସମ୍ପୃକ୍ତ ସଂସ୍ଥା ବିରୋଧରେ ଗତ ୩/୧୧/୧୪ ତାରିଖରେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତ ପରମାଣିକ ଓ ପ୍ରଧାନଙ୍କ ନାମରେ ମାମଲା ରୁଜୁ କରିଥିଲେ। ବୁଧବାର ଦିନ ଏହି ମାମଲାର ବିଚାର ମୂଳେ ଓପିଆଇଡି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ ପଣ୍ଡା ପରିଚାଳନା କରୁଛନ୍ତି।

**୮୦ ହଜାର ଜରିମାନା**
**ଅନାଦେୟ ୬ମାସ ଜେଲ୍ ଦଣ୍ଡ**

---

## ଉଦ୍ଧାର ଓଡ଼ିଆ ଶ୍ରମିକଙ୍କୁ ଭେଟିଲେ ଶ୍ରମମନ୍ତ୍ରୀ

**ଭୁବନେଶ୍ୱର,୨୯ ।୧୧(ସମିସ):** ଉତ୍ତରକାଶୀ ଟନେଲରୁ ଉଦ୍ଧାର ହୋଇଥିବା ୫ ଜଣ ଓଡ଼ିଆ ଶ୍ରମିକଙ୍କୁ ଭେଟିଛନ୍ତି ରାଜ୍ୟ ଶ୍ରମମନ୍ତ୍ରୀ ଶାରଦା ପ୍ରସାଦ ନାୟକ। ଗୁରୁବାର ସକାଳେ ଶ୍ରୀ ନାୟକ ହସ୍ପିଟାଲକୁ ଯାଇ ଶ୍ରମିକମାନଙ୍କୁ ଭେଟିବା ସହ ଆଲୋଚନା କରିଛନ୍ତି। ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସହ ସେଠାରେ ଉପସ୍ଥିତ ଥିବା ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଭଲ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ଟିମ୍ ସହ ବର୍ତ୍ତମାନ ସେଠାରେ ଉଦ୍ଧାର ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଶାଇ ୧୫ଜଣ ସଦସ୍ୟ ରହିଛନ୍ତି। ସ୍ଥାନୀୟ ସରକାରଙ୍କ ଅନୁମତି ପରେ ସେଠାରୁ ସେମାନେ ଓଡ଼ିଶା ଅଭିମୁଖେ ଯାତ୍ରା କରିବେ ବୋଲି ଯୋଜନା ରହିଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

- ଖୁବ୍ ଶୀଘ୍ର ଓଡ଼ିଶା ଫେରିବା ନେଇ ଆଶାବାଦୀ
- ତତ୍‌ପରତା ପାଇଁ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା
- ଉଦ୍ଧାର ପରେ ଲୋମଟାଙ୍କୁରା କାହାଣୀ କହିଲେ ଧୀରେନ୍

ଅନ୍ୟପଟେ ୫ ଜଣ ସୁରକ୍ଷାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯେଉଁ ତତ୍ପରତା ଦେଖାଇଛନ୍ତି ସେଥିପାଇଁ ମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଶ୍ରମିକମାନଙ୍କ ଅବସ୍ଥା ସମ୍ପର୍କରେ ପ୍ରତ୍ୟେକ ଦିନ ଶ୍ରୀ ପାଣ୍ଡିଆନ୍ ଫୋନ୍ ଯୋଗେ ତଥ୍ୟ ସଂଗ୍ରହ କରୁଥିଲେ। ଏହା ଜାଣି ସେଠାରେ ଥିବା ଅନ୍ୟ ଓଡ଼ିଆ ଶ୍ରମିକମାନେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରତ୍ୟେକ ଜୀବନ ମୂଲ୍ୟବାନ କଥା କହିଥାନ୍ତି। ଏଥିପାଇଁ ୧୨ ତାରିଖ ଏହି ଦୁର୍ଘଟଣା ହେବା ପରେ ରାଜ୍ୟ ଶ୍ରମ ବିଭାଗର ୩ ଜଣ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏହାପରେ ତାଙ୍କ ସହ ଓଡ଼ିଆ ଶ୍ରମିକଙ୍କ ପରିବାର ସଦସ୍ୟ ୨୪ ତାରିଖ ସେଠାରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ସରକାରଙ୍କ ସହ ଆଲୋଚନା କରିବା ସହିତ ଘଟଣା ସ୍ଥଳରେ କେନ୍ଦ୍ରମନ୍ତ୍ରୀ ଭିକେ ସିଂଙ୍କ ସହିତ ମଧ୍ୟ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଅପରେସନ ସଫଳ ହୋଇଛି ଓ ଖୁବଶୀଘ୍ର ଶ୍ରମିକମାନଙ୍କୁ ନେଇ ସେ ଓଡ଼ିଶା ଫେରିବେ ବୋଲି ଆଶାବାଦୀ ଅଛନ୍ତି।



ଅନ୍ୟପଟେ ଶ୍ରମିକମାନେ ଟନେଲ୍‌ରୁ ବାହାରିବା ପରେ ସେଠାରେ ବିତାଇଥିବା ମୁହୂର୍ତ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଓଡ଼ିଆ ଶ୍ରମିକ ଧୀରେନ ନାୟକ କହିଛନ୍ତି ଟନେଲ୍‌ରେ ଫସିବାର ୧୮ ଘଣ୍ଟା ପର୍ଯ୍ୟନ୍ତ ସେମାନେ ଅମ୍ଳଜାନ ପାଇପାରି ନ ଥିଲେ। ଏହାପରେ ଟନେଲ ଭିତରେ ପମ୍ପ ଚଲାଇ ପାଇପ୍ ବାଟେ ପାଣି ଛାଡ଼ିଥିଲେ। ଫଳରେ ବାହାରେ ଥିବା କମ୍ପାନୀ କର୍ମଚାରୀ ଶ୍ରମିକମାନେ ଟନେଲ୍‌ରେ ଫସି ଯାଇଥିବା ଜାଣି ପାରିଥିଲେ। ସେହି ପାଇପରେ ମୁଢ଼ି, କାଜୁ, କିସମିସ୍ ଓ ଚଣା ଆଦି ଶ୍ରମିକଙ୍କ ନିକଟକୁ ପଠାଯାଇଥିଲା। ପ୍ରଥମ ୧୦ଦିନ କେବଳ ଏହି ଖାଦ୍ୟ ଖାଇ ଶ୍ରମିକମାନେ ସେଠାରେ ରହିଥିଲେ। ପରେ ୬ ଇଞ୍ଚର ପାଇପ ପକାଇ ଶ୍ରମିକମାନଙ୍କ ପାଖକୁ ଭାତ, ରୁଟି ଓ ଡାଲି ପଠା ଯାଇଥିଲା। ଏଭଳି କଠିନ ପରିସ୍ଥିତିରେ କିନ୍ତୁ ଟନେଲ ଭିତରେ ପାଣି ଓ ଲାଇନ କଟି ନଥିଲା ବୋଲି ଧୀରେନ କହିଛନ୍ତି। ଟନେଲ ଭିତରେ ବହୁ ପ୍ରତିକୂଳ ପରିସ୍ଥିତିରେ ଥିଲେ ବି ଏକାଠି ଥିବାରୁ କାହିରି ମନୋବଳ ଭାଙ୍ଗି ନ ଥିଲା। ପ୍ରାୟ ୧୦/୧୨ ଦିନ ପରେ ପରିବାର ଲୋକଙ୍କ ସହ ସେମାନେ କଥା ହୋଇପାରିଥିଲେ। ୧୭ ଦିନର ଅପେକ୍ଷା ପରେ ଉଦ୍ଧାର ପାଇଁ ସଂଯୋଗ କରାଯାଇଥିବା ପାଇପ୍‌କୁ ଦେଖି ସମସ୍ତେ ଖୁସି ହୋଇଯାଇଥିଲେ ବୋଲି ସେ କହିଛନ୍ତି।

---

## ୩୧୪ଟି ବ୍ଲକରେ ହେବ 'କଏନ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯ ।୧୧(ସମିସ):** ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ କଏନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ କରାଯିବ। ବିଭିନ୍ନ ବ୍ୟାଙ୍କ ଜରିଆରେ ଡିସେମ୍ବର ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବ। ୩ ମାସ ମଧ୍ୟରେ ସବୁ ବ୍ଲକ ବଜାର ସ୍ଥାନରେ ଏକି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କଠାରୁ କଏନ୍ ସହ ମଇଳା ଓ ଚିରା ଫଟା ଟଙ୍କା ଗ୍ରହଣ କରାଯିବ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ ଏବେ ବଜାରରେ ପ୍ରଚଳନ ଥିବା ୫୦ ପଇସା ଠାରୁ ୨୦ ଟଙ୍କିଆ କଏନ ଯାଏଁ ସବୁ ଚାଲୁଛି। ଯେଉଁ କେତେକ ସ୍ଥାନରେ ଏହାକୁ ନେଇ ଗୁଜବ କରାଯାଉଛି ତାକୁ ନେଇ ଅଧିକ ସଚେତନତା ଦରକାର। କୌଣସି ଗୁଜବରେ ବିଶ୍ୱାସ ଲୋକଙ୍କୁ ବିଶ୍ୱାସ ନ କରିବାକୁ ସେ କହିବା ସହ ବ୍ୟାଙ୍କରେ ମଧ୍ୟ ଲୋକମାନେ ସେମାନଙ୍କ ପାଖରେ ଥିବା କଏନ ଜମା କରିପାରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଅନ୍ୟପଟେ ବ୍ୟାଙ୍କଗୁଡ଼ିକ କଏନ ନେବାକୁ ମନା କରିପାରିବ ନାହିଁ। ଯଦି ବ୍ୟାଙ୍କ କଏନ ନେବାକୁ ମନା କରୁଛି, ଲୋକେ ଆରବିଆଇର ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା ବ୍ୟାଙ୍କିଙ୍ଗ ଲୋକପାଳଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ଲୋକଙ୍କ ଅଭିଯୋଗକୁ ଆଧାର କରି ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ବର୍ତ୍ତମାନ ୨ ହଜାର ଟଙ୍କିଆ ଅଦଳବଦଳ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ବ୍ୟକ୍ତିଗତ ଭାବେ ପୂର୍ବରୁ ଜଣଙ୍କଠାରୁ ୧୦ ଖଣ୍ଡ ୨ ହଜାର ଟଙ୍କିଆ ନୋଟ୍ ରଖାଯାଉଥିବା ବେଳେ ଏବେ ଏହାକୁ ୫ ଖଣ୍ଡକୁ ଖସାଇ ଦିଆଯାଇଛି। ତେବେ ପୋଷ୍ଟାଲ ମାଧ୍ୟମରେ ୨ ହଜାର ଟଙ୍କିଆ ବଦଳ ପରିମାଣକୁ ବୃଦ୍ଧି କରାଯାଇଛି ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି।

---

## ଓଡ଼ିଶାରେ କଳା କଲରାପତରିଆ ବାଘ

**ଭୁବନେଶ୍ୱର,୨୯ ।୧୧(ସମିସ):** ରାଜ୍ୟରେ ପୁଣି ଦେଖାଗଲା କଳା ବାଘ। କେନ୍ଦ୍ରୀୟ ଓଡ଼ିଶାର ଏକ ଜଙ୍ଗଲରେ ଏହି କଳା କଲରାପତରିଆ ବାଘ ଘୁରି ବୁଲୁଛି। ବାଘ ଗଣନା ଯୋଗୁଁ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ବାଘଟି ନଜରକୁ ଆସିଛି। ଏହି ବିରଳ ପ୍ରଜାତିର କଳାବାଘର ଫଟୋ ସହ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ତାଙ୍କ ସୋସିଆଲ୍ ମିଡିଆରେ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଜଙ୍ଗଲରେ କଳାବାଘ ଠାବ ନେଇ ଏହାକୁ ସେ ଆଶାତୀତ ଓ ଉତ୍ସାହଜନକ ବୋଲି କହିଛନ୍ତି।

ଏହା ପୂର୍ବରୁ ଶିମିଳିପାଳ ଜାତୀୟ ଉଦ୍ୟାନରେ ବିରଳ କଳା ମହାବଳ ବାଘ ଠାବ ହୋଇସାରିଛି। ଏହି କଳାବାଘ ପାଇଁ ଜାତୀୟ ସ୍ତରରେ ଶିମିଳିପାଳ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ରାଜ୍ୟର ଆଉ ଏକ ଜଙ୍ଗଲରେ କଳାବାଘ ଦେଖାଯିବା ବନ ବିଭାଗ ପାଇଁ ଉତ୍ସାହ ଭରିଛି। ଅନ୍ୟପଟେ ବାଘର ସୁରକ୍ଷା ଯୋଗୁଁ ବର୍ତ୍ତମାନ ବାଘ ଟି ନିର୍ଦ୍ଦିଷ୍ଟ କେଉଁ ଜଙ୍ଗଲରେ ରହୁଛି ସେନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଉ ନ ଥିଲେ ମଧ୍ୟ ସାତକୋଶିଆ, ନୟାଗଡ଼, ବୌଦ୍ଧ କିମ୍ବା ଅନୁଗୁଳର କୌଣସି ଏକ ଜଙ୍ଗଲରେ କଳା ବାଘ ବିଚରଣ କରୁଥିବା ଅନୁମାନ କରାଯାଉଛି। ଦେଖାଯାଇଥିବା କଳା ମହାବଳ ବାଘର ଦେହ ରଙ୍ଗ ଧଳା ଅଥବା ସୁନେଲି ରଙ୍ଗର ହୋଇଥିବା ବେଳେ ତା'ଉପରେ ଗାଢ଼ କଳା ପଟା ଗାର ପଡ଼ିଛି। କଳା ବାଘମାନଙ୍କର 'ଜିନ୍ ପୁଲ୍' ଅଭିନବ ଏବଂ ସେମାନଙ୍କର ସଂଖ୍ୟା ବୃଦ୍ଧି କରିବା ଲାଗି 'ବ୍ୟାଘ୍ର ସଂରକ୍ଷଣ' ଉଦ୍ୟମ ଚଳାଇଛି। ଗୁଣସୂତ୍ରୀୟ ପରିବର୍ତ୍ତନ ହେତୁ ମହାବଳ ବାଘ ଦେହରେ ଏଭଳି ଚମତ୍କାର ଗାଢ଼ କଳା ପଟା ଦାଗ ସୃଷ୍ଟି ହୋଇଥାଏ। ନିର୍ଦ୍ଦିଷ୍ଟ କୌଣସି ଗୁଣସୂତ୍ର ରୂପାନ୍ତରିତ ହୋଇଯିବା ପରେ କଳା ପଟା ଦାଗ ସବୁ ବଢ଼ି ବଢ଼ି ବାଘର କମଳା ରଙ୍ଗର ଦେହକୁ ଆବୃତ୍ତ କରି ପକାଇଥାଏ। ପୂର୍ବରୁ ରାଜ୍ୟବାସୀ କଳା ମହାବଳ ବାଘ ଦେଖିବା ବେଳେ ଏବେ କଲରାପତରିଆ କ୍ଷେତ୍ରରେ ମଧ୍ୟ ସେଭଳି କଳାବାଘ ଥିବା ଜଣାପଡ଼ିଛି।



ରାଜ୍ୟରେ ବର୍ତ୍ତମାନ ନିଜସ୍ୱ ବାଘ ଗଣନା ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ବିଭିନ୍ନ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଯୋଗୁଁ ବିଭିନ୍ନ ସ୍ଥାନରେ ବାଘ ଥିବା ନେଇ ବିଭାଗକୁ ଅଧିକ ସୂଚନା ମିଳୁଥିବା ବେଳେ ଏବେ କଳା ବାଘ ସମ୍ପର୍କରେ ମଧ୍ୟ ସୂଚନା ମିଳିଛି। ବାଘ ଗଣନା ପରେ ଆସନ୍ତା ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ଏହାର ରିପୋର୍ଟ ପ୍ରକାଶ କରିବେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ସମୟରେ ହିଁ କେଉଁ ଜଙ୍ଗଲରେ କେତ ବାଘ ରହୁଛନ୍ତି ଓ ଏହି କଳାବାଘ ସମ୍ପର୍କରେ ଅଧିକ ତଥ୍ୟ ସାମନାକୁ ଆସିବାର ଆଶା କରାଯାଉଛି।

- ମହାବଳ ପରେ ସାମନାକୁ ଆସିଲା କଳା କଲରାପତରିଆ
- କେନ୍ଦ୍ରୀୟ ଓଡ଼ିଶାର ଏକ ଜଙ୍ଗଲରେ ବୁଲୁଛି ବାଘ

---

## ଟାଟା ଷ୍ଟିଲ ଫାଉଣ୍ଡେସନର ଶିକ୍ଷା ଅଭିଯାନରେ ୩୪ହଜାରରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ

**ଭୁବନେଶ୍ୱର,୨୯ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ କୋଟାମ ପଞ୍ଚାୟତର ୧୨ ବର୍ଷୀୟ ବାଳକ ବିଜୟ ବେହେରା (ଛଦ୍ମନାମ)। ଶିକ୍ଷା ପାଇଁ ଅର୍ଥାଭାବ ଓ ଘରଠାରୁ ସ୍କୁଲ ଦୂରତା ହେଉଥିବାରୁ ପାଠପଢ଼ିବାକୁ ସଂଘର୍ଷ କରୁଥିଲେ। ଆନ୍ତରିକତା ସତ୍ତ୍ୱେ ଅସୁବିଧା ଯୋଗୁଁ ଶେଷରେ ସେ ସ୍କୁଲ ପାଠପଢ଼ା ଛାଡ଼ିଦେଇଥିଲେ। ନିୟମିତ ପରିଦର୍ଶନ ସମୟରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ର ସ୍ୱେଚ୍ଛାସେବୀମାନେ ଏହି ସମ୍ପର୍କରେ ଜାଣିବାକୁ ପାଇଲେ। ତାଙ୍କ ପରିବାର ସହ ଆଲୋଚନା ପରେ ଟିଏସ୍‌ଏଫ୍‌ର ଏନଜିଓ ପାର୍ଟନର ଆସ୍ୱାୟାର ଓ ଜରିପାଳ ଗ୍ରାମର ଜୁଆଙ୍ଗ ସମ୍ପ୍ରଦାୟର ସହଯୋଗରେ ପ୍ରତିଷ୍ଠା ହୋଇଥିବା ଅଣ-ଆବାସିକ ସେତୁ ପାଠ୍ୟକ୍ରମ (ଏନ୍‌ଆରବିସି) କେନ୍ଦ୍ରରେ ତାଙ୍କର ନାମ ଲେଖାଇଥିଲେ। ଏନ୍‌ଆରବିସି କେନ୍ଦ୍ରରେ ୬ ମାସ ପାଠ ପଢ଼ିବା ପରେ ସମ୍ପ୍ରତି କୋଟାମ୍ ସରକାରୀ ହାଇସ୍କୁଲରେ ଅଧ୍ୟୟନ କରୁଛନ୍ତି।

ସେହିପରି ଯାଜପୁର ଜିଲ୍ଲା ଦାନଗଦିର ଅଜୟ ମୁଣ୍ଡା (ଛଦ୍ମନାମ) ପଞ୍ଚମ ଶ୍ରେଣୀ ପରେ ପାଠପଢ଼ା ଛାଡି ଦେଇଥିଲେ। ତାଙ୍କୁ ମଧ୍ୟ ଟିମ୍ ଉଦ୍ଧାର କରି ଦାନଗଦିର ଟମକାଠାରେ ଥିବା ଆବାସିକ ସେତୁ ପାଠ୍ୟକ୍ରମ (ଆରବିସି) ମାଧ୍ୟମରେ ନାମ ଲେଖାଇଥିଲେ। ଏବେ ତାଙ୍କ ଜୀବନର ଗତିପଥ ପରିବର୍ତ୍ତନ ହୋଇଛି। ସମ୍ପ୍ରତି ସେ ଯାଜପୁର ରଗଡ଼ିସ୍ଥିତ ସରକାରୀ ପଲିଟେକ୍ନିକ୍‌ରେ ମାଇନିଂ ଇଞ୍ଜିନିୟରିଂ ପଢ଼ୁଛନ୍ତି। ନିଜ ପରିବର୍ତନଶୀଳ ଯାତ୍ରା ବିଷୟରେ ବର୍ଣ୍ଣନା କରି ଏହା ଅବିଶ୍ୱନୀୟ ବୋଲି ସେ ବର୍ଣ୍ଣନା କରିଛନ୍ତି। ଇଏସ୍‌ପି ଟିମର ସଦସ୍ୟ ପରିବାର ସହ ଯୋଗାଯୋଗ କରିବା ପରେ ପିତାମାତାଙ୍କ ଅନୁମତିରେ ନାମ ଲେଖାଇଥିଲେ। ଏବେ ମାଇନିଂ ଇଞ୍ଜିନିୟରିଂ ପଢ଼ୁଥିବାବେଳେ ସଫଳତା ହାସଲ ପର୍ଯ୍ୟନ୍ତ ପ୍ରୟାସ ଜାରିରଖିବେ ବୋଲି କହିଛନ୍ତି।

- ୫ ବର୍ଷରେ ଇଏସ୍‌ପି ମାଧ୍ୟମରେ ମୌଳିକ ଶିକ୍ଷା ପାଇଛନ୍ତି ୧, ୧୦, ୭୦୯ ପିଲା
- ଶିଶୁ ଶ୍ରମିକ ମୁକ୍ତ ଜୋନ୍ ଘୋଷଣା ହୋଇଛି ୬ ବ୍ଲକ

ଏମାନଙ୍କ ପରି ସ୍କୁଲ ବାହାରେ ଥିବା ପିଲାଙ୍କୁ ପୁନଃ ଶିକ୍ଷା ସହ ଯୋଡ଼ିବାରେ ଟିଏସ୍‌ଏଫ୍‌ର ଏଜୁକେସନ୍ ସିଗ୍ନେଚର ପ୍ରୋଗ୍ରାମ (ଇଏସ୍‌ପି)ର ଏକ ଅଂଶ ଭାବେ କାର୍ଯ୍ୟ କରୁଛି। ଶିକ୍ଷାକୁ ସାର୍ବଜନୀନ କରିବା, ଶିକ୍ଷାଦାନ ଓ ସୁପରିଚାଳନା ଆଦିକୁ ଗୁରୁତ୍ୱ ଦେଇ କାର୍ଯ୍ୟକରୁଛି। ଇଏସପି ଅଧୀନରେ ରାଜ୍ୟର ଦାନଗଦି, ସୁକିନ୍ଦା, ହରିଚନ୍ଦନପୁର, ଯୋଡ଼ା, କୋଇଡ଼ା ଓ କୁତ୍ରା ପରି ୬ଟି ବ୍ଲକରେ ବ୍ୟାପକ ଶିକ୍ଷାଦାନ କାର୍ଯ୍ୟକ୍ରମ କରାଯାଉଛି। ଫଳରେ ବିଗତ ୫ ବର୍ଷ ମଧ୍ୟରେ ଏହି ଜିଲ୍ଲାଗୁଡିକ ଶିଶୁ ଶ୍ରମିକ ମୁକ୍ତ ଜୋନ ଭାବେ ମାନ୍ୟତା ହାସଲ କରିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟର ୩୪, ୦୮୯ରୁ ଅଧିକ ପିଲା ପୁଣି ସ୍କୁଲକୁ ଫେରିଛନ୍ତି। ଏମାନଙ୍କ ମଧ୍ୟରେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲା ରହିଛନ୍ତି। ଟିଏସ୍‌ଏଫ୍‌ର ଶିକ୍ଷା କାର୍ଯ୍ୟକ୍ରମ ମୁଖ୍ୟ ସ୍ମିତା ଅଗ୍ରୱାଲ କହିଛନ୍ତି ଯେ, ଶିକ୍ଷାକ୍ଷେତ୍ରରେ ଆବହେଳିତ, ପ୍ରଥମ ପିଢ଼ିର ଶିକ୍ଷାର୍ଥୀ, ଶିଶୁ ଶ୍ରମିକ ମୁକ୍ତ, ଶୈଶବ ଏବଂ ପ୍ରଗତିକୁ ପୁନରୁଦ୍ଧାର କରିବା କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ରହିଛି। ଏହାଦ୍ୱାରା ମୁଖ୍ୟତଃ ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟ ଲୋକଙ୍କ ଜୀବନ ପରିବର୍ତ୍ତନ କରିବାରେ ସହାୟକ ହେଉଥିବା ସେ କହିଛନ୍ତି।

---

## ଆର୍ତ୍ତରଞ୍ଜନ ବିଶ୍ୱାଳ ହେଲେ ବିଜେଡି ସାଧାରଣ ସମ୍ପାଦକ

### ଅନ୍ୟ ୪ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦେଲେ ବିଜେଡି ସୁପ୍ରିମୋ

**ଭୁବନେଶ୍ୱର, ୨୯ ।୧୧(ସମିସ):** ଆର୍ତ୍ତରଞ୍ଜନ ବିଶ୍ୱାଳଙ୍କୁ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନୂଆ ନିଯୁକ୍ତି ମିଳିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ବିଶ୍ୱାଳଙ୍କୁ ନୂଆ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଅନ୍ୟ ୪ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସେମାନେ ହେଲେ ଚିରଞ୍ଜୟ ସାହୁ, ବିଜୟ କୁମାର ସୋମିତ ମିତ୍ର ଓ ଜନଶନ୍ ମହାପାତ୍ର। ଏନେଇ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି।


**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

**AFFIDAVIT**
Sujata Patra wife of Sanjaya Ku. Senapati at-Kunduli Hatapada, Po- Maliput, Ps- Pottangi sworn an affidavit before the Executive Magistrate, Koraput that she intend to change her wrong name **Radhika Gemel** to his right name **Sujata Patra** in the Aadhar card.

**AFFIDAVIT**
I, Ranjan Kumar Sahoo, S/o-Surendra Sahoo, resident of AT/PO- Goudgop, PS-Mahanga, Dist-Cuttack, Pin-754207, Odisha declared by this affidavit No. 2016, dated- 16/04/2023, that now onwards I shall be known as **RANJAN SAHU** for all future purposes.

**AFFIDAVIT**
I, Snehalata Swain, W/o, Jiten Kumar Swain, resident of Kansilo, Jaleswar-pada,Ps-Kakatpur, Dist-Puri,Pin-752118 declared by this affidavit No:4125, dated 29.11.2023, that now onwards I shall be known as **SNEHALATA PANDA** for all future purposes

**AFFIDAVIT**
I, Anuradha @ Anuradha Singh w/o- Sourobh Roy & D/O - Late Suresh Singh, Resident of Ward No.17, Near Kharida Durga Bari, Bidhanapally, PO: Kharagpur, PS: Town Thana, Dist: Midnapur(W) Pin :721301, WB, Present Address : Qtr. No. N/19, Dera Colony, Dera Coliery, Talcher, Dist. Anugul Pin: 759103 Odisha declared by this affidavit No. 55 dtd. -28/11/23 that now onwards I shall be known as **ANURADHA SINGH ROY** for all future purposes.

**AFFIDAVIT**
By virtue of an affidavit before the Executive Magistrate, BBSR by my husband I, Shwetapadma Pradhan, W/o Jadumani Majhi, At/Po- Belpahar, Dist- Jharsuguda, Pin-768217 declare that by virtue of the said affidavit no. CF/2/29.11.2023 that now onwards I shall be known as Swetapadma Pradhan for all future purposes.

**AFFIDAVIT**
I, ANJU AGARWAL, w/o, Manoj Kumar Agarwal, resident of plot no. 4782/83, flat no.2/2, Shree Tower, Bjb Nagar, Bhubaneswar, Odisha, 751014 Declare by this affidavit no. 88/ dated 25/09/2023. That now onwards I shall be known as **ANJU JAIN** for all future purposes.

**AFFIDAVIT**
By virtue of an Affidavit before the Executive Magistrate, Bhubaneswar, I Chinmaya Kumar Neheru Panda, S/o Neheru Gopal Panda R/o At: Rana Pratap High School Pada, Ward No: 01, Po/Ps/Dist-Bargarh, Odisha-768028, declare by this affidavit no - 16726 dt 28.11.2023 that now onwards, I shall be known as Chinmay Panda for all future purposes.

**AFFIDAVIT**
An Affidavit before Executive Magistrate, Chilika I, Gajiendra Palai S/o Sachindra Palai solemnly declared that I have changed my name by this affidavit no- 683, Dt: 28.11.2023 from Gadia Palai to Gajiendra Palai S/o Chhachi Palai to Sachindra Palai. Henceforth I Shall be Known as Gajiendra Palai S/o Sachindra Palai, Biribati, Tangi, Khordha, Odisha for all purposes.

ସକାଳ
THE SAKALA



## ଆମେରିକାରେ ଅଜାଆଇ-ମାମୁଙ୍କୁ ହତ୍ୟାକଲା ଛାତ୍ର

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ନ୍ୟୁଜର୍ସିର ସାଉଥ ପ୍ଲେନଫିଲ୍ଡ ଅଞ୍ଚଳରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଛାତ୍ର ଓମ୍ ବ୍ରହ୍ମଭଟ୍ଟ ଜଘନ୍ୟ କାଣ୍ଡ ଘଟାଇଛି। ସେ ସୋମବାର ସକାଳେ ନିଜ ଅଜା ଦିଲ୍ଲୀପ କୁମାର ବ୍ରହ୍ମଭଟ୍ଟ (୭୨), ଆଇ ବିନ୍ଦୁ ଏବଂ ମାମୁ ୟଶ କୁମାରଙ୍କୁ ଗୁଳି କରି ହତ୍ୟା କରିଛି। ଏହି ହତ୍ୟାକାଣ୍ଡର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ପୁଲିସ ହତ୍ୟାକାରୀକୁ ଗିରଫ କରିଛି। ସମସ୍ତେ ଗୁଜରାଟ ଆନନ୍ଦ ଜିଲ୍ଲାର ବାସିନ୍ଦା ଥିଲେ। ଦିଲ୍ଲୀପ ଏସ୍‌ଆଇ ଭାବେ ଅବସର ନେଇ ଆନନ୍ଦ ଜିଲ୍ଲାରେ ରହୁଥିଲେ। ସେ କିଛି ଦିନ ପାଇଁ ପୁଅ ୟଶ ସହ ରହିବାକୁ ଆମେରିକା ଯାଇଥିଲେ। ଓମ୍ ମଧ୍ୟ ୧୮ ମାସ ତଳେ ପଢ଼ିବା ପାଇଁ ଆମେରିକା ଯାଇଥିଲା। ସେ ଅଜାଆଇ ଏବଂ ମାମୁଙ୍କୁ ହତ୍ୟାକରି ମୃତଦେହ ସହ ରହିଥିଲା। ଏମାନେ ୨୦୧୬ରେ ଆତ୍ମହତ୍ୟା କରିଥିବା ପୂର୍ବତନ ଡିଏସ୍‌ପି କୀର୍ତ୍ତି ବ୍ରହ୍ମଭଟ୍ଟଙ୍କ ସମ୍ପର୍କୀୟ ଥିଲେ।

■ ଜିଲ୍ଲାପାଳଙ୍କୁ ଇଡି ସମନ

## କଟକଣା ଲଗାଇଲେ ହାଇକୋର୍ଟ

ଚେନ୍ନଇ, ୨୯।୧୧ (ଏଜେନ୍ସି): ବେଆଇନ ଖଣି ଖନନ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଝଟ୍‌କା ଲାଗିଛି। ତାମିଲନାଡୁର ୫ ଜିଲ୍ଲାପାଳଙ୍କୁ ଏଜେନ୍ସି ଜାରି କରିଥିବା ସମନ ଉପରେ ମାଡ୍ରାସ ହାଇକୋର୍ଟ ୩ ସପ୍ତାହ ପାଇଁ କଟକଣା ଲଗାଇ ଦେଇଛନ୍ତି। ଏହି ସମନକୁ କୋର୍ଟ ସମ୍ପୂର୍ଣ୍ଣ ବେଆଇନ କହିଛନ୍ତି। ତେବେ ଇଡି ତଦନ୍ତ ଉପରେ କଟକଣା ଲଗାଇ ନାହାନ୍ତି। ତିନି ସପ୍ତାହ ମଧ୍ୟରେ ଇଡିକୁ ଜବାବ ଦେବାକୁ ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ କହିଛନ୍ତି। ଅରିୟଲୁର, ଭେଲୋର, ଥଞ୍ଜାଭୁର, କରୁର ଏବଂ ତିରୁଚିରାପଲି ଜିଲ୍ଲାପାଳଙ୍କ ପକ୍ଷରୁ ରାଜ୍ୟ ଲୋକକଲ୍ୟାଣ ବିଭାଗର ସଚିବ କେ ନାଥକୁମାର ଏହି ଆବେଦନ ଦାଏର କରିଥିଲେ। ଏଥିରେ ଏଜେନ୍ସିର ସମନକୁ ବେଆଇନ ଘୋଷଣା ଦାବି କରାଯାଇଥିଲା।

## ସଲ୍‌ମାନ୍‌ଙ୍କୁ ପୁଣି ହତ୍ୟା ଧମକ

ମୁମ୍ବଇ, ୨୯।୧୧ (ଏଜେନ୍ସି): ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କୁ ପୁଣି ହତ୍ୟା ଧମକ ମିଳିଛି। ଏକ ଫେସ୍‌ବୁକ ଆକାଉଣ୍ଟରୁ ଏହି ଧମକ ଦିଆଯାଇଛି। ଏହି ଆକାଉଣ୍ଟରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଫଟୋ ଲାଗିଛି। ଏହି ସୂଚନା ମିଳିବା ପରେ ମୁମ୍ବଇ ପୁଲିସ ସଲ୍‌ମାନଙ୍କ ସୁରକ୍ଷା ସମୀକ୍ଷା କରିଛି। ଗତ ସପ୍ତାହରେ ପଞ୍ଜାବୀ ଗୀତିକାର ଗିପ୍ପି ଗ୍ରେୱାଲକୁ ମଧ୍ୟ ଧମକ ଦିଆ ଯାଇଥିଲା। କାନାଡ଼ା ସ୍ଥିତ ତାଙ୍କ ଘରେ ଆଗରେ ଆକ୍ରମଣ ହୋଇଥିଲା। ସଲ୍‌ମାନ ଖାନ ତତେ ଆସିକି ରକ୍ଷା କରୁ ବୋଲି କୁହାଯାଇଥିଲା। କୌଣସି ଦାଉଦ ବି ତତେ ବଞ୍ଚାଇ ପାରିବ ନାହିଁ ବୋଲି ଧମକ ଦିଆଯାଇଥିଲା।

## ପନ୍ନୁ ହତ୍ୟା ଷଡ଼ଯନ୍ତ୍ରର ଯାଞ୍ଚ କରିବ ଭାରତ

ନୂଆଦିଲ୍ଲୀ,୨୯।୧୧ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ହତ୍ୟାକୁ ନେଇ କାନାଡ଼ା ସହ ଭାରତର ବିବାଦ ଥମି ନ ଥିବାବେଳେ ଆମେରିକା ଗୁରୁତର ଅଭିଯୋଗ କରିଥିଲା। ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂହ ପନ୍ନୁକୁ ଆମେରିକାରେ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଦାବି କରାଯାଇଥିଲା। ଭାରତୀୟ ନାଗରିକ ନିଖିଲ ଗୁପ୍ତା ପନ୍ନୁକୁ ହତ୍ୟା କରିବା ଲାଗି ଷଡ଼ଯନ୍ତ୍ର କରିଥିଲା ବୋଲି ଏବେ ଆମେରିକା ଦାବି କରିଛି। ଏହି ମାମଲାକୁ ଭାରତ ପକ୍ଷରୁ ଗୁରୁତର ସହ ନିଆଯାଇଛି। ଏହି ମାମଲାର ଯାଞ୍ଚ ପାଇଁ ଭାରତ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ଅରିନ୍ଦମ ବାଗଚୀ କହିଛନ୍ତି ଯେ ଯାଞ୍ଚ କମିଟି ରିପୋର୍ଟ ଆଧାରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁରକ୍ଷା ସହଯୋଗ ଉପରେ ଚର୍ଚ୍ଚା ସମୟରେ ଆମେରିକା ପକ୍ଷ ସଂଗଠିତ ଅପରାଧ, ବନ୍ଧୁକ ଚଳାଇଥିବା ବ୍ୟକ୍ତି, ଆତଙ୍କବାଦୀ ଏବଂ ଅନ୍ୟମାନଙ୍କ ଭିତରେ ଥିବା ସମ୍ପର୍କ ବିଷୟରେ ସୂଚନା ଦେଇଥିଲେ। ଏହି ସୂଚନା ଉଭୟ ଦେଶ ପାଇଁ ଚିନ୍ତାଜନକ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନିଆଯାଇଛି। ଭାରତ ଏଭଳି ସୂଚନାକୁ ଗୁରୁତର ସହ ନେଇଛି। କାରଣ ଏହା ରାଷ୍ଟ୍ରୀୟ ସ୍ୱାର୍ଥ ଉପରେ ପ୍ରଭାବ ପକାଉଛି।

## କେବିସିରେ କୋଟିଏ ଜିତିଲେ ୧୩ ବର୍ଷୀୟ ମୟଙ୍କ



ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ହରିୟାଣା ମହେନ୍ଦ୍ରଗଡ଼ ଗ୍ରାମ ଅଷ୍ଟମ ଶ୍ରେଣୀ ଛାତ୍ର ମୟଙ୍କ (୧୩) ସାରା ଦେଶରେ ଚର୍ଚ୍ଚାରେ ରହିଛନ୍ତି। ନିଜ ପ୍ରତିଭା ପାଇଁ ସବୁଠି ତାଙ୍କୁ ପ୍ରଶଂସା କରାଯାଉଛି। ସେ କୋଟି ପତି ପାଲଟି ଯାଇଛନ୍ତି। ସେ କୌନ ବନେଗା କରୋଡ଼ପତି (କେବିସି) ଜୁନିୟରରେ ଏକ କୋଟି ଟଙ୍କା ଜିତିଥିବା ପ୍ରଥମ ଶିଶୁ ହୋଇଛନ୍ତି। ମଙ୍ଗଳବାର ରାତିରେ ଏହି କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ଅଭିନେତା ଅମିତାଭ ବଚ୍ଚନ ଏହି ସୋ'ର ଉପସ୍ଥାପକ ଥିଲେ। ସେ ମୟଙ୍କଙ୍କ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ତେବେ ଜୀବନରେ କ'ଣ ହେବାକୁ ଲକ୍ଷ୍ୟ ରଖିଛନ୍ତି ତାହା ମୟଙ୍କ ଏ ପର୍ଯ୍ୟନ୍ତ ସ୍ଥିର କରିପାରି ନ ଥାନ୍ତି। ଏ ନେଇ ଅମିତାଭ ବଚ୍ଚନ ତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କହିଥିଲେ ଯେ ଶୀର୍ଷରେ ଥିବା ଯେଉଁ ବ୍ୟକ୍ତିଙ୍କୁ ଦେଖୁଛି ତାଙ୍କ ପରି ହେବାକୁ ଚାହୁଁଛି। କେବିସି ଜୁନିୟର-୧୫ରେ କୋଟିଏ ଟଙ୍କାର ପ୍ରଶ୍ନର ଉତ୍ତର ସେ ଦେଇଥିଲେ। କିନ୍ତୁ ଏଥିପାଇଁ ଲାଇଫଲାଇନ୍‌ର ସହାୟତା ନେଇଥିଲେ। ତେବେ ୭ କୋଟି ପ୍ରଶ୍ନର ଉତ୍ତର ଦେଇ ନ ପାରି ଖେଳରୁ ଓହରି ଯାଇଥିଲେ। ମୟଙ୍କଙ୍କୁ କୋଟିଏ ଟଙ୍କା ସହିତ ହୁଣ୍ଡାଇ କମ୍ପାନୀ ପକ୍ଷରୁ ଏକ ଆଇ୨୦ କାର୍ ମଧ୍ୟ ପ୍ରଦାନ କରାଯାଇଛି।

## ୬ ମାସ ପରେ ଭାରତ ଫେରିଲେ ଅଞ୍ଜୁ



ଅମୃତସର, ୨୯।୧୧ (ଏଜେନ୍ସି): ରାଜସ୍ଥାନର ଅଞ୍ଜୁ (୩୪) ବୁଧବାର ଭାରତ ଫେରିଛନ୍ତି। ସେ ଅମୃତସରର ଅଟାରୀ-ୱାଘା ସୀମା ଦେଇ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପାକିସ୍ତାନୀ ପ୍ରେମିକ ନସରୁଲ୍ଲାହକୁ ଭେଟିବା ପାଇଁ ସେ ୬ ମାସ ତଳେ ୨ ପିଲା ଏବଂ ସ୍ୱାମୀଙ୍କୁ ଛାଡ଼ି ପାକିସ୍ତାନ ଚାଲି ଯାଇଥିଲେ। ସେଠାରେ ଧର୍ମ ପରିବର୍ତ୍ତନ କରି ପ୍ରେମିକକୁ ବିବାହ କରିଥିଲେ। ଅମୃତସରରେ ପହଞ୍ଚିବା ପରେ ସୁରକ୍ଷା ଏଜେନ୍ସି ତାଙ୍କୁ ପଚରାଉଚୁରା କରିଥିଲା। ସେଠାରେ ପାକିସ୍ତାନ ଯିବାର ଉଦ୍ଦେଶ୍ୟ ଏବଂ ୬ ମାସ ରହିବା ବିଷୟରେ ପଚରା ଯାଇଥିଲା। ଏହା ପରେ ଅଞ୍ଜୁ ଅମୃତସର ବିମାନବନ୍ଦର ଅଭିମୁଖେ ବାହାରି ଥିଲେ। ସେଠାରୁ ସେ ଦିଲ୍ଲୀ ଯାଇଛନ୍ତି। ସେହିପରି ପାକିସ୍ତାନୀ ସ୍ୱାମୀ ନସରୁଲ୍ଲାହ କହିଛନ୍ତି ଯେ ଅଞ୍ଜୁ ନିଜ ପିଲାଙ୍କ ପାଇଁ ମାନସିକ ଭାବେ ଚିନ୍ତିତ ଅଛନ୍ତି। ତେଣୁ ଫେରିବା ପରିବର୍ତ୍ତେ ତାଙ୍କ ପାଖରେ ଆଉ କୌଣସି ମାର୍ଗ ନ ଥିଲା। ନସରୁଲ୍ଲାହକୁ ବିବାହ ପରେ ପାକିସ୍ତାନ ଅଞ୍ଜୁଙ୍କ ଭିସାକୁ ବର୍ଷେ ପାଇଁ ବଢ଼ାଇ ଦେଇଥିଲା। ସେ ଏବେ ପାକିସ୍ତାନ ସରକାରଙ୍କଠାରୁ ଏନ୍‌ଓସି ନେଇ ଭାରତ ଆସିଛନ୍ତି। ଏହା ପରେ ପୁଣି ପାକିସ୍ତାନ ଫେରିଯିବେ। ସେ ନିଜ ପିଲାଙ୍କ ସହ ଫେରିବାକୁ ଚାହୁଁଛନ୍ତି। ତାଙ୍କର ୧୫ ବର୍ଷର ପୁଅ ଏବଂ ୬ ବର୍ଷର ଝିଅ ଅଛନ୍ତି।

### ମଣିପୁର ଅରାଜକତାକୁ ନେଇ ବଡ଼ ସଫଳତା

## ହିଂସା ଛାଡ଼ିଲା ବିଦ୍ରୋହୀ ୟୁଏନ୍‌ଏଲ୍‌ଏଫ୍



କେନ୍ଦ୍ର ସରକାରଙ୍କ ସହ ଶାନ୍ତି ଚୁକ୍ତି

ଇମ୍ଫାଲ,୨୯।୧୧(ଏଜେନ୍ସି): ବିଗତ କିଛି ମାସ ଧରି ମଣିପୁରରେ ଚାଲିଥିବା ହିଂସା କେବଳ ଭାରତ ନୁହେଁ ,ବରଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ହଇଚଇ ସୃଷ୍ଟି କରିଥିଲା। ତେବେ ମଣିପୁର ହିଂସାକୁ ନେଇ ଏବେ ବଡ଼ ସଫଳତା ମିଳିଛି। ଏଠାକାର ସର୍ବପୁରାତନ ସଶସ୍ତ୍ର ଗ୍ରୁପ୍ ' ୟୁନାଇଟେଡ୍ ନ୍ୟାସନାଲ ଲିବରେସନ ଫ୍ରଣ୍ଟ(ୟୁଏନଏଲଏଫ୍)' ହିଂସା ଛାଡିବାକୁ ଘୋଷଣା କରିଛି। ହିଂସା ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇ ଏହାର ନେତାମାନେ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟ କରିବାକୁ ସହମତ ହୋଇଛନ୍ତି। ଏନେଇ ୟୁଏନଏଲଏଫ୍ କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛି। ଏହି ବୁଝାମଣା ମଣିପୁର ପାଇଁ ଐତିହାସିକ ମୁହୂର୍ତ୍ତ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି। ଉତ୍ତରପୂର୍ବାଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ବିଗତ କିଛି ବର୍ଷ ଧରି ଅଗ୍ରାଧିକାର ଦେଇ ଆସୁଥିଲା ବେଳେ ଏହି ବୁଝାମଣା ମଣିପୁର ପାଇଁ ଏକ ବଡ଼ ସଫଳତା ବୋଲି ସେ କହିଛନ୍ତି। ଏହି ସଂଗଠନର ନେତାମାନେ ହିଂସା ଛାଡି ମୁଖ୍ୟସ୍ରୋତରେ ସାମିଲ ହେବାକୁ ସହମତ ହୋଇଥିବାରୁ ମଣିପୁର ସ୍ଥିତିରେ ଖୁବଶୀଘ୍ର ପରିବର୍ତ୍ତନ ଆସିବ ବୋଲି ଶାହା କହିଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ସହ ଶାନ୍ତି ଚୁକ୍ତିପତ୍ରରେ ସ୍ୱାକ୍ଷର କରୁଥିବା ୟୁଏନଏଲଏଫ୍ ନେତାଙ୍କ ଫଟୋ ଏବଂ ଭିଡିଓ ମଧ୍ୟ ଶ୍ରୀ ଶାହା ସେୟାର କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ମଣିପୁରରେ ସଂପ୍ରଦାୟଗତ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଗତ ମେ'ରୁ କୁକି ଏବଂ ମେଇତି ସଂପ୍ରଦାୟ ମଧ୍ୟରେ ହିଂସା ଚାଲି ଆସିଥିଲା। ଏଥିରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ହେବା ସହିତ ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ହିଂସା ବନ୍ଦ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲେ ହେଁ ବହୁ ବିଦ୍ରୋହୀ ସଂଗଠନର କାର୍ଯ୍ୟକଳାପକୁ ନେଇ ହିଂସା ବନ୍ଦ ହୋଇନଥିଲା। ଏକ ପ୍ରମୁଖ ସଂଗଠନ ଭାବେ ୟୁଏନଏଲଏଫ୍ ହିଂସା ଛାଡିବାକୁ ସହମତ ହୋଇଥିବାରୁ ମଣିପୁର ସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା ସଞ୍ଚାର ହୋଇଛି।

## ନ୍ୟାୟ ମିଳିବାରେ ସମାନତା ରହିବା ଜରୁରୀ: ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି): ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟ ମିଳିବାରେ ସମାନତା ରହିବା ଜରୁରୀ। ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ, ସମାଜର ପ୍ରତ୍ୟେକ ବ୍ୟକ୍ତି ବିଶେଷ ଯେଭଳି ନ୍ୟାୟ ପାଇବାରେ ସମାନତା ବଜାୟ ରୁହେ ତାହାକୁ ନିଚିତ କରିବା ଆଧୁନିକ ସମାଜର ଏକ ବଡ଼ ଦାୟିତ୍ୱ। କିନ୍ତୁ ଉଚ୍ଚ ନ୍ୟାୟିକ ବ୍ୟବସ୍ଥାରେ ନ୍ୟାୟ ମିଳିବା କ୍ଷେତ୍ରରେ ଭାଷା ଏବଂ ବ୍ୟୟଭାର ପ୍ରତିବନ୍ଧକ ସାଜିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।



**ଉଚ୍ଚ ନ୍ୟାୟିକ ବ୍ୟବସ୍ଥାରେ ନ୍ୟାୟ ମିଳିବାରେ ଭାଷା ଏବଂ ବ୍ୟୟଭାର ସାଜିଛି ପ୍ରତିବନ୍ଧକ**

ସମାଜର ଦୁର୍ବଳ ଶ୍ରେଣୀଙ୍କୁ ଉଚିତ ନ୍ୟାୟ ମିଳିବାକୁ ନିଶ୍ଚିତ କରିବା ଏବଂ ଏଥିପାଇଁ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ଲକ୍ଷ୍ୟରେ ଆଞ୍ଚଳିକ ସ୍ତରରେ ପ୍ରଥମଥର ପାଇଁ ଆୟୋଜିତ ଏକ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଥିଲା ବେଳେ ସମସ୍ତଙ୍କୁ ନ୍ୟାୟ ମିଳିବା ଦିଗରେ ସମାନତା ବଜାୟ ରହିବା ଏକ ମୌଳିକ ବିଷୟ ନୁହେଁ, ବରଂ ଏହା ଜରୁରୀ ବୋଲି କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ନ୍ୟାୟ ମିଳିବା ଦିଗରେ ଏଥିପାଇଁ ରହିଥିବା ପ୍ରକ୍ରିୟା ଯେଭଳି ସୁଗମ ହୁଏ ତାହାକୁ ନିଶ୍ଚିତ କରିବା ତାଙ୍କର ହୃଦୟର କଥା ବୋଲି ସେ କହିଛନ୍ତି। ଏହାବ୍ୟତୀତ ସର୍ବଭାରତୀୟ ନ୍ୟାୟିକ ସେବାରେ ପ୍ରତିନିଧିତ୍ୱ ଯେଭଳି ସମାନ ରୁହେ ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଉଚିତ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

### ଘୃଣ୍ୟ ମନ୍ତବ୍ୟ ମାମଲା

## ୪ ରାଜ୍ୟକୁ ସୁପ୍ରିମକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ଘୃଣ୍ୟ ମନ୍ତବ୍ୟ (ହେଟ୍ ସ୍ପିଚ୍)କୁ ସୁପ୍ରିମକୋର୍ଟ ପୁଣି ଉଦବେଗ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ପ୍ରକାରର ଘଣ୍ୟ ମନ୍ତବ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ବୃଦ୍ଧିକୁ ନେଇ ଗୁଜରାଟ, କେରଳ, ନାଗାଲାଣ୍ଡ ଏବଂ ତାମିଲନାଡୁ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏ ପର୍ଯ୍ୟନ୍ତ ନୋଡାଲ ଅଧିକାରୀ ନିଯୁକ୍ତି କଲେଣି କି ନାହିଁ ପଚାରିଛନ୍ତି। ୮ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରୀ ୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏ ପର୍ଯ୍ୟନ୍ତ ୨୮ ରାଜ୍ୟ ନୋଡାଲ ଅଧିକାରୀ ନିଯୁକ୍ତି କଲେଣି ବୋଲି କେନ୍ଦ୍ର ଜଣାଇ ଥିଲା।

**କେବଳ ମନି ଲଣ୍ଡରିଂ ମାମଲାରେ ରୁଜୁ ହେଉ ପିଏମ୍‌ଏଲ୍‌ଏ କେସ୍**

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। କେବଳ ମନି ଲଣ୍ଡରିଂ ପାଇଁ ଅପରାଧିକ ଷଡ଼ଯନ୍ତ୍ର ହୋଇଥିଲେ ପିଏମ୍‌ଏଲଏ ଅଧିନରେ ମାମଲା ରୁଜୁ କରାଯାଇପାରିବ ବୋଲି କହିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଧାରା ୧୨୦ ବ୍ୟବହାର କରି ମନି ଲଣ୍ଡରିଂ ମାମଲା ବନାଇ ପାରିବ ନାହିଁ।

■ ଚାଇନା ଫ୍ଲୁ'କୁ ନେଇ ଭାରତରେ ସତର୍କତା

## ୬ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ ,୨୯।୧୧(ଏଜେନ୍ସି): ଚୀନ୍‌ରେ ବ୍ୟାପିଥିବା ରହସ୍ୟମୟ ନିମୋନିଆ ସଂକ୍ରମଣକୁ ନେଇ ଏବେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏହି ଫ୍ଲୁ ବା ଜ୍ୱର ଶ୍ୱାସଜନିତ ସମସ୍ୟା ସୃଷ୍ଟି କରୁଥିବା ବେଳେ ମୁଖ୍ୟତଃ ଶିଶୁମାନଙ୍କୁ ଅଧିକାଂଶ ଭାବେ ସଂକ୍ରମିତ କରୁଛି। ପ୍ରଥମେ ବେଜିଂ ଏବଂ ଅନ୍ୟ କିଛି ପ୍ରଦେଶରେ ଏହି ଫ୍ଲୁ ଦେଖାଯିବା ପରେ ଏବେ ଅନ୍ୟ ପ୍ରଦେଶକୁ ମଧ୍ୟ ବ୍ୟାପିବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢ଼ିଛି। ଚୀନ୍‌ର ଏହି ସ୍ଥିତିକୁ ନେଇ ଭାରତରେ ମଧ୍ୟ ଚିନ୍ତା ବଢ଼ିଛି। ଚୀନ୍‌ର ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୬ଟି ରାଜ୍ୟରେ ସତର୍କତା ଜାରି କରିଛନ୍ତି। ରାଜସ୍ଥାନ, ଗୁଜରାଟ,ଉତ୍ତରାଖଣ୍ଡ,କର୍ଣ୍ଣାଟକ, ହରିୟାଣା ଏବଂ ତାମିଲନାଡୁ ଆଦି ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତ ରଖିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏହାସହିତ ଅନ୍ୟ ସମସ୍ତ ରାଜ୍ୟ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହାପୂର୍ବରୁ ଭାରତରେ କୋଭିଡ ପ୍ରୋଟକଲ ଲାଗୁ କରିବାକୁ ଭୂତାଣୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲା ବେଳେ ମହାରାଷ୍ଟ୍ର ସରକାର ରାଜ୍ୟରେ ଏହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହରିୟାଣା, ରାଜସ୍ଥାନ, ଗୁଜୁରାଟ, କର୍ଣ୍ଣାଟକ,



ଉତ୍ତରାଖଣ୍ଡ ଓ ତାମିଲନାଡୁ ସକରାର ଏଠକାର ସବୁ ହସ୍ପିଟାଲକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିଶ୍ୱାସ ପ୍ରଶ୍ୱାସଜନିତ ରୋଗରେ ପୀଡିତଙ୍କ ସଠିକ ଯାଞ୍ଚ କରିବାକୁ ସବୁ ହସ୍ପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୌଣସି ଜ୍ୱରରେ ପୀଡ଼ିତ ରହି ହସ୍ପିଟାଲ ଆସୁଥିବା ଲୋକଙ୍କ ନମୁନା ପରୀକ୍ଷା କରିବାକୁ ମଧ୍ୟ କୁହାଯାଇଛି। ଚୀନ୍‌ରେ ଦେଖାଯାଇଥିବା ଏହି ସାମୟିକ ଫ୍ଲୁ ସଂକ୍ରମକ ହୋଇଥିବା ବେଳେ ଜଣକୁ ଆକ୍ରାନ୍ତ କଲେ ୫ ରୁ ୭ ଦିନ ପର୍ଯ୍ୟନ୍ତ ଜ୍ୱର ରହୁଛି। ଯଦିଓ ଏହି ଫ୍ଲୁ ଦ୍ୱାରା ମଣିଷ ଶରୀରରେ ସେଭଳି କିଛି ଗମ୍ଭୀର ସ୍ଥିତି ଉପୁଜୁ ନାହିଁ କିମ୍ବା ଏଥିରେ ମୃତ୍ୟୁ ହେବାର ଆଶଙ୍କା ନାହିଁ ; ତଥାପି ଏହା ଶିଶୁ ଏବଂ ଗର୍ଭବତୀ ମହିଳାଙ୍କୁ ସର୍ବାଧିକ ସଂକ୍ରମିତ କରୁଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ କରାଯିବା ଜରୁରୀ ବୋଲି କୁହାଯାଇଛି। ଏହି ଜ୍ୱର ହେଲେ ଭୋକ ନ ଲାଗିବା ,କାଶ, ଛିଙ୍କ, ବାନ୍ତି ଏବଂ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ଦେଖାଯାଇପାରେ। ତେବେ କେହି ଏହି ଜ୍ୱରରେ ଆକ୍ରାନ୍ତ ହେଲେ ତୁରନ୍ତ ପ୍ରତିକାର ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି। ଯଦି ଅଧିକ ବୟସ୍କ ଲୋକ ଏହି ଜ୍ୱରରେ ପୀଡ଼ିତ ହୁଅନ୍ତି ତେବେ ତୁରନ୍ତ ସେମାନଙ୍କ ଚିକିତ୍ସା କରାଯିବା ଦରକାର ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।





### କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା

## ଦିଲ୍ଲୀ ସିଏସ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବକୁ ହଁ

ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି): ଦିଲ୍ଲୀ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଏବଂ କେଜ୍ରିୱାଲଙ୍କ ଆପ୍ ସରକାର ମଧ୍ୟରେ ଚାଲିଥିବା ବିବାଦ ପ୍ରସଙ୍ଗରେ ସୁପ୍ରିମକୋର୍ଟ ବୁଧବାର ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ନରେଶଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଥିଲା ବେଳେ ଏହାକୁ ଆଉ ୬ ମାସ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହାକୁ ବିରୋଧ କରି ଦିଲ୍ଲୀ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ବୁଧବାର ଏହି ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ସବୁଜ ସଙ୍କେତ ଦେଇଛନ୍ତି। ଯାହାକି କେଜ୍ରିୱାଲଙ୍କ ପ୍ରତି ଶକ୍ତ ଝଟ୍‌କା ହୋଇଛି। ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଏକ ତିନି ଜଣିଆ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି କରି କହିଛନ୍ତି ଯେ, କେନ୍ଦ୍ରର ନିଷ୍ପତ୍ତି ସାମ୍ବିଧାନିକ କ୍ଷମତା ବଣ୍ଟନର ଉଲ୍ଲଂଘନ ନୁହେଁ। ଦିଲ୍ଲୀ ସରକାରଙ୍କ ପରିସର ବାହାରେ ଥିବା ପୁଲିସ, ଜମି ଓ ଜନଶୃଙ୍ଖଳା ସମ୍ବନ୍ଧୀୟ ଦାୟିତ୍ୱରେ ଥିବା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବଢ଼ାଇବା ପାଇଁ କେନ୍ଦ୍ର ସରକାରଙ୍କ ଅଧିକାର ରହିଛି। ମୁଖ୍ୟଶାସନ ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବ ଆଇନକୋଣ ଦୃଷ୍ଟିରୁ କିଛି ଭୁଲ ନୁହେଁ ବୋଲି କୋର୍ଟ କହିଛନ୍ତି। ଏହି ରାୟ ପ୍ରାଥମିକ ଦୃଷ୍ଟିକୋଣ ଉପରେ ଆଧାରିତ ଏବଂ ଏହାର ଆଇନଗତ ଓ ସାମ୍ବିଧାନିକ ନୀତିର ମୂଲ୍ୟାଙ୍କନ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରସଙ୍ଗରେ ଗତକାଲି ମଧ୍ୟ ଶୁଣାଣି ହୋଇଥିଲା। କିନ୍ତୁ କେନ୍ଦ୍ର ସରକାର ନରେଶ କୁମାରଙ୍କ କାର୍ଯ୍ୟକାଳ କାହିଁକି ବୃଦ୍ଧି କରିବାକୁ ଚାହୁଁଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନବାଣରେ କେନ୍ଦ୍ର ସରକାରଙ୍କ ପାଇଁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲଙ୍କୁ ଘାଇଲା କରିଦେଇଥିଲେ। ସରକାର କେଉଁ ବ୍ୟବସ୍ଥା ଅନୁଯାୟୀ ଏଭଳି କରିବାକୁ ଚାହୁଁଛନ୍ତି ବୋଲି ମଧ୍ୟ ପ୍ରଶ୍ନ କରିଥିଲେ। ଏପରିକି 'ଆପଣ କେଉଁ କ୍ଷମତା ଅଧୀନରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁଛନ୍ତି ବୋଲି ସୁପ୍ରିମକୋର୍ଟ ସଲିସିଟର ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ। ତେବେ ଦିନକ ପରେ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ସବୁଜ ସଙ୍କେତ ଦେଇଛନ୍ତି।



### କେରଳ କଳି ମାମଲାରେ ନିର୍ଦ୍ଦେଶ

## ମୁଖ୍ୟମନ୍ତ୍ରୀ-ରାଜ୍ୟପାଳ ବସି ମାମଲା ସମାଧାନ କରନ୍ତୁ

ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): କେରଳ ସରକାର ଏବଂ ରାଜ୍ୟପାଳ କଳି ମାମଲା ଉପରେ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ବିଲ୍ ମଞ୍ଜୁରିରେ ବିଳମ୍ବକୁ ନେଇ କୋର୍ଟ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ସମାଲୋଚନା କରିଛନ୍ତି। ରାଜ୍ୟପାଳ ନିଜ କ୍ଷମତା ପ୍ରୟୋଗ କରି ବିଧାନସଭାରେ ପାରିତ ବିଲ୍ ଉପରେ କଟକଣା ଲଗାଇବା ପାଇଁ ପାରିବେ ନାହିଁ। ଏହା ପୂର୍ବରୁ କୁହାଯାଇ ସାରିଛି। ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ, ସମ୍ବନ୍ଧିତ ମନ୍ତ୍ରୀ ଏବଂ ରାଜ୍ୟପାଳ ଏକାଠି ବସି ପଡ଼ି ରହିଥିବା ବିଲ୍ ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ରାଜ୍ୟପାଳଙ୍କ ପକ୍ଷରୁ ଉପସ୍ଥିତ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣୀ କହିଥିଲେ ଯେ ରାଜ୍ୟପାଳ ୮ଟି ବିଲକୁ ଅନୁମତି ଦେଇଛନ୍ତି। ଆଉ ୭ଟି ବିଲ୍‌କୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ରଖାଯାଇଛି। ପରେ ସୁପ୍ରମକୋର୍ଟ ସରକାରଙ୍କୁ ନିଜ ଆବେଦନରେ ସଂଶୋଧନ କରିବାକୁ ଅନୁମତି ଦେଇଥିଲେ।

### ବଢ଼ିଲା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅବଧି

## ଆହୁରି ୫ ବର୍ଷ ମାଗଣା ରାସନ

ନୂଆଦିଲ୍ଲୀ,୨୯।୧୧(ଏଜେନ୍ସି): କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅବଧି ବୃଦ୍ଧି କରିଛନ୍ତି। ଫଳରେ ଦେଶରେ ବସବାସ କରୁଥିବା ଗରିବ ଲୋକଙ୍କୁ ଆହୁରି ପାଞ୍ଚ ବର୍ଷ ମାଗଣା ରାସନ ମିଳିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ଯୋଜନାର ଅବଧି ଡିସେମ୍ବର ୩୧ରେ ଶେଷ ହୋଇଥାଆନ୍ତା। କିନ୍ତୁ ଏହାପୂର୍ବରୁ କେନ୍ଦ୍ର ସରକାର ଏହାର ଅବଧି ବୃଦ୍ଧି ଘୋଷଣା କରିଛନ୍ତି। ଏନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୨୦୨୪ ଜାନୁଆରୀ ୧ ଠାରୁ ଆଗାମୀ ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ମଧ୍ୟ ଏହି ଯୋଜନାର ଅବଧି ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ତେବେ ଏହି ଯୋଜନା ଅବଧି ବୃଦ୍ଧି କରାଯାଇଥିବାରୁ ଏଥିପାଇଁ ଆଗାମୀ ପାଞ୍ଚ ବର୍ଷ ପାଇଁ ଦେଶର ପ୍ରାୟ ୮୧ କୋଟି ଗରିବ ଲୋକ ଉପକୃତ ହେବେ ଏବଂ ଏଥିପାଇଁ ୧୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି।ଉଲ୍ଲେଖଯୋଗ୍ୟ, ୨୦୨୦ରେ କେନ୍ଦ୍ର ସରକାର କରୋନା ମହାମାରୀ ପର ଠାରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଆରମ୍ଭ କରିଥିଲେ। କରୋନା ମହାମାରୀ କଟକଣା ଫଳରେ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଥିଲା। ଗରିବଙ୍କୁ ଖାଦ୍ୟ ସମସ୍ୟା ଦେଖାଦେଇଥିଲା। ଯାହାକୁ ଦୃଷ୍ଟିରେ ରଖି ଏହି ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ବ୍ୟତୀତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବ୍ୟବସ୍ଥାକୁ ଆଉ ତିନି ବର୍ଷ ଯାଏଁ ସଂପ୍ରସାରିତ କରିବା ଏବଂ ମହିଳା ଏସଏଚଜି ଗ୍ରୁପଙ୍କୁ ଡ୍ରୋନ ଯୋଗାଇ ଦେବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି।

# ବଳଦେବଜୀଉଙ୍କ ପୀଠରେ ପଞ୍ଚୁକ ବ୍ରତ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା, ୨୯।୧୧(ସମିସ):** କେନ୍ଦ୍ରାପଡ଼ା ଦିବ୍ୟଜୀବନ ସଂଘ ଶାଖା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ଆନୁକୂଲ୍ୟରେ ତୁଳସୀକ୍ଷେତ୍ର ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ଚାଲିଥିବା ହବିଷ୍ୟାଳି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ହବିଷ୍ୟାଳିମାନେ ଶ୍ରୀଜୀଉଙ୍କ ମନ୍ଦିରରେ ରାଇଦାମୋଦର ପୂଜା କରିବା ସହିତ ପ୍ରତ୍ୟେହ ଆଧ୍ୟାତ୍ମିକ ପ୍ରବଚନ ପ୍ରଭୃତିରେ ଅଂଶଗ୍ରହଣ କରିଥିଲେ। ହବିଷ୍ୟାଳିଙ୍କ ରହିବା, ଖାଇବା ବ୍ୟବସ୍ଥା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଭୃତି ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ତ୍ତ୍ୱାବଧାନରେ କରାଯାଇଥିଲା। ଶ୍ରୀମା ଏବଂ ଅନ୍ୟାନ୍ୟ ସାଧୁସନ୍ନ୍ୟାସୀମାନେ ଶ୍ରୀଜୀଉଙ୍କ ମନ୍ଦିର ଝୁଲଣ ମଣ୍ଡପରେ ହବିଷ୍ୟାଳିଙ୍କୁ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଶ୍ରୀଜୀଉଙ୍କ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଳରାମ ସୁଆର, ନିରଞ୍ଜନ ମେକାପ, ମନୋରଞ୍ଜନ ତ୍ରିପାଠୀ, ରିତାଞ୍ଜଳି ନାଥ, ଦୌପ୍ରଦୀ ରାଉତ, ସନ୍ତୋଷ ପଣ୍ଡା, ଗାୟତ୍ରୀ ମହାନ୍ତି, ଅଭିମନ୍ୟୁ ଗୋଛାୟତ, ସୁମିତ୍ରା ପାଢ଼ୀ, ଶୈଳଜାଶଙ୍କର ସାମଲ, ଆଳିଜଙ୍ଗା ମହିଳା ମଣ୍ଡଳି, ବାଙ୍କୁ ପରିଡ଼ା, ବଳଦେବ ସେନାର ପପୁନ ସ୍ୱାଇଁ, ଶ୍ରୀଜୀଉଙ୍କ ମନ୍ଦିରର ସମସ୍ତ ସେବାୟତ, ପ୍ରଦୀପ୍ତ ମହାନ୍ତି, ନୃସିଂହ ତ୍ରିପାଠୀ, ଶିବ ପ୍ରସାଦ ନାୟକ, ଶିବ ପ୍ରସାଦ ପରିଡ଼ା, ଜ୍ୟୋତ୍ସ୍ନାରାଣୀ ପରିଡ଼ା ପ୍ରମୁଖ ଉଦ୍‌ଯାପିତ ହୋଇଥିଲା।

# ୫୧ ବର୍ଷରେ ମଢ଼ିଆଳ କାର୍ତ୍ତିକେଶ୍ୱର ପୂଜା



**କେନ୍ଦ୍ରାପଡ଼ା, ୨୯।୧୧(ସମିସ):** କେନ୍ଦ୍ରାପଡ଼ାର ସର୍ବପୁରାତନ କାର୍ତ୍ତିକେଶ୍ୱର ପୂଜା ସହରର ମଢ଼ିଆଳସ୍ଥିତ ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୧୯୭୨ମସିହାରେ ପ୍ରଥମେ ହରିହର ବେହେରା, ସ୍ୱର୍ଗତ ଗିରିଧର ସାହୁ, ଚିତ୍ତରଞ୍ଜନ ଭଗତ, ସ୍ୱର୍ଗତ ରବୀନ୍ଦ୍ର ମଣ୍ଡଳ ଓ ମଧୁସୁଦନ ମହାଲିକ ଏହି ପୂଜା ଆରମ୍ଭ କରିଥିଲେ। ୫୦ପଇସା ଚାନ୍ଦାରେ ଆରମ୍ଭ ହୋଇଥିବା ଏହି ପୂଜାର ବଜେଟ ସମୟାନୁକ୍ରମେ ବୃଦ୍ଧି ପାଇ ୫୦ହଜାର ଟଙ୍କାରୁ ଅଧିକ ହୋଇଛି। ଏହି ମଣ୍ଡପର ବିଶେଷତ୍ୱ ହେଉଛି ଏଠାରେ ଗଣେଷ ପୂଜା, ଦୁର୍ଗା ପୂଜା, ଗଙ୍ଗାରଥ ପୂଜା, କାଳୀ ପୂଜା, କାର୍ତ୍ତିକେଶ୍ୱର ପୂଜା, ଶାରଳା ମେଳା ଓ ସରସ୍ୱତୀ ପୂଜା ପ୍ରଭୃତି କରାଯାଇଥାଏ। ଏବେ କମିଟିର ସଭାପତି ମନ୍ମଥ ସିଂହ ଓ ସମ୍ପାଦକ ଭଗୀରଥ ସାହୁ ଥିବା ବେଳେ ସେମାନେ ସ୍ୱଚାରୁ ରୂପେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟିର ସଦସ୍ୟ ଭାବେ ସୁବାସ ଚନ୍ଦ, ଚିତ୍ତରଞ୍ଜନ ଭଗତ, ଶମ୍ଭୁ ଚାନ୍ଦ, ହିମାଞ୍ଜନ ସାହୁ, ସମୀର ଚାନ୍ଦ ପ୍ରମୁଖଙ୍କ ସହଯୋଗରେ ପୂଜା କାର୍ଯ୍ୟ ଚାଲିଛି।

# ପଟ୍ଟାମୁଣ୍ଡାଇରେ କାର୍ତ୍ତିକେଶ୍ୱରଙ୍କ ପୂଜା



**ପଟ୍ଟାମୁଣ୍ଡାଇ, ୨୯।୧୧ (ସମିସ) :** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ପୋଖରୀଆପଡ଼ା ଥାନପତି ମେଢ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସୁଦୃଶ୍ୟ ତୋରଣ, ସୁଉଚ୍ଚ ମୂର୍ତ୍ତି ଓ ସୁନ୍ଦର ମେଢ ସଜ୍ଜା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି। ପୂଜା କମିଟି ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ସେହିପରି ପୋଖରୀଆପଡ଼ାର ଏମ୍‌ବିସି କ୍ଲବ, ହରିଜନସାହି ମେଢ, ଥାନପତି, କଷଣଅଷ୍ଟୋର ନିୟୁ ଜେନେରେସନ କ୍ଲବ, ବାଲିପଡ଼ା, ତାଚନା, ଦକ୍ଷିଣଦିଆ, ଅଳଭା, ବେଲତଳ, ଷଣ୍ଢପଲ୍ଲୀ, ବକ୍ତାରପୁର, ମାଟିଆ, ବାଲିପାଟଣା, ମଣ୍ଡପଡ଼ା, ବାଛରା, ଡାମରପୁର, ଓସଙ୍ଗରା, ଶ୍ରୀରାମପୁର ପ୍ରଭୃତି ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜାବିଧି ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇର ପୌରାଞ୍ଚଳ ଓ ଗ୍ରାମାଞ୍ଚଳର ପ୍ରତ୍ୟେକ ଗ୍ରାମରେ ୨ରୁ ଅଧିକ ମେଢ ଦେଖିବାକୁ ମିଳିବା ସହିତ ଉତ୍ସବ ମୁଖର ହୋଇପଡ଼ିଛି।

# ପାଟଣା ଗ୍ରାମଦେବତୀ ପୀଠରେ ପ୍ରସାଦ ମଣ୍ଡପ ଉଦ୍‌ଘାଟିତ



**ଡେରାବିଶ, ୨୯।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ପଟଣା ଗ୍ରାମର ଗ୍ରାମଦେବତୀଙ୍କ ପୀଠରେ ଏକ ପ୍ରସାଦସେବନ ଭବନ ଉଦ୍‌ଘାଟିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ଡ. ପ୍ରଫେସର ନିରଞ୍ଜନ ବାରିକ ତାଙ୍କ ବାପା ହଳଧର ବାରିକଙ୍କ ସ୍ମୃତିରେ ଏହି ପ୍ରସାଦ ମଣ୍ଡପ ନିର୍ମାଣ କରିଛନ୍ତି। ପୁରୁଷୋତ୍ତମ ସ୍ୱାଇଁ, ଗୋଲଖ ଚନ୍ଦ୍ର ସ୍ୱାଇଁ, ପ୍ରଭାତ ରାଉତ, ଜୟପ୍ରକାଶ ସ୍ୱାଇଁ, ସୌମ୍ୟରଞ୍ଜନ ସ୍ୱାଇଁ, ପ୍ରେମାନନ୍ଦ ବେହେରା, ଅଜୟ ରାଉତ ଓ ଲଳିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଫସିଲେ ଟିକସ ଫାଙ୍କିଥିବା ବ୍ୟବସାୟୀ

**ପାରାଦୀପ, ୨୯।୧୧(ସମିସ):** କଲିକତା-ପାରାଦୀପ ରୁଟ୍‌ରେ ଚଳାଚଳ କରୁଥିବା ୨ଟି ବସ୍ ଉପରେ ଆୟକର ବିଭାଗ ଚଢଉ କରିଛି। ପାରାଦୀପ ବସ୍ ଷ୍ଟାଣ୍ଡ ଭିତରେ ଏହି ବସ୍ ୨ଟି ଉପରେ ଆୟକର ବିଭାଗ ଚଢଉ କରିଥିଲା। କଟକ ଓ କେନ୍ଦ୍ରାପଡ଼ା ଆୟକର ବିଭାଗ ଅଧିକାରୀ ଚଢଉ କରି ଟିକସ ଫାଙ୍କିଥିବା ବ୍ୟବସାୟଙ୍କ ନିକଟରୁ ଟିକସ ଆଦାୟ କରିଥିଲା।

# ଧର୍ମପ୍ରାଣାଙ୍କ ପରଲୋକ

**ମଣିଜଙ୍ଗା, ୨୯।୧୧ (ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଗରାମ ଗ୍ରାମର ଶାନ୍ତିଲତା ଦାସ (୮୦)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର କୈଳାସ ଚନ୍ଦ୍ର ଦାସ, ବୋହୂ, ଝିଅ ଦେବୀଲତା, ଜ୍ୱାଇଁ ପ୍ରମୋଦ, ନାତିନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି।

# ବୁଣିଥିଲେ ସଙ୍କର; ବାହାରିଲା ବାଲୁଙ୍ଗା

**ମହାକାଳପଡ଼ା, ୨୯।୧୧(ସମିସ)**



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତର ବହୁ ଚାଷୀ କ୍ଷେତାରେ ବାଲୁଙ୍ଗା ଦେଖି ଚିନ୍ତାରେ ପଡ଼ିଛନ୍ତି। ସେମାନେ ସଙ୍କରଜାତୀୟ ବିହନ କିଣିଥିଲେ; ହେଲେ ବାଲୁଙ୍ଗା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ନିକଟସ୍ଥ ଖୋଲା ବଜାରରୁ ଶଙ୍କର ଜାତୀୟ ଧାନ ବିହନ କିଣି ଚାଷ କରିଥିଲେ। ସେମାନଙ୍କ ଜମିରେ ଭଲ ଗଛ ହୋଇଥିଲା। କିନ୍ତୁ ସେଥିରେ ଏବେ ବାଲୁଙ୍ଗା ଫଳୁଥିବା ଦେଖିବାକୁ ମିଳିଛି। ବଉଳକଣି, ପେଟଛିଲା, ବାରଡାଙ୍ଗ ଆଦି ପଞ୍ଚାୟତରେ ଅନେକ ଧାନ ଜମିରେ ଧାନ ନ ଫଳି ଫଳିଛି ବାଲୁଙ୍ଗା। ଏହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। ସ୍ଥାନୀୟ କୃଷି ବିଭାଗୀ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ଅବସ୍ଥା ଉପୁଜିଛି। ଖୋଲା ବଜାରରେ ବିନା ଲାଇସେନ୍ସରେ ନକଲି ବିହନ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ କୃଷି ବିଭାଗର ଅଙ୍କୁଶ ନାହିଁ। ଏହା ଫଳରେ ସାଧାରଣ ଚାଷୀଙ୍କ ଭାଗ୍ୟ ଏବେ ଉଜୁଡି ଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଚାଷୀ ଦୁର୍ଗା ମାଝୀ, ସେକ ରାଜନ ଅଲ୍ଲୀ, ଆଇପୁ ଅଲ୍ଲୀଷା, ସକ୍ଷିଣା ବିବି, ବିପିନ ମଲ୍ଲିକ, ରୋହିତ ରାଉତ, ଦର୍ବେଶ ଅଲ୍ଲୀ ସାହା, ନିରଞ୍ଜନ ପରିଡ଼ା, ଭାଗ୍ୟଲକ୍ଷ୍ମୀ ବାରିକ, ହରା ଅଲିଶା, ସେକ ଆଜାବା ଉଦ୍ଦିନ ପ୍ରମୁଖ ଚାଷୀଙ୍କ ୧୦ ଏକରରୁ ଉର୍ଦ୍ଧ୍ୱ ଜମିରେ ବାଲୁଙ୍ଗା ହୋଇଛି ବୋଲି ଅଭିଯୋଗ କରିଛନ୍ତି।

# ୫୨ ୟୁନିଟ୍ ରକ୍ତ ସଂଗ୍ରହ

**ତିର୍ତ୍ତୋଲ, ୨୯।୧୧(ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ପାରାଦୀପ ଫାର୍ମାସୀ ମହାବିଦ୍ୟାଳୟ ପରିସରରେ ଫାର୍ମାସୀ ସପ୍ତାହ ପାଳନ ଅବସରରେ ଫାର୍ମାସୀ ମହାବିଦ୍ୟାଦଳୟ ଓ ଓମ୍ ମା' ଆଶା ଏଡୁକେସନ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ମହାବିଦ୍ୟାଳୟର ପାଥୋଲୋଜୀ ଓ ଫାର୍ମାସୀ ବିଭାଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଟିମ୍ ଏହି ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୫୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଆୟୁଷ ଡାକ୍ତର ଡା. ସୁଶ୍ରୀ ସଙ୍ଗୀତା ରଥ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଅଶୋକ ମହାନ୍ତି, ଅଧ୍ୟକ୍ଷ ଦୀପକ ସାହୁ, ଅଧ୍ୟାପକ ରାଜୀବ ସାହି, ଶିବାଶିଷ ବାରିକ, ମମତା ବେହେରା, ସନ୍ତୋଷ କାନୁନଗୋ ପ୍ରମୁଖ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।




# ପଣ୍ଡିତ ମହେଶ୍ୱର ନନ୍ଦଙ୍କୁ ବନ୍ଧୁ ମହାନ୍ତି ସମ୍ମାନ

**ଗୋବିନ୍ଦପୁର, ୨୯।୧୧(ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ଦଉପୁର ଗୋପୀନାଥ ଜୀଉ ପିଠରେ ଆଳି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କୁ ବନ୍ଧୁ ମହାନ୍ତି ସମ୍ମାନରେ ସମ୍ମାନିତ କରାଯାଇଛି। ଏକ ସାରସ୍ୱତ ଉତ୍ସବରେ ଅଖିଳ ଚକ୍ର ଓଡ଼ିଶା ସୌଜନ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଚନ୍ଦ୍ର ନାୟକ ସଭାପତି କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧ୍ୟାପକ ଡଃ ଶ୍ରୀହରି ଧଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବିନୋଦ ବିହାରୀ ନାୟକ, ସାମ୍ମାନିତ ଅତିଥି ଭାବେ ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



# କଂସାର ପଞ୍ଚାୟତରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ୨୯।୧୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ରାଜୀବ ସେବା ଭବନ ପରିସରରେ ସରକାରଙ୍କ 'ଆମ ବ୍ୟାଙ୍କ' ଯୋଜନାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଶ୍ରୀବଳଦେବଜୀଉ ଶାଖାର ଶାଖା ପରିଚାଳକ ସନ୍ତୋଷ ପଲାଇ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସରୋଜିନୀ ନାୟକ ପୌରୋହିତ୍ୟ କରିଥିଲେ। ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା, ଶ୍ରୀବଳଦେବଜୀଉ ଶାଖାର ପରିଚାଳକ ସନ୍ତୋଷ ପଲାଇ, ଜୟଦେବ ବିଶ୍ୱାଳ, ପ୍ରକାଶ ପ୍ରଭୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ଜେନା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶୁଭ୍ରଜିତ ରାଉତ, ଜିଆରଏସ ଦିଲ୍ଲୀପ ପତି, ନୂତନ ଶାଖାର ଷ୍ଟାଫ ସତ୍ୟଜିତ ଜେନା, ମନୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିକନ୍ଦ ପଣ୍ଡା, ସାଗର ଜେନା, ଗଜେନ୍ଦ୍ର ପରିଡ଼ା, ଈଶ୍ୱର ଚନ୍ଦ୍ର ଜେନା, ଗଣେଶ୍ୱର ନାୟକ, ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ୧୨ଜଣ ସିଆରପି ଓ ୧୨୧ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ହାସ୍ୟ ଅଭିନେତା ରବି ଶତପଥୀଙ୍କ ସ୍ମୃତିଚାରଣ

**କୁଜଙ୍ଗ, ୨୯।୧୧(ସମିସ)**

ଅଗପାଳରେ ଯାତ୍ରା ଜଗତର ହାସ୍ୟ ଅଭିନେତା ରବି ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ, ହୃଷିକେଶ ମିଶ୍ର, ରାଣୀ ପଣ୍ଡାଙ୍କ ସହ ଯାତ୍ରା ଜଗତର ବହୁ କଳାକାର ଯୋଗ ଦେଇଥିଲେ। ରବି ଶତପଥିଙ୍କ ଶିକ୍ଷକ ବାନାମ୍ବର ଦାସ, ଶିକ୍ଷାଗୁରୁ ଅନନ୍ତ ଚରଣ ଦାସ, ଆଇନଜୀବୀ କିଶୋର ଶତପଥୀ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ମୁରଲୀଧର ଶତପଥି ଉତ୍ସବରେ ସଂଯୋଜନା କରିଥଲେ। କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, ବଳଦେବ ମହାପାତ୍ର ଓ ଅନ୍ୟକଳାକାରମାନେ ଭଜନ ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଶତପଥୀ ଅତିଥିଙ୍କୁ ସ୍ୱାଗତ କରିଥିଲାବେଳେ ସୂର୍ଯ୍ୟାଂଶୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



**ଡେରାବିଶ, ୨୯।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଖମୋଳ ସରକାରୀ ଉପ୍ରା ବିଦ୍ୟାଳୟରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବା ବେଳେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଶାନ୍ତନୁ ପଣ୍ଡା, ଶିକ୍ଷୟିତ୍ରୀ ସୁନିତା ରାଉତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ୧୧ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବର୍ଷାଜଳ ଅମଳ ପ୍ରକଳ୍ପ, ଜଳଚକ୍ର, ବୀଜ ଅଙ୍କୁରୋଦଗମ୍, ବାୟୁରେ ଅମ୍ଳଜାନର ଉପସ୍ଥିତି ଓ ହାର୍ଟ ମଡେଲ୍ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ମଧୁସ୍ମିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋର୍ଟ ଫ୍ଲାଏ ଓଭରବ୍ରିଜ୍‌କୁ ବିରୋଧ

## ● ଧାରଣାରେ ବସିଲେ କଲୋନୀବାସୀ

**ପାରାଦୀପ, ୨୯।୧୧(ସମିସ)**




ଦୀର୍ଘ ଦିନ ଧରି ଜଳ ନିଷ୍କାସନ ଡ୍ରେନ ବାଟକୁ ପୋତି ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି ପୋର୍ଟ କଲୋନୀବାସିନ୍ଦା। ସ୍କୁଲ ପିଲା ଓ ବସ୍ତିବାସିନ୍ଦା ଧାରଣା ଦେଇଥିଲେ।

ପୋର୍ଟ ପକ୍ଷରୁ ଅଠରବାଙ୍କିଠାରୁ ପୋର୍ଟ କଲୋନୀ ଦେଇ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି; ମାତ୍ର କଲୋନୀ ଦେଇ ଯାଇଥିବା ଡ୍ରେନ ଓ ଜଳ ନିଷ୍କାସନ ବାଟକୁ ପୋତି ଦିଆଯାଇଛି। ଏହା ଫଳରେ କଲୋନୀରେ ଡ୍ରେନ ଓ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘର ଭିତରେ ଡ୍ରେନ ପାଣି ପଶିବାରୁ ମଶା ବଂଶ ବୃଦ୍ଧି ପାଇବା ସହିତ ଅନେକ ଲୋକ ରୋଗାକ୍ରାନ୍ତ ହେଉଛନ୍ତି। ଡ୍ରେନ ପାଣି ସଂସ୍ପର୍ଶରେ ଆସି ଲୋକଙ୍କ ଦେହରେ ଫଳିଯାଉଥିବା କଲୋନୀବାସିନ୍ଦା ଅଭିଯୋଗ ଆଣିଛନ୍ତି। ପିଲାମାନେ ସ୍କୁଲ ଯିବା ବାଟରେ ପାଣି ଜମି ରହୁଥିବାରୁ ଓଦା ହୋଇଯାଉଛନ୍ତି। ଗୋଡ ଖସିଯିବାରୁ କାଦୁଅରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏବେବି କଲୋନୀରେ ଅନେକ ଲୋକଙ୍କ ଘରେ ପାଣି ଜମି ରହିଛି। ପାଣି ନିଷ୍କାସନ ବାଟ ନ ଖୋଲିଲେ କାମ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ତେବେ କାମ କରୁଥିବା ଏଆରଏସ୍‌ଏସ୍ କମ୍ପାନୀ ତରଫରୁ କଲୋନୀବାସୀଙ୍କ ଧାରଣା ଖବର ପାଇ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫେଇ କାର୍ଯ୍ୟ ଆରମ୍ଭ ହୋଇଥିଲା।

# କଳିଙ୍ଗ ବାଲିଯାତ୍ରାରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଷ୍ଟଲ୍

**ପାରାଦୀପ, ୨୯।୧୧ (ସମିସ):** ପାରାଦୀପ ବିଜୁ ମଇଦାନରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବରେ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ (ଏଏମ୍/ଏନ୍‌ଏସ) ଇଣ୍ଡିଆର ଷ୍ଟଲ୍ ଖୋଲଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ଷ୍ଟଲକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଗତିଂହପୁର ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଓଡ଼ିଶା ଅପରେସନ୍ସ) ସୁରେଶା ଜି ପ୍ରମୁଖ ଉପସ୍ଥିତ ଥିଲେ।

# ଜୁହାର ପରିବାର ତରଫରୁ ନୂଆଖାଇ ଭେଟଘାଟ

**ପାରାଦୀପ, ୨୯।୧୧ (ସମିସ):** ଜୁହାର ପରିବାର ତରଫରୁ ଚତୁର୍ଥ ନୂଆଖାଇ ଭେଟଘାଟ -୨୦୨୩ ଇଫ୍‌କୋ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ ଜେ ପଟେଲ, ସମ୍ମାନିତ ଅତିଥି ଭାବେ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶ ଭୋଇ, ମନ୍ତ୍ରୀ ସୁଦାମ ବିଶି, ପିପିଏଲ ୟୁନିଟ୍ ମୁଖ୍ୟ ନିଲେସ ଦେଶାଇ, ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ୍ ସୋନ୍ଧି, ଏଏମ୍/ଏନ୍‌ଏସ୍‌ର ନିର୍ଦ୍ଦେଶକ ସୁରେଶ ଜି, କାର୍ଲ୍ସ ବ୍ରିୟେରିଜ୍‌ର ମାନବ ସମ୍ବଳ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର, ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପଦ୍ମଶ୍ରୀ ପ୍ରମୋଦ ଭଗତ, ସିଆଇଏସଏଫ୍ କମାଣ୍ଡାଣ୍ଟ ଅକ୍ଷତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସମ୍ବଲପୁରର ପାରମ୍ପାରିକ ନୃତ୍ୟ, ଗୀତ, ବାଦ୍ୟ, କଳା ଓ ସଂସ୍କୃତି ପରିବେଷଣ କରାଯାଇଥିଲା। ସମ୍ବଲପୁରୀ ଗୀତର ତାଳେ ତାଳେ ଅତିଥି ଓ ଦର୍ଶକ ଝୁମି ଉଠିଥିଲେ। ଏହି ଅବସରରେ ଡ. ଶେଷ କିସାନ୍‌ଙ୍କୁ ଜୁହାର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହାପରେ ଜୁହାର ପରିବାର ର ମୁଖପାତ୍ର 'ପରବ' ଉନ୍ମୋଚିତ ହୋଇଥିଲା। ଜୁହାର ପରିବାରର ସଭାପତି ଏ କେ ମେହେର, ଉପ ସଭାପତି ଏମ୍ ବି ସୋହଲା, ସମ୍ପାଦକ ଡ. ହେମନ୍ତ ମେହେର ଏବଂ ଜୁହାର ପରିବାରର ସମସ୍ତ ସଭ୍ୟ ସଭ୍ୟା ପରିଚାଳନା କରିଥିଲେ।

## ମହିଳାଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ସରକାରଙ୍କ ନୂଆ ପଦକ୍ଷେପ

# ମିଶନ ଶକ୍ତି ସିନେମା ହଲ୍ ଓ ଆମ୍ବୁଲାନ୍ସ ଫୁଡ୍ କୋର୍ଟ ଉଦ୍‌ଘାଟିତ





**ବ୍ୟାସନଗର, ୨୯।୧୧(ସମିସ):** ୨୦୦୦ରୁ ରାଜ୍ୟର ପ୍ରଗତିରେ ମହିଳାମାନେ ନିଜ ଉପସ୍ଥିତିକୁ ଦର୍ଶାଇବା ସହିତ ସେମାନେ ଯେ ଲମ୍ବା ରେସର ଘୋଡ଼ା ତାହାକୁ ବୁଧବାର ପୁନଃପ୍ରତିପାଦିତ କରିଛନ୍ତି। ରାଜ୍ୟର ମହିଳାମାନଙ୍କୁ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ କରାଇବା ନିମନ୍ତେ ରାଜ୍ୟ ସରକାର ସର୍ବୋପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ଏବେ ସାକାର ହେବା ସହିତ ମହିଳାଙ୍କ ପ୍ରଗତିରେ ଡେଣା ଲାଗିଛି। '୫-ଟି' ସହଯୋଗରେ ରାଜ୍ୟର ମାଆମାନଙ୍କୁ ସ୍ୱାବଲମ୍ବୀ କରିବାର ଦୃଢ ସଂକଳ୍ପ ଏବେ ଗତିଶୀଳ ହୋଇଛି। ଯାହାର ଉଦାହରଣ ଭାବେ ଯାଜପୁର ଜିଲ୍ଲାରେ ରହିଥିବା ଦୁଇଟି ସଂସ୍କୃତି ଭବନର ପରିଚାଳନା ଦାୟିତ୍ୱ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଏଲଏଫ୍ ମାଧ୍ୟମରେ ମିଶନ ଶକ୍ତି ହାତରେ ଅର୍ପଣ କରାଯାଇଛି। ବୁଧବାର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ବ୍ୟାସନଗରର ବ୍ୟାସଦେବ ସଂସ୍କୃତି ଭବନକୁ ବୁଧବାର ଆନୁଷ୍ଠାନିକ ଭାବେ ଫିଲ୍ମ ହଲ୍ ଘୋଷଣା କରାଯିବା ସହିତ ଆଉଏକ ବଳିଷ୍ଠ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଓ ଯାଜପୁର ଜିଲ୍ଲା ପ୍ରଶାସନ ଦେଶରେ ପ୍ରଥମ ଭାବେ ଦୁର୍ଘଟଣାଗ୍ରସ୍ତ ଓ ଅବ୍ୟବହୃତ ହୋଇ ପଡ଼ିରହିଥିବା ଆମ୍ବୁଲାନ୍ସକୁ ମରାମତି କରି ଏଥିରେ ଫୁଡ୍ କୋର୍ଟ କରି ମାଆମାନଙ୍କୁ ଆର୍ଥିକ ଭାବେ ଗତିଶୀଳ କରାଇବାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଦେଶରେ ବିରଳ। ବୁଧବାର ଆୟୋଜିତ ଲୋକାର୍ପଣ ଓ ଉଦଘାଟନ କାର୍ଯ୍ୟକ୍ରମରେ ଓଡ଼ିଶା ସିନେମା ଜଗତର ଦମଦାର ଅଭିନେତା ଅରିନ୍ଦମ ରାୟ ଓ କୋରେଇ ବିଧାୟକ ଅଶୋକ କୁମାର ବଳ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ପକ୍ଷରୁ ଭବ୍ୟ ଆୟୋଜନ କରାଯାଇଥିବା ଦେଖାଯାଇଥିଲା। ମିଶନ ଶକ୍ତି ମାଧ୍ୟମରେ ସଂସ୍କୃତି ଭବନକୁ ସିନେମା ହଲ୍ କରାଯିବା ଦ୍ୱାରା ବ୍ୟାସନଗରର ମାଆମାନେ ଆର୍ଥିକ ଭାବେ ଲାଭବାନ ହେବା ସହିତ ଆମ୍ବୁଲାନ୍ସ ଫୁଡ କୋର୍ଟ ମାଧ୍ୟମରେ ସେମାନଙ୍କର ଆୟର ପନ୍ଥା ମଧ୍ୟ ବଢ଼ିବ। ତେବେ ଅବ୍ୟବହୃତ ଆମ୍ବୁଲାନ୍ସକୁ ମରାମତି କରି ଫୁଡ୍ କୋର୍ଟ ସ୍ଥାପନ କରିବା ଚିନ୍ତାଧାରାର ପ୍ରଚ୍ଛଦପଟର ନାୟକ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଉଦ୍ୟମକୁ ଜିଲ୍ଲାବାସୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ରାଜନେତା ସାଧୁବାଦ ଜଣାଇଛନ୍ତି। ତାଙ୍କର ମହତ ଚିନ୍ତାଧାରା ଦ୍ୱାରା ସଂସ୍କୃତି ଭବନରେ ସିନେମା ଦେଖିବା ସହିତ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଆଣି ଏହି ସଂସ୍କୃତି ଭବନ ପଛପଟେ ଫୁଡ କୋର୍ଟ ଓ କାଫେ କରିବାର ନିଆରା ଚିନ୍ତାଧାରାକୁ ସମସ୍ତେ ସାଧୁବାଦ ଜଣାଇଥିଲେ। ବୁଧବାରର ଏହି ଭବ୍ୟ କାର୍ଯ୍ୟକ୍ରମରେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ଡିଏଲଏଫର ସଭାନେତ୍ରୀ ସୁଜାତା ସାହୁ, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ବ୍ୟାସନଗର ମିଶନ ଶକ୍ତି କାଫେର ତତ୍ତ୍ୱାବଧାରିକା ତପସ୍ୱିନୀ ଶତପଥୀ, କାଉନସିଲର ଉର୍ମିଳା ପରିଡ଼ା, କୋରେଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସ, ପରେଶ ନାୟକ, ବିବେକାନନ୍ଦ ମହାନ୍ତି, ପୌର ପରିଷଦର କାଉନସିଲର ଉପସ୍ଥିତ ଥିଲେ।

## କାଟିଆରେ ଏଟିଏମ୍ ଲୁଟ୍ ବିଫଳ

**ଦଶରଥପୁର, ୨୯।୧୧ (ସମିସ):** କୁଆଖିଆ-କୟାଁଗୋଲା ଜାତୀୟ ରାଜପଥ ୨୦ର ଦଶରଥପୁର ଥାନା ଅନ୍ତର୍ଗତ କାଟିଆ ଛକରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଲୁଟ୍ ପାଇଁ ଗତ ମଙ୍ଗଳାବର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଏଟିଏମ୍‌ଟିକୁ ଭାଙ୍ଗି ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିବା ଜଣାଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଏଟିମ୍‌ରୁ ଟଙ୍କା ଲୁଟ୍ ଉଦ୍ଦେଶ୍ୟରେ ସମ୍ପୃକ୍ତ ଏଟିଏମ୍ ସମ୍ମୁଖରେ ଥିବା ସ୍ଥାନୀୟ ଅଞ୍ଚଳର ଗାଡ଼ି ବଡ଼ି ମରାମତି ଦୋକନୀ ମିର ଉଜିର ଓ ଗ୍ୟାରେଜ ଦୋକାନୀ ମିର ନିମାଜୀଙ୍କ ଦୋକାନ ଭାଙ୍ଗି ଦୋକାନ ଭିତରୁ ୨ଟି ଗ୍ୟାସ ସିଲିଣ୍ଡର, କଟର ମେସିନ, ହାତୁଡ଼ି ସହିତ ଅନ୍ୟ କିଛି ସାମଗ୍ରୀ ଚୋରି କରିବା ସହିତ ଉକ୍ତ ସାମଗ୍ରୀ ସାହାଯ୍ୟରେ ଏଟିଏମ୍ ମେସିନକୁ ଭାଙ୍ଗିଥିଲେ। ମାତ୍ର କୌଣସି କାରଣରୁ ଟଙ୍କା ଲୁଟ୍ ଉଦ୍ୟମରେ ଅସମର୍ଥ ହେବା ପରେ ଦୋକାନ ୨ଟିରୁ ଚୋରି କରିଥିବା ସାମଗ୍ରୀ ଏଟିଏମ୍ ଆଗରେ ଛାଡ଼ି ଚମ୍ପଟ ମାରିଥିଲେ। ବୁଧବାର ସକାଳେ ସ୍ଥାନୀୟ ବ୍ୟବସାୟୀ ଘଟଣା ଦେଖିବା ପରେ ଦଶରଥପୁର ଥାନାକୁ ସୂଚନା ଦିଆଯାଇଥିଲା। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ସାଇଣ୍ଟିଫକ୍ ଟିମ୍ ଏଟିଏମ୍ ଲୁଟ୍ ଉଦ୍ୟମ ଘଟଣାରେ ଛାନଭିନ୍ କରିଥିଲା। ଏସ୍‌ବିଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ କରିଥିବାବେଳେ ଏହି ଏଟିଏମ୍ ଲୁଟ୍ ଉଦ୍ୟମକୁ ମିଶାଇ ନିକଟ ଅତୀତରେ କାଟିଆ ଛକରେ ଦୁର୍ବୃତ୍ତ ୩ ଥର ଏଟିମ୍ ଲୁଟ୍ ଉଦ୍ୟମ କରିଥିବା ଜଣାଯାଇଛି। ଏ ନେଇ ଦଶରଥପୁର ଥାନା ପୁଲିସ୍ କେସ୍ ୨୦୪/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ● ରାସ୍ତାକଡ଼କୁ ମାଡ଼ିଗଲା କାର୍

## ୭ ବାଇକ୍ ଭାଙ୍ଗି ଚୂରମାର

**ଡେରାବିଶ, ୨୯।୧୧(ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଜଂଟିଲୋ ନିକଟସ୍ଥ ବାଙ୍କବନ୍ଧ ଛକରେ ଏକ କାର୍ ଧକ୍କାରେ ୭ଟି ବାଇକ୍ ଭାଙ୍ଗି ଚୁରମାର୍ ହୋଇଯାଇଛି। ବାଙ୍କବନ୍ଧରେ ଥିବା ମାଂସ ଦୋକାନ ନିକଟରେ ରାସ୍ତା କଡ଼ରେ ଗ୍ରାହକ ସେମାନଙ୍କ ବାଇକ୍ ରଖିଥିଲେ। ଆଳି ଅଞ୍ଚଳର ଏକ କାର କଟକ ଅଭିମୁଖେ ଯାଉଥିବା ବେଳେ ବାଙ୍କବନ୍ଧ ଛକନିକଟରେ ରାସ୍ତା କଡ଼କୁ ମାଡ଼ି ଯାଇଥିଲା। ଏଣୁ ରାସ୍ତାକଡ଼ରେ ଥିବା ବାଇକ୍ ଉପରେ ଚଢ଼ିଯିବାରୁ ବାଇକ୍ ଗୁଡ଼ିକ ଭାଙ୍ଗି ଚୁରମାର ହୋଇଯାଇଥିଲା। କାର ଚାଳକ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ଅଟକି ଯାଇଥିଲା। ସୌଭାଗ୍ୟ ବଶତଃ କାରରେ ଥିବା ଯାତ୍ରୀ ସାମାନ୍ୟ ଆହାତ ହୋଇଥିବା ବେଳେ କୌଣସି ବାଇକ୍ ଆରୋହୀ କିମ୍ବା ମାଂସ ନେବା ପାଇଁ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଗ୍ରାହକ ଆହତ ହୋଇ ନ ଥିଲେ। ଡ୍ରାଇଭର ଅନ୍ୟମନସ୍କ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଦେଖଣାହାରୀ କହୁଥିବା ବେଳେ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ହେଲା ବୋଲି କାର ଡ୍ରାଇଭର କହିଥିଲେ। ତେବେ ଖବର ପାଇ ସଦର ଥାନା ପୁଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଥିଲା।

**ସଂଘର୍ଷରୁ ସଫଳତା**

## ଧର୍ମଶାଳା ମାଟିର ବୈଜ୍ଞାନିକ ଡକ୍ଟର ଧନେଶ୍ୱର ପୃଷ୍ଟି

### ● ଆଣ୍ଟି ମ୍ୟାଲେରିଆ ଔଷଧର ବିକାଶ ଡାକ୍ତରୀ ବିଜ୍ଞାନକୁ ନୂଆ ଦିଗ ଦେଖାଇବ



**ଧର୍ମଶାଳା, ୨୯ ।୧୧(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ଜଣେ ସଫଳ ବୈଜ୍ଞାନିକ ହେଉଛନ୍ତି ଡକ୍ଟର ଧନେଶ୍ୱର ପୃଷ୍ଟି। ରବୀନ୍ଦ୍ର ପୃଷ୍ଟି ଓ ପାର୍ବତୀ ପୃଷ୍ଟିଙ୍କ ଜ୍ୟେଷ୍ଠ ପୁତ୍ର ଡ. ଧନେଶ୍ୱର ପୃଷ୍ଟି। ଗାଁ ମାଟିରୁ ନିଜର ଛାତ୍ର ଜୀବନ ଆରମ୍ଭ କରିଥିବା ଡକ୍ଟର ପୃଷ୍ଟି ସମ୍ପ୍ରତି ରାଜସ୍ଥାନସ୍ଥ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବାୟୋକେମେଷ୍ଟ୍ରି ବିଭାଗରେ ୟୁଜିସି ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ସଂଘର୍ଷମୟ ଜୀବନ ଭିତରେ ଆଜି ସେ ସଫଳତା ସାଉଁଟିଛନ୍ତି। ତାଙ୍କର ଆଣ୍ଟି ମ୍ୟାଲେରିଆ ଔଷଧର ବିକାଶ ଡାକ୍ତରୀ ବିଜ୍ଞାନକୁ ନୂଆ ଦିଶା ଦେଖାଇଛି।

ଧନେଶ୍ୱର ବହୁ କଷ୍ଟରେ ପଢ଼ିଛନ୍ତି। ପିଲା ବେଳେ ପାଖରେ ଟ୍ୟୁସନ୍ ଫି' ଦେବା ପାଇଁ ଅର୍ଥର ଅଭାବ ହେତୁ ସାରମାନେ ତାଙ୍କୁ ମାଗଣରେ ପାଠ ପଢ଼ାଇଥିଲେ। ଏପରିକି ଦିଲ୍ଲୀରେ ପିଲାଙ୍କୁ ଟ୍ୟୁସନ୍ କରି ପଢ଼ିଥିଲେ। ଗରିବ ପରିବାରରେ ଜନ୍ମିତ ଧନେଶ୍ୱରଙ୍କ ପିଲାବେଳ ପାଠପଢ଼ା ଗ୍ରାମର ମାନେଶ୍ୱରଜୀଉ ଉପ୍ରା ବିଦ୍ୟାଳୟରୁ ସାରି ଶ୍ୟାମସୁନ୍ଦର ସରକାରୀ ହାଇସ୍କୁଲରୁ ଦଶମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଥିଲେ। ପରେ ସେ +୨ ବିଜ୍ଞାନ ଧର୍ମଶାଳା ମହାବିଦ୍ୟାଳୟ ଓ +୩ ବିଜ୍ଞାନ ଶିକ୍ଷା ଭଦ୍ରକ ସଙ୍ଗଶାସିତ କଲେଜରୁ ସଫଳତାର ସହ ସମାପ୍ତ କରି ଆସାମର ତେଜପୁର ବିଶ୍ୱବିଦ୍ୟାଳୟରୁ ବାୟୋଟେକ୍ନୋଲୋଜିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପରେ ସେ ନୂଆଦିଲ୍ଲୀସ୍ଥ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ କାନାଡା ଦେଶର ମ୍ୟାକ୍ ମାଷ୍ଟର ୟୁନିଭରସିଟିରୁ ପୋଷ୍ଟ ଡକ୍ଟରାଲ ଉପାଧିରେ ସମ୍ମାନିତ ହୋଇଥିଲେ। ସେ ପିଲାବେଳୁ ଅତି ପରିଶ୍ରମୀ ଓ ମେଧାବୀ ଛାତ୍ର ଥିଲେ। ୨୦୧୮ ରୁ ସେ ରାଜସ୍ଥାନସ୍ଥ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବାୟୋକେମିଷ୍ଟ୍ରି ବିଭାଗରେ ୟୁଜିସି ସହକାରୀ ପ୍ରାଧ୍ୟାପକ ଭାବେ କାମ କରିଆସୁଛନ୍ତି। ଏଥିସହ ସତସଙ୍ଗ ଜଗତରେ ସେ ଜଣେ ସହ-ପ୍ରତିରିତିକ୍ ଭାବେ ମଧ୍ୟ ସକ୍ରିୟ ଅଛନ୍ତି। ସେ ବହୁ ପ୍ରତିଷ୍ଠିତ ଆନ୍ତର୍ଜାତିକ ବିଜ୍ଞାନ ପତ୍ରିକାରେ କୋଡ଼ିଏରୁ ଅଧିକ ଗବେଷଣାଭିତ୍ତିକ ପ୍ରବନ୍ଧ ପ୍ରକାଶିତ କରିସାରିଛନ୍ତି। ଅଧିକନ୍ତୁ ସେ ଆକ୍ରାଇଫ୍ଲାଭାଇନ୍ ନାମକ ଏକ ଆଣ୍ଟିମାଲେରିଆ ଉତ୍ପାଦକର ଉଦ୍ଭାବକ ଅଟନ୍ତି। ଯାହା ଆମେରିକାର ପେଟେଣ୍ଟ ହାସଲ କରିଛି। ସେ ଇଣ୍ଡିଆନ୍ ସୋସାଇଟି ଅଫ୍ କେମିଷ୍ଟ ଓ ବାୟୋଲୋଜିଷ୍ଟ୍ ଏବଂ ଆସୋସିଏସନ୍ ଅଫ୍ ଇଣ୍ଡିଆ ମାଇକ୍ରୋବିଓଲୋଜିଷ୍ଟଙ୍କ ସମେତ ବିଭିନ୍ନ ବିଜ୍ଞାନଭିତ୍ତିକ ସମାଜର ସଦସ୍ୟ ଅଟନ୍ତି। ତାଙ୍କର ଅନୁସନ୍ଧାନ ଉତ୍କର୍ଷତାର ପ୍ରମାଣ ଭାବେ ସେ ୨୦୨୩ ନଭେମ୍ବର ୧୦ରେ ଭାରତ ସରକାରଙ୍କ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚରୁ ୨ କୋଟି ୨୮ ଲକ୍ଷ ଗବେଷଣା ଅନୁଦାନ ରାଶି ପାଇଛନ୍ତି। ଏହି ପ୍ରକଳ୍ପରେ ସେ ରାଜସ୍ଥାନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏସଏମଏସ ମେଡିକାଲ କଲେଜ, ଜୟପୁର, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଓ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ମିଳିତ ସହଯୋଗରେ କାମ କରୁଥିବା ଏକ ଅନୁସନ୍ଧାନକାରୀ ଦଳର ମୁଖ୍ୟ ବିଶେଷଜ୍ଞ ଭାବେ ଡ.ଧନେଶ୍ୱର ପୃଷ୍ଟି କାର୍ଯ୍ୟ କରିବେ। ମ୍ୟାଲେରିଆ ରୋଗର ଔଷଧ ପ୍ରତିରୋଧ ସମସ୍ୟାକୁ ପ୍ରତିହତ କରିବା ପାଇଁ ଦଳର ବୈଜ୍ଞାନିକମାନେ ଡ. ପୃଷ୍ଟିଙ୍କ ଅଧୀନରେ ଏକ ନୂତନ ଶ୍ରେଣୀର ଆଣ୍ଟିମାଲେରିଆ ଔଷଧର ବିକାଶ ପାଇଁ ଅନୁସନ୍ଧାନ କରିବେ ବୋଲି ଜଣାଯାଇଛି।

### ଏରବାଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମାର୍‌ପିଟ୍

## ଉଭୟ ପରିବାରର ୧୦ ଆହତ





**ଯାଜପୁର, ୨୯ ।୧୧(ସମିସ):** ଯାଜପୁର ସଦର ଥାନା ଏରବାଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାରଙ୍କ ମଧ୍ୟରେ ଆଜି ସନ୍ଧ୍ୟାରେ ମାର୍‌ପିଟ୍ ହୋଇଛି। ଉଭୟ ଗୋଷ୍ଠୀ ଶାବଳ ଓ ଲୁହା ରଡ୍‌ରେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏଥିରେ ଉଭୟ ପରିବାରର ୩ ଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବାବେଳେ ମୋଟ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟମାନେ ଯାଜପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ଏରବାଙ୍ଗ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ଶୁଭେନ୍ଦୁ କୁମାର ସାମଲ ଓ ସଦାନନ୍ଦ ସାମଲଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଆଜି ଉଭୟ ପରିବାର ମଧ୍ୟରେ ସଂଘର୍ଷ ଘଟି ଶାବଳ, ଫାର୍ସା, ଲୁହା ରଡ୍ ଆକ୍ରମଣରେ ଉଭୟ ପରିବାରର ତିନି ଜଣ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଗୁରୁତର ଶୁଭେନ୍ଦୁ କୁମାର ସାମଲଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାବେଳେ ଓ ସଦାନନ୍ଦଙ୍କ ପରିବାରର ରସାନନ୍ଦ ଓ ସାଗର ସାମଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଏ ନେଇ ଯାଜପୁର ସଦର ଥାନା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସହିଦ ସଞ୍ଜୀବ କ୍ଲବ ପକ୍ଷରୁ ରକ୍ତଦାନ ଶିବିର




**ବରୀ, ୨୯ ।୧୧(ସମିସ):** ରକ୍ତଦାନ ମହାପୂଣ୍ୟ। ବୁନ୍ଦାଏ ରକ୍ତ ଜଣେ ଲୋକର ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ। ବୁଧବାର ଦିନ ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁରଠାରେ ସହିଦ ସଞ୍ଜୀବ କ୍ଲବ ପକ୍ଷରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସହାୟତାରେ ଜିଲ୍ଲା ସଂଯୋଜକ ବିମଳ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରର ଆୟୋଜିତ ହୋଇଯାଇଛି। ବରୀ ବିଧାୟିକା ସୁନନ୍ଦା ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ସହିଦ ସଞ୍ଜୀବଙ୍କ ପିତା ସହଦେବ ଜେନା, ସହିଦ ଶିଶିରଙ୍କ ପିତା ବାବାଜୀ ଚରଣ ସାମଲ, ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଦାସ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ମଲ୍ଲ, ଅଜୟ କୁମାର ମଲ୍ଲ, ରତିକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ରକ୍ତଦାନ ଶିବିର ସ୍ୱର୍ଗତ ସହିଦ ଯବାନ ସଞ୍ଜୀବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା କ୍ଷେତ୍ରରେ ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ବିମଳ ଚନ୍ଦ୍ର ଦାସ, ସହିଦ ସଞ୍ଜୀବ କ୍ଲବ ସଭାପତି ସରୋଜ ସାମଲ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଚଇନପୁରରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ

## 'ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ସରକାରଙ୍କ ଲକ୍ଷ୍ୟ'






**ଯାଜପୁର, ୨୯।୧୧(ସମିସ):** ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ବ୍ୟାଙ୍କକୁ ଉଦ୍‌ଘାଟନ କରିଛନ୍ତି। ଏ ନେଇ ଆଜି ଏକ ସଭା ଚଇନପୁର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ତଥା ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କହିଥିଲେ, ଚଇନପୁର ପଞ୍ଚାୟତରେ ବ୍ୟାପକ ଉନ୍ନତିକରଣ କାର୍ଯ୍ୟ କରାଯାଇଛି। ସ୍କୁଲ ଉନ୍ନତିଠାରୁ ଆରମ୍ଭ କରି ଖେଳ ପଡ଼ିଆ, ପାନୀୟଜଳ, ରାସ୍ତାଘାଟ ସବୁ କ୍ଷେତ୍ରରେ କାର୍ଯ୍ୟ କରାଯାଇଛି। ଚଇନପୁରବାସୀ ସବୁବେଳେ ତାଙ୍କ ସାଙ୍ଗରେ ଅଛନ୍ତି। ପୂର୍ବରୁ ବ୍ୟାଙ୍କ ସେବା ପାଇବା ପାଇଁ ଯାଜପୁର ଟାଉନକୁ ଯିବାକୁ ପଡୁଥିଲା। ଏବେ ସେହି ସେବା ଘର ପାଖରେ ପାଇପାରିବେ। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆର୍ôଥକ ଅନ୍ତର୍ଭୁକ୍ତିକରଣ ଏକାନ୍ତ ଆବଶ୍ୟକ ଓ ଏହା ସରକାରଙ୍କ ପାଇଁ ପ୍ରମୁଖ ପ୍ରାଥମିକତା ଅଟେ। ରାଜ୍ୟରେ ବ୍ୟାଙ୍କିଙ୍ଗ ଭିତ୍ତିଭୂମି କମ୍ ଥିବାରୁ ଆର୍ôଥକ ଅନ୍ତର୍ଭୁକ୍ତିକରଣ ପାଇଁ ଏହା ଏକ ଜଟିଳ ସମସ୍ୟା ସୃଷ୍ଟି କରୁଛି। ସାରା ରାଜ୍ୟରେ ବ୍ୟାଙ୍କ୍ ଶାଖାର ଉପଲବ୍ଧତା ବହୁତ କମ ରହିଛି। ବ୍ୟବସାୟିକ ଦୃଷ୍ଟିରୁ ଅଧିକାଂଶ ବ୍ୟାଙ୍କ ଶାଖା ସହରାଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି। ରାଜ୍ୟର ଦୁର୍ଗମ ଅଞ୍ଚଳରେ ଲୋକମାନେ ମୌଳିକ ବ୍ୟାଙ୍କ୍ ସେବା ସହିତ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତରର ସୁବିଧା ପାଇବା ପାଇଁ ସଂଘର୍ଷ କରୁଛନ୍ତି। ସାରା ରାଜ୍ୟରେ ୬ ହଜାର ୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ୪ ହଜାର ୩୭୩ ପଞ୍ଚାୟତ ବ୍ୟାଙ୍କ ବିହୀନ ଅଟେ। ବ୍ୟାଙ୍କିଙ୍ଗ ଏକ ଜରୁରୀ ସେବା ହୋଇଥିବାରୁ ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ନିରବଚ୍ଛିନ୍ନ ବ୍ୟାଙ୍କ ସେବା ପ୍ରଦାନ ପାଇଁ ଏକ ବ୍ୟାଙ୍କ ଶାଖାର ଆବଶ୍ୟକତା ରହିଛି। ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ସେବା ତଥା ନାଗରିକଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ଠିକ୍ ସମୟରେ ଉପଲବ୍ଧ କରାଇବା ପାଇଁ ବ୍ୟାଙ୍କର ଉପସ୍ଥିତି ଅପରିହାର୍ଯ୍ୟ ଅଟେ। ତେଣୁ ଓଡ଼ିଶା ସରକାର ୬ଟି ରାଷ୍ଟ୍ରୀୟ ବ୍ୟାଙ୍କ ସହଯୋଗରେ ଆମ ବ୍ୟାଙ୍କ ନାମରେ ସମସ୍ତ ବ୍ୟାଙ୍କ ବିହୀନ ପଞ୍ଚାୟତରେ ସିଏସ୍‌ପି ପ୍ଲସ ଆଉଟ୍ ଲେଟ୍ ମାଧ୍ୟମରେ ବ୍ୟାଙ୍କ ସେବା ପ୍ରଦାନ ଲକ୍ଷ୍ୟ ରଖାଯାଇଛି। ଆର୍ôଥକ ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ ହାସଲ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କହିଥିଲେ। ବିଧାୟକ ଶ୍ରୀ ଦାସ ଆହୁରି କହିଥିଲେ, ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ସରକାରଙ୍କ ଲକ୍ଷ୍ୟ ରହିଛି। ସିଏସ୍‌ପ୍ଲସ ଆଉଟ୍ ଲେଟ୍ ସ୍ଥାୟୀ ବ୍ୟାଙ୍କ ଶାଖା ପରି ସମସ୍ତ ବ୍ୟାଙ୍କ ସେବା ଯୋଗାଇ ଦେବ। ପ୍ରତ୍ୟେକ ସିଏସ୍‌ପ୍ଲସ ଆଉଟ୍ ଲେଟ୍‌ରେ ଦୁଇଜଣ ବିଜିନେସ୍ କରେସ୍‌ପଣ୍ଡେଣ୍ଟ(ବିସି)ଙ୍କ ଦ୍ୱାରା ପରିଚାଳିତ ହେବ। ଏହା ସଂଯୁକ୍ତ ବ୍ୟାଙ୍କ ଶାଖାର ସମତୁଲ୍ୟ ନିୟମ ପାଳନ କରିବ। ଏଥିପାଇଁ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଛନ୍ତି। ପ୍ରତି ପଞ୍ଚାୟତରେ ବିନା ମୂଲ୍ୟରେ ବ୍ୟାଙ୍କ ପରିଚାଳନା ପାଇଁ ଗୃହ ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ବିଡିଓ ସୌରଭ ଚକ୍ରବର୍ତ୍ତୀ, ସ୍ଥାନୀୟ ସରପଞ୍ଚ ବୈଷ୍ଣବ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ଅମରେନ୍ଦ୍ର ମିଶ୍ର, ସୁରେଶ ପତି, ମଳୟ ପଣ୍ଡା, ୟୁନିଅନ ବ୍ୟାଙ୍କର ଡେପୁଟୀ ରିଜିଓନାଲ ମୁଖ୍ୟ ବିପିନ କିଶୋର ଏକ୍କା, ଯାଜପୁର ଶାଖା ପରିଚାଳକ ସଚିନ ସୋନୁ, ଅଧିକାରିଣୀ ଶୁଭଦର୍ଶନୀ ସେନାପତି ପ୍ରମୁଖ ଉପସ୍ଥିତ ଥିବାବେଳେ ବହୁ ସଂଖ୍ୟକ ପଞ୍ଚାୟତବାସୀ ଯୋଗ ଦେଇଥିଲେ।

# ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ଉଦ୍‌ଘାଟିତ

## 'ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ମିଶନ ଶକ୍ତି ମହାଦ୍ରୁମରେ ପରିଣତ ହୋଇଛି'



**ଯାଜପୁର, ୨୯ ।୧୧(ସମିସ):** ମହିଳାମାନେ ମିଶନ ଶକ୍ତି ମହାସଂଘରେ ସାମିଲ ହୋଇ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇ ପରିବାରର ଭରଣପୋଷଣ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ମହିଳା ସଶକ୍ତିକରଣକୁ ଅଧିକରୁ ଅଧିକ ସୁଦୃଢ଼ କରୁଛନ୍ତି । ରାଜ୍ୟରେ ୭୦ ଲକ୍ଷ ମହିଳା ମିଶନ ଶକ୍ତି ମହାସଂଘରେ ଯୋଗଦାନ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣରେ ଏକ ବୃହତ୍ତର ସଫଳତା ବୋଲ ଆଜି ଯାଜପୁର ଜିଲ୍ଲାର ଯାଜପୁର ଟାଉନସ୍ଥ ଗୌତମ ବୁଦ୍ଧ ସଂସ୍କୃତି ଭବନ ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି ଓଲିଉଡ୍ ଅଭିନେତା ଅରିନ୍ଦମ ରାୟ କହିଛନ୍ତି । ସେ ଆହୁରି କହିଛନ୍ତି, ଯାଜପୁର ଜିଲ୍ଲାର ମିଶନ ଶକ୍ତି ମହାସଂଘ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଏଭଳି ସୁଦୂର ପ୍ରସାରି ପଦକ୍ଷେପ ସମଗ୍ର ରାଜ୍ୟକୁ ନୂତନ ଦିଗ୍‌ଦର୍ଶନ ଦେବ । ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଯୋଗଦେଇ କହିଲେ, ମିଶନ ଶକ୍ତି ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଆଜି ମହାଦ୍ରୁମରେ ପରିଣତ ହୋଇପାରିଛି । ଯାଜପୁର ଜିଲ୍ଲାରେ ମିଶନ ଶକ୍ତି ମହାସଂଘ ଦ୍ୱାରା ଆରମ୍ଭ ହୋଇଥିବା ସଂସ୍କୃତି ଭବନରେ ଏହାର ସାଂସ୍କୃତିକ ବାତାବରଣକୁ ଅକ୍ଷୁର୍ଣ୍ଣ ରଖି ସମଗ୍ର ଓଡ଼ିଶାରେ ପ୍ରଥମ ଭାବେ ଆରମ୍ଭ ହୋଇଥିବା ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ମାଆମାନଙ୍କୁ ଐତିହ୍ୟ ଓ ସଂସ୍କୃତିକୁ ବଜାୟ ରଖିବା ସହ ଓଡିଆ ସିନେମା ଶିଳ୍ପର ଆଦୃତି ଦିଗରେ ଏହା ନିଶ୍ଚିତ ଭାବେ ସହାୟକ ହେବ ବୋଲି କହିଥିଲେ ।

ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଯାଜପୁର ସଦର ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନଳିନୀପ୍ରଭା ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ ମିଶନ ଶକ୍ତି ମାଆମାନଙ୍କ ଭୂମିକା ଯାଜପୁର ଜିଲ୍ଲାରେ ଅତି ଉଚ୍ଚକୋଟୀର ଓ ରାଜ୍ୟ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଥିଲେ । ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ଶ୍ରୀମତୀ ସୁଜାତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଆଜି ଅପରାହ୍ନରେ ପ୍ରଥମେ ବ୍ୟାସନଗରସ୍ଥିତ ସଂସ୍କୃତି ଭବନ ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟ ଓ କାଫେକୁ ଉଦ୍‌ଘାଟନ କରିବା ସଂଗେ ସଂଗେ ଗୌତମ ବୁଦ୍ଧ ସଂସ୍କୃତି ଭବନ ମିଶନ ଶକ୍ତି ସିନେମା ପ୍ରେକ୍ଷାଳୟକୁ ଉଦ୍‌ଘାଟନ କରିଥିଲେ ।



# ଟାଟା କମ୍ପାନୀ ପକ୍ଷରୁ ଦିବ୍ୟାଙ୍ଗ ଦିବସ ଉପଲକ୍ଷେ ପଦଯାତ୍ରା

**କାଳିଆପାଣି, ୨୯।୧୧(ସମିସ):** ସୁକିନ୍ଦା କ୍ରୋମାଇଟ ମାଇନ୍ସ ଟାଟା କମ୍ପାନୀ ପକ୍ଷରୁ ଆସନ୍ତା ୩ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ପାଳନ ଉପଲକ୍ଷେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । କାଳିଆପାଣି ଖଣି ଅଞ୍ଚଳର ପ୍ରାୟ ୧୫ ଜଣ ଦୃଷ୍ଟିବାଧିତଙ୍କୁ ନେଇ ଟାଟା କମ୍ପାନୀ ପରିସରରେ ଥିବା ସବଳ କେନ୍ଦ୍ରରୁ ଆରମ୍ଭ ହୋଇ କଲରଙ୍ଗୀ ଅତାପୁରିଆଝର ଖେଳ ପଡ଼ିଆ ପର୍ଯ୍ୟନ୍ତ ଏହି ପଦଯାତ୍ରା କରାଯାଇଥିଲା । ଆଜିର ସମାଜରେ ସବୁ ବର୍ଗର ଦିବ୍ୟାଙ୍ଗଙ୍କୁ ସବୁ କ୍ଷେତ୍ରରେ ଅର୍ଥାତ ତାଙ୍କର ସ୍ୱତନ୍ତ୍ର ସାମାଜିକ ପରିଚୟ, ସ୍ୱାଭିମାନ, ସମ୍ମାନକୁ ସ୍ୱୀକୃତି ଦେଇ ସମାଜର ସବୁ କ୍ଷେତ୍ରରେ ସମାନ ଅଧିକାର ପ୍ରଦାନ କରାଯିବା ପାଇଁ ସମସ୍ତ ଜନସାଧାରଣ ସଚେତନ ରହିବା ଆବଶ୍ୟକ ।

୧୯୯୮ରୁ ଏହି ବିଶ୍ୱ ଦିବ୍ୟାଙ୍ଗ ଦିବସ ସାରା ପୃଥିବୀରେ ପାଳନ ହୋଇଆସୁଛି । ସେହି କ୍ରମରେ ଆଜି ଏଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପଦଯାତ୍ରାରେ ଦୃଷ୍ଟିବାଧିତଙ୍କ ସହିତ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ଟାଟା ଷ୍ଟିଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଟାଟା ଫାଉଣ୍ଡେସନର କର୍ମଚାରୀ, ଖଣି ଅଞ୍ଚଳରୁ ଆସିଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବରିଷ୍ଠ ସାମ୍ବାଦିକ ରବିନାରାୟଣ କରଙ୍କ ସମେତ କାଳିଆପାଣି ପୁଲିସ ଅଂଶଗ୍ରହଣ କରିଥିଲେ ।



# ରାହାସ କୁଞ୍ଜ ବୁଲିଲେ ପୂର୍ବତନ ବିଧାୟକ



**ହରିପୁର, ୨୯ ।୧୧(ସମିସ):** ଓଡ଼ିଶାର ପ୍ରସିଦ୍ଧ ଯାଜପୁର ଜିଲ୍ଲା ହରିପୁର ରାହାସ କୁଞ୍ଜ ଏବେ ଚଳଚଞ୍ଚଳ ହୋଇଉଠିଛି । କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ନରସିଂହପୁର ଗ୍ରାମ, ହରିପୁର, ମହେଶ୍ୱରପୁରର ବିଭିନ୍ନ ମଠ ମନ୍ଦିରରେ ଧୁମଧାମରେ ଚାଲିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷ କାରିଗର ଜରି, ମାଳି, ସୋଲ, ଜମ୍ମୁରା କାଗଜ, ଚୁମକି, ବ୍ରୋଞ୍ଜ, ଅଠା ପ୍ଲାଷ୍ଟିକ ଫୁଲ ଭଳି ସାମଗ୍ରୀକୁ ବ୍ୟବହାର କରି କୁଞ୍ଜ ପ୍ରସ୍ତୁତ କରିଛନ୍ତି । କାରିଗରଙ୍କ ନିଖୁଣ କାରିଗରୀ, କଳାକୃତିକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଏଥିପାଇଁ ହରିପୁର ଅଞ୍ଚଳର ରାହାସ କୁଞ୍ଜ ସ୍ୱତନ୍ତ୍ର ଖ୍ୟାତି ରହିଛି । ଆଜି କୁଞ୍ଜ ଉତ୍ସବରେ ଯୋଗଦେଇଥିଲେ କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ।

ପ୍ରଥମେ ମଦନମୋହନଜୀଉ ମଠ କମିଟି ସଦସ୍ୟ ପୂର୍ବତନ ବିଧାୟକଙ୍କୁ ସ୍ୱାଗତ କରିଥିଲେ । ପରେ ଶ୍ରୀ ନାୟକ ନରସିଂହପୁର ମଠରେ ହୋଇଥିବା ରାହାସ କୁଞ୍ଜରେ ଯୋଗଦାନ କରିଥିଲେ । ହରିପୁରର ଜଗନ୍ନାଥ ମଠ, ବୃନ୍ଦାବନଜୀଉ ମନ୍ଦିର, ରାହାସ ବିହାରୀ ମନ୍ଦିରରେ ଯୋଗଦାନ କରି ସମସ୍ତ ଦେବାଦେବୀଙ୍କୁ ଦର୍ଶନ କରିଥିଲେ । ଆଜି ଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିଲା । ଆଜିର କୁଞ୍ଜରେ ପୂର୍ବତନ ବିଧାୟକଙ୍କ ସହିତ ୩୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ସମାଜସେବୀ ପ୍ରହଲାଦ ପଣ୍ଡା, ନରସିଂହପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସୁବାସ ଚନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ସାହୁ, ସମରେନ୍ଦ୍ର ଜେନା, ପବନା ବାରିକ, ଆତୁଳ ଚରଣ ବାରିକ, ମଦନମୋହନ ରାଉତ, ଲକ୍ଷ୍ମୀକାନ୍ତ ଦାସ, ଗଣେଶ ସାହୁ, ସୁରେଶ ନାୟକ, ରବୀନ୍ଦ୍ର ବେହୁରିଆ, ଦିଲ୍ଲୀପ ସାହୁ, ପ୍ରମୋଦ ଜେନା ପ୍ରମୁଖ ଯୋଗଦାନ କରିଥିଲେ ।

# ବାଲିଆ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ



**ବରୀ, ୨୯ ।୧୧(ସମିସ):** ବାଲିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଦିନ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବିଶେଷ କରି ମହାବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ଥିବା ବିଭିନ୍ନ ଗୁଣାବଳୀକୁ ପରିପ୍ରକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ । ଏ ପରିପ୍ରେକ୍ଷୀରେ ବୁଧବାର ସକାଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ଥାନୀୟ ମା' ଜାଗୁଳାଇଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆସି ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ପହଞ୍ଚିଥିଲା । ଅଧ୍ୟକ୍ଷ ପ୍ରାଧ୍ୟାପକ ମଳୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ୨୧ନଂ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଯୋଗଦେଇ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ବାଲିଆ ସରପଞ୍ଚ ରେବତୀ ଜେନା, ସମିତିସଭ୍ୟା ମାନସୀ ଦାସ, ସ୍ୱାଇଁଖଣ୍ଡ ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ମହତାକାଂକ୍ଷୀ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଗତି ଦାଶ, ଅଧ୍ୟାପକ ପ୍ରମୋଦ କୁମାର ଦାସ, ଡ ଜିତେନ୍ଦ୍ର କୁମାର ଦାଶ, ଶୁଭ୍ରାଂଶୁ ଶେଖର ଷଡ଼ଙ୍ଗୀ, ପବିତ୍ର କୁମାର ସାମନ୍ତରାୟ, ନିମାଇଁ ଚରଣ ଲେଙ୍କା, ପ୍ରଦୀପ ମୁଦୁଲି, ସୁଧାଂଶୁ ଶେଖର ବାଗ, ଗୁଣନିଧି ଜେନା, ପ୍ରଭାତ କୁମାର ଜେନା, ସରୋଜକାନ୍ତ ଜେନା, ଶରତ କୁମାର ଜେନା, ରଞ୍ଜନ କୁମାର ମହାନ୍ତି, ପ୍ରମୋଦ କୁମାର ଜେନା, ସୁକାନ୍ତ କୁମାର ଜେନା, ମନୋରଞ୍ଜନ ଜେନା, ମାଧବାନନ୍ଦ ସାହୁ, ଅନୀତା ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ୟବସାୟୀଙ୍କ ସ୍ମୃତିଚାରଣ ସଭା



**ସିଂହପୁର, ୨୯।୧୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ଓଲେଇଚନ୍ଦନପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମର ବରିଷ୍ଠ ବ୍ୟବସାୟୀ ଦିଗାମ୍ବର ପାତ୍ରଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ସେ ସିଂହପୁର ବଜାରରେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିଲେ । ସାମ୍ବାଦିକ ଅନିରୁଦ୍ଧ ବେଉରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ମଞ୍ଚର ନିରଞ୍ଜନ ଦାସ, ବିଦ୍ୟାଧର ଜେନା, ପ୍ରଦୀପ କୁମାର ଜେନା, ନାରାୟଣ ଚନ୍ଦ୍ର ଦାସ, ନିରଞ୍ଜନ ବେଉରିଆ, ପ୍ରଦ୍ୟୁମ୍ନ ପାତ୍ର, ପ୍ରଫୁଲ୍ଲ ସାମଲ, ନିତ୍ୟାନନ୍ଦ ରାଉତ, ପ୍ରଦୀପ ମଲ୍ଲିକ, ଜ୍ଞାନେନ୍ଦ୍ର ବେଉରିଆ, ମେଘନାଥ ମହାଳିକ, ଅଶୋକ କୁମାର ବିଶ୍ୱାଳଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଅତିଥିମାନେ ସ୍ୱର୍ଗତ ପାତ୍ରଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଦୀପ କୁମାର ଜେନା ରାମଧୁନ ଗାନ କରିଥିଲେ ।

# ମଦ ଜବତ, ୩ ଗିରଫ



**ସୁକିନ୍ଦା, ୨୯।୧୧(ସମିସ):** ବୁଧବାର ଦିନ ଅବକାରୀ ବିଭାଗ ପକ୍ଷରୁ କାଳିଆପାଣି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦେଶୀ, ବିଦେଶୀ ଚୋରାମଦ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । କାଳିଆପାଣି ଥାନା ଅଞ୍ଚଳରେ ଚୋରାମଦ କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ ଚଢଉ କରାଯାଇଥିଲା । ଦେଶୀ ଓ ବିଦେଶୀ ଚୋରାମଦ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଓସ୍ତପାଳର ଶୁକଦେବ ବେହେରାଙ୍କ ପୁଅ ଅଜିତ ବେହେରା (୫୮), ବିର୍ସାନଗର ଅଞ୍ଚଳର ଉମେଶ ମହାନ୍ତଙ୍କ ପୁଅ ବିଧାନ ମହାନ୍ତ(୩୧) ଓ କାଳିଆପାଣି ଗ୍ରାମର ଦିଲ୍ଲୀପ ମହାନ୍ତଙ୍କ ପୁଅ କମଳାକାନ୍ତ ମହାନ୍ତ(୨୮)ଙ୍କୁ ଗିରଫ କରାଯାଇ ତିନୋଟି ପୃଥକ ପୃଥକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ସୁକିନ୍ଦା ଅବକାରୀ ବିଭାଗ ଅଧିକାରୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି ।

# ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ବ୍ୟାସନଗର, ୨୯।୧୧(ସମିସ):** ବ୍ୟାସନଗରସ୍ଥ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୋରେଇ ବିଡିଓ ଅଶୋକ କୁମାର ମାଝୀ ଯୋଗଦେଇ କ୍ରୀଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ସଂଯୋଜକ ଅଧ୍ୟାପକ ମଳୟ କୁମାର ମଲ୍ଲିକ ପରିଚାଳନାରେ କରିଥିବାବେଳେ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କ୍ରୀଡ଼ାବିତ ତଥା ଓସିଏ ସଦସ୍ୟ ମନେନ୍ଦ୍ର କୁମାର ଧଳ, ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଅରୁଣ କୁମାର ମିଶ୍ର, ସନ୍ତୋଷ କୁମାର ଜେନା, ପଦ୍ମଭୂଷଣ ରାଉତରାୟ, କ୍ରୀଡ଼ା ବିଭାଗର ସହସଂଯୋଜିକା ଅଧ୍ୟାପିକା ଲପ୍‌ସା ମିଶ୍ର, ଅଧ୍ୟାପିକା ତାରିଣୀ ତନୟା ସର, ଯାଜ୍ଞେଶ୍ୱରୀ ପଲେଇ, ରୋଜାଲିନ ଦାସ, ଝୁନୁମଣି ଜେନା, ବବିତା ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ କ୍ରୀଡ଼ା ପତାକା ଧରି ଛାତ୍ରୀ ଅନୁରାଧା ଦାସ ଓ ଭାଗ୍ୟଶ୍ରୀ ସାହୁ ପଡ଼ିଆ ପରିକ୍ରମା କରିଥିଲେ । ଉଦ୍‌ଘାଟନୀ ଦିବସରେ କବାଡି, କ୍ୟାରମ, ଚେସ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରମେଶ ଚନ୍ଦ୍ର ପଣ୍ଡା, କୈଳାସ ମଲ୍ଲିକ, ଶିବାନୀ ମଲ୍ଲିକ ଓ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିଚାରକ ଭାବେ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ସୁମିତ୍ରା ରାଉତ, ଗ୍ରନ୍ଥାଗାରିକ ଚିତ୍ତରଞ୍ଜନ ମଲ୍ଲିକ କାର୍ଯ୍ୟନିର୍ବାହ କରିଥିଲେ । ମୁଖ୍ୟ କିରାଣୀ ପ୍ରଦୀପ କୁମାର ପରିଡ଼ା, ପ୍ରଶାନ୍ତ କୁମାର ପଲେଇ, ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳାଇ, ପ୍ରବିତ୍ର ମୋନ ଜେନା, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ହଜାର ହଜାର ଦର୍ଶକଙ୍କ ଭିଡ଼

# ଜମୁଛି ହରିପୁରର କୁଞ୍ଜ





**କୁଆଖିଆ, ୨୯ ।୧୧(ସମିସ):** କଂସର ନିଧନ ପରେ ଶ୍ରୀକୃଷ୍ଣଙ୍କୁ ନେଇ ସବୁଠି ବିଜୟ ଉତ୍ସବ ପାଳିତ ହେଉଥିବାବେଳେ କୃଷ୍ଣ ରାଧାରାଣୀଙ୍କ ସହ କୁଞ୍ଜ କାନନରେ ଭ୍ରମଣ କରିବାର କଳ୍ପନାକୁ ନେଇ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ନରସିଂହପୁର ଅଞ୍ଚଳରେ ପାଳିତ ହେଉଛି ପ୍ରସିଦ୍ଧ କୁଞ୍ଜ ଓ ରାହାସ ଯାତ୍ରା । କାର୍ତ୍ତିକ ମାସର ପଞ୍ଚୁକ ଓ ରାହାସ ଯାତ୍ରା କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଏସବୁ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ଯାତ୍ରା ଆରମ୍ଭ ହୋଇଛି । କୁଞ୍ଜ ମଣ୍ଡପଗୁଡ଼ିକୁ କେବଳ ସୋଲ କାଗଜ, ଜମ୍ମୁରା (ଚିକମିକ କରୁଥିବା ସ୍ୱତନ୍ତ୍ର କାଗଜ) ମାଳି ଆଦିରେ ଆକର୍ଷଣୀୟ ଭାବେ ସଜାଯାଇଛି । ହରିପୁର କୁଞ୍ଜ ମଣ୍ଡପରେ ଦର୍ଶକଙ୍କ ଭିଡ଼ ହେଉଛି ।

ବୈଷ୍ଣବ ଧର୍ମର ପୃଷ୍ଠଭୂମିରେ ଆଧାରିତ ଏହି କୁଞ୍ଜ ଓ ରାହାସ ଯାତ୍ରାକୁ ନେଇ ଅନେକ କିମ୍ବଦନ୍ତୀ ଓ ଜନଶ୍ରୁତି ରହିଛି । ଦେବକୀଙ୍କ ଅଷ୍ଟମ ସନ୍ତାନ କୃଷ୍ଣଙ୍କୁ ହତ୍ୟା କରିବାର ସମସ୍ତ ଯୋଜନା ବିଫଳ ହେବା ପରେ ବ୍ୟତିବ୍ୟସ୍ତ କଂସ ରଙ୍ଗସଭାର ଆୟୋଜନ କରିଥିଲା । ରଙ୍ଗ ସଭାରେ କୌଶଳ କ୍ରମେ କୃଷ୍ଣ-ବଳରାମଙ୍କୁ ହତ୍ୟା କରିବାକୁ ଯୋଜନା ଥିଲା । ଏ ନେଇ କୃଷ୍ଣ ବଳରାମଙ୍କ ମନରେ କୌଣସି ସନ୍ଦେହ ସୃଷ୍ଟି ନ କରିବା ନିମିତ୍ତ କଂସ ରଙ୍ଗସଭାକୁ ସବୁମତେ ଆକର୍ଷଣୀୟ କରିଥିଲା । ମାତ୍ର ସେହି ରଙ୍ଗସଭାରେ ହିଁ କଂସର ନିଧନ ହୋଇଥିଲା । ପୁରାଣ ବର୍ଣ୍ଣିତ ଏହି କିମ୍ବଦନ୍ତୀକୁ ଉଜ୍ଜୀବିତ କରି ରଖିବା ସହ ଏସବୁକୁ ଗାଁ ଦାଣ୍ଡରେ ପ୍ରଦର୍ଶିତ କରିବାକୁ ମନ ବଳାଇଥିଲେ ହରିପୁର ଅଞ୍ଚଳର ବଳରାମ ସାହୁ । ୮୮ ବର୍ଷ ତଳେ୧୯୩୫ରେ ଏହାକୁ ନେଇ ଆରମ୍ଭ ହୋଇଥିଲା ହରିପୁର ରାହାସ ବିହାରୀ ମନ୍ଦିରରେ କୁଞ୍ଜ ଓ ରାହାସ ଯାତ୍ରା । କିଛିବର୍ଷ ପରେ ପଡ଼ୋଶୀ ନରସିଂହପୁର (ଢିଁହସାହି) ଅଞ୍ଚଳର ଭାଗବତ ସାହୁ ଢିଁହସାହିର ରାଧା ଗୋପୀନାଥଜୀଉ ମନ୍ଦିରରେ ରାହାସ ଯାତ୍ରା ଆରମ୍ଭ କରିଥିଲେ । ସେତେବେଳେ ଏହି ଅଞ୍ଚଳରେ ପଶ୍ଚିମବଙ୍ଗରୁ ଆସି ବହୁ ସଂଖ୍ୟକ ବଙ୍ଗାଳୀ ରହୁଥିଲେ । ଏଣୁ ଉତ୍ସବରେ ବଙ୍ଗଳା ଭାଷାରେ କୀର୍ତ୍ତନ ଓ ରଙ୍ଗମଞ୍ଚ ଅନୁଷ୍ଠିତ ହେଉଥିଲା । କ୍ରମଶଃ ଏସବୁ ଓଡ଼ିଆ ଭାଷାକୁ ରୂପାନ୍ତରିତ ହୋଇଥିଲା ଓ ଅଞ୍ଚଳର ମୁଖ୍ୟ ପର୍ବ ପାଲଟି ଯାଇଥିଲା । ଆରମ୍ଭରୁ ରଙ୍ଗମଞ୍ଚରେ ସ୍ଥାନୀୟ ଲୋକେ ନାଟକ ମଞ୍ଚସ୍ଥ କରୁଥିବାବେଳେ ଏବେ ବିଭିନ୍ନ ଯାତ୍ରା ପାର୍ଟି ଏଠାରେ ଯାତ୍ରା ପରିବେଷଣ କରୁଛନ୍ତି ।

କୁଞ୍ଜ ତିଆରି ନିମିତ୍ତ ମୁଖ୍ୟତଃ ପୁରୀ ଅଞ୍ଚଳରୁ କୁଞ୍ଜ କାରିଗର ଆସିଥା'ନ୍ତି । ଗୋଟିଏ ମଣ୍ଡପରେ ସାଜସଜ୍ଜା ନିମିତ୍ତ ଏମାନେ କେବଳ ମଜୁରି ବାବଦକୁ ଲକ୍ଷାଧିକ ଟଙ୍କା ନେଇଥା'ନ୍ତି । ସ୍ଥାନୀୟ ଅଞ୍ଚଳର କେତେଜଣ କାରିଗର ମଧ୍ୟ ସାଜସଜ୍ଜା କରନ୍ତି । ଏହି କାରୁକାର୍ଯ୍ୟ ଦେଖିବାକୁ ଏଠାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ । ଚଳିତ ବର୍ଷ ହରିପୁର ରାହାସ ବିହାରୀ ମନ୍ଦିର, ବୃନ୍ଦାବନ ଚନ୍ଦ୍ର ମନ୍ଦିର, ଜଗନ୍ନାଥ ମଠ, ନରସିଂହପୁରର ଠାକୁର ଦାସ ମଠ, ଗୋପୀନାଥଜୀଉ ମନ୍ଦିର, ଢିଁହସାହିର ଶ୍ରୀଶ୍ରୀ ରାଧା ଗୋପୀନାଥଜୀଉ ଓ ଗୌରୀଶ୍ୟାମପାଟଣାରେ ଏହି କୁଞ୍ଜ ଚାଲିଛି । ଏସବୁ ଅଞ୍ଚଳ ରସୁଲପୁର ଓ ଯାଜପୁର ବ୍ଲକ ଅଧୀନରେ ରହିଛି । ବିଭିନ୍ନ ଅପେରା ପାର୍ଟି ନାଟକ ମଞ୍ଚସ୍ଥ କରୁଛନ୍ତି । ଦୀର୍ଘ ବର୍ଷ ତଳୁ ଆରମ୍ଭ ହୋଇଥିବା କୁଞ୍ଜ ପର୍ବ ହରିପୁର ଅଞ୍ଚଳରେ ଏବେ ଏକ ଗଣପର୍ବ ପାଲଟିଛି । କୁଞ୍ଜ ଦେଖିବାକୁ ପ୍ରବଳ ଜନସମାଗମ ହେଉଥିବାରୁ କୁଆଖିଆ ଥାନା ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି ।

# ଆରମ୍ଭ ହେଲା 'ନୂଆ-ଓ' ସବୁଠି ଖେଳିଲେ ଛାତ୍ରଛାତ୍ରୀ





ବିଭିନ୍ନ ମହାବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶାର ଯୁବପିଢ଼ିକୁ ସଂଗଠିତ ଓ ସଶକ୍ତ କରିବାକୁ ରାଜ୍ୟ ସରକାର ଏକ ନୂଆ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ସ୍ଥାନୀୟ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟ ସରକାରଙ୍କ ସମନ୍ୱିତ ବିକାଶ କାର୍ଯ୍ୟକ୍ରମକୁ ଅଗ୍ରାଧୀକାର ଦେଇ ମହାବିଦ୍ୟାଳୟ ତରଫରୁ ନଭେମ୍ବର ୧୫ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିଥିବା କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି କ୍ରମରେ ବୁଧବାର ବିଜେବି ମହାବିଦ୍ୟାଳୟ ପରିସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଆରମ୍ଭ ହୋଇଥିବା ଇଣ୍ଡୋର କ୍ରୀଡ଼ା ପର୍ଯ୍ୟାୟରେ କ୍ୟାରମ, ବ୍ୟାଡମିଣ୍ଟନ, ଲୁଡୁ ପ୍ରଭୃତି ଖେଳ ଆରମ୍ଭ ହୋଇଥିଲା। ସେହିପରି ଆଉଟଡୋର କ୍ରୀଡ଼ାରେ କବାଡି, ଖୋ ଖୋ ସାମିଲ ରହିଛି। ହକି ଖେଳକୁ ଅଧିକ ଗୁରୁତ୍ୱ ଦେବାକୁ ମହାବିଦ୍ୟାଳୟ ତରଫରୁ ନିଷ୍ପତ୍ତି ନିଆଯାଇଛି। ରାଉରକେଲର ପାନପୋଷସ୍ଥିତ ହୃଷିକେଶ ରାୟ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅଧିନରେ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବହୁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ଏହାକୁ ସଫଳ କରିଥିଲେ। ସେହିପରି ପୁରୀ ଜିଲ୍ଲାର ବଳଙ୍ଗା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅଧିନରେ ଚିତ୍ରାଙ୍କନ, ଝୋଟି ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ସେହିପରି ବିଷମ କଟକର ମା ମାର୍କମା +୩ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଓ ଅଧ୍ୟାପିକା ସାମାଜିକ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

■ ସୟଦ ମୋଦୀ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ

# ଶ୍ରୀକାନ୍ତ, ସମୀର ହାରିଲେ; ପ୍ରିୟାଂଶୁ ଜିତିଲେ

ଲକ୍ଷ୍ନୌ, ୨୯ ।୧୧(ଏଜେନ୍ସି): ଏଠାରେ ଚାଲିଥିବା ସୟଦ ମୋଦୀ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅନ୍ୟପଟେ ଯୁବ ଖେଳାଳି ପ୍ରିୟାଂଶୁ ରାଜାୱତ୍ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ କୋରିଆ ଚିଆ ହାଓ ଲିଙ୍କଠାରୁ ୨୧-୨୩, ୮-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଓର୍ଲେନ ମାଷ୍ଟର୍ସ ବିଜେତା ପ୍ରିୟାଂଶୁ, ଡେନମାର୍କ ମାଷ୍ଟର୍ସ ଡମିତ୍ରି ପାନାରିନଙ୍କୁ, କିରନ ୨୧-୧୬, ୧୪-୨୧, ୨୧-୧୩ରେ ଲକ୍ଷ୍ୟ ସେନ୍‌ଙ୍କ ଭାଇ ଚିରାଗଙ୍କୁ ଓ ସତୀଶ ଚାଇନିଜ ତାଇପେର ହୁଆଙ୍ଗ ୟୁ କାଇଙ୍କୁ ପରାସ୍ତ କରିଥିଲେ। ଅନ୍ୟପଟେ ସମୀର ବର୍ମା ୯-୨୧, ୨୧-୧୬, ୧୬-୨୧ରେ ଚାଇନିଜ ତାଇପେର ୱାଙ୍ଗ ଜୁ ୱେଇଙ୍କଠାରୁ ହାରି ବିଦାୟ ନେଇଛନ୍ତି। ମହିଳା ଯୁଗଳରେ ଅଶ୍ୱିନୀ ପୋନାପ୍ପା ଓ ତନୀଷା କ୍ରାଷ୍ଟୋ ୨୧-୮, ୨୧-୯ରେ ନିଜ ଦେଶର ସମ୍ରିଦ୍ଧି ସିଂ ଓ ସୋନାଲି ସିଂଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ମହିଳା ଏକକରେ ଭାରତର ୧୬ ବର୍ଷୀୟା ଉନ୍ନତୀ ହୁଡା, ଅନୁପମା ଉପାଧ୍ୟାୟ, ଅସ୍ମିତା



ଚାଲିହା ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରୁ ଚାମ୍ପିଅନ କିରନ ଜର୍ଜ, ସତୀଶ କୁମାର କରୁଣାକରନ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପ୍ରିୟାଂଶୁ ୨୧-୧୬, ୨୧-୧୯ରେ କାଜାଖସ୍ତାନର ଲକ୍ଷ୍ୟ ସେନ୍ ଓ ଏଚ୍‌ଏସ୍ ପ୍ରଣୟଙ୍କ ଭଳି ତାରକା ଖେଳାଳି ଓହରିଯାଇଛନ୍ତି।

## ଜାତୀୟ ପେନ୍‌ଚାକ ସିଲାଟ୍ ଚାମ୍ପିଅନସିପ୍

# ଓଡ଼ିଶାକୁ ୨୦ ପଦକ



ଭୁବନେଶ୍ୱର, ୨୯ ।୧୧ (ସମିସ): ବିହାରର ପାଟାଳୀପୁତ୍ର ଷ୍ଟାଡିୟମଠାରେ ଶେଷ ହୋଇଥିବା ଜାତୀୟ ଉପ-କନିଷ୍ଠ, କନିଷ୍ଠ ପେନଚାକ୍ ସିଲାଟ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ୨୦ ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୧୦ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୪୨ ଖେଳାଳି ଭାଗନେଇଥିଲେ। ଏକମାତ୍ର ସ୍ୱର୍ଣ୍ଣ ପଦକ ନନ୍ଦିତା ଠାକୁର ଟ୍ରେଣ୍ଡିଂ ଇଭେଣ୍ଟରେ ଜିତିଥିଲେ।

ମନୋରଞ୍ଜନ ଭଞ୍ଜ ଓ ଜିତେନ୍ଦ୍ର କୁମାର ରାଉତ ଓଡ଼ିଶା ଦଳର ପ୍ରଶିକ୍ଷକ ଏବଂ ରାହୁଲ ଶା ଓ ସୋହିଲ ଗୁରୁଙ୍ଗ ମ୍ୟାନେଜର ଭାବେ ଗସ୍ତ କରିଥିଲେ। ଏହି ଅବସରରେ ପଦକ ବିଜୟୀ ଓଡ଼ିଶା ଦଳର ଖେଳାଳିଙ୍କୁ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ଟେଷ୍ଟ: ବାଂଲାଦେଶ ୩୧୦ରେ ସୀମିତ

# ୱିଲିୟମ୍‌ସନ୍‌ଙ୍କ ଶତକ; ନ୍ୟୁଜିଲାଣ୍ଡର ସଂଘର୍ଷ

ସିଲ୍‌ହଟ୍, ୨୯ ।୧୧ (ଏଜେନ୍ସି): ଘରୋଇ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ସିଲ୍‌ହଟ୍ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟର ୨ୟ ଦିବସ ଖେଳ ଶେଷ ହୋଇଛି। ବୁଧବାର ଷ୍ଟମ୍ପ ସୁଦ୍ଧା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୮୪ ଓଭରରେ ୮ ୱିକେଟ୍ ହରାଇ ୨୬୬ ରନ ସଂଗ୍ରହ କରିଛି। କେନ୍ ୱିଲିୟମସନଙ୍କ ଶତକ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା। ଦୁଇ ୱିକେଟ୍ ବଳକାଥାଇ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ଆହୁରି ୪୪ ରନ ଆବଶ୍ୟକ କରୁଛି। ପୂର୍ବରୁ ବାଂଲାଦେଶ ପ୍ରଥମ ପାଳିରେ ୩୧୦ ରନରେ ସୀମିତ ରହିଥିଲା। ପୂର୍ବଦିନର ସ୍କୋରରେ ଆଉ କୌଣସି ରନ ଯୋଡ଼ିବା ପୂର୍ବରୁ ବାଂଲାଦେଶ ସେହି ସ୍କୋରରେ ଶେଷ ୱିକେଟ୍ ହରାଇଥିଲା।

ବୁଧବାର ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ପ୍ରାରମ୍ଭରୁ ୪୪ ରନ ମଧ୍ୟରେ ଦୁଇ ଓପନର୍ ଟମ୍ ଲାଥମ (୨୧ ରନ) ଓ ଡେଭନ କନ୍‌ୱେ (୧୨)ଙ୍କ ୱିକେଟ୍ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। କିନ୍ତୁ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ ଧୈର୍ଯ୍ୟର ସହ ଖେଳି ପାଳି ସଜାଡ଼ିଥିଲେ। ସେ ମଧ୍ୟକ୍ରମରେ ଛୋଟିଆ ଛୋଟିଆ ଭାଗୀଦାରି କରିବାରୁ ନ୍ୟୁଜିଲାଣ୍ଡ ଅଢ଼େଇଶହ ରନ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଏହିକ୍ରମରେ ସେ ଟେଷ୍ଟ କ୍ୟାରିୟରର ୨୯ତମ ଶତକ ପୂରଣ କରି ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ତେବେ ଶତକ ହାସଲ କରିବା



ପରେ ପରେ ସେ ୧୦୪ ରନରେ ତାଇଜୁଲ ଇସ୍‌ଲାମଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ୨୦୫ ବଲର ଏହି ପାଳିରେ ସେ ୧୧ଟି ଚୌକା ମାରିଥିଲେ। ଆଉଟ୍ ହେବା ପୂର୍ବରୁ ୱିଲିୟମସନ ୪ର୍ଥ ୱିକେଟରେ ଡାରୀଲ ମିଚେଲ (୪୧ ରନ)ଙ୍କ ସହ ୬୬ ରନ ଏବଂ ୬ଷ୍ଠ ୱିକେଟ୍‌ରେ ଗ୍ଲେନ ଫିଲିପ୍ସ (୪୨ ରନ)ଙ୍କ ସହ ୭୮ ରନର ଉପଯୋଗୀ ଭାଗୀଦାରି କରିଥିଲେ। ଦିବସର ଖେଳ ଶେଷବେଳକୁ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ୨୬୬ ରନ ସଂଗ୍ରହ କରିଛି। କାଏଲ୍ ଜେମିସନ ୭ ଓ ଅଧିନାୟକ ଟିମ୍ ସୌଦୀ ୧ ରନରେ ଅପରାଜିତ ରହିଛନ୍ତି। ବୋଲିଂରେ ବାଂଲାଦେଶ ପକ୍ଷରୁ ତାଇଜୁଲ ସବୁଠୁ ସଫଳ ସାବ୍ୟସ୍ତ ହୋଇଥିଲେ। ସେ ୮୯ ରନରେ ୪ଟି ୱିକେଟ୍ ନେଇଥିବାବେଳେ ମେହିଦୀ ହାସନ ମିରାଜ, ଶୋରିଫୁଲ ଇସଲାମ, ନଇମ ହାସନ ଓ ମୋମିନୁଲ୍ ହକ୍ ପ୍ରତ୍ୟେକ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ପାଳି: ୩୧୦ରେ ଅଲ୍‌ଆଉଟ୍।
ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୨୬୬/୮, ୮୪ ଓଭର (ୱିଲିୟମସନ- ୧୦୪, ଫିଲିପ୍ସ- ୪୨, ମିଚେଲ- ୪୧, ଲାଥମ- ୨୧, ତାଇଜୁଲ- ୪/୮୯)।

# ଓଡ଼ିଶାର ହ୍ୟାଟ୍ରିକ୍ ପରାଜୟ

କଟକ, ୨୯।୧୧(ସମିସ): ଚଳିତ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଲିଗ୍ ପର୍ଯ୍ୟାୟରେ ଦଳ ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହେଲାଣି। ବୁଧବାର ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ସୌରାଷ୍ଟ୍ର ଠାରୁ ହାରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୯୯ରନରେ ଅଲଆଉଟ ହୋଇଥିଲା। ୬ ୱିକେଟ ହରାଇ ସୌରାଷ୍ଟ୍ର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗ୍ରୁପ-ଏ ଟେବୁଲର ୭ମ ସ୍ଥାନକୁ ଖସି ସାରିଥିବା ଓଡ଼ିଶା ନିମନ୍ତେ କ୍ୱାର୍ଟର ପ୍ରବେଶ ଆଶା କ୍ଷୀଣ ହେବାରେ ଲାଗିଛି। ତେବେ ଡିସେମ୍ବର ୧ରେ ୫ମ ଲିଗ ମୁକାବିଲାରେ ଓଡ଼ିଶା ପୁଡୁଚେରୀକୁ ଭେଟିବ।

ବେଙ୍ଗାଲୁରୁସ୍ଥିତ ଅଲୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସନ୍ଦୀପ ପଟ୍ଟନାୟକ ୪୨ରନ ଏବଂ ଶୁଭ୍ରାଂଶୁ ସେନାପତି ୨୧ରନ କରିଥିବା ବେଳେ ଅନ୍ୟ ସମସ୍ତ ଖେଳାଳି ଫେଲ୍ ମାରିଥିଲେ। ଶାନ୍ତନୁ ମିଶ୍ର ୦, ରାଜେଶ ଧୂପର ୪ ରନ, ଅଧିନାୟକ ବିପ୍ଳବ ସାମନ୍ତରାୟ ୯ରନ, ଅଭିଷେକ ରାଉତ ୫ରନ, ଅଭିଷେକ ଯାଦବ ୩ରନ, ରାକେଶ ପଟ୍ଟନାୟକ ୪ରନ, ପ୍ରୟାସ ସିଂହ ୦, ରାଜେଶ ମହାନ୍ତି ୧ରନ, ଦେବବ୍ରତ ପ୍ରଧାନ ୩ରନ କରିଥିଲେ। ସୌରାଷ୍ଟ୍ର ପକ୍ଷରୁ ଧର୍ମେନ୍ଦ୍ର ସିଂହ ଜାଡେଜା ୫ଟି ୱିକେଟ ଅକ୍ତିଆର କରିଥିଲେ। ଜୟଦେବ ଉନାଦକତ୍‌ଙ୍କ ନେତୃତ୍ୱାଧୀନ ସୌରାଷ୍ଟ୍ର ପ୍ରାରମ୍ଭରୁ ୱିକେଟ ହରାଇଥିଲେ ସୁଦ୍ଧା ୨୫ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଭି. ଅର୍ପିତ ସର୍ବାଧିକ ୨୦ରନ କରିଥିଲେ। ଭିଷଭରାଜ ଜାଡେଜା ୧୭ରନ, ଚେତେଶ୍ୱର ପୂଜାରା ୧୫ରନ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା।

## ବିଜୟ ହଜାରେ ଟ୍ରଫି

# ଦିଲ୍ଲୀକୁ ହରାଇଲା ଜାମ୍ମୁ-କାଶ୍ମୀର

ନୂଆଦିଲ୍ଲୀ, ୨୯ ।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୪ର୍ଥ ରାଉଣ୍ଡ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବଇ, ବିଦର୍ଭ, ହରିୟାଣା ଓ ରାଜସ୍ଥାନ କ୍ରମାଗତ ୪ର୍ଥ ବିଜୟ ହାସଲ କରି ଅପରାଜେୟ ରହିଛନ୍ତି। ତେବେ ଗ୍ରୁପ୍-ସି'ର ଏକ ମୁକାବିଲାରେ ଶକ୍ତିଶାଳୀ ଦିଲ୍ଲୀକୁ ୭୫ ରନରେ ପରାସ୍ତ କରି ଜାମ୍ମୁ ଓ କାଶ୍ମୀର ବଡ଼ ବିପର୍ଯ୍ୟୟ ଘଟାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଜାମ୍ମୁ ଓ କାଶ୍ମୀର ଅଧିନାୟକ ଶୁଭମ ଖଜୁରିଆ (୧୦୯ ରନ)ଙ୍କ ଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୨୯୯ ରନ କରିଥିଲା। ଜବାବରେ ଅଧିନାୟକ ୟଶ୍ ଧୁଲ (୪୯), ହିମତ୍ ସିଂ (୩୫) ଓ ଲଳିତ ଯାଦବ (୬୭)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ଦିଲ୍ଲୀ ୪୫.୩ ଓଭରରେ ୨୨୪ ରନରେ ସୀମିତ ରହିଥିଲା। ବିଜୟୀ ଜାମ୍ମୁ



ହିମାଂଶୁ ରାଣା

ପକ୍ଷରୁ ଦ୍ରୁତ ବୋଲର ରଶିକ ଦର୍ ସଲମାନ ୪ ଓ ଆବିଦ୍ ମୁସ୍ତାକ ୩ଟି ୱିକେଟ୍ ନେଇଥିଲେ। ଜାମ୍ମୁ ୪ର୍ଥ ମୁକାବିଲାରୁ ପ୍ରଥମ ବିଜୟ ଅର୍ଜନ କରିଥିଲା।

ସେହିଭଳି ଚଣ୍ଡିଗଡ଼ର ମହାଜନ କ୍ରିକେଟ୍ ଏକାଡେମୀରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ରାଜସ୍ଥାନ ୩୮ ରନରେ ଆନ୍ଧ୍ର ପ୍ରଦେଶକୁ ହରାଇ ୪ର୍ଥ ବିଜୟ ଲାଭ କରିଛି। ରାଜସ୍ଥାନ ଓପନର୍ ଅଭିଜିତ୍ ତୋମାରଙ୍କ ୧୨୪ ରନ ବଳରେ ୨୯୦ ରନ କରିଥିଲା। ଜବାବରେ ହନୁମା ବିହାରୀ (୬୦) ଓ ଅଶ୍ୱିନ ହେବର (୬୮)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଆନ୍ଧ୍ର ପ୍ରଦେଶ ୪୭.୪ ଓଭରରେ ୨୫୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଗ୍ରୁପ୍-ବି'ରେ ଖେଳାଯାଇଥିବା ଏକ ମ୍ୟାଚରେ ବିଦର୍ଭ ସହଜରେ ୧୦ ୱିକେଟ୍‌ରେ ଝାଡ଼ଖଣ୍ଡକୁ ମାତ୍ ଦେଇଛି। ଅନ୍ୟ ଏକ ମ୍ୟାଚରେ ହିମାଂଶୁ ରାଣାଙ୍କ ୧୩୬ ରନ ସହାୟତାରେ ହରିୟାଣା ୧୯୦ ରନର ବଡ଼ ବ୍ୟବଧାନରେ ମିଜୋରାମକୁ ଏବଂ ଅଜିଙ୍କ୍ୟା ରାହାଣେଙ୍କ ମୁମ୍ବଇ ଦଳ ୭ ୱିକେଟ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ମୁମ୍ବଇର ତୁଷାର ଦେଶପାଣ୍ଡେ (୫-୧-୧୧-୪) ସୁନ୍ଦର ବୋଲିଂ କରିଥିଲେ।

● ଦକ୍ଷିଣ ଏସୀୟ କରାଟେ

# ଭାରତୀୟ ଦଳରେ ଓଡ଼ିଶାରୁ ୫




ଭୁବନେଶ୍ୱର, ୨୯ ।୧୧ (ସମିସ): ଆଗାମୀ ଦକ୍ଷିଣ ଏସୀୟ କରାଟେ ଚାମ୍ପିଅନସିପ୍ ପାଇଁ ଭାରତୀୟ ଦଳରେ ଓଡ଼ିଶାରୁ ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭାଲେନା ଭାଲେଣ୍ଟିନା, ସୁରମିତା ସିହ୍ନା, ଶୁଭକାନ୍ତ ବିଶ୍ୱାଳ, ଲୋମା ସ୍ୱାଇଁ ଓ ସୁମନ ଶେଖର ଦାସ। ଏହି ଅବସରରେ ବୁଧବାର ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଖେଳାଳିମାନଙ୍କୁ ଶୁଭକାମନା ଜଣାଯାଇଛି। ରାଜ୍ୟ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲ୍ଲିକ, ସଞ୍ଜୟ ଦାସ, କାଳିପ୍ରସାଦ ନନ୍ଦ, ସନ୍ମତ ନାୟକ, ଅନୁପମା ସ୍ୱାଇଁ, କ୍ରିଷ୍ଟା ଶିକାରୀ, ଯୋଗେଶ ବରିହା, ସୁସ୍ମିନ ପାଲଟାସିଂହ, ନ୍ୟାସା କୁମାରୀ, ରଜନୀ ବିଶି ଓ ସଞ୍ଜୀବ ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# 'ୟୁନିଲାଇଟ୍ କପ୍' ଉଦ୍‌ଘାଟିତ



ଭୁବନେଶ୍ୱର, ୨୯ ।୧୧ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏସନ ପକ୍ଷରୁ ବୁଧବାର ସ୍ଥାନୀୟ ୟୁନିଟ୍-୬ ବାଳକ ବିଦ୍ୟାଳୟ ପଡ଼ିଆରେ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା 'ୟୁନିଲାଇଟ୍ କପ୍' ଆରମ୍ଭ ହୋଇଯାଇଛି। ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ସେନାପତି, କର୍ପୋରେଟର ପୁଷ୍ପା ରାଉତ, ୟୁନିଲାଇଟ୍‌ର ମ୍ୟାନେଜର ଅଂଶୁମାନ ମହାନ୍ତି ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମୁକାବିଲାରେ କଟକର ସୟଦ ସେମିନାରୀ ସ୍କୁଲ ଓ ଭୁବନେଶ୍ୱରର ଘାଟିକିଆ ସ୍କୁଲ ପରସ୍ପରକୁ ଭେଟିଥିଲେ। ଏଥିରେ ସୟଦ ସେମିନାରୀ ସ୍କୁଲ ୧-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏଥିରେ ବିଜୟୀ ଦଳର ବଣ୍ଟି ନାୟକ ଓ ଘାଟିକିଆର ସବ୍ୟସାଚୀ ରାଉତଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ତହିଜୁଲ ହୋଦା ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଡିରେକ୍ଟର ନବରଞ୍ଜନ ପଟ୍ଟନାୟକ, ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ଦାସ, ମହେଶ୍ୱର ସିଂ, ଶରତ ପଟ୍ଟନାୟକ, ପୁରାତନ ଖେଳାଳି ନରେନ୍ଦ୍ର, ଶ୍ରୀମନ୍ତ ମହାନ୍ତି, ମହେଶ୍ୱର ସିଂ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

## ରାଜ୍ୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

# ପୁରୁଷରେ ପାରସ୍, ମହିଳାରେ ସ୍ମୃତି ଚାମ୍ପିଅନ

■ ପୁରୁଷ ଯୁଗଳରେ ଅବିନାଶ ଓ ଆୟୁଷ, ମହିଳାରେ ପ୍ରଗତି, ବିଶାଖା ଚାମ୍ପିଅନ
■ ମିଶ୍ରିତ ଯୁଗଳରେ ଅଭିନାଶ ଓ ଶ୍ରେୟା ଚାମ୍ପିଅନ

ବଲାଙ୍ଗିର, ୨୯।୧୧(ସମିସ): ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମରେ ଗତ ୩ ଦିନ ଧରି ଚାଲିଥିବା ଓଡ଼ିଶା ରାଜ୍ୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ ବୁଧବାର ଉଦଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳର ପୁରୁଷ ଏକକରେ ଖୋର୍ଦ୍ଧାର ପାରସ ମାଥୁର ୧୪-୨୧, ୨୧-୧୪, ୨୧-୧୪ରେ ସମ୍ବଲପୁରର ତହସିବ ଖାନଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିଭଳି ମହିଳା ଏକକରେ କଟକର ସ୍ମୃତି ସ୍ୱାଇଁ ୧୯-୨୧, ୨୧-୧୧, ୨୧-୧୭ ଭୁବନେଶ୍ୱରର ହର୍ଷିତା ରାଉତଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ପୁରୁଷ ଯୁଗଳରେ ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକଙ୍କ ଯୋଡ଼ି ୨୧-୧୮, ୨୧-୧୫ ସିଧାସଳଖ ଗେମ୍‌ରେ ଅମ୍ଳାନ କେଶରୀ ଗଡ଼ନାୟକ ଓ ତନ୍ମୟ ସାହୁଙ୍କୁ ପରାସ୍ତ କରି ଟ୍ରଫି ଜିତିଛନ୍ତି। ମହିଳା ଯୁଗଳରେ ବିଶାଖା ଟପ୍ପୋ ଓ ପ୍ରଗତି ପରିଡ଼ାଙ୍କ ଯୋଡ଼ି ଏବଂ ମିଶ୍ରିତ ଯୁଗଳରେ ଅଭିନାଶ ମହାନ୍ତି ଓ ଶ୍ରେୟା ବିଶ୍ୱାଳଙ୍କ ଯୋଡ଼ି ଏ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।




ଫାଇନାଲ ଖେଳର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ପରିଚାଳନା କରିଥିଲେ। । ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୧୬ ଜଣ ରେଫରୀ ଓ ଟେକ୍ନିକାଲ ଅଫିସିଆଲ ଯୋଗ ଦେଇଥିଲେ। ଚିଫ ରେଫରୀ ବିଜୟ ବାଗ ସମସ୍ତ ଖେଳକୁ ପରିଚାଳନା କରିଥିଲେ। ଜିଲ୍ଲା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ଗୋପାଳଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ଘନଶ୍ୟାମ ମିଶ୍ର, ବୁଲୁ ବେହେରା, ସୁଶାନ୍ତ ମହାନ୍ତି, ଅଭିଜିତ ମିଶ୍ର, ସରୋଜ ସୁନା, କାସିମ ଇକବାଲ, ସଞ୍ଜୀବ ସାହାଣୀ, ସୁଧୀର ପଣ୍ଡା, ସଂଯୋଜକ ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା, ମାନସ ମହାନ୍ତି, କବିରାଜ ଠାକୁର, କାହ୍ନୁ ଲାଲ, ସୁରେନ୍ଦ୍ର ନେପାଳ, ଚନ୍ଦନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



# ସଫଳ ବ୍ୟବସାୟୀ ରାଜଶ୍ରୀ





ସ୍ୱାସ୍ଥ୍ୟ ହିଁ ସମ୍ପଦ । ସମୟ ବଦଳିବା ସହ ଲୋକଙ୍କ ଖାଦ୍ୟରୁଚିରେ ପରିବର୍ତ୍ତନ ଆସିଛି । ବିଶେଷକରି ଯୁବପିଢ଼ିମାନେ ସ୍ୱାସ୍ଥ୍ୟକର ଖାଦ୍ୟ ପରିବର୍ତ୍ତେ ମୋମୋ, ପିଜା, ବର୍ଗର ଭଳି ତେଲମସଲାଯୁକ୍ତ ଖାଦ୍ୟ ଖାଇବାକୁ ବେଶି ପସନ୍ଦ କରୁଛନ୍ତି । ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ତେବେ ଦୈନନ୍ଦିନ ଜୀବନରେ ଡ୍ରାଏଫ୍ରୁଟ୍ସର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜଣାଇବା ପାଇଁ ସୁଗୃହିଣୀ ତଥା ସଫଳ ବ୍ୟବସାୟୀ ରାଜଶ୍ରୀ ବିଶ୍ୱାଳ ଏକ ଡ୍ରାଏଫ୍ରୁଟ୍ସ ଦୋକାନ ଖୋଲିଛନ୍ତି । ସେ ତାଙ୍କ ଦୋକାନ ମାଧ୍ୟମରେ ଲୋକଙ୍କୁ ଡ୍ରାଏଫ୍ରୁଟ୍ସ ଖାଇବା ପାଇଁ ସଚେତନ କରାଉଛନ୍ତି ।



**ବୁଲାବୁଲିରୁ ଦୋକାନ ପରିକଳ୍ପନା:** ରାଜଶ୍ରୀଙ୍କ ଘର ଜଗତସିଂହପୁର ହୋଇଥିବା ବେଳେ ଏବେ ସେ ଭୁବନେଶ୍ୱରରେ ରହୁଛନ୍ତି । ସେ ଜଣେ ଗୃହିଣୀ ଏବଂ ତା' ସାଙ୍ଗକୁ ଜଣେ ସଫଳ ବ୍ୟବସାୟୀ ବି । ରାଜଶ୍ରୀ ବୁଲାବୁଲି କରିବାକୁ ଭଲପାଆନ୍ତି । ବିଭିନ୍ନ ରାଜ୍ୟ ବୁଲିବା ସମୟରେ ସବୁଠି ସେ ଡ୍ରାଏଫ୍ରୁଟ୍ସ ଷ୍ଟଲ୍ ଦେଖିଥିଲେ । ତେବେ ଓଡ଼ିଶାରେ ଏହିଭଳି ଦୋକାନ ଖୁବ୍ କମ୍ । ସେହିପରି ଅନ୍ୟ ବ୍ୟବସାୟ ତୁଳନାରେ ଏହି ଦୋକାନରେ ଲୋକଙ୍କ ଉପକାର ହେବ ବୋଲି ବୁଝିଲେ । ସେଇଠୁ ସେ ଡ୍ରାଏଫ୍ରୁଟ୍ସର ବ୍ୟବସାୟ ଆରମ୍ଭ କରିବା ଚିନ୍ତା କଲେ । ଏହାପରେ ଏ ଦିଗରେ ରାଜଶ୍ରୀଙ୍କୁ ତାଙ୍କ ସ୍ୱାମୀ ଦେବୀଦତ୍ତ ପରିଡ଼ା, ଦିଅର ବିଶ୍ୱପ୍ରକାଶ ନାୟକଙ୍କ ସମେତ ପୂରା ପରିବାରର ପ୍ରୋତ୍ସାହନ ଓ ସହଯୋଗ ମିଳିବା ପରେ ଜାଗମରା ଛକରେ ଏକ ଡ୍ରାଏଫ୍ରୁଟ୍ସ ଦୋକାନ ଖୋଲିଛନ୍ତି । ଏହି ଦୋକାନ ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

**ଲୋକମାନେ ଉପକୃତ ହେଉଛନ୍ତି:** ରାଜଶ୍ରୀଙ୍କ ଦୋକାନରେ ଅଞ୍ଜିର, ୱାଲନଟ୍, କାଜୁ, ପିସ୍ତାବାଦାମ, କିସ୍‌ମିସ୍ ସହ ଷ୍ଟ୍ରବେରି, ବ୍ଲୁବେରି, କାନବେରି ଆଦି ମିଳୁଛି । ତେବେ ସେ ଏସବୁ କେବଳ ବିକ୍ରି କରି ନ ଥାନ୍ତି, ବରଂ ଏହାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ସମ୍ପର୍କରେ ବୁଝାଇଥାନ୍ତି । ଏହାଛଡ଼ା ସବୁବର୍ଗର ଲୋକ କିଣିପାରିବା ଭଳି ଦାମ୍ ସେ ରଖିଥିବା କହିଛନ୍ତି ।

**ଆରମ୍ଭରୁ କ୍ଷତି, ଏବେ ଉନ୍ନତି:** ଦୋକାନ ଆରମ୍ଭରେ ରାଜଶ୍ରୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥିଲା । ଏପରିକି ଆରମ୍ଭରୁ ଦୋକାନରୁ ଲାଭ ନ ହେବାରୁ ପାଞ୍ଚ, ଛଅମାସର ଦୋକାନ ଭଡ଼ା ସେ ତାଙ୍କ ହାତରୁ ଦେଉଥିଲେ । ଧୀରେ ଧୀରେ ଲୋକମାନେ ଦୋକାନ ବାବଦରେ ଜାଣିଲେ । ଫଳରେ ଏବେ ଭଲ ଦୁଇପଇସା ରୋଜଗାର ହୋଇପାରୁଛି । ଏବେ ଅଧିକ ସଂଖ୍ୟାରେ ଲୋକମାନେ ଡ୍ରାଏଫ୍ରୁଟ୍ସ କିଣୁଥିବା ସେ କହନ୍ତି ।

**ଘରକାମ ସହ ବ୍ୟବସାୟ:** ତେବେ ରାଜଶ୍ରୀ କେବଳ ଜଣେ ସଫଳ ବ୍ୟବସାୟୀ ନୁହନ୍ତି, ଜଣେ ସୁଗୃହିଣୀ ମଧ୍ୟ । ଘରର ସବୁ କାମ କରିବା ସହ ସେ ତାଙ୍କ ଦୋକାନ ପାଇଁ ମଧ୍ୟ ସମୟ ବାହାର କରିଥାନ୍ତି । ତା'ରି ଭିତରେ ସେ ପରିବାରକୁ ମଧ୍ୟ ସମୟ ଦିଅନ୍ତି । ତେବେ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏବଂ ଓଡ଼ିଶା ବାହାରେ ଏହି ଡ୍ରାଏଫ୍ରୁଟ୍ସ ଦୋକାନ ଖୋଲିବା ପାଇଁ ସେ ଆଶା ରଖିଛନ୍ତି ।

# ଶୀତରେ ଭେଲ୍‌ଭେଟ୍ ଫେଶନ୍



ଧୀରେ ଧୀରେ ଶୀତ ପଡ଼ିବା ଆରମ୍ଭ ହୋଇଛି । ବଜାରରେ ମଧ୍ୟ ବିଭିନ୍ନ ଡିଜାଇନର ସୁନ୍ଦର ଏବଂ ଆକର୍ଷଣୀୟ ଶୀତବସ୍ତ୍ର ଉପଲବ୍ଧ ହେଲାଣି । ତେବେ ଶୀତଦିନେ ଉଲ୍ ପୋଷାକର ଚାହିଦା ଥିବା ବେଳେ ଏବେ ଭେଲ୍‌ଭେଟ୍ ପରିଧାନକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିରୁ ମହିଳାଙ୍କୁ ଆକର୍ଷଣୀୟ ଲୁକ୍ ମିଳିପାରୁଛି । ତା'ସହ ଏହା ଉଲ୍ ଭଳି ମଧ୍ୟ ବେଶ୍ ହାଲୁକା । ସେହିପରି ଭେଲ୍‌ଭେଟ୍‌ରେ କେବଳ ପୋଷାକ ସୀମିତ ନାହିଁ, ଏହାର ଜୋତା, ହେୟାର୍ ବ୍ୟାଣ୍ଡ ଆଦି ଅନ୍ୟାନ୍ୟ ଜିନିଷର ଆଦର ମଧ୍ୟ ଅଧିକ ରହିଛି ।

**ଭେଲଭେଟ୍ ବଡିକର୍ଣ୍ଣ:** ସାଧାରଣତଃ ଭେଲଭେଟ୍ କପଡ଼ା ଆରାମଦାୟକ ହୋଇଥାଏ । ତେବେ ବଡିକର୍ଣ୍ଣ ଡ୍ରେସ୍ ଯୁବତୀମାନେ ବେଶି ପସନ୍ଦ କରୁଥିବାରୁ ଏହା ଏବେ ଭେଲ୍‌ଭେଟ୍ କପଡ଼ାରେ ଉପଲବ୍ଧ । ସେହିପରି ଭେଲ୍‌ଭେଟ୍ ସ୍କର୍ଟ୍ ଷ୍ଟାଇଲର ଡ୍ରେସ୍ ବି ଟ୍ରେଣ୍ଡରେ ରହିଛି ।

**ଭେଲ୍‌ଭେଟ୍ ଲେଗିଂସ୍:** ଏବେ ବଜାରରେ ଭେଲ୍‌ଭେଟ୍ ଲେଗିଂସ୍ ମଧ୍ୟ ମିଳୁଛି । ଯାହା ଫେଶନେବଲ୍ ସହ ଆରମଦାୟକ ହୋଇଥାଏ । ମୁଖ୍ୟତଃ ଏହାକୁ ଶୀତଦିନେ ପିନ୍ଧିବାକୁ ମହିଳାମାନେ ବେଶି ପସନ୍ଦ କରୁଛନ୍ତି । ଭେଲ୍‌ଭେଟ୍ ଲେଗିଂସ୍‌କୁ ଓଭରସାଇଜ୍ ଟି-ସାର୍ଟ ଭଲ ମାନିଥାଏ ।

**ଭେଲ୍‌ଭେଟ୍ ଜ୍ୟାକେଟ୍ ଏବଂ ବ୍ଲେଜର୍:** ଏବେ ବି ଭେଲ୍‌ଭେଟ୍ ବ୍ଲାଉଜ୍ ପ୍ରତି ମହିଳାଙ୍କ ସଉକ ଥିବା ବେଳେ ଫଙ୍କି ଲୁକ୍ ପାଇଁ ଭେଲଭେଟ୍ ଜ୍ୟାକେଟ୍‌କୁ ବିଭିନ୍ନ ଜିନ୍ସ ତଥା ଟ୍ରାଉଜର ସହ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଯାହାକି ଏକ ନୂଆ ପ୍ରକାରର ଷ୍ଟାଇଲିସ୍ ଲୁକ୍ ପ୍ରଦାନ କରୁଛି ।

**ଭେଲ୍‌ଭେଟ୍ ଜୋତା:** ତେବେ ଡ୍ରେସ୍ ସହ ଭେଲ୍‌ଭେଟ୍ ଚପଲର ଟ୍ରେଣ୍ଡ ଅଧିକ ରହିଛି । ଏଥିରୁ କ୍ଲାସି ଲୁକ୍ ମିଳିଥାଏ । ଆଙ୍କେଲ୍ ବୁଟ୍ ଏବଂ ସ୍ନୋ-ବୁଟ୍ ଭଳି ବିଭିନ୍ନ ଡିଜାଇନର ଭେଲ୍‌ଭେଟ୍ ବୁଟ୍ ରହିଛି ।

**ଭେଲ୍‌ଭେଟ୍ ଅଳଙ୍କାର:** ଭେଲ୍‌ଭେଟ୍ ଲୁକ୍‌କୁ ସମ୍ପୂର୍ଣ୍ଣ କରିଥାଏ ଭେଲ୍‌ଭେଟ୍ ଅଳଙ୍କାର । ଭେଲଭେଟ୍ ହେୟାର ବ୍ୟାଣ୍ଡ, କାନଫୁଲ, ଭେଲଭେଟ୍ ପର୍ସ ଇତ୍ୟାଦି ବ୍ୟବହାର କରିପାରିବେ । ଏସବୁ ଏବେ ଟ୍ରେଣ୍ଡରେ ରହିଛି ।

# ସୁନ୍ଦର ତ୍ୱଚା ପାଇଁ ଗେଣ୍ଡୁ ଫୁଲ

ପ୍ରତ୍ୟେକ ମହିଳା ସୁନ୍ଦର, ଉଜ୍ଜ୍ୱଳ ଓ ଦାଗହୀନ ତ୍ୱଚା ଚାହାନ୍ତି । ସେଥିପାଇଁ ବଜାରରେ ଉପଲବ୍ଧ ଥିବା ବିଭିନ୍ନ ରାସାୟନିକ ପ୍ରସାଧନ ସାମଗ୍ରୀକୁ ବ୍ୟବହାର କରନ୍ତି । ଆରମ୍ଭରେ ଯଦିଓ ଏହା ଫଳପ୍ରଦ ହୋଇଥାଏ, କିନ୍ତୁ ପରବର୍ତ୍ତୀ ସମୟରେ ଏହା ଦ୍ୱାରା ବିଭିନ୍ନ ଚର୍ମଜନିତ ସମସ୍ୟା ଦେଖା ଦିଏ । କିନ୍ତୁ ଏପରି ସ୍ଥଳେ ଘରୋଇ ଉପଚାର ଦ୍ୱାରା ମଧ୍ୟ ତ୍ୱଚାକୁ ସୁନ୍ଦର ରଖାଯାଇପାରିବ । ଏହି ପରିପ୍ରେକ୍ଷୀରେ ଶୀତଦିନେ ଫୁଟୁଥିବା ଗେଣ୍ଡୁ ଫୁଲରେ ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ ରହିଛି । ଏହାକୁ ଉପଯୋଗ କରି ଶୀତଦିନେ ତ୍ୱଚାର ଉପଯୁକ୍ତ ଯତ୍ନ ନେବା ସମ୍ଭବ ।



### ଗେଣ୍ଡୁ ଫେସିଆଲ୍ ଅଏଲ୍

ପ୍ରଥମେ ଆବଶ୍ୟକତାନୁଯାୟୀ ଜୋଜୋବା, ବାଦାମ କିମ୍ବା ଅଲିଭ ତେଲ ନିଅନ୍ତୁ । ସେଥିରେ କିଛି ଶୁଖିଲା ଗେଣ୍ଡୁ ଫୁଲ ପକାନ୍ତୁ । ଏହାକୁ ଏକ ପାତ୍ରରେ ବନ୍ଦ କରି କିଛି ସପ୍ତାହ ରଖି ଦିଅନ୍ତୁ । କିଛିଦିନ ପରେ ସେହି ପାତ୍ରକୁ ଖୋଲି ସେଥିରୁ ଫୁଲ କାଢ଼ି ଦିଅନ୍ତୁ । ଏହି ତେଲକୁ ମୁହଁ କିମ୍ବା ଦେହରେ ଲଗାଇପାରିବେ । ଯାହା ତ୍ୱଚାକୁ କୋମଳ ରଖିବା ସହ ଉଜ୍ଜ୍ୱଳ ରଖିଥାଏ ।

### ଗେଣ୍ଡୁ ଟି-ଟୋନର୍

ଏକପାତ୍ରରେ କିଛି ପାଣି ନେଇ ସେଥିରେ ଗେଣ୍ଡୁଫୁଲ ପକାଇ ଭଲଭାବେ ଫୁଟାନ୍ତୁ । ଏହାକୁ ଓହ୍ଲାଇ ଥଣ୍ଡା ହେବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ । ପରେ ଏହାକୁ ଫେସିଆଲ୍ ଟୋନର ଭାବେ ବ୍ୟବହାର କରନ୍ତୁ । ଏହି ଫୁଲ ତ୍ୱଚାକୁ ସ୍ୱଚ୍ଛ ରଖିବା ସହ ଚମକ ଦେଇଥାଏ ।

### ଗେଣ୍ଡୁ ଫେସ୍ ମାସ୍କ

ଏକ ପାତ୍ରରେ ଅଳ୍ପ ଦହି କିମ୍ବା ମହୁ ନିଅନ୍ତୁ । ଏଥିରେ କିଛି ଶୁଖିଲା ଗେଣ୍ଡୁଫୁଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପ୍ରସ୍ତୁତ କରିଥିବା ଏହି ମାସ୍କକୁ ମୁହଁରେ ଲଗାଇ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ଆରାମ ପ୍ରଦାନ କରିଥାଏ ।

### ଗେଣ୍ଡୁ ବାଥ୍ ସାବୁନ୍

ସାଧାରଣତଃ ଶୀତଦିନେ ତ୍ୱଚା ଶୁଷ୍କ ରହିଥାଏ । ତେଣୁ ଏହି ଶୁଷ୍କପଣକୁ ଦୂର କରିବା ପାଇଁ ପ୍ରତିଦିନ ଗାଧୋଇବା ସମୟରେ କିଛି ଶୁଖିଲା ଗେଣ୍ଡୁ ଫୁଲ କିମ୍ବା ଗେଣ୍ଡୁ ତେଲ ପାଣିରେ ମିଶାଇ ଗାଧାନ୍ତୁ । ଏହା ତ୍ୱଚାର ଶୁଷ୍କତା ଓ ରୁକ୍ଷପଣ ଦୂର କରିବାରେ ସାହାଯ୍ୟ କରିଥାଏ ।



# ମେକ୍‌ଅପ୍ ଆଲର୍ଜି

ମେକ୍‌ଅପ୍ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ବେଳେ ତ୍ୱଚା ପାଇଁ ଅବଶ୍ୟ ହାନିକାରକ ହୋଇଥାଏ । ବେଳେ ବେଳେ ମେକ୍‌ଅପ୍ ଯୋଗୁଁ ମଧ୍ୟ ଆଲର୍ଜି ସମସ୍ୟା ଦେଖାଦିଏ । ତେବେ ମେକ୍‌ଅପ୍ ଜନିତ ଆଲର୍ଜି ଦେଖା ଦେଲେ କ'ଣ କରିବେ, ନିମ୍ନ ପ୍ରଦତ୍ତ ଟିପ୍ସରୁ ଜାଣନ୍ତୁ ।

**ସ୍ୱଚ୍ଛତାକୁ ଅଣଦେଖା କରନ୍ତୁ ନାହିଁ:** ମେକଅପ୍ ନେବା ପୂର୍ବରୁ ସର୍ବଦା ହାତ ଓ ମୁହଁକୁ ଭଲଭାବେ ପରିଷ୍କାର କରନ୍ତୁ । ତା'ସହ ମେକ୍‌ଅପ୍ ବ୍ରଶ୍ ଆଦି ଅନ୍ୟାନ୍ୟ ସାମଗ୍ରୀକୁ ମଧ୍ୟ ସଫାସୁତୁରା ରଖନ୍ତୁ ।

**ଅନ୍ୟର ମେକଅପ୍ ସାମଗ୍ରୀ ବ୍ୟବହାର ନ କରିବା:** ସେନ୍‌ସିଟିଭ୍ ତ୍ୱାରେ ଆଲର୍ଜି ସମସ୍ୟା ଶୀଘ୍ର ଦେଖା ଦେଇଥାଏ । ତେଣୁ ଅନ୍ୟର ମେକ୍‌ଅପ୍ ପ୍ରଡକ୍ଟ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ । ତା'ସହ ନିଜର ମେକ୍‌ଅପ୍ ସାମଗ୍ରୀକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁ ନାହିଁ ।

**ଆଲର୍ଜି ଥିଲେ ମେକ୍‌ଅପ୍ ନିଅନ୍ତୁ ନାହିଁ:** ଆଖିଧରା ଭଳି ଅନ୍ୟାନ୍ୟ ଚର୍ମ ଜନିତ ସମସ୍ୟା ଥିଲେ ମେକ୍‌ପଅପ୍ ନିଅନ୍ତୁ ନାହିଁ । ଏହା ଦ୍ୱାରା ସମସ୍ୟା ଅଧିକ ବୃଦ୍ଧି ପାଏ ।

**ନୂଆ ମେକ୍‌ଅପ୍ ସାମଗ୍ରୀର ପରୀକ୍ଷଣ:** ନୂଆ ମେକ୍‌ଅପ୍ ସାମଗ୍ରୀ ବ୍ୟବହାର କରିବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରାନ୍ତୁ ।





# ଟ୍ରେଣ୍ଡରେ ହୋମ୍-ଷ୍ଟାଇଲ୍ ଇୟରିଂ

ଆକର୍ଷଣୀୟ ଲୁକ୍ ପାଇଁ କେବଳ ଡ୍ରେସ୍ ନୁହେଁ, ଅଳଙ୍କାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ବିଶେଷକରି କାନଫୁଲ । ଯଦି ଡ୍ରେସ୍‌କୁ ମ୍ୟାଚ୍ କରୁଥିବା କାନଫୁଲଟିଏ ମିଳିଯାଏ, ତେବେ ଏହା ଦ୍ୱାରା ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ । ଆଜିକାଲି ମହିଳାମାନେ ଭିନ୍ନ ଭିନ୍ନ ଡ୍ରେସ୍ ସହ ମ୍ୟାଚ୍ କରି ବିଭିନ୍ନ ଡିଜାଇନର କାନଫୁଲ ପିନ୍ଧୁଛନ୍ତି । ସେଥିରୁ ଅନ୍ୟତମ ହୋମ୍-ଷ୍ଟାଇଲ୍ କାନଫୁଲ । କେଉଁ ପ୍ରକାର ଡ୍ରେସ୍‌କୁ ଏହି କାନଫୁଲ ବେଶି ସୁନ୍ଦର ଲାଗିଥାଏ, ସେ ସମ୍ପର୍କରେ ଜାଣିବା ।



ଯଦି କୌଣସି ପାର୍ଟି ବା ଉତ୍ସବରେ ଭାରୀ ଅଳଙ୍କାର ପିନ୍ଧିବାକୁ ଚାହୁଁଛନ୍ତି, ତେବେ ଏହି ହୋମଷ୍ଟାଇଲ୍ କାନଫୁଲ ଏକ ସୁନ୍ଦର ବିକଳ୍ପ ହୋଇପାରିବ । ଏହି ପ୍ରକାର କାନଫୁଲ ଦେଖିବାକୁ ଗୋଲାକାର । ବିଭିନ୍ନ ରଙ୍ଗ ଏବଂ ବିଭିନ୍ନ ଡିଜାଇନ୍‌ରେ ଏହି କାନଫୁଲ ମିଳୁଛି । ସେହିପରି ଏହା ଅକ୍ସିଡାଇଜ୍ ଡିଜାଇନ୍ ଭଳି ହୋଇଥିବାରୁ ଏହାକୁ ପାରମ୍ପରିକ କିମ୍ବା ଇଣ୍ଡୋ-ୱେଷ୍ଟର୍ଣ୍ଣ ଡ୍ରେସ୍ ସହ ପିନ୍ଧିଲେ ବେଶି ଭଲ ଲାଗିଥାଏ । ତେବେ ଏହା ଅଧିକ ଘେରଥିବା ଅନାରକଲି କୁର୍ତ୍ତାକୁ ଖୁବ୍ ମାନିଥାଏ । ଏହାର ଧଳା, ହାଲୁକା ଗୋଲାପି ରଙ୍ଗ ଅନାରକଲି ଡ୍ରେସ୍‌କୁ ଅଧିକ ଆକର୍ଷଣୀୟ କରିଥାଏ । ତେବେ କାନଫୁଲର ଦାମ୍ ରଙ୍ଗ ଓ ଡିଜାଇନ ଉପରେ ନିର୍ଭର କରିଥାଏ ।

# ଗୋଲମରିଚ ଚିକେନ୍

ମୋ ହାଣ୍ଡିଶାଳରୁ...

**ଆବଶ୍ୟକ ସାମଗ୍ରୀ:** ଚିକେନ୍: ୫୦୦ଗ୍ରାମ୍, କଟା ପିଆଜ: ଏକ କପ୍, କଟା ଟମାଟୋ: ଏକ କପ୍, ଅଳେଇଚ, ଭୃସଙ୍ଗ ପତ୍ର, ଲବଙ୍ଗ, ଡାଳଚିନି, ଧନିଆପତ୍ର: ଅଳ୍ପ, ଧନିଆ ଗୁଣ୍ଡ: ଅଧା ଚାମଚ, ପାନମହୁରୀ: ଅଧା ଚାମଚ, ଜିରା: ଅଧର ଚାମଚ, ଗୋଲମରିଚ: ଏକ ଚାମଚ, ଗରମ ମସଲା ଗୁଣ୍ଡ: ଅଧା ଚାମଚ, ଅଦା ରସୁଣ ବଟା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ହଳଦି ଗୁଣ୍ଡ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି:** ପ୍ରଥମେ ଚିକେନ୍‌ରେ ଚାମଚେ ଅଦା ରସୁଣ ବଟା, ଲୁଣ, ହଳଦୀ ମିଶାଇ ଭଲ ଭାବେ ଗୋଳାଇ ୨୦ ମିନିଟ୍ ରଖନ୍ତୁ । ଚୁଲିରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ଅଳେଇଚ, ଡାଳଚିନି, ଲବଙ୍ଗ, ପାନମହୁରୀ, ଜିରା, ଭୃସଙ୍ଗ ପତ୍ର ପକାନ୍ତୁ । ଏହାପରେ ଅଦାରସୁଣ ପେଷ୍ଟ ପକାଇ କିଛି ସମୟ ଭାଜି ସେଥିରେ କଟାପିଆଜ ପକାନ୍ତୁ । ପିଆଜ ଭାଜି ହୋଇ ଆସିଲେ କଟା ଟମାଟୋ ଓ ଲୁଣ ପକାଇ ଆଉ କିଛି ସମୟ ମସଲା କଷନ୍ତୁ । ଏହାପରେ ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ଗରମ ମସଲା ପକାନ୍ତୁ । ହାଲୁକା ଆଞ୍ଚରେ ଏହାକୁ ୩ରୁ ୪ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ମସଲା ଭଲ ଭାବେ କଷି ହୋଇଯିବା ପରେ ସେଥିରେ ଚିକେନ୍ ପକାନ୍ତୁ । ଚିକେନ୍‌କୁ କିଛି ସମୟ କଷିବା ପରେ ଅଳ୍ପ ପାଣି ଦେଇ ଧିମା ଆଞ୍ଚରେ ବସାନ୍ତୁ । ଚିକେନ୍ ସିଝିଯିବା ପରେ ଧନିଆ ପତ୍ର, ଗୋଲମରିଚ ଗୁଣ୍ଡ ପକାନ୍ତୁ । ପ୍ରସ୍ତୁତ ହୋଇଗଲା 'ଗୋଲମରିଚ ଚିକେନ୍' ।



# ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ବଢ଼ିଲା

## ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ପ୍ରଶିକ୍ଷକ ରହିବେ

ନୂଆଦିଲ୍ଲୀ, ୨୯ ।୧୧(ଏଜେନ୍ସି): ରାହୁଲ ଦ୍ରାବିଡ ଭାରତୀୟ କ୍ରିକେଟ ଦଳର ପ୍ରଶିକ୍ଷକ ପଦ ବଜାୟ ରଖିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଛି। ବୁଧବାର ବିସିସିଆଇ ଏ ନେଇ ଘୋଷଣା କରିଛି। ଏଥିସହ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଗତ ୧୯ ତାରିଖରେ ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଶେଷ ହେବା ପରେ ହିଁ ଦ୍ରାବିଡଙ୍କ ଦୁଇ ବର୍ଷିଆ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ବୋର୍ଡ ଓ ଦ୍ରାବିଡଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଆସନ୍ତା ବର୍ଷ ଜୁନ୍ ୪ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ। କେବଳ ଦ୍ରାବିଡ୍ ନୁହନ୍ତି ଅନ୍ୟ କୋଚିଂ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଛି। ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର, ଫିଲ୍ଡିଂ ପ୍ରଶିକ୍ଷକ ଟି ଦିଲୀପ ଓ ବୋଲିଂ ପ୍ରଶିକ୍ଷକ ପାରସ ମାହାମ୍ବ୍ରେ ମଧ୍ୟ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ପଦ ବଜାୟ ରଖିବେ।



### ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ ଦ୍ରାବିଡ୍

ଭାରତୀୟ ଦଳ ଡିସେମ୍ବର ୧୦ରୁ ୨୦୨୪ ଜାନୁଆରୀ ୭ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ୩ଟି ଲେଖାଏ ଦିନିକିଆ, ଟି-୨୦ ଓ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଗସ୍ତରେ ଦ୍ରାବିଡ ଭାରତୀୟ ଦଳ ସହିତ ଜଡିତ ରହିବେ। କାର୍ଯ୍ୟକାଳ ବଢ଼ିବା ପରେ ଏହା ହେବ ତାଙ୍କର ପ୍ରଥମ ଗସ୍ତ। ଦ୍ରାବିଡ୍ ପ୍ରଶିକ୍ଷକ ଭାବେ ଆଗକୁ କାର୍ଯ୍ୟ କରିବା ଜାରି ରଖିବେ ନାହିଁ ଓ ଭିଭିଏସ୍ ଲକ୍ଷ୍ମଣ ଦଳ ସହ ଦକ୍ଷିଣ ଆଫ୍ରିକା ଯିବେ ବୋଲି ଚର୍ଚ୍ଚା ହେଉଥିଲା।

### ଦ୍ରାବିଡ୍‌ଙ୍କୁ ରାଜି କରାଇଲେ ଶାହା

ପ୍ରଶିକ୍ଷକ ପଦ ବଜାୟ ରଖିବାକୁ ଦ୍ରାବିଡ୍‌ଙ୍କୁ ବିସିସିଆଇ ସମ୍ପାଦକ ଜୟ ଶାହା ରାଜି କରାଇଛନ୍ତି ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ଏ ସଂକ୍ରାନ୍ତରେ ଦ୍ରାବିଡଙ୍କ ସହ ଶାହା ଆଲୋଚନା କରିଥିଲେ ଓ ଶେଷରେ ଦାୟିତ୍ୱରେ ରହିବାକୁ ଦ୍ରାବିଡ ରାଜି ହୋଇଥିଲେ। ୨୦୨୧ ନଭେମ୍ବରରେ ଦ୍ରାବିଡ୍ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ପ୍ରଥମେ ଦ୍ରାବିଡ୍ ତାଙ୍କ କାର୍ଯ୍ୟକାଳ ବଢ଼ାଇବାକୁ ରାଜି ନଥିଲେ ବୋଲି ଚର୍ଚ୍ଚା ହେଉଥିଲା।

### ଦ୍ରାବିଡଙ୍କ ଅଧୀନରେ ଭାରତ ଜିତିଥିଲା ଏସିଆ କପ୍

ଦ୍ରାବିଡଙ୍କ ଅଧୀନରେ ଭାରତ ସଫଳତା ଅର୍ଜନ କରିଛି। ଭାରତ ଦିନିକିଆ ଓ ଟେଷ୍ଟ ମାନ୍ୟତାରେ ଶୀର୍ଷ ସ୍ଥାନ ଦଖଲ କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। କ୍ରମାଗତ ୩ ବର୍ଷ ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲିଙ୍କ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳରେ ଲୟ ଫେରିପାଇଥିଲେ। ଯୁବ ଓପନର ଶୁବମାନ ଗିଲଙ୍କୁ ଜଣେ ବିଶ୍ୱସ୍ତରୀୟ କ୍ରିକେଟର ବନାଇବାରେ ଦ୍ରାବିଡଙ୍କ ଭୂମିକା ପ୍ରଶଂସନୀୟ। ପୁଣି ତାଙ୍କ କାର୍ଯ୍ୟକାଳରେ ଚଳିତ ବର୍ଷ ଭାରତ ଏସିଆକପ୍‌ରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଦିନିକିଆ ବିଶ୍ୱକପ୍‌ରେ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ, ବିଶ୍ୱକପ୍ ଫାଇନାଲ, ୨୦୨୨ ଟି-୨୦ ବିଶ୍ୱକପ୍ ସେମିଫାଇନା, ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ପରାସ୍ତ ହୋଇଥିଲା।

**ଦ.ଆଫ୍ରିକା ଗସ୍ତ**

# ଦିନିକିଆ, ଟି-୨୦ ଖେଳିବେନି କୋହଲି

ନୂଆଦିଲ୍ଲୀ, ୨୯ ।୧୧(ଏଜେନ୍ସି): ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତରେ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ସୀମିତ ଓଭର ସିରିଜରୁ ବିଶ୍ରାମ ଦିଆଯିବ। ସେ ଦିନିକିଆ ଓ ଟି-୨୦ ଖେଳିବେ ନାହିଁ। ତେବେ ସେ ଟେଷ୍ଟ ସିରିଜ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ଭାରତର ଦକ୍ଷିଣ ଆଫ୍ରିକା ଗସ୍ତ ଡିସେମ୍ବର ୧୦ରୁ ଆରମ୍ଭ ହେବ ଓ ଏହି ଦିନ ଡର୍ବାନରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳାଯିବ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ପାଇଁ କୋହଲି ବିସିସିଆଇଠାରୁ ଛୁଟି ମାଗିଥିଲେ। ୨୦୨୨ ଟି-୨୦ ବିଶ୍ୱକପ୍ ପରେ କୋହଲି ଏପର୍ଯ୍ୟନ୍ତ କୌଣସି ଟି-୨୦ ମ୍ୟାଚ୍ ଖେଳିନାହାନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରେ ଖେଳାଯିବାକୁ ଥିବା ଦୁଇଟି ଟେଷ୍ଟ ପାଇଁ ସେ ଉପଲବ୍ଧ ହେବେ। କୋହଲି ଏବେ ଲଣ୍ଡନରେ ଛୁଟି କଟାଉଛନ୍ତି। ସେହିପରି ଅଧିନାୟକ ରୋହିତ ଶର୍ମା ମଧ୍ୟ ଦିନିକିଆ ଓ ଟି-୨୦ ସିରିଜ ଖେଳବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ରୋହିତ ଏବେ ଛୁଟିରେ ରହିଛନ୍ତି ଓ ସେ ୟୁକେରେ ରହିଛନ୍ତି। ୨୦୨୨ ଟି-୨୦ ସେମିଫାଇନାଲ ପରାଜୟ ପରେ ସେ କୌଣସି ଟି-୨୦ ମ୍ୟାଚ୍ ଖେଳିନାହାନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ସମେତ ୨ଟି ଟେଷ୍ଟ ଖେଳାଯିବ।



# ଆମେରିକାନ ପ୍ରିମିୟର ଲିଗ୍ ଖେଳିବେ ଶ୍ରୀଶାନ୍ତ, ବିନ୍ନି

ନୂଆଦିଲ୍ଲୀ, ୨୯ ।୧୧(ଏଜେନ୍ସି): ଟେକ୍ସାସର ହଷ୍ଟନସ୍ଥିତ ମୁସା କ୍ରିକେଟ ଷ୍ଟାଡିୟମରେ ଡିସେମ୍ବର ୧୯ରୁ ୩୧ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଆମେରିକାନ ପ୍ରିମିୟର ଲିଗ୍ (ଏପିଏଲ୍) ରେ ଏଥର ଦୁଇ ଭାରତୀୟ ପୂର୍ବତନ କ୍ରିକେଟ ଖେଳିବେ। ଏମାନେ ହେଲେ ପୂର୍ବତନ ଦ୍ରୁତ ବୋଲର ଏସ୍ ଶ୍ରୀଶାନ୍ତ ଓ ଅଲରାଉଣ୍ଡର ଷ୍ଟୁଆର୍ଟ ବିନ୍ନି। ଗତ ମେ'ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ୍ (ଆଇସିସି) ଏହି ଲିଗ୍‌କୁ ସ୍ୱୀକୃତି ପ୍ରଦାନ କରିଥିଲା। ୟୁନାଇଟେଡ ଷ୍ଟେଟ୍ସ ଅଫ୍ ଆମେରିକା (ୟୁଏସ୍ଏ) କ୍ରିକେଟ ବୋର୍ଡ ଏହି ଲିଗ୍ ପାଇଁ ୪୦ ଜଣ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ନେଇ ୭ଟି ଦଳ ଗଠନ କରିଛି। ଶ୍ରୀଶାନ୍ତ ଓ ବିନ୍ନି ପ୍ରିମିୟମ ଇଣ୍ଡିଆନ୍ସ ଟିମ୍‌ର ତରଫରୁ ପ୍ରତିନିଧିତ୍ୱ କରିବେ। ୪୦ ବର୍ଷୀୟ ଶ୍ରୀଶାନ୍ତ ଗତବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଶ୍ରୀଶାନ୍ତ ଭାରତ ପାଇଁ ୨୭ ଟେଷ୍ଟ, ୫୩ ଦିନିକିଆ ଓ ୧୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ଷ୍ଟୁଆର୍ଟ ବିନ୍ନି ୬ ଟେଷ୍ଟ ଓ ୧୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।




# ବିଜୟ ମର୍ଚ୍ଚାଣ୍ଟ ଟ୍ରଫି; ରାଜ୍ୟ ଦଳର ଗୁଆହାଟୀ ଯାତ୍ରା

କଟକ, ୨୯।୧୧(ସମିସ): ଡିସେମ୍ବର ପହିଲାରୁ ଆରମ୍ଭ ହେବ ୧୬ବର୍ଷରୁ କମ୍ ବାଳକ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି। ଗୌହାଟୀର ଅମିନ ଗାଁଓ କ୍ରିକେଟ ଗ୍ରାଉଣ୍ଡରେ ବିଦର୍ଭ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଟୁର୍ଣ୍ଣାମେଣ୍ଟ ନିମନ୍ତେ ଘୋଷିତ ରାଜ୍ୟ ଦଳ ବୁଧବାର ଗୁଆହାଟୀ ଅଭିମୁଖେ ଯାତ୍ରା କରିଛି। ଶୁଭାଶିଷ ମଲ୍ଲିକଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ମୟଙ୍କ ପଟ୍ଟନାୟକ, ଅସୀମ ବରାଡ, ସ୍ୱାଗତ ସୌରଭ ମିଶ୍ର, ବିଷ୍ଣୁ କମଳ ବେହୂରିଆ(ୱିକେଟ କିପର), ସ୍ୱର୍ଣ୍ଣଭ ଦାସ(ୱିକେଟ କିପର), ଯୋଗେଶ୍ୱର ବାଗ, କମଳେଶ ପାତ୍ର, ଅଭିନୀତ କୁମାର ପଟ୍ଟନାୟକ, ତୀର୍ଥଙ୍କର ସାହୁ, ଓମ ମହାପାତ୍ର, ରେହାନ ଖାନ, ଶୁଭ୍ରକାନ୍ତ ପରିଡ଼ା, ରୁଦ୍ରପ୍ରସାଦ ମଲ୍ଲିକ, ବିଶାଲ ପ୍ରସାଦ ଦଳରେ ସ୍ଥାନ ପାଇଛନ୍ତି। କୋଚ୍ ରଶ୍ମୀରଞ୍ଜନ ଦାସ, ସହକାରୀ କୋଚ୍ ପ୍ରୀତମଜିତ ଦାସ, ମ୍ୟାନେଜର ସୂର୍ଯ୍ୟକାନ୍ତ ଜେନା, ନିରୀକ୍ଷକ ଶୁଭ୍ରଜିତ ସାହୁ, ଫିଜିଓ ଦିନେଶ ସାହୁ, ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ସୌର୍ଯ୍ୟ ରଞ୍ଜନ ରାୟ ଦଳ ସହ ଯାତ୍ରା କରିଛନ୍ତି।



# ଓଡ଼ିଶାର ୯ ସ୍ଥାନରେ ଶୁକ୍ରବାର ମିନି ମାରାଥନ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଦୈନିକ ଓଡ଼ିଆ ଖବରକାଗଜ 'ସକାଳ'ର ୩ୟ ସ୍ୱନକ୍ଷତ୍ର ଅବସରରେ ଏକ ମିନି ମାରାଥନ ପ୍ରତିଯୋଗିତା ହେବାକୁ ଯାଉଛି। 'ସକାଳ' ଓ ନନ୍ଦିଘୋଷ ଟିଭି ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ମିନି ମାରାଥନ ଡିସେମ୍ବର ୧ (ଶୁକ୍ରବାର)ରେ ଏକାସଙ୍ଗେ ରାଜ୍ୟର ୯ ଗୋଟି ସହରରେ ଅନୁଷ୍ଠିତ ହେବ।

**'ସକାଳ'ର ୩ୟ ସ୍ୱନକ୍ଷତ୍ର**

ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, ଅନୁଗୋଳ, ସମ୍ବଲପୁର, ଜୟପୁର, ବ୍ରହ୍ମପୁର, ବାଲେଶ୍ୱର ଓ ରାଉରକେଲାରେ ଏହି ମିନି ମାରାଥନ ଆୟୋଜିତ ହେବ। ଏହି ମାରାଥନର ଗତ ଦୁଇଟି ସିଜନରେ ବିଭିନ୍ନ ବୟସବର୍ଗର ସହସ୍ରାଧିକ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରି ଏହାକୁ ସଫଳ ମଣ୍ଡିତ କରିଥିଲେ। ଚଳିତ ବର୍ଷ ମଧ୍ୟ ବୟସ ନିର୍ବିଶେଷରେ ଅଧିକରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ଏହି ମିନି ମାରାଥନକୁ ଆହୁରି ଉତ୍କଣ୍ଠା ଓ ପ୍ରତିଦ୍ୱନ୍ଦ୍ୱୀତାପୂର୍ଣ୍ଣ କରିବାକୁ 'ସକାଳ' ଓ ନନ୍ଦିଘୋଷ ଟିଭି ପରିବାର ପକ୍ଷରୁ ଓଡ଼ିଶାବାସୀଙ୍କୁ ନିବେଦନ କରାଯାଇଛି। ପ୍ରତିଯୋଗିତା ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ। ରାଜ୍ୟର ସ୍ୱନାମଧନ୍ୟ କ୍ରୀଡ଼ାବିତ୍ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ। ନନ୍ଦିଘୋଷ ଟିଭିରେ ଏହାର ସିଧା ପ୍ରସାରଣ କରାଯିବାର ବ୍ୟବସ୍ଥା ହୋଇଛି।

ନନ୍ଦିଘୋଷ

CAREER Opportunities

NANDIGHOSHA Network Pvt. Ltd., a leading & fast-growing Odia News Channel invites applications for its Input department. Deserving candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | Reporter (Sports) | 1. Master in Journalism from a recognized institute. 2. 5 to 8 years of experience in sports reporting. Priority will be given to electronic media reporting. 3. He/She must have a knowledge of news with excellent writing & speaking skills. |
| 2 | Reporter | 1. Master in Journalism from a recognized institute. 2. Minimum 6 years of experience in news reporting. 3. He/She must have a knowledge of news with excellent writing & speaking skills. |

Please apply along with your detailed CV with recent passport size photo via e-mail to suhana.tabsum@nandighoshatv.com by 30th Nov, 2023.

*Only shortlisted candidates will be called for Personal Interview.

Sd/- HR Dept.




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର